R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୬୬
ତିଥି : ଷଷ୍ଠୀ
୧୦ ଡିସେମ୍ବର ୨୦୨୫, ବୁଧବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 66
10 December 2025, Wednesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ବାରବାଟୀରେ ବାଜି ମାରିଲା ଭାରତ



କଟକ, ୯।୧୨(ଶକ୍ତି ପ୍ରକାଶ ନନ୍ଦ): ବାରବାଟୀରେ ବାଜି ମାରିଲା ଭାରତ। ସବୁ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ଟିମ୍ ଇଣ୍ଡିଆ ଭ୍ରମଣକାରୀ ଦ.ଆଫ୍ରିକାକୁ ଧୂଳି ଚଟାଇବାରେ ସଫଳ ହୋଇଛି। ବାରବାଟୀ ଇତିହାସରେ ଦ.ଆଫ୍ରିକା ୩ଥର ଟସ୍ ଜିତିଥିଲେ ମଧ୍ୟ ଏଥର କିନ୍ତୁ ବିଜୟ ସ୍ୱାଗ ଚାଖିବାକୁ ସଫଳ ହୋଇପାରି ନାହିଁ। ଏହା ଭାରତ ପାଇଁ କେବଳ ସମ୍ଭବ ହୋଇଛି ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଯୋଗୁଁ। ସେ ବ୍ୟାଟିଂରେ ୫୯ରନ୍ ସାଙ୍ଗକୁ ବୋଲିଂରେ ଗୋଟିଏ ୱିକେଟ୍ ନେଇ ଦ.ଆଫ୍ରିକାକୁ ହାତ ଟେକିବାକୁ ବାଧ୍ୟ କରିଥିଲେ। ପୁଣି ଦ୍ରୁତ ବୋଲର ଯଶପ୍ରୀତ ବୁମରା ବାରବାଟୀରେ ୱିକେଟ୍ ଶତକ ପୁରଣ କରିଛନ୍ତି। ସେ ଟି-୨୦ରେ ଶହେ ୱିକେଟ ନେବାର କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ୧୦.୨ ଓଭରରେ ବ୍ରେଭିସଙ୍କୁ ଆଉଟ୍ କରି ୮୧ତମ ମ୍ୟାଚ୍ ଖେଳୁଥିବା ଯଶପ୍ରୀତ ବୁମରା ୧୦୦ ୱିକେଟ ପୁରଣ କରିଛନ୍ତି। ଏକାଧିକ ରେକର୍ଡ ସହ ଭାରତୀୟ ଦଳ ବାରବାଟୀ ବିଜୟରୁ ଶୃଙ୍ଖଳା ଆରମ୍ଭ ସହ ଟି-୨୦ ବିଶ୍ୱକପ ପ୍ରସ୍ତୁତି ଆରମ୍ଭ କରିଛି।

ଏହି ମ୍ୟାଚରେ ଭାରତ ୨୦ ଓଭରରେ ୬ ୱିକେଟ ହରାଇ ୧୭୫ରନ୍ କରିଥିଲା। ଜବାବରେ ଦ.ଆଫ୍ରିକା ୧୨.୩ ଓଭରରେ ୭୪ ରନ୍ କରିବାକୁ ସକ୍ଷମ ହୋଇଥିଲା। ତେଣୁ ଭାରତ ୧୦୧ରନ୍ ବ୍ୟବଧାନରେ ବିଜୟ ଲାଭ କରି ୧-୦ରେ ଶୃଙ୍ଖଳା ଆଗୁଆ ହୋଇଛି।

ଟି-୨୦ ଶୃଙ୍ଖଳାର ଏହା ପ୍ରଥମ ମ୍ୟାଚ୍ ହୋଇଥିବାରୁ ମ୍ୟାଚ୍ ପ୍ରାରମ୍ଭରୁ ଟ୍ରଫି ଅନାବରଣ କାର୍ଯ୍ୟକ୍ରମ ହୋଇଥିଲା। ପରେ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଘଣ୍ଟି ବଜାଇ ମ୍ୟାଚର ବିଧିବଦ୍ଧ ଆରମ୍ଭ କରିଥିଲେ। ମୁଖ୍ୟମନ୍ତ୍ରୀ ଅନ୍ୟମାନଙ୍କ ସହ ମ୍ୟାଚ୍ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଦେଖିଥିଲେ। ତାଙ୍କ ସହ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସୁରେଶ ପୁଜାରୀ, ଓସିଏ ସଭାପତି ପଙ୍କଜ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା, ଓସିଏର କର୍ମକର୍ତ୍ତା ତଥା ବହୁମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ୨୦୨୨ରେ ବାରବାଟୀରେ ବିଧିବଦ୍ଧ ଭାବେ ଘଣ୍ଟି ଲଗାଯାଇ ବଜାଇବାର ପ୍ରଥା ଆରମ୍ଭ ହୋଇଥିଲା। ସୌରଭ ଗାଙ୍ଗୁଲୀ ବାରବାଟୀରେ ପ୍ରଥମ ଘଣ୍ଟି ବଜାଇଥିଲେ।

## ସିଏଜି ରିପୋର୍ଟରେ ବିଦ୍ୟାଳୟ ଶିକ୍ଷାରେ ଅନିୟମିତତା

# ଜାତୀୟ ସ୍ତର ତୁଳନାରେ ନାମ ଲେଖା ହ୍ରାସ

ଭୁବନେଶ୍ୱର, ୯।୧୨ (ସବ୍ୟୁ) : ସମଗ୍ର ଶିକ୍ଷା ଯୋଜନା ଅଧୀନରେ ପାଣ୍ଠିର ବ୍ୟବହାର ୪୪ରୁ ୫୦% ରହିଛି। ଜାତୀୟ ସ୍ତର ତୁଳନାରେ ରାଜ୍ୟରେ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ସ୍ତର ଏବଂ ନେଟ୍ ନାମଲେଖା ମଧ୍ୟ ହ୍ରାସ ପାଇଛି। ୨୦୧୮-୧୯ରୁ ୨୦୨୨-୨୩ ମଧ୍ୟରେ ଜାତୀୟ ସ୍ତର ବୃଦ୍ଧି ତୁଳନାରେ ମାଧ୍ୟମିକରୁ ଉଚ୍ଚ ମାଧ୍ୟମିକ ସ୍ତରକୁ ସ୍ଥାନାନ୍ତର ହାର ହ୍ରାସ ପାଇଛି ବୋଲି ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି।



ମଙ୍ଗଳବାର ବିଧାନସଭାରେ ବିଦ୍ୟାଳୟ ଶିକ୍ଷା ଉପରେ ସିଏଜି ରିପୋର୍ଟ ଉପସ୍ଥାପନ ହୋଇଥିଲା। ସିଏଜି ରିପୋର୍ଟ ସମ୍ପର୍କରେ ମହାଲେଖାକାର ଅତୁଲ ପ୍ରକାଶ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ସିଏଜି ଉଲ୍ଲେଖ କରିଛନ୍ତି ଯେ ୨୦୧୮-୨୩ରେ ଡାକ୍ତରୀ ମୂଲ୍ୟାୟନ ଶିବିର ମାଧ୍ୟମରେ ୧୦ ନମୁନାଭୁକ୍ତ ବିଇଓ ୧୪୫୮ ସିଡବ୍ଲ୍ୟୁଏସ୍ଏନ୍ ଚିହ୍ନଟ କରିଥିଲେ। ଯେଉଁମାନଙ୍କୁ ସହାୟତା ଓ ଉପକରଣର ଆବଶ୍ୟକ ଥିଲା। ୨୦୧୮-୨୩ ମଧ୍ୟରେ ଚିହ୍ନଟ ହୋଇଥିବା ୩୧୧ ସିଡବ୍ଲ୍ୟୁଏସ୍ଏନ୍‌କୁ (୯ ପୃଷ୍ଠାରେ)

## ମାଲକାନଗିରି ଗୋଷ୍ଠୀ ସଂଘର୍ଷ ମାମଲା

# ଇଣ୍ଟରନେଟ କଟକଣା ବଢ଼ିଲା

ମାଲକାନଗିରି, ୯।୧୨ (ସବ୍ୟୁ): କିଛି ଦିନ ପୂର୍ବେ ଜଣେ ମହିଳାଙ୍କ ମୁଣ୍ଡ ନଥିବା ମୃତଦେହ ନଦୀରୁ ଉଦ୍ଧାର ହେବା ଓ ଦୀର୍ଘ ତିନି ଦିନ ବିତିଗଲା ପରେ ମଧ୍ୟ ମୁଣ୍ଡ ନ ମିଳିବା ଘଟଣାକୁ ନେଇ ଆଦିବାସୀ ଗ୍ରାମ ରାଖେଲଗୁଡା ଓ ଏମଭି -୨୬ ଦୁଇ ଗ୍ରାମ ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା।

ରବିବାର ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଆଦିବାସୀ ମାନେ ଅନ୍ୟ ସମ୍ପ୍ରଦାୟର ଲୋକ ରହୁଥିବା ଗ୍ରାମରେ ପଶି ଅନେକ ଘର ଭଙ୍ଗାରୁଜା କରିବା ସହ ଘରେ ଘରେ ନିଆଁ ଲଗାଇ ଥିବା ଦେଇଥିବା ଅଭିଯୋଗ ହୋଇଥିଲା । ଦୁଇ ଗାଁ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିଲା। ଆଦିବାସୀ ସଂଘ ଏବଂ ଅନ୍ୟ ଏକ ସଂପ୍ରଦାୟ ମଧ୍ୟ ଜିଲ୍ଲାରେ ଏକ ପ୍ରକାର ଗୋଷ୍ଠୀ ସଘର୍ଷ ଉପୁନ୍ନ ହେବାକୁ ଯାଉଛି। ଘଟଣା ନ ବ୍ୟାପିବା ପାଇଁ ପୁଣି ଇଣ୍ଟରନେଟ ସେବା କଟକଣାକୁ ବଢ଼ାଇ ଦିଆଯାଇଛି।

# ଏସ୍ଆଇଆରକୁ ନେଇ ରାହୁଲଙ୍କ ୪ ଦାବି



ନୂଆଦିଲ୍ଲୀ, ୯।୧୨ : ଲୋକସଭାରେ ବିରୋଧୀ ଦଳ ନେତା (ଏଲ୍ଓପି) ରାହୁଲ ଗାନ୍ଧି ଆଜି ନିର୍ବାଚନ ସଂସ୍କାର ବିତର୍କରେ ଭାଗ ନେଇ ସରକାରଙ୍କୁ ୩ ପ୍ରଶ୍ନ ପଚାରିବା ସହ ଏସ୍ଆଇଆରକୁ ନେଇ ୪ ଦାବି କରିଛନ୍ତି। ଏହାଛଡା ରାହୁଲ ବିଭିନ୍ନ ସାମ୍ବିଧାନିକ ସଂସ୍ଥାଗୁଡ଼ିକୁ କିଭଳି କବ୍‌ଜା କରାଯାଉଛି ତାହାର ଉଦାହରଣ ଦେଇଥିଲେ। ଯାହାକୁ ନେଇ

### ରାହୁଲଙ୍କ ବକ୍ତବ୍ୟକୁ ନେଇ ହଟ୍ଟଗୋଳ

### ଏଲ୍ଓପି ଅର୍ଥ ନୁହେଁ ଯାହା କହିବେ : ବାଚସ୍ପତି

ଲୋକସଭାରେ କ୍ଷମତାସୀନ ଶାସକ ଦଳ ବିଧାୟକମାନେ ଆପତ୍ତି ଦର୍ଶାଇବା ସହ ହଟ୍ଟଗୋଳ କରିଥିଲେ। ତେବେ ବାଚସ୍ପତି ଓମ୍ ବିର୍ଲା ମଧ୍ୟ ରାହୁଲଙ୍କୁ ଅଟକାଇବା ସହ ବିରୋଧୀ ଦଳ ନେତାର ଅର୍ଥ ନୁହେଁ ଆପଣ ଯାହା ଚାହିଁବେ ତାହା କହିବେ।

ନିର୍ବାଚନ ସୁଧାର ପ୍ରସଙ୍ଗ ଆଲୋଚନାରେ ଭାଗନେଇ ରାହୁଲ କହିଥିଲେ ଯେ ମୁଖ୍ୟ ଓ ଅନ୍ୟ ନିର୍ବାଚନ କମିଶନଙ୍କୁ ଚୟନ କରିବା ଲାଗି ଯେଉଁ ନିଯୁକ୍ତି ପ୍ୟାନେଲ ରହିଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହାଛଡା ସିସିଟିଭିକୁ ୪୫ ଦିନ ମଧ୍ୟରେ ନିର୍ବାଚନ କମିଶନ ନଷ୍ଟ କରିଦେଇଛନ୍ତି। ରାହୁଲ ତିନୋଟି ପ୍ରଶ୍ନ ପଚାରି କହିଥିଲେ ଯେ ଏହା ସିଧାସଳଖ ସ୍ପଷ୍ଟ ହେଉଛି ଯେ ଭାରତୀୟ ଗଣତନ୍ତ୍ରକୁ ଧ୍ୱଂଶ କରିବା ଲାଗି ବିଜେପି ନିର୍ବାଚନ କମିଶନଙ୍କୁ ବ୍ୟବହାର କରୁଛି। ସେ କହିଥିଲେ ଯେ ଚୟନ କମିଟିରେ ପ୍ରଧାନ ବିଚାରପତିଙ୍କୁ କାହିଁକି ବାହାର କରାଗଲା। ପ୍ରଧାନମନ୍ତ୍ରୀ ଓ ଅମିତ୍ ଶାହା ଯିଏ ନିର୍ବାଚନ (୯ ପୃଷ୍ଠାରେ)

# ୧୮ କାର୍ଯ୍ୟ ଦିବସ ପୂର୍ବରୁ ସରିଲା ଶୀତ ଅଧିବେଶନ

ଭୁବନେଶ୍ୱର, ୯।୧୨ (ସବ୍ୟୁ): ବିଧାନସଭା ଶୀତକାଳୀନ ଅଧିବେଶନ ୧୮ ଦିନ ପୂର୍ବରୁ ଶେଷ ହୋଇଛି । ଏଥର ବିଧାନସଭା ବେଶ ଚର୍ଚ୍ଚିତ ହେଲା। ପ୍ରଥମଥର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଧାନସଭାକୁ ସମ୍ବୋଧିତ କରିଥିଲେ। ବିଧାୟକମାନେ ଏମିତି ଆଚରଣ ଓ ଉଚ୍ଚାରଣ କରିବେ। ସେନେଇ ସଂଶୋଧନ କରାଇଥିଲେ । କେବଳ ସେତିକି ନୁହେଁ, ଅତିରିକ୍ତ ବଜେଟ୍ ଉପସ୍ଥାପନ କରିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି । ବିଧାନସଭାରେ ବାଚସ୍ପତିଙ୍କ ଠାରୁ ଆରମ୍ଭ କରି ବିଧାୟକଙ୍କ ଯାଏ ସମସ୍ତଙ୍କ ଦରମାର ବିଲ ପାରିତ ହୋଇଛି ।



ଚଳିତ ଶୀତକାଳୀନ ଅଧିବେଶନ ବିଧାୟକମାନଙ୍କର କବିତା ବେଶ ଚର୍ଚ୍ଚା ସାଉଁଟି ଥିଲା । ବିଧାୟକ ଅରୁଣ ସାହୁଙ୍କ ଠାରୁ ଆରମ୍ଭ କରି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ କବିତା ବେଶ ଆଲୋଚିତ ହୋଇଥିଲା । ବିଧାନସଭା ଅଧିବେଶନ ପ୍ରାୟ ସୁରୁଖୁରୁରେ ଶେଷ ହୋଇଥିବା ବେଳେ କାଁ ଭାଁ ବିରୋଧ ଦେଖିବାକୁ ମିଳିଥିଲା । ତେବେ ମହାତ୍ମା ଗାନ୍ଧିଙ୍କ ଉପରେ ଶାସକ ବିଧାୟକ ସନ୍ତୋଷ ଖଟୁଆଙ୍କ ମନ୍ତବ୍ୟକୁ ନେଇ ବିରୋଧି ବିଜେଡି ଓ କଂଗ୍ରେସ ସଭ୍ୟ ପ୍ରବଳ ହଟଗୋଳ କରିଥିଲେ । ବିଧାୟକମାନଙ୍କ ଦରମା ବୃଦ୍ଧି ଯୋଗୁଁ ସମସ୍ତ ବିଧାୟକ ଓ ପେନସନଧାରୀ ବିଧାୟକମାନେ ମଧ୍ୟ ଖୁସି ଥିବା ଦେଖାଯାଇଥିଲା । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କ ଅଭିଭାଷଣ ସବୁଦିନ ପାଇଁ ସ୍ମାରଣ ହୋଇରହିବ ବୋଲି ସମସ୍ତ ମତ ପୋଷଣ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ଆଜି ଆଗୁଆ ଇଂରାଜୀ ନବବର୍ଷର ଅଭିଭାଷଣ ଜଣାଇଥିଲେ ।

ଶୀତ ଅଧିବେଶନ ଗତ ନଭେମ୍ବର ୨୭ ତାରିଖରୁ ଆରମ୍ଭ ହୋଇ ଚଳିତ

- ରାଷ୍ଟ୍ରପତିଙ୍କ ଅଭିଭାଷଣରୁ ଆରମ୍ଭ
- ୧୮ କାର୍ଯ୍ୟ ଦିବସ ପୂର୍ବରୁ ବନ୍ଦ
- ପାରିତ ହେଲା ୭ ବିଲ୍
- ଚର୍ଚ୍ଚାରେ ବିଧାୟକ ଓ ମନ୍ତ୍ରୀଙ୍କ କବିତା
- ସୁରୁଖୁରୁରେ ସରିଲା ବିଧାନସଭା

ମାସ ୯ ତାରିଖରେ ଶେଷ ହୋଇଛି। ଚଳିତ ଅଧିବେଶନ (୯ ପୃଷ୍ଠାରେ)

# ବିଧାୟକଙ୍କ ଦରମା ୩ଗୁଣା ବଢ଼ିଲା

ଭୁବନେଶ୍ୱର, ୯।୧୨ (ସବ୍ୟୁ) : ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ରାଷ୍ଟ୍ରମନ୍ତ୍ରୀ, ଉପମନ୍ତ୍ରୀ, ବାଚସ୍ପତି, ଉପବାଚସ୍ପତି, ବିଧାୟକମାନଙ୍କ ଦରମା ଓ ଭତ୍ତା ବୃଦ୍ଧି ପାଇଛି। ସେହିଭଳି ପୂର୍ବତନ ବିଧାୟକମାନଙ୍କର ପେନ୍‌ସନ୍ ମଧ୍ୟ ବୃଦ୍ଧି କରାଯାଇଛି। ପିଛିଲା ଭାବେ ଏହା ୨୦୨୪ ଜୁନ୍ ୫ରୁ ଲାଗୁ ହେବ। ବିଧାନସଭାରେ ଏ ସଂକ୍ରାନ୍ତୀୟ ଉପସ୍ଥାପିତ ହୋଇଥିବା ୩ଟି ବିଲ୍‌କୁ ପାରିତ କରାଯାଇଛି। ଦୀର୍ଘ ୮ ବର୍ଷ ପରେ ଦରମା ବୃଦ୍ଧି ହୋଇଛି। ବିଧାୟକମାନଙ୍କର ଦରମା ପାଖାପାଖି ପ୍ରାୟ ୩ ଗୁଣ ବୃଦ୍ଧି ହୋଇଛି।

- ବିଧାୟକଙ୍କ ଦରମା, ଭତ୍ତା ୩ ଲକ୍ଷ ୪୫ ହଜାର
- ପୂର୍ବତନ ବିଧାୟକଙ୍କ ପେନ୍‌ସନ୍ ୧ ଲକ୍ଷ ୧୭ ହଜାର ୫୦୦
- ମୁଖ୍ୟମନ୍ତ୍ରୀଙ୍କ ଦରମା, ଭତ୍ତା ୩ ଲକ୍ଷ ୭୪ ହଜାର
- ବାଚସ୍ପତିଙ୍କ ଦରମା, ଭତ୍ତା ୩ ଲକ୍ଷ ୬୮ ହଜାର
- ଉପମୁଖ୍ୟମନ୍ତ୍ରୀଙ୍କ ଦରମା, ଭତ୍ତା ୩ ଲକ୍ଷ ୬୮ ହଜାର
- ରାଷ୍ଟ୍ରମନ୍ତ୍ରୀ ଓ ଉପବାଚସ୍ପତିଙ୍କ ଦରମା, ଭତ୍ତା ୩ ଲକ୍ଷ ୫୬ ହଜାର

ମଙ୍ଗଳବାର ବିଧାନସଭାର ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଏହି ସଂଶୋଧନ ବିଲ୍‌କୁ ଉପସ୍ଥାପନ କରିଥିଲେ। ତେବେ ଏଥର ବିଲ୍‌ରେ ଏକ ନୂଆ ବ୍ୟବସ୍ଥା କରାଯାଇଛି। ଭବିଷ୍ୟତରେ ବିଧାୟକ ଓ ମନ୍ତ୍ରୀମାନଙ୍କର ଦରମା ବୃଦ୍ଧି ପାଇଁ ବିଧାନସଭାରେ ଆଉ ବିଲ୍ ଆଣିବାକୁ ପଡ଼ିବନି। ବର୍ଦ୍ଧିତ ଦରମା ସହ ଏଣିକି ପ୍ରତି ୫ବର୍ଷରେ ମହଙ୍ଗା ସୂଚାଙ୍କ ଆଧାରରେ ସ୍ୱୟଂଚାଳିତ ଭାବେ ଏହି ଦରମା ଓ ଭତ୍ତାରେ ସଂଶୋଧନ କରାଯିବ। ସଂଶୋଧିତ ପ୍ରସ୍ତାବ ଅଣାଯାଇ ବିଧାୟକଙ୍କ ମୂଳ ଦରମା ୯୦ ହଜାର ଓ ଅନ୍ୟାନ୍ୟ ଭତ୍ତା ବାବଦରେ ୨.୪୦ ଲକ୍ଷ ଟଙ୍କାକୁ ମିଶାଇଲେ ୩.୪୫ ଲକ୍ଷ ଟଙ୍କା ପାଇବେ। ଏହାଛଡ଼ା ବିଧାନସଭା ସମୟରେ ଦୈନିକ ଭତ୍ତାକୁ ମଧ୍ୟ ବୃଦ୍ଧି କରାଯାଇଛି। ପୂର୍ବତନ ବିଧାୟକଙ୍କର ମାସିକ ପେନ୍‌ସନ୍ ଓ ଭତ୍ତା ବାବଦରେ ୧.୧୭ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଛି। ଏହାଛଡ଼ା କାର୍ଯ୍ୟକାଳ ହିସାବରେ ପ୍ରତି ୫ ବର୍ଷ ଅଧିକ କାର୍ଯ୍ୟକାଳ ପାଇଁ ବର୍ଷକୁ ୩ହଜାର ଟଙ୍କା ହିସାବରେ ଅତିରିକ୍ତ ପେନ୍‌ସନ୍ ବାବଦକୁ ୧୫ହଜାର ପାଇବେ। ମୁଖ୍ୟମନ୍ତ୍ରୀଙ୍କ ଦରମା ୧ଲକ୍ଷ ଟଙ୍କା କରାଯାଇଥିଲା ବେଳେ ଉପମୁଖ୍ୟମନ୍ତ୍ରୀଙ୍କ ଦରମା ୯୮ହଜାର, କ୍ୟାବିନେଟ ମନ୍ତ୍ରୀଙ୍କ ଦରମା ୯୬ହଜାର, ରାଷ୍ଟ୍ରମନ୍ତ୍ରୀଙ୍କ ଦରମା ୯୪ହଜାର ଓ ଉପମନ୍ତ୍ରୀଙ୍କ ଦରମା ୯୨ହଜାର ହୋଇଛି। ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଦରମା ଓ ଭତ୍ତା ପ୍ରାୟ ମାସିକ ୩.୭୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇବ। ଶେଷଥର ପାଇଁ ବିଧାୟକଙ୍କର ଦରମା ୨୦୧୭ରେ ସଂଶୋଧନ ହୋଇଥିଲା। ସଂଶୋଧନ ଅନୁଯାୟୀ ବିଧାୟକଙ୍କ ଦରମା ୩୫ହଜାର ଟଙ୍କା ଓ ଅନ୍ୟାନ୍ୟ ଭତ୍ତା ବାବଦରେ ୫୭ହଜାର ଟଙ୍କାକୁ ମିଶାଇ ୯୨ ହଜାର ଟଙ୍କା ଦରମା ରହିଛି। ଦୈନିକ ଭତ୍ତାକୁ ମିଶାଇଲେ ପ୍ରାୟ ୯୮ହଜାରରୁ (୯ ପୃଷ୍ଠାରେ)

## ଧାନ କିଣାରେ ଅବ୍ୟବସ୍ଥା

# ରାସ୍ତାରେ ଧାନ ରଖି ଚାଷୀଙ୍କ ପ୍ରତିବାଦ

ବରଗଡ଼/ସମ୍ବଲପୁର, ୯।୧୨ (ସବ୍ୟୁ): ମଣ୍ଡି ପରିଚାଳନାରେ ଅବ୍ୟବସ୍ଥା ଜାରି ରହିଥିବା ବେଳେ ଧାନ ବିକ୍ରୀ ହେଉନଥିବା ଯୋଗୁଁ ଚାଷୀଙ୍କ ଭିତରେ ଅସନ୍ତୋଷ ବଢୁଛି। ବରଗଡ଼ ଜିଲ୍ଲା ଅତାବିରାରେ ଏହି ସ୍ଥିତି ଚରମ ସୀମାରେ ପହଞ୍ଚିଛି । ଫଳ ସ୍ୱରୂପ ଦିବା ୧୨ଘଣ୍ଟା ସମୟରେ ବରଗଡ଼ ଜିଲ୍ଲା ଅତାବିରା ବ୍ଲକ ଅନ୍ତର୍ଗତ ଗୋଡ଼ଭଗା ମଣ୍ଡି ସମ୍ମୁଖ ଜାତୀୟ ରାଜପଥ ୫୩ ଉପରେ ଶତାଧିକ ଚାଷୀ ଧାନ ବସ୍ତା ରଖି ଆନ୍ଦୋଳନରେ ବସିଥିଲେ ।



ସେହିପରି ସମ୍ବଲପୁର ଜିଲ୍ଲା ଖରିଫ ଧାନ ସଂଗ୍ରହ ପାଇଁ ଗତ ୨୮ ନଭେମ୍ବର ଦିନ ଧାର୍ଯ୍ୟ ହୋଇଥିଲା। ସରକାରଙ୍କ ନିୟମ ମୁତାବକ ମିଲର୍ସ କଷ୍ଟମ ମିଲିଂ ଧାନରୁ ଚାଉଳ ନଦେଲେ ମିଲର୍ସଙ୍କ ସହ ଏଗ୍ରିମେଣ୍ଟ ହୋଇପାରିବ ନାହିଁ। ଏଭଳିସ୍ଥଳେ ମିଲର୍ସ ଓ ପ୍ରଶାସନ ମଧ୍ୟରେ ଚୁକ୍ତି ସ୍ୱାକ୍ଷର ନହେବାରୁ ଧାନ କିଣାରେ ଅଚଳାବସ୍ଥା ଦେଖାଯାଇଥିଲା। ବାରମ୍ବାର ଆଲୋଚନା ପରେ କୌଣସି ସୁଫଳ ନମିଳିବାରୁ ଚାଷୀ ମାନେ ବାଧ୍ୟ ହୋଇ ଗତ ୧ଡିସେମ୍ବର ଦିନ ୫୩ ନମ୍ବର ଜାତୀୟ ରାଜପଥର ସିନ୍ଦୁରପଙ୍କ ବାଇପାସ୍ ଛକରେ ଧାନ ଗାଡି ଥୋଇ ଅବରୋଧ କରିଥିଲେ। ଦୀର୍ଘ ୭ଘଣ୍ଟା ଅର୍ଥନୈତିକ ଅବରୋଧ ଯୋଗୁଁ ମାଲ ପରିବହନ ବାଧାପ୍ରାପ୍ତ ହୋଇଥିଲା । ଏହାପରେ ଧାନ କିଣାବିକା ସ୍ୱାଭାବିକ ହେବ ବୋଲି ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲା। ତେବେ ଧାନ କିଣାର ୧୨ଦିନ ପରେ ମଧ୍ୟ ଧାନ କିଣାବିକା ସ୍ୱାଭାବିକ ହୋଇ ପାରିନାହିଁ । (୯ ପୃଷ୍ଠାରେ)

# ମାନବାଧିକାର ଦିବସ



ପ୍ରତିବର୍ଷ ଡିସେମ୍ବର ୧୦ ତାରିଖରେ ମାନବାଧିକାର ଦିବସ ସମଗ୍ର ବିଶ୍ୱରେ ପାଳନ କରାଯାଇଥାଏ । ମିଳିତ ଜାତିସଂଘର ସାଧାରଣ ସଭାର ୧୦ ଡିସେମ୍ବର ୧୯୪୮ରେ ହୋଇଥିବା ଅଧିବେଶନରେ ମାନବିକ ଅଧିକାରର ସର୍ବଭାରତୀୟ ଘୋଷଣାନାମା କରାଯାଇଥିଲା । ମିଳିତ ଜାତିସଂଘର ଏହି ପ୍ରଥମ ପ୍ରମୁଖ ସଫଳତା ତଥା ଘୋଷଣାକୁ ସମ୍ମାନିତ କରିବାକୁ ଏହି ତାରିଖ ଚୟନ କରାଯାଇଥିଲା । ମାନବାଧିକାର ଦିବସର ଆନୁଷ୍ଠାନିକ ଘୋଷଣା ୪ ଡିସେମ୍ବର ୧୯୫୦ରେ ସାଧାରଣ ସଭାର ୩୧୭ ତମ ସାଧାରଣ ଅଧିବେଶନରେ ଗୃହୀତ ହୋଇଥିଲା । ଯେତେବେଳେ ସାଧାରଣ ସଭାରେ ଏହି ସଂକଳ୍ପ ଘୋଷଣା କରାଯାଇଥିଲା, ସେହିସମୟରେ ସମସ୍ତ ସଦସ୍ୟ ରାଷ୍ଟ୍ର ତଥା ଅନ୍ୟ ଯେକୌଣସି ଆଗ୍ରହୀ ସଂଗଠନକୁ ଏହି ଦିନ ପାଳନ କରିବାକୁ ଆମନ୍ତ୍ରଣ କରାଯାଇଥିଲା । ଏହି ଦିନରେ ସାଧାରଣତଃ ଉଚ୍ଚସ୍ତରୀୟ ରାଜନୈତିକ ସମ୍ମିଳନୀ ସହିତ ମାନବିକ ଅଧିକାର ସମ୍ବନ୍ଧୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ପ୍ରଦର୍ଶନୀ କରାଯାଇଥାଏ । ମାନବିକ ଅଧିକାର କ୍ଷେତ୍ରରେ ସକ୍ରିୟ ଥିବା ଅନେକ ସରକାରୀ ଏବଂ ବେସରକାରୀ ସଂଗଠନ ତଥା ଅନେକ ନାଗରିକ ମଧ୍ୟ ଏହି ଦିନକୁ ପାଳନ କରିବା ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରୁଥିବାର ଦେଖିବାକୁ ମିଳିଥାଏ ।

## ଘଟଣାକ୍ରମ

୧୫୮୨– ଫ୍ରାନ୍ସରେ ଗ୍ରେଗେରିଆନ୍ କ୍ୟାଲେଣ୍ଡରର ବ୍ୟବହାର କରାଗଲା ।

୧୭୯୯– ପ୍ରଥମ ଦେଶ ଭାବେ ଫ୍ରାନ୍ସ ମେଟ୍ରିକ୍ ସିଷ୍ଟମ ଆପଣାଇଲା ।

୧୮୯୬– ନୋବେଲ ପୁରସ୍କାରର ସଂସ୍ଥାପକ ଅଲ୍‌ଫ୍ରେଡ୍ ବର୍ଣ୍ଣାର୍ଡ ନୋବେଲଙ୍କ ଦେହାନ୍ତ ।

୧୯୦୮– ପଦ୍ମଭୂଷଣ ସମ୍ମାନିତ ଭାରତୀୟ ପ୍ରନ୍ତାତ୍ତ୍ୱିକ ବୈଜ୍ଞାନିକ ହସମୁଖ ଧୀରଜଲାଲ୍ ସାଂବଲିଆଙ୍କ ଜନ୍ମ ।

୧୯୬୦– ନୋବେଲ ପୁରସ୍କାରପ୍ରାପ୍ତ ତଥା ପ୍ରତିବନ୍ଧିତ ଆଫ୍ରିକୀୟ ନାସନାଲ୍ କଂଗ୍ରେସ ନେତା ଆଲବର୍ଟ ଲୁଥଲି ଦକ୍ଷିଣ ଆଫ୍ରିକାରେ କଳାଗୋରା ଭେଦଭାବ ସମାପ୍ତ କରିବା ଲାଗି ଅପିଲ୍ କଲେ ।

୧୯୯୨– ଗୁଜରାଟରେ ଦେଶର ପ୍ରଥମ ହୋଭରକ୍ରାଫ୍ଟ ସେବା ଶୁଭାରମ୍ଭ କରାଗଲା ।

୨୦୦୨– ଆମେରିକାର ଦ୍ୱିତୀୟ ସର୍ବବୃହତ୍ ବାୟୁସେନା କମ୍ପାନୀ ୟୁନାଇଟେଡ୍ ଏୟାରଲାଇନ୍ସ ଦେବାଳିଆ ଘୋଷିତ ହେଲା ।

୨୦୦୪– ଢାକା ଟେଷ୍ଟମ୍ୟାଚ୍‌ରେ କପିଲ ଦେବଙ୍କୁ ପଛରେ ପକାଇ ଅନୀଲ କୁମ୍ବଲେ ଟେଷ୍ଟରେ ସର୍ବାଧିକ ୱିକେଟ୍ ନେଇଥିବା ପ୍ରଥମ ଭାରତୀୟ ହେଲେ ।

# ନିଆରା ପରମ୍ପରା



ସାଧାରଣତଃ ବିବାହରେ ଝିଅମାନେ ବାହାଘର ସରିବା ପରେ ବର ଘରକୁ ବିଦା ହୋଇଥାଆନ୍ତି । ହେଲେ ହିମାଚଳ ପ୍ରଦେଶରେ ଦେଖିବାକୁ ମିଳିଥାଏ ନିଆରା ପରମ୍ପରା । ଏଠାରେ ବିବାହ ସମୟରେ କନ୍ୟା ନୁହେଁ ବରଂ ବର ବିଦା ହୋଇଥାଏ । ସୋସିଆଲ ମିଡିଆରେ ଏଭଳି ନିଆରା ବିବାହର ଅନେକ ଭିଡିଓ ଭାଇରାଲ ହେବାରେ ଲାଗିଛି । ଏହି ପରମ୍ପରାକୁ ଏଠାରେ ଦାମ – ଦ୍ରୁମ– କିମ୍ବା ଦାମ ଚେଲିସ ନାଁରେ ଜଣାଯାଇଥାଏ । ଏହି ପରମ୍ପରା ଅନୁସାରେ ବରଙ୍କୁ ଘରଜ୍ୱାଇଁ ହେବାକୁ ପଡିଥାଏ । ଏହା ଏକପ୍ରକାର ସମ୍ପ୍ରଦାୟର ପରମ୍ପରା ଭାବେ ପାଳନ ହୋଇଥାଏ । ଏହି ପରମ୍ପରା ଅନୁସାରେ ଝିଅକୁ ଜ୍ୱାଇଁ ସହିତ ନିଜ ଘର ସମ୍ଭାଳିବାକୁ ରଖାଯାଇଥାଏ ।

## ସୋସିଆଲ କୋଟ୍ସ



" ଗୌରବଙ୍କ ଭିତରେ ଜିତିବାର କୌଣସି ଗୁଣ ନାହିଁ । ମୋ ଭାଗ୍ୟରେ ଯେତିକି ଯାହା ଥିଲା ମିଳିଲା ।

ଫରହାନ ଭଟ୍ଟ, ଅଭିନେତ୍ରୀ



" ଟ୍ରଫି ଜିତିବା ଠାରୁ ବେଶି ଖୁସି ସଲମାନଙ୍କର ଅଫର ପାଇଁ ଅଛି । ମୋତେ ଯେଉଁମାନେ ସପୋର୍ଟ କରିଛନ୍ତି ସେମାନଙ୍କୁ ହୃଦୟରୁ ଧନ୍ୟବାଦ ।

ଗୌରବ ଖାନା, ଅଭିନେତା



" ଧର୍ମେନ୍ଦ୍ର ଜୀ ଆପଣ ମୋର ହୃଦୟକୁ ଭାଙ୍ଗିଦେଇ ଯାଇଛନ୍ତି । ବର୍ତ୍ତମାନ ପୁଣିଥରେ ଜୀବନକୁ ଏକାଠି କରିବାକୁ ପ୍ରୟାସ କରୁଛି ।

ହେମା ମାଳିନୀ, ଅଭିନେତ୍ରୀ


# ବହିର ଦାମ୍ ୧୫ କୋଟି

ପାଟନାର ଗାନ୍ଧୀ ମୈଦାନରେ ଚାଲୁଥିବା ପୁସ୍ତକମେଳାରେ ଏକ ବହି ବିକ୍ରି ହେଉଛି, ଯାହାର ଦାମ ବର୍ତ୍ତମାନ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ବହିଟିର ଦାମ ରହିଛି ୧୫ କୋଟି ଟଙ୍କା । ଦାବି ଅନୁସାରେ ଏହା ହେଉଛି ବିଶ୍ୱର ସବୁଠାରୁ ଦାମୀ ବହି । ବହିଟିର ନାଁ ରହିଛି ମୁଁ ବା ହିନ୍ଦୀରେ ମେ, ଏବଂ ଏହାର ଲେଖକ ହେଉଛନ୍ତି ରତ୍ନେଶ୍ୱର । ଲେଖକଙ୍କ ମତରେ ଏହି ବହି ପରମ ରହସ୍ୟକୁ ଉନ୍ମୋଚନ କରିଥାଏ, ଯାହାକୁ ବୃଦ୍ଧା ଅବସ୍ଥାରେ ମୋକ୍ଷ କୁହାଯାଇଥାଏ । ଏଥିରେ ଲେଖାଯାଇଥିବା କଥା ବେଶ ଗୁରୁତ୍ୱପୂର୍ଣ୍ଣ ଓ ଲଭା ଦାୟକ । ଏଥିରେ ଲେଖାଯାଇଥିବା ତଥ୍ୟ ବ୍ରହ୍ମାଣ୍ଡର ଉତ୍ପତ୍ତି ସହିତ ଜଡିତ, ତେଣୁ ଏହାର ଦାମ ଏତେ ଟଙ୍କା । ଏହି ବହିଟିର ଲେଖାକୁ ଏହାର ଲେଖକ ୯୦ ଦିନରେ ଲେଖିଛନ୍ତି । ଏହାର ହିନ୍ଦୀ ଭାଷାରେ ବହିଟିର ପୃଷ୍ଠା ସଂଖ୍ୟା ୩୮୨ ଥିବାବେଳେ ଇଂରାଜୀ ଭାଷାରେ ୪୦୮ଟି ରହିଛି । ସେହିଭଳି ବର୍ତ୍ତମାନ ସୁଦ୍ଧା ଏହାର ମାତ୍ର ୧୬ଟି କପି ଛପା ଯାଇଛି । ଯେଉଥିରୁ ମାତ୍ର ୩ଟି ବହି ବିକ୍ରି ପାଇଁ ଉଦ୍ଦିଷ୍ଟ ଓ ଅନ୍ୟ ସମସ୍ତ ବହି କେବଳ ପ୍ରଚାର ପାଇଁ ।






# ଭୂକମ୍ପ ନିରୋଧୀ ଘର



ଜାପାନରେ ଅନେକ ସମୟରେ ଭୂକମ୍ପ ଆସୁଥିବାର ଦେଖିବାକୁ ମିଳିଥାଏ । ଥରେ ଭୂକମ୍ପ ଆସିଲେ ସେଠାରେ ଅନେକ କିଛି କ୍ଷୟକ୍ଷତି ହୋଇଥାଏ । ଅନେକ ବଡବଡ ବିଲ୍ଡିଂ ମାଟିରେ ମିଶିଯାଇଥାଏ । ତେବେ ଏହାକୁ ଦୃଷ୍ଟିରେ ରଖି ଏକ କମ୍ପାନୀ ନୂଆ ଟେକ୍ନୋଲୋଜିର ନିର୍ମାଣ କରିଛି । ଯାହା ଘରଗୁଡିକ ମାଟିରୁ କିଛି ବାଟ ଉପରକୁ ଟେକିବାରେ ସକ୍ଷମ । ଯାହାଫଳରେ ଭୂକମ୍ପ ଝଟକାରେ ମଧ୍ୟ ଘର ସୁରକ୍ଷିତ ରହିବ । ଏହି ସିଷ୍ଟମର ନାଁ ରଖାଯାଇଛି ଏୟାର ଡ୍ୟାନସିନ ସିଷ୍ଟମ । ତେବେ ଘରଗୁଡିକ ଖାଲି ଭୂକମ୍ପ ଅନୁଭୁତ ହେବା ସମୟରେ ହିଁ ଉପରେ ଭାସିବ, ନଚେତ ଏହା ମାଟି ଉପରେ ହିଁ ଅନ୍ୟ ଘର ଭଳି ରହିବ । ଭୂକମ୍ପର ଅନୁଭୂତ ହେବାକ୍ଷଣି ଏହା ମାଟି ଛାଡି ଉପରକୁ କିଛି ସେଣ୍ଟିମିଟର ଉଠିଯିବ । ଏହି ଘରର ତଳଭାଗରେ ଏକ ଖାସ ଧରଣର ଏୟାର ଚାମ୍ବର ଓ ସେନ୍ସର ଲାଗିଛି । ସେନ୍ସରରେ ଭୂକମ୍ପର ଝଟକା ଲାଗିବା କ୍ଷଣି ଏହା କମ୍ପ୍ରେସ୍ଡ ଏୟାର ରିଲିଜ କରିଥାଏ । ଯାହାଫଳରେ ପୂରା ଘର ମାଟି ଉପରୁ ୩ ସେଣ୍ଟିମିଟର ପବନରେ ଉଠିଯାଇଥାଏ । ଭୂକମ୍ପ ରହିବା ପରେ ଧୀରେଧୀରେ ସେ ତଳକୁ ଆସିଥାଏ । ଏହି ଟେକ୍ନୋଲୋଜି ଇନ୍‌ଷ୍ଟାଲ କରିବା ପାଇଁ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ ଆସିବ । ଜାପାନରେ ଅନେକ ଘରେ ଏହି ସିଷ୍ଟମ ଇନଷ୍ଟାଲ ହୋଇଥିବା ସୂଚନା ରହିଛି ।

# ଚାଲୁଥିବା ଗଛ !

ଗଛମାନେ ଯେଉଁ ସ୍ଥାନରେ ଉଠିଥାଆନ୍ତି ସେହି ସ୍ଥାନରେ ହିଁ ମରିବା ଯାଏଁ ରହିଥାଆନ୍ତି । ହେଲେ ନିକଟରେ ସୋସିଆଲ ମିଡିଆରେ ଏକ ଗଛ ଖୁବ ଭାଇରାଲ ହେବାରେ ଲାଗିଛି । ଗଛଟିର ନାଁ ରହିଛି ୱାକିଂ ପାମ, ଏହି ଗଛଟି ଗୋଟିଏ ସ୍ଥାନରେ ନୁହେଁ ବରଂ ଜଙ୍ଗଲ ସାର ଚାଲିଥାଏ । ଦକ୍ଷିଣ ଆମେରିକାର ଜଙ୍ଗଲରେ ଥିବା ଏହି ଗଛଟି ଖରା ପାଇଁ ସାରା ଜଙ୍ଗଲ ଘୁରିବୁଲିଥାଏ । ଏହି ଗଛର ଚେର ମାଟି ଉପରେ ରହିଥାଏ । ତେଣୁ ଯଦି ତାକୁ ଖରା ନମିଳେ ତେବେ ସେ ଖରା ପଡୁଥିବା ସ୍ଥାନ ପଟକୁ ନିଜର ନୂଆ ଚେର ତିଆରି କରିଥାଏ । ଏହାପରେ ନିଜର ପୁରୁଣା ଚେରକୁ ନଷ୍ଟ କରିଦେଇଥାଏ । ଯାହାଫଳରେ ଗଛଟି ଧୀରେଧୀରେ ଆଗକୁ ଗତି କରିଥାଏ । ରିପୋର୍ଟ ଅନୁସାରେ ଏହି ଗଛଟି ଦିନକୁ ୨ ରୁ ୩ ସେଣ୍ଟିମିଟର ଚାଲିଥାଏ ବୋଲି ଆକଳନ କରାଯାଇଥାଏ । ଘଞ୍ଚ ବର୍ଷା ବଣରେ ଭଲ ଖରା ଓ ମାଟି ଖୋଜିବାକୁ ସେ ଏହି ଯାତ୍ରା କରିଥାଏ । ତେବେ ବୈଜ୍ଞାନିକମାନେ କିନ୍ତୁ ଏହାକୁ ଭ୍ରମ ବୋଲି କହିଥାଆନ୍ତି । ସେମାନଙ୍କ ମତରେ ଗଛର ଅଧିକାଂଶ ଡାଳ ଖରା ପଟକୁ ବଢିଥାଏ ତେଣୁ ଲୋକଙ୍କୁ ଲାଗିଥାଏ କି ଗଛ ଚାଲୁଛି ।



# ଓସ୍କାର ପାଇଁ ଦାବି

ନିକଟରେ ରିଲିଜ୍ ହୋଇଥିବା ଫିଲ୍ମ ଧୁରନ୍ଧର ଖୁବ ଚର୍ଚ୍ଚା ସାଉଁଟିବାରେ ଲାଗିଛି । ଏଥିରେ ଲିଡ୍ ରୋଲରେ ଅଭିନୟ କରିଛନ୍ତି ଅଭିନେତା ରଣବୀର ସିଂ ଏବଂ ଖଳନାୟକ ଭୂମିକାରେ ନଜର ଆସିଛନ୍ତି ଅକ୍ଷୟ ଖାନା । ତେବେ ରଣବୀରଙ୍କ ଚରିତ୍ର ସହିତ ଅକ୍ଷୟଙ୍କ ଚରିତ୍ରକୁ ଦର୍ଶକ ଖୁବ ଭଲପାଇବା ଦେଉଥିବା ଦେଖିବାକୁ ମିଳୁଛି । ଏପରିକି ଅକ୍ଷୟଙ୍କ ଅଭିନୟ ପାଇଁ ଓସ୍କାରର ଦାବି ମଧ୍ୟ କରାଯାଉଛି । ଅକ୍ଷୟଙ୍କୁ ଓସ୍କାର ପୁରସ୍କାର ପାଇଁ ଫରହାଖାନ ଦାବି କରିଛନ୍ତି । ଏନେଇ ସେ ନିଜର ସୋସିଆଲ ମିଡିଆ ପୋଷ୍ଟରେ ଉଲ୍ଲେଖ କରି ଦାବି କରିଛନ୍ତି । ଫିଲ୍ମରେ ଅକ୍ଷୟ ଖାନାଙ୍କୁ ରେହମାନ ଡକୈତ ଚରିତ୍ରରେ ଦେଖିବାକୁ ମିଳିଛି । ତେବେ ଏହି ଦାବି କେବଳ ଫରହା ଖାନ୍ ନୁହେଁ ବରଂ ଅକ୍ଷୟଙ୍କ ଫ୍ୟାନମାନେ ମଧ୍ୟ ସୋସିଆଲ ମିଡିଆରେ କରିବାରେ ଲାଗିଛନ୍ତି । ଏହି ଫିଲ୍ମରେ ଅକ୍ଷୟଙ୍କ ଚରିତ୍ରକୁ ଆହୁରି ଖାସ କରିବା ପାଇଁ ଏକ ଆରବ ଭାଷାରେ ଗୀତ ମଧ୍ୟ ସୁଟିଂ କରାଯାଇଛି । ଏହି ଗୀତଟି ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଲୋକପ୍ରିୟ ହେଉଥିବା ଦେଖିବାକୁ ମିଳୁଛି । ସମସ୍ତେ ଗୀତଟିକୁ ନେଇ ରିଲ୍ସ ତିଆରି କରିବା ସହିତ ଟ୍ରେଣ୍ଡରେ ରଖିଛନ୍ତି ।

# ବାରବାଟୀ ଝଲକ





























# ବିଧାନସଭାରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀ



ଭୁବନେଶ୍ୱର(ସବ୍ୟୁ): ଓଡ଼ିଶାର ରାଜ୍ୟ ସଂଗୀତ ବନ୍ଦେ ଉତ୍କଳ ଜନନୀର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଥିଲେ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ସାରସ୍ୱତ ସାଧକ ଓ ସମ୍ପାଦକ । ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ଭାରତର ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ । ୧୯୩୦ର ଲବଣ ସତ୍ୟାଗ୍ରହ କାନ୍ତକବିଙ୍କ ଜୀବନ ଉପରେ ଗଭୀର ପ୍ରଭାବ ପକାଇଥିଲା । ସେହି ସମୟରେ ସାଧାରଣ ଜନତାଙ୍କୁ ଏହି ସବୁ ଆନ୍ଦୋଳନରେ ଯୋଗଦାନ ପାଇଁ ପ୍ରବର୍ତ୍ତାଇବା ଉଦ୍ଦେଶ୍ୟରେ ଏବଂ ସେମାନଙ୍କୁ ଜାତୀୟତା ପ୍ରତି ଆକର୍ଷିତ କରିବା ପାଇଁ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର କଲମର ସାହାଯ୍ୟ ନେଇଥିଲେ । ଗଳ୍ପ, ଉପନ୍ୟାସ, ନାଟକ ଓ କବିତାମାନ ରଚନା କରି ଲୋକମାନଙ୍କ ମଧ୍ୟରେ ଦେଶପ୍ରେମ ବଢ଼ାଇବାରେ ସେ ଲାଗି ପଡ଼ିଲେ ବୋଲି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ ।

କାନ୍ତକବିଙ୍କ ରଚିତ ଦେଶାତ୍ମବୋଧକ କବିତାମାନ ଲୋକମାନଙ୍କୁ ଏକଜୁଟ କରିବାରେ ସାହାର୍ଯ୍ୟ କଲା । ସାଧାରଣ ଜନତାଙ୍କୁ ଇଂରେଜମାନଙ୍କ ବିରୋଧରେ ଲଢ଼ିବାକୁ ଏବଂ ସ୍ୱାଧୀନତା ପ୍ରାପ୍ତ କରିବାକୁ ସେ କବିତାକୁ ନିଜର ଅସ୍ତ୍ର ଭାବରେ ବ୍ୟବହାର କରିଥିଲେ । ଶ୍ରୀ ମହାପାତ୍ରଙ୍କ ରଚନାରେ ଦେଶ ଓ ଜାତିପ୍ରେମର ଝଲକ ଦେଖିବାକୁ ମିଳିଥାଏ । କବିତା ସାଙ୍ଗକୁ ସେ ଅନେକ ଉପନ୍ୟାସ, ବ୍ୟଙ୍ଗ ସାହିତ୍ୟ, ଗଳ୍ପ ରଚନା କରିଯାଇଛନ୍ତି । ସେ ମାସିକ ସାହିତ୍ୟ ପତ୍ରିକା "ଡଗର'ର ମଧ୍ୟ ପ୍ରତିଷ୍ଠାତା ସମ୍ପାଦକ ଥିଲେ । ଓଡ଼ିଆ ଭାଷା, ସାହିତ୍ୟର ଉତ୍କର୍ଷ ସହ ଓଡ଼ିଆଙ୍କ ହୃଦୟରେ ଜାତିପ୍ରୀତି ଜାଗ୍ରତ କରିବାରେ କାନ୍ତକବି ଯେଉଁ ଅବଦାନ ରଖିଯାଇଛନ୍ତି । ସେଥିପାଇଁ ସେ ପ୍ରତି ଓଡ଼ିଆଙ୍କ ହୃଦୟରେ ଚିରଅମର ରହିବେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା, ଉପବାଚସ୍ପତି ଭବାନୀଶଙ୍କର ଭୋଇ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ବାବୁ ସିଂ, ଫକୀର ନାୟକ ଓ ରଘୁନାଥ ମାଛ, କାନ୍ତକବିଙ୍କ ନାତି ତଥା ସମୟର ମୁଖ୍ୟ ସମ୍ପାଦକ ଗୁରୁ କଲ୍ୟାଣ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଉତ୍କଳ ସମ୍ମିଳନୀର ସେକ୍ରେଟାରୀ ଡଃ. ଆରଏନ୍ ପ୍ରହରାଜଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ବିଧାନସଭା ପାର୍ଶ୍ୱବର୍ତ୍ତୀ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

### ସରକାରୀ କର୍ମଚାରୀଙ୍କ ଆନ୍ଦୋଳନକୁ ନେଇ ହାଇକୋର୍ଟଙ୍କ ଉଦ୍‌ବେଗ

# ରାଜ୍ୟ ସରକାରଙ୍କୁ ମାଗିଲେ ଜବାବ

କଟକ,(ସବ୍ୟୁ): ସରକାରୀ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇ ପାରିବେ ନାହିଁ । ସେମାନଙ୍କ ଦାବି ସଂକ୍ରାନ୍ତରେ ଜଣାଇବା ଲାଗି ବିକଳ୍ପ ବ୍ୟବସ୍ଥା ରହିଛି । ନିୟମ ଅନୁସାରେ କୌଣସି ସରକାରୀ କର୍ମଚାରୀ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇ ପାରିବେ ନାହିଁ । କିନ୍ତୁ ଓଡ଼ିଶାରେ ଅନେକ ସମୟରେ ସରକାରୀ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇବା ଫଳରେ ଏହାର ପ୍ରଭାବ ସିଧାସଳଖ ଲୋକଙ୍କ ଉପରେ ପଡ଼ୁଛି । ତେଣୁ ସରକାରୀ କର୍ମଚାରୀଙ୍କ ଆନ୍ଦୋଳନ ଉପରେ ଲଗାମ ଲଗାଇବା ଲାଗି ରୁଜୁ ଏକ ମାମଲାର ଶୁଣାଣି ଅବସରରେ ଆବେଦନକାରୀ ଶିକ୍ଷକମାନେ ଏବେ ବିଧାନସଭା ସାମ୍ନାରେ ଆନ୍ଦୋଳନରେ ବସିବା ସଂକ୍ରାନ୍ତରେ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହା ଜାଣିବା ପରେ ହାଇକୋର୍ଟ ଏନେଇ ଉଦ୍‌ବେଗ ପ୍ରକାଶ କରିବା ସହ ରାଜ୍ୟ ସରକାରଙ୍କ ଠାରୁ ରିପୋର୍ଟ ତଲବ କରିଛନ୍ତି । ଆନ୍ଦୋଳନକୁ ନିୟନ୍ତ୍ରଣ ପାଇଁ ରାଜ୍ୟ ସରକାର କି' ପଦକ୍ଷେପ ଗ୍ରହଣ କରୁଛନ୍ତି ସେ ସଂକ୍ରାନ୍ତରେ ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ସତ୍ୟପାଠ ଆକାରରେ ଜଣାଇବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ପ୍ରତାପ ଚନ୍ଦ୍ର ସାହୁଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି। ଆବେଦନକାରୀ ପିଟିସନ୍‌ରେ କର୍ମଚାରୀ ଆନ୍ଦୋଳନର ଏକ ଉଦାହରଣ ଦେଇଛନ୍ତି । ଗତ କିଛିମାସ ତଳେ ଭୁବନେଶ୍ୱରରେ ଜଣେ ଓଏଏସ୍ ଅଧିକାରୀଙ୍କୁ ଜନଶୁଣାଣି ସମୟରେ ସ୍ଥାନୀୟ କିଛି ନେତା ଆକ୍ରମଣ କରିଥିଲେ। ଏହି ଘଟଣାରେ ସମଗ୍ର ରାଜ୍ୟରେ ଓଏଏସ୍ ଅଧିକାରୀ ଏବଂ ଓଡ଼ିଶା ରାଜସ୍ୱ ଅଧିକାରୀମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ପୂରା ପ୍ରଶାସନିକ କାର୍ଯ୍ୟ ଠପ୍ ହୋଇଯାଇଥିଲା । ଇତିମଧ୍ୟରେ ପ୍ରାୟ ୫ମାସ ବିତିଯାଇଥିଲେ ମଧ୍ୟ ଆନ୍ଦୋଳନକାରୀ ଓଏଏସ୍ ଏବଂ ଓଆରଏସ୍ ଅଧିକାରୀଙ୍କ ବିରୋଧରେ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ଆବେଦନକାରୀ ଦର୍ଶାଇଛନ୍ତି ଯେ, କେନ୍ଦ୍ର ସରକାର ସେମାନଙ୍କ କର୍ମଚାରୀଙ୍କ ଲାଗି ଏକ ନିୟମ ଧାର୍ଯ୍ୟ କରିଛନ୍ତି । କେନ୍ଦ୍ର ସରାକାରଙ୍କ ଅଧୀନରେ ଥିବା କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇ ପାରିବେ ନାହିଁ । ସେହିପରି ଓଡ଼ିଶା ସରକାରଙ୍କ ପକ୍ଷରୁ ମଧ୍ୟ ସେମାନଙ୍କ କର୍ମଚାରୀଙ୍କ ପାଇଁ ଏକ ନିୟମ ଧାର୍ଯ୍ୟ କରାଯାଇଛି। ରାଜ୍ୟ ସରକାରଙ୍କ କର୍ମଚାରୀମାନେ ମଧ୍ୟ ଆନ୍ଦୋଳନକୁ ଯାଇ ପାରିବେ ନାହିଁ ବୋଲି କଡ଼ାକଡ଼ି ନିୟମ ରହିଛି । କିନ୍ତୁ କର୍ମଚାରୀମାନେ ଆନ୍ଦୋଳନକୁ ଯିବା ଫଳରେ ଏହାର ପ୍ରଭାବ ସିଧାସଳଖ ଜନସାଧାରଣଙ୍କ ଉପରେ ପଡ଼ୁଛି ।

# ଗୃହରେ ପୁଣି ଉଠିଲା କୋଟିଆ ପ୍ରସଙ୍ଗ

ଭୁବନେଶ୍ୱର,(ସବ୍ୟୁ): ବିଧାନସଭାରେ ପୁଣି କୋଟିଆ ସୀମା ବିବାଦ ପ୍ରସଙ୍ଗ ଉଠିଛି । ଆନ୍ଧ୍ର ଦାଦାଗିରି ଆରମ୍ଭ ହେଲାଣି । ରାଜ୍ୟ ସରକାର ଏସଂକ୍ରାନ୍ତରେ ନୀରବଦଷ୍ଟା ସାଜିଛନ୍ତି ବୋଲି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଅଭିଯୋଗ କରିଛନ୍ତି । ଶୂନ୍ୟକାଳରେ ଶ୍ରୀ କାଡାମ କହିଥିଲେ, ଓଡ଼ିଶାର ଅସ୍ତିତ୍ୱକୁ ଆନ୍ଧ୍ର ନଷ୍ଟ କରୁଛି । ବାରମ୍ବାର ଗୃହରେ ଏପସଙ୍ଗ ଉଂାପନ କରିଥିଲେ ମଧ୍ୟ ରାଜ୍ୟ ସରକାର ନିଦ ଭାଙ୍ଗୁନି । ପଟାଙ୍ଗୀ ଅଞ୍ଚଳ ଓଡ଼ିଶାରେ ରହିବ କି ନାହିଁ ବୋଲି ଶ୍ରୀ ପ୍ରଶ୍ନ କରିଥିଲେ । ୭ଟି ଗାଁରେ ଆନ୍ଧ୍ର ଅନୁପ୍ରବେଶ କରୁଛି । ପ୍ରତି ୨୦ଟି ଘରେ ଜଣେ ଲେଖାଏଁ ଆନ୍ଧ୍ର ଏଜେଣ୍ଟ ରହିଛନ୍ତି । କୋଟିଆକୁ ସରକାର ସୁରକ୍ଷା ଦେବା ପାଇଁ ପଦକ୍ଷେପ ନନେଲେ ଆଗାମୀ ଦିନରେ ଏହା ଆନ୍ଧ୍ରକୁ ଚାଲିଯିବ ।

### ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ

# ରଘୁନାଥ ଦାସ (ଜଟାୟୁ) କବିତା ଓ ପ୍ରବନ୍ଧ ପ୍ରତିଯୋଗିତା

କଟକ, (ସବ୍ୟୁ): ଉତ୍କଳ ସାହିତ୍ୟ ସମାଜ ଆନୁକୂଲ୍ୟରେ ବିଶିଷ୍ଟ ପ୍ରଗତିବାଦୀ କବି ରଘୁନାଥ ଦାସ (ଜଟାୟୁ)ଙ୍କ ସ୍ମୃତି ଉତ୍ସବ ନିମନ୍ତେ ବିଦ୍ୟାଳୟ ସ୍ତରରେ (୬ଷ୍ଠ ଶ୍ରେଣୀରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ) ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କବିତା ଆବୃତ୍ତି ପ୍ରତିଯୋଗିତା ୨୮ ଡିସେମ୍ବର ୨୦୨୫ ତାରିଖ ରବିବାର ଦିନ ୧୦.୩୦ ଘଟିକା ସମୟରେ ଉତ୍କଳ ସାହିତ୍ୟ ସମାଜ ପରିସରସ୍ଥ ଶତାବ୍ଦୀ ଭବନରେ ଅନୁଷ୍ଠିତ ହେବ । ଏହି ପ୍ରତିଯୋଗିତା ପାଇଁ କବି ରଘୁନାଥ ଦାସ (ଜଟାୟୁ)ଙ୍କ ରଚିତ 'ଜଟାୟୁ' କବିତାର ଯେକୌଣସି ଚାରିପଦ ଆବୃତ୍ତି କରିବାକୁ ପଡ଼ିବ । ଛାତ୍ରଛାତ୍ରୀମାନେ ସେମାନଙ୍କ ବିଦ୍ୟାଳୟରୁ ନିଜର ପରିଚୟ ପତ୍ର ସାଥିରେ ଆଣିବା ବାଧ୍ୟତାମୂଳକ । ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ର ବା ଛାତ୍ରୀଙ୍କୁ ଯଥାକ୍ରମେ ୨୦୦୦, ୧୨୦୦ ଏବଂ ୮୦୦ ଟଙ୍କାର ଅର୍ଥରାଶି ସହ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯିବ । ଏଥିସହିତ ମହାବିଦ୍ୟାଳୟ / ବିଶ୍ୱବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଉଛି । ଏହି ପ୍ରତିଯୋଗିତାରେ ଶୀର୍ଷକ ରହିଛି 'କବି ରଘୁନାଥ ଦାସ (ଜଟାୟୁ)ଙ୍କ କବିତାରେ ସମୟର ସ୍ୱର' । ଡିସେମ୍ବର ୩୦ ତାରିଖ ସୁଦ୍ଧା ପ୍ରବନ୍ଧ 'ସାଧାରଣ ସଂପାଦକ, ଉତ୍କଳ ସାହିତ୍ୟ ସମାଜ, ଟାଉନହଲ ରୋଡ୍, କଟକ-୯' ଠିକଣାରେ ପହଂଚିବା ଆବଶ୍ୟକ । ଏହି ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଥିବା କବି ରଘୁନାଥ ଦାସଙ୍କ ସ୍ମୃତି ଉତ୍ସବରେ ଯଥାକ୍ରମେ ୩୦୦୦, ୨୦୦୦ ଏବଂ ୧୦୦୦ ଟଙ୍କାର ଅର୍ଥରାଶି ସହ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯିବ ବୋଲି ସାଧାରଣ ସଂପାଦକ ରାଜୀବ କୁମାର ଷଡ଼ଙ୍ଗୀ ଓ ସଂଗଠନ ସଂପାଦକ ଶଶିକାନ୍ତ ରାଉତ ଜଣାଇଛନ୍ତି ।

### ବନ୍ଦେ ମାତରମର ରାଷ୍ଟ୍ରଗାନ ୧୫୦ତମ ଅବସରରେ ସଂକଳ୍ପ

# ଆଗାମୀ ପୀଢ଼ି ପାଇଁ ଶିକ୍ଷାର ଉତ୍ସ ଭାବେ କାର୍ଯ୍ୟ କରିବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ସବ୍ୟୁ): ବନ୍ଦେ ମାତରମର ବିଜୟ ଧ୍ୱନି ସମଗ୍ର ଦେଶର ସ୍ୱାଧୀନତା ଆନ୍ଦୋଳନକୁ ଶକ୍ତିଶାଳୀ କରିଥିଲା ଓ ଜାତୀୟତାବୋଧକୁ ପ୍ରେରଣା ଦେଇଥିଲା । ବନ୍ଦେ ମାତରମର ୧୫୦ ତମ ବାର୍ଷିକୀ ଅବସରରେ ଏହି ଐତିହାସିକ ସାକ୍ଷୀ ହେଉଛୁ । ଏହା ଏମିତି ସମୟର ଗାଥା, ଯାହା ଇତିହାସର ଅଗଣିତ ଲୁଚି ରହିଥିବା ଘଟଣା ମଧ୍ୟରୁ ଗୋଟିଏ । ଆଜିର ଏହି ଆଲୋଚନା କେବଳ ଏହି ପବିତ୍ର ଗୃହର ପ୍ରତିବଦ୍ଧତାକୁ ପ୍ରକାଶ କରିବ ନାହିଁ, ବରଂ ଆଗାମୀ ପିଢ଼ି ପାଇଁ ଶିକ୍ଷାର ଏକ ଉତ୍ସ ଭାବରେ ମଧ୍ୟ କାର୍ଯ୍ୟ କରିପାରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ କହିଛନ୍ତି ।

ଆଜି ବିଧାନସଭାରେ ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତି ଅବସରରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏକ ସଂକଳ୍ପ ଆଗତ କରିଥିଲେ । ଏଥିରେ ଆଲୋଚନା କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, ଆମେ ସମ୍ବିଧାନର ୭୫ ବର୍ଷକୁ ବହୁତ ଗର୍ବର ସହିତ ପାଳନ କରିଛୁ । ଆଜି ଆମ ଦେଶ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏବଂ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜନ୍ମବାର୍ଷିକୀ ମଧ୍ୟ ପାଳନ କରୁଛି । ଆମେ ଗୁରୁ ତେଗ୍ ବାହାଦୁର୍ ଜୀଙ୍କ ୩୫୦ତମ ସହିଦ ଦିବସ ପାଳନ କରିଛୁ । ଆଜି ମଧ୍ୟ ଆମେ ବନ୍ଦେ ମାତରମର ୧୫୦ତମ ବାର୍ଷିକୀ ଅବସରରେ ଗୃହର ସାମୂହିକ ଶକ୍ତିକୁ ଅନୁଭବ କରୁଛୁ । ବନ୍ଦେ ମାତରମର ଏହି ୧୫୦ ବର୍ଷର ଯାତ୍ରା ଅନେକ ମାଇଲଖୁଣ୍ଟ ଦେଇ ଗତି କରିଛ ।

"ବନ୍ଦେ ମାତରମ୍' ଏକ ଗୀତ ନୁହେଁ, ଏହା ଭାରତର ଆତ୍ମା । କାରଣ ଏଇ ଗୀତ ଆମକୁ ମନେ ପକାଇ ଦିଏ ସଂଘର୍ଷ ଭରା ସ୍ୱାଧୀନତା ସଂଗ୍ରାମ ବିଷୟରେ । ଏହି ରାଷ୍ଟ୍ରଗୀତ ଆମ ଶିରା ପ୍ରଶିରାରେ ପ୍ରବାହିତ ହେଉଥିବା ରକ୍ତର ବେଗ, ଆଉ ଆମ ପ୍ରଶ୍ୱାସର ଗତି ସହିତ ଜଡିତ । ଜଣେ ସାଧାରଣ ସାହିତ୍ୟିକ ଯେପରି କୌଣସି ସଂକଳନ ରଚନା କରନ୍ତି, ବଙ୍କିମ ଚନ୍ଦ୍ର ସେପରି ଜଣେ ନଥିଲେ । ସେ ଶବ୍ଦରେ ଜୀବନ ଭରିଥିଲେ, ପ୍ରତ୍ୟେକ ପଦରେ ଅଗ୍ନି ଭରି ଦେଉଥିଲେ । ୧୮୭୫ ନଭେମ୍ବର ୭ରେ ଯେତେବେଳେ ତାଙ୍କ ଅମର କୃତି ଆନନ୍ଦ ମଠ ମାଧ୍ୟମରେ "ବନ୍ଦେ ମାତରମ୍' ପ୍ରଥମେ ପ୍ରକାଶିତ ହୋଇଥିଲା, ସେତେବେଳେ ଗୋଟେ ନୂଆ ଯୁଗର ଆରମ୍ଭ ହେଲା ।

ବଙ୍କିମ୍ ଚନ୍ଦ୍ରଙ୍କ ଆନନ୍ଦ ମଠ ଉପନ୍ୟାସ ଦେଶର ସ୍ୱାଧୀନତା ସଂଗ୍ରାମରେ ଗଭୀର ପ୍ରଭାବ ପକାଇଥିଲା । ଆନନ୍ଦ ମଠ ଉପନ୍ୟାସରେ ବନ୍ଦେ ମାତରମ୍ ଗୀତ ପ୍ରକାଶିତ ହୋଇଥିଲା । ୧୮୭୫ ମସିହା ଅକ୍ଷୟ ନବମୀ ନଭେମ୍ବର ୭ ତାରିଖରେ ଏହି ଗୀତ ଲେଖାଯାଇଥିଲା । ସେଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଏହାର ୧୫୦ ତମ ପୂର୍ତ୍ତି ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ୧୮୮୨ରେ ଆନନ୍ଦ ମଠ ପ୍ରକାଶିତ ହୋଇଥିଲା ଏବଂ ୧୮୯୬ରେ ରବୀନ୍ଦ୍ର ନାଥ ଠାକୁର ପ୍ରଥମେ ଏହି ଗୀତକୁ ପାଠ କରିଥିଲେ । ଏହି ସଂଗୀତ ଆମର ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ଉପରେ ଗଭୀର ରେଖାପାତ କରିଥିଲା । କାରଣ ପ୍ରଥମ ଥର ପାଇଁ ଭାରତ ଭୂ-ଖଣ୍ଡକୁ ଭାରତ ମାତା ରୂପେ ବର୍ଣ୍ଣନା କରି ଏହି ସଂଗୀତ ଲେଖାଯାଇଥିଲା । ମାତୃସ୍ୱରୂପା ମାତୃଭୂମି ଚିନ୍ତାଧାରା ସମସ୍ତଙ୍କ ଉପରେ ଗଭୀର ରେଖାପାତ କରିଥିଲା ଏବଂ ଦେଶବାସୀ ପ୍ରବଳ ଉତ୍ସାହ ଓ ଭାବବିହ୍ୱଳ ହୋଇ ଇଂରେଜ ବିରୋଧୀ ସଂଗ୍ରାମରେ ଯୋଗ ଦେଇଥିଲେ । ଲୋକଙ୍କ ଭିତରେ ଏହା ଏକ ବୈପ୍ଳବିକ ମନୋଭାବ ସୃଷ୍ଟି କରିଥିଲା । ଏହି ସଂଗୀତ ଏତେ ଲୋକପ୍ରିୟ ହୋଇଥିଲା, ବ୍ରିଟିଶ ସରକାର ଭୟଭୀତ ହୋଇ ଏହାକୁ ବ୍ୟାନ କରିଥିଲେ । ସ୍ୱାଧୀନତା ପରଠାରୁ ଯଦିଓ ରାଷ୍ଟ୍ରଗୀତ ଭାବେ ଏହାକୁ ମର୍ଯ୍ୟାଦା ଦିଆଯାଇଛି ।

ବନ୍ଦେ ମାତରମ୍ ୧୫୦ ବର୍ଷ ପୂର୍ତ୍ତି ଆମର ପ୍ରେରଣା, ଆମର ଶକ୍ତି । ଆମେ ୨୦୪୭ ରେ ଏକ ବିକଶିତ ଭାରତ ହାସଲ କରିବୁ । ଏହି ବନ୍ଦେ ମାତରମ୍ ଆମ ପାଇଁ ଏହି ସଂକଳ୍ପକୁ ପୁନରାବୃତ୍ତି କରିବାର ଏକ ମହାନ ସୁଯୋଗ । ବନ୍ଦେ ମାତରମ୍ ହେଉଛି ରାଷ୍ଟ୍ରର ପ୍ରକୃତ ଶକ୍ତି । ଏହା ଏକ ଚେତନା ଏବଂ ଆମ ଭାରତୀୟ ସଂସ୍କୃତିର ଅବିଚ୍ଛିନ୍ନ ପ୍ରବାହର ପ୍ରତିଫଳନ । ଏହି ସମୟ ବନ୍ଦେ ମାତରମ୍‌କୁ କେବଳ ମନେ ରଖିବାର ସମୟ ନୁହେଁ, ବରଂ ଏହି ସଂଗୀତରୁ ନୂତନ ଶକ୍ତି ଏବଂ ପ୍ରେରଣା ନେଇ ଆଗେଇ ଚାଲିବା ଉଚିତ ।

ଏ ବିଶ୍ୱରେ ଏମିତି କୌଣସି ଧର୍ମ ନାହିଁ ଯେଉଁ ଧର୍ମ ମା' ଙ୍କୁ ଅସମ୍ମାନ କରିବା ପାଇଁ ଶିକ୍ଷା ଦେଇଥାଏ । ଯେଉଁ ଗୀତକୁ ଗାଇ ସ୍ୱାଧୀନତା ସଂଗ୍ରାମୀମାନେ ନିଜକୁ ବଳିଦାନ ଦେଇଥିଲେ, ଆଜି ସମୟ ଆସିଛି ପୁନର୍ବାର ଏହି ଗୀତକୁ ମୁକ୍ତ କ=ରେ ଜୟଗାନ କରି ନୂଆ ଭାରତ ନିର୍ମାଣ କରିବାର ବେଳ । ବନ୍ଦେ ମାତରମ ଦେଶକୁ ଏକତାର ସୂତ୍ରରେ ବାନ୍ଧି ରଖିବାର ମନ୍ତ୍ର ହେଉ, ବିଭାଜନର ନୁହେଁ । ଏହି ଆଶା ଓ ବିଶ୍ୱାସ ସହିତ ଆପଣମାନେ ମୋତେ ଏହି ପବିତ୍ର ଗୃହରେ କହିବାର ସୁଯୋଗ ଦେଇଛନ୍ତି, ଏଥିପାଇଁ ମୁଁ ମୋର ଗଭୀର କୃତଜ୍ଞତା ପ୍ରକାଶ କରୁଛି । ଏହି ସଂକଳ୍ପ ଆଲୋଚନାରେ ବିଜେଡି ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଓ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଅଂଶଗ୍ରହଣ କରିଥିଲେ ।

# ବୁଣାକାରଙ୍କ ପ୍ରସଙ୍ଗ ଉଠିଲା

ଭୁବନେଶ୍ୱର,(ସବ୍ୟୁ): କୃଷି କ୍ଷେତ୍ରରେ ଓଡ଼ିଶା ଦେଶର ସର୍ବାଧିକ ଆୟ କରୁଛି । ଏହାସହ ହସ୍ତତନ୍ତ କ୍ଷେତ୍ରରେ ମଧ୍ୟ ଅଧିକ ଉତ୍ପାଦନ କରୁଛି । ରାଜ୍ୟରେ ଅର୍ଥନୀତି ବୃଦ୍ଧି କରିବାରେ ବୁଣାକାରମାନଙ୍କର ଭୂମିକା ରହିଛି । ତେବେ ସେମାନଙ୍କୁ ପ୍ରୋତ୍ସାହାନ ରାଶି ନମିଳିବାରୁ ସେମାନେ ବେଉଷା ବିପଦରେ ବୋଲି ବିଜେଡ଼ି ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଏମିତି ଅଭିଯୋଗ କରିଛନ୍ତି । ଶୂନ୍ୟକାଳରେ ଶ୍ରୀ ଆଚାର୍ଯ୍ୟ କହିଥିଲେ, ବରଗଡ଼, ସୋନପୁର, ବଲାଙ୍ଗୀର ସମେତ କଟକ ଏବଂ ଉପକୂଳ ଅଞ୍ଚଳରେ ହସ୍ତତନ୍ତକୁ ଗୁରୁତ୍ୱ ଦିଆଯାଉଛି । ପ୍ରତିବର୍ଷ ବୁଣାକାରଙ୍କ ସଂଖ୍ୟା କମି ଯାଉଛି । ଏହି ସଂଖ୍ୟା କାହିଁକି କମୁଛି? ତାହାର କିଛି କାରଣ ରହିଛି । ସମବାୟ ସଂସ୍ଥା ହଜାର ହଜାର ବୁଣାକାରଙ୍କୁ ପ୍ରୋତ୍ସାହିତ କରିଥିଲା । ବହୁ ସୋସାଇଟ ଏବେ ବନ୍ଦ ହୋଇଗଲାଣି । ସେହିପରି ରାଜ୍ୟରେ ସୂତାକଳ ଗୋଟିଏ ବି ଚାଲୁନି ଯେଉଁ ସୂତାକଳ ବନ୍ଦ ହୋଇଛି ତାର ପୁନରୁଦ୍ଧାର ସରକାର କରନ୍ତୁ ବୋଲି ସେ ଦାବି କରିଛନ୍ତି ।

# ସାହିତ୍ୟ ପତ୍ରିକା 'ପ୍ରତିବେଶୀ'ର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚିତ

ଭୁବନେଶ୍ୱର (ସବ୍ୟୁ): କୋଲକାତା ଅଗ୍ରଣୀ ସାଂସ୍କୃତିକ ପ୍ରତିଷ୍ଠାନ ଉତ୍କଳ ଶିକ୍ଷା ସଂସଦର ତ୍ରୟମାସିକ ସାହିତ୍ୟ ପତ୍ରିକା 'ପ୍ରତିବେଶୀ' ୨୦୨୫ ସ୍ୱତନ୍ତ୍ର ସଂଖ୍ୟା ସଲ୍ଟଲେକସ୍ଥିତ ସଂସଦର ସଂସ୍କୃତି ଭବନ ପରିସରରେ ପାଠକାର୍ପିତ ହୋଇଛି। ଏହି କାର୍ଯ୍ୟକ୍ରମରେ ସଂସଦର ଉପସଭାପତି ସୁଦର୍ଶନ ଜେନା, ପିତାମ୍ବର ବାରିକ, ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ସାହୁ, ଯୋଗେଶ ଚନ୍ଦ୍ର ପତି, ନିରୋଦ କୁମାର ସାହୁ ,ପ୍ରଫୁଲ୍ଲ କୁମାର ଦାସ, ଅଶ୍ୱିନୀ କୁମାର ପଲାଇ ଓ ବିଶାଳ ସାକସାରୀୟା ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍ୟୋକ୍ତା,ଶୁଭେଚ୍ଛୁ, ଉପଦେଷ୍ଟା ତଥା କାର୍ଯ୍ୟ ନିବାହୀ କମିଟିର ସଦସ୍ୟମାନଙ୍କ କରକମଳରେ ପ୍ରିୟ ପାଠକଙ୍କ ଉଦ୍ଦେଶ୍ୟରେ ଏହି ପ୍ରତିବେଶୀ ସଂଖ୍ୟା ପ୍ରକାଶ ପାଇଛି। ବରିଷ୍ଠ ଅନୁବାଦକ ପୀତାମ୍ବର ବାରିକଙ୍କ ବଳିଷ୍ଠ ସଂପାଦନାରେ ୪୨୦ ପୃଷ୍ଠାର ଏହି ପତ୍ରିକାର ଆକର୍ଷଣୀୟ ହେଉଛି ଅତୁଳ ବଳଙ୍କ ରଙ୍ଗୀନ୍ ପ୍ରଚ୍ଛଦ। ଏଥର ସଂଖ୍ୟାରେ ପୂର୍ବ ସଂଖ୍ୟାମାନଙ୍କ ଭଳି ଭରି ରହିଛି ବହୁ ନବୀନ ଓ ପ୍ରବୀଣ ସାରସ୍ୱତ ସ୍ରଷ୍ଟାଙ୍କ ସାଧନାର ଝଲକ। ଯାହା ଉଦ୍ଭାସିତ ହୋଇଛି ଅସଂଖ୍ୟ କବିତା, ଗଳ୍ପ, ଅନୁବାଦ ସାହିତ୍ୟ, ପ୍ରବନ୍ଧ, ଆଲୋଚନା, ପୁସ୍ତକ ସମୀକ୍ଷା ସହିତ ସ୍ୱତନ୍ତ୍ର ଉପସ୍ଥାପନା କବିତା ଓ ଗଳ୍ପରେ ନାରୀସ୍ୱର ଇତ୍ୟାଦି ଅନେକ। ଶ୍ରଦ୍ଧାଞ୍ଜଳି କ୍ରମରେ ପାଠକଙ୍କୁ ନିଶ୍ଚିତ ଭାବରେ ବିଭୋର କରିବ କବି ଦ୍ୱୟ ସ୍ୱର୍ଗତ କବି ରାଜେନ୍ଦ୍ର କିଶୋର ପଣ୍ଡା ଓ କବି ସଂକର୍ଷଣ ପରିଡ଼ାଙ୍କ ପ୍ରତି ସ୍ୱତନ୍ତ୍ର କାବ୍ୟିକ ଶ୍ରଦ୍ଧା ସୁମନ। ଏତଦ୍ ବ୍ୟତୀତ ଗବେଷଣା ଧର୍ମୀ ଲେଖା ସବୁ ପାଠକକୁ ଗଭୀରତମ ଚିନ୍ତାରାଇଜରେ ବୁଡାଇ ରଖିବ ଏହା ନି:ସନ୍ଦେହ। ବିମୁଗ୍ଧ ପାଠକ, ଗବେଷକ, ସାରସ୍ୱତ ସ୍ରଷ୍ଟା ଓ ପାଠାଗାରମାନଙ୍କ ଦ୍ୱାରା ଅବଶ୍ୟ ସଂଗ୍ରହଣୀୟ ପତ୍ରିକାଟିଏ ହେଉଛି ପ୍ରତିବେଶୀ। ପ୍ରତିବେଶୀ କେବଳ ଉତ୍କଳ ଶିକ୍ଷା ସଂସଦର ମୁଖପତ୍ର ନୁହେଁ, ଓଡ଼ିଶା ଓ ବାହାରେ ସମଗ୍ର ପାଠକଙ୍କ ମନରେ ଓଡିଆ ଭାଷା,ଶିକ୍ଷା, ସାହିତ୍ୟ ଓ ସଂସ୍କୃତିର ସ୍ୱାଭିମାନ ବାଣ୍ଟୁଥିବା କିମ୍ବଦନ୍ତୀଟିଏ।




### କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଭେଟିଲେ ସାଉଦି ଆରବର ଶିକ୍ଷାମନ୍ତ୍ରୀ

# ଶିକ୍ଷା ଏବଂ ଗବେଷଣାରେ ଭାରତ ଓ ସାଉଦି ଆରବ ସହଯୋଗ ହେବ ଅଧିକ ମଜବୁତ୍ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ସାଉଦି ଆରବର ଶିକ୍ଷା ମନ୍ତ୍ରୀ ୱାଇ.ବି ଅବଦୁଲ୍ଲା ଅଲ୍-ବେନିଆନ ଆଜି ନୂଆଦିଲ୍ଲୀ ଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସାକ୍ଷାତ କରିଛନ୍ତି । ଶିକ୍ଷା ଏବଂ ଗବେଷଣାରେ ଭାରତ-ସାଉଦି ଆରବ ସହଯୋଗକୁ ଆହୁରି ମଜବୁତ କରିବା ଦିଗରେ ଉଭୟ ମନ୍ତ୍ରୀ ଚର୍ଚ୍ଚା କରିଛନ୍ତି । ଏହି ଆଲୋଚନା କାଳରେ ଦୁଇ ଦେଶ ମଧ୍ୟରେ ଶିକ୍ଷା, ଉଦ୍ଭାବନ ତଥା ଗବେଷଣା କ୍ଷେତ୍ରରେ ସହଯୋଗକୁ ଆହୁରି ଗଭୀର କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଦୁଇ ଦେଶ ମଧ୍ୟରେ ଥିବା ଦ୍ୱିପାକ୍ଷିକ ସମ୍ପର୍କକୁ ଏକ ନୂତନ ସ୍ତରକୁ ନେବା ପାଇଁ ସାଉଦି ଆରବରେ ଭାରତୀୟ ବିଶ୍ୱବିଦ୍ୟାଳୟଗୁଡ଼ିକର ଏବଂ ଭାରତରେ ସାଉଦି ବିଶ୍ୱବିଦ୍ୟାଳୟଗୁଡ଼ିକର ବିଦେଶୀ କ୍ୟାମ୍ପସ୍ ସ୍ଥାପନ କରିବା ଉପରେ ଆଲୋଚନା କରାଯାଇଥିଲା । ବିଶେଷକରି ଉଦୀୟମାନ ଏବଂ ନୂତନ ଯୁଗର ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ମିଳିତ ଗବେଷଣା ଆରମ୍ଭ କରିବା ପାଇଁ ଆଲୋଚନା ହୋଇଥିଲା । ସାଉଦି ଆରବରେ ଅଧିକ ସଂଖ୍ୟକ ସିବିଏସଇ ବିଦ୍ୟାଳୟ ଖୋଲିବାର ସମ୍ଭାବନା ଉପରେ ମଧ୍ୟ ବୈଠକରେ ଆଲୋକପାତ ହୋଇଥିଲା । ଶ୍ରୀ ପ୍ରଧାନ ସାଉଦି ଛାତ୍ରଛାତ୍ରୀମାନଙ୍କୁ ଭାରତରେ ଅଧ୍ୟୟନ କରିବା ପାଇଁ ଆମନ୍ତ୍ରଣ କରିଥିଲେ, ଯାହା ଉଭୟ ଦେଶ ମଧ୍ୟରେ ଜ୍ଞାନ ଏବଂ ସାଂସ୍କୃତିକ ଆଦାନପ୍ରଦାନକୁ ସୁଗମ କରିବ । ଶ୍ରୀ ପ୍ରଧାନ କହିଥିଲେ ଯେ ଭାରତର 'ବିକଶିତ ଭାରତ ୨୦୪୭' ଏବଂ ସାଉଦିର 'ଭିଜନ ୨୦୩୦' ର ଶିକ୍ଷାଗତ ପ୍ରାଥମିକତାରେ ଦୃଢ଼ ସମନ୍ୱୟ ରହିଛି । ଆଜିର ବୈଠକ ଭାରତ ଏବଂ ସାଉଦି ଆରବ ମଧ୍ୟରେ ଜ୍ଞାନ ଭାଗିଦାରୀକୁ ଆହୁରି ମଜବୁତ କରିବା, ସାଂସ୍କୃତିକ ଆଦାନପ୍ରଦାନକୁ ସୁବିଧାଜନକ କରିବା, ମିଳିତ ଆକାଂକ୍ଷାକୁ ସାକାର କରିବା ଏବଂ ଉଭୟ ଦେଶକୁ ଜ୍ଞାନ-ପରିଚାଳିତ ତଥା ବିଶ୍ୱ ସ୍ତରରେ ପ୍ରତିଯୋଗୀତାମୂଳକ ସମାଜରେ ପରିଣତ କରିବା ପାଇଁ ଏକ ଉତ୍କୃଷ୍ଟ ସୁଯୋଗ ଥିଲା ।ଏହି ଆଲୋଚନା ଦୁଇ ରାଷ୍ଟ୍ରର ଶିକ୍ଷା କ୍ଷେତ୍ରରେ ଏକ ଉଜ୍ଜ୍ୱଳ ଭବିଷ୍ୟତର ସଙ୍କେତ ଦେଉଛି ବୋଲି ସେ ପରିପ୍ରକାଶ କରିଛନ୍ତି ।



# ପୋଲ ତଳକୁ ଖସିଲା ବାଇକ : ୨ ମୃତ

ଶରଣକୂଳ , (ସବ୍ୟୁ): ନୟାଗଡ଼ ଜିଲା ଓ ଆଦର୍ଶ ଥାନା ଗିରିଡିପଲ୍ଲୀରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ପୋଲତଳକୁ ବାଇକ ଖସି ପଡ଼ିବାରୁ ୨ଜଣଙ୍କର ମୃତ୍ୟୁ ହୋଇଛି । ମୃତକ ୨ ଜଣ ଧଝୋଲା ଗ୍ରାମର ଫକୀର ନାୟକ (୪୫)ଓ ରାଜେନ୍ଦ୍ର ନାୟକ(୪୦)ଙ୍କ ବୋଲି ଜଣାଯାଇଛି । ଉଭୟେ ନିକଟସ୍ଥ ବେଲଦୁଆର ଗ୍ରାମରୁ ଗୋଟିଏ ବାଇକରେ ଫେରୁଥିବା ବେଳେ ତୋଦିଗାଡ଼ିଆ ଗ୍ରାମ ନିକଟରେ ରାସ୍ତାରେ ଥିବା ଏକ ଶଙ୍ଖ ସହିତ ଦୁର୍ଘଟଣା ଗ୍ରସ୍ତ ହୋଇ ପୋଲ ତଳକୁ ଖସି ପଡ଼ିଥିଲେ । ହେଲେ ଉଭୟେ ଦୁର୍ଘଟଣାଗ୍ରସ୍ତ ହୋଇ ସମ୍ଭବତଃ ଚେତାଶୂନ୍ୟ ଅବସ୍ଥାରେ ରାତି ସାରା ପୋଲ ତଳେ ପଡ଼ିଥିବା ବେଳେ କାହାର ନଜର ପଡ଼ି ନ ଥିଲା । ଅନ୍ୟପକ୍ଷେ ମଙ୍ଗଳବାର ସକାଳୁ ଏନେଇ ବାହାଡାଝୋଲା ଫାଣ୍ଡି ପୋଲିସ ସୂଚନା ପାଇ ସ୍ଥାନୀୟ ଦମକଳ ବାହିନୀ ସାହାଯ୍ୟରେ ଉଭୟଙ୍କୁ ଓଡଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିବା ବେଳେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ଦୁର୍ଘଟଣା ଗ୍ରସ୍ତ ବାଇକ ଜବତ କରିବା ସହିତ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି ।



ସର୍ବ ଭାରତୀୟ ବନ୍ଧୁକ ଚାଳନା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ ପାଇଁ ଅବସରପ୍ରାପ୍ତ ପୋଲିସ ସଂଘର କୋଷାଧ୍ୟକ୍ଷ ରାଧାନାଥ ମହାପାତ୍ରଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧନା

# ଦଣ୍ଡନାଚ ଓ ପହ୍ଲାଦ ନାଟକକୁ ୟୁନେସ୍କୋ ବିଶ୍ୱ ଐତହ୍ୟ ମାନ୍ୟତା ପ୍ରଦାନ ପାଇଁ ଗଞ୍ଜାମ ପ୍ରଶାସନ ଅଣ୍ଟା ଭିଡିଲା

ଛତ୍ରପୁର, (ସବ୍ୟୁ) : ଗଞ୍ଜାମ ଜିଲା କଳା ଓ ସଂସ୍କୃତିର ପରିଚୟ । ଦଣ୍ଡନାଚ ଓ ପ୍ରହ୍ଲାଦ ନାଟକ ୟୁନେସ୍କୋ ବିଶ୍ୱ ଐତହ୍ୟ ମାନ୍ୟତା ପ୍ରଦାନ କରିବା ନେଇ ଗଞ୍ଜାମ ପ୍ରଶାସନ ଅଣ୍ଟା ଭିଡିଛି । ଦେଶ ବିଦେଶରେ ଲୋକକଳା ଓ ଲୋକନୃତ୍ୟରେ ଗଞ୍ଜାମ ଜିଲାର ସ୍ୱତନ୍ତ୍ର ପରିଚୟ ରହିଛି । ଏପରିକି ଏହି ଲୋକନାଟକ ଦେଶ ବିଦେଶରେ ପରିବେଷଣ କରାଯାଇ ଗଞ୍ଜାମ ଜିଲା ପ୍ରଶଂସାର ପାତ୍ର ମଧ୍ୟ ହୋଇପାରିଛି । ଗଞ୍ଜାମ ଜିଲାର ଦଣ୍ଡନାଚ ଓ ପ୍ରହ୍ଲାଦ ନାଟକକୁ ଜାତୀୟ ସ୍ତରରେୟୁନେସ୍କୋ ମାନ୍ୟତା ପାଇଲେ ବିଶ୍ୱ ବିଦିତ ହୋଇପାରିବ । ଏହି ଅବସରରେ ଏହି ଦୁଇଟିକୁ କିପରିୟୁନେସ୍କୋ ମାନ୍ୟତା ମିଳିବ ସେନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲାପାଳ ଭି. କୀର୍ତ୍ତି ଭାସନ ଅଧ୍ୟକ୍ଷତା କରିଥିଲେ । ଜିଲାରେ ପ୍ରାୟ ୬୨ରୁ ଅଧିକ ଲୋକନାଟକ ରହିଥିବା ବେଳେ ଦଣ୍ଡନାଚ ଓ ପ୍ରହ୍ଲାଦ ନାଟକ ସ୍ୱତନ୍ତ୍ର ପରିଚୟ ରହିଛି । ଏହି ଦୁଇ ଲୋକକଳାକୁ ୟୁନେସ୍କୋ ମାନ୍ୟତା ମିଳିବା ନେଇ ପୂର୍ବରୁ ମଧ୍ୟ ବୈଠକ ହୋଇସାରିଥିବା ବେଳେ କମିଟି ମଧ୍ୟ ଗଠନ ହୋଇଥିବା ବୈଠକରେ ଆଲୋଚନା କରାଯାଇଥିଲା । ଆସନ୍ତା ୩୦ ତାରିଖ ମଧ୍ୟରେ ଦୁଇଟି ଲୋକକଳା ବିଷୟରେ ବିଭିନ୍ନ ତଥ୍ୟକୁ ନେଇ ଏକ ଡକ୍ୟୁମେଣ୍ଟାରୀ ପ୍ରସ୍ତୁତ କରି ପ୍ରଦାନ କରିବାକୁ କୁହାଯାଇଛି ।

ଏହି ଡକ୍ୟୁମେଣ୍ଟାରୀ ଏକ ଏକ୍ସପୋର୍ଟ କମିଟିକୁ ପ୍ରଦାନ କରିବେ ବୋଲି ଜିଲାପାଳ କହିଥିଲେ । ପରେ ଏହା ଫାଇନାଲ କରାଯାଇ କେନ୍ଦ୍ର ସଂସ୍କୃତି ମନ୍ତ୍ରାଳୟ ନିକଟକୁ ପଠାଯିବ । ବୈଠକରେ ବହୁ ସଂସ୍କୃତି ବିଶେଷଜ୍ଞ ଓ ଗବେଷକ ମାନେ ଯୋଗଦେଇ ଏହି ନୃତ୍ୟକୁ କିଏ ରଚନା କରିଥିଲେ । ଏହି ନୃତ୍ୟ ବିଷୟରେ ତାଳପତ୍ର ପୋଥିରେ ଥିବା ବିଭିନ୍ନ ତଥ୍ୟ ସଂଗ୍ରହ କରିଥିବା କହିଥିଲେ ।

ଦଣ୍ଡନାଚ ପାଇଁ ସଂସ୍କୃତି ଗବେଷକ ବାୟା ମନୁ ଚର୍ଚ୍ଚି ଗବେଷଣା କରୁଥିବା ବେଳେ ପହ୍ଲଲାଦ ନାଟକକୁ ଡ. ଲମ୍ବୋଧର ପୃଷ୍ଟି ଗବେଷଣା କରୁଥିବା କୁହାଯାଇଛି । ପୂର୍ବରୁ ମୟୁରଭଞ୍ଜର ଛଉ ନୃତ୍ୟୁକୁୟୁନେସ୍କୋ ମାନ୍ୟତା ମିଳିସାରିଥିବା ବେଳେ ପୁରୀର ରଥଯାତ୍ରା ଓ କଟକର ବାଲି ଯାତ୍ରାକୁୟୁନେସ୍କୋ ମାନ୍ୟତା କେନ୍ଦ୍ରକୁ ଦଲିଲ ଦସ୍ତାବିଜ ପଠାସାରିଥିବା ବୈଠକରେ ଆଲୋଚନା ହୋଇଥିଲା । କିପରି ଜିଲାର ଏହି ଦୁଇ ନାଚକୁୟୁନେସ୍କୋ ମାନ୍ୟତା ମିଳିବ ସେନେଇ ଏକ ଭଲ ଡକୁମେଣ୍ଟାରୀ ପ୍ରସ୍ତୁତ କରିବାକୁ କୁହାଯାଇଛି ।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଭାରପ୍ରାପ୍ତ ସଂସ୍କୃତି ଅଧିକାରୀ ଅଦିତ୍ୟ ଆଚାର୍ଯ୍ୟ, ଅବସରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ ରବିନାରାୟଣ ବେହେରା, ଆଞ୍ଚଳିକ ନିର୍ଦ୍ଦେଶକ ଉଚ୍ଚ ଶିକ୍ଷା ବିଭାଗ ସିଦ୍ଧାର୍ଥ ଶଙ୍କର ପାଢୀ, ଐତିହାସିକ ଗବେଷକ ଡ. ଅନନ୍ତରାମ କର, ଡ. ଲମ୍ବୋଧର ପାଣିଗ୍ରାହୀ, ସଂସ୍କୃତି ଗବେଷକ ବାୟା ମନୁ ଚର୍ଚ୍ଚି, ଡ. ଏ. ଆପା ରାଓ ପ୍ରମୁଖ ଉପସ୍ଥିତ ଥିଲେ ।

# ମୟୂରଭଞ୍ଜ ଛଉନୃତ୍ୟର ଯୁଗାନ୍ତକାରୀ ଅଧ୍ୟାୟ

# ଏକକାଳୀନ ୫ ନୃତ୍ୟ ଶିଳ୍ପୀ ତଥା ବାଦ୍ୟଗୁରୁଙ୍କୁ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର




ବାରିପଦା, (ସବ୍ୟୁ) : ଓଡିଶା ରାଜ୍ୟର କୋଣ ଅନୁକୋଣରେ ଥିବା ଲୋକକଳା, ଲୋକସଂଗୀତ, ଓଡିଶାର ସଂସ୍କୃତି, କଳା ଓ ସ୍ଥାପତ୍ୟକୁ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ଠିକ୍ ସେହିପରି ମୟୂରଭଞ୍ଜ ଜିଲ୍ଲାର ଛଉନୃତ୍ୟ କେବେ ଦିନେ ରାଜ ପୃଷ୍ଠପୋଷକତା ଲାଭ କରି ଏହି ମାଟିକୁ ବିଶ୍ୱ ଦରବାରରେ ଏହି ମହାନ କଳା ପାଇଁ, ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ମୟୂରଭଞ୍ଜ ଛଉନୃତ୍ୟରେ ଅର୍ନ୍ତନିହିତ ରହିଥିବା ବୀର ରସ, ସାମରିକ କୌଶଳ ଏବଂ ବଳିଷ୍ଠ ସାମରୀକ ଭଙ୍ଗୀ ସହିତ ବୀର ବାଦ୍ୟର ସାମଞ୍ଜସ୍ୟ ବେଶ୍ ଚିତାକର୍ଷକ ହୋଇଥାଏ।

ଛଉନୃତ୍ୟର ଏକୁଡିଶାଳ ବାରିପଦାଠାରେ ଏହାର ବିକାଶ ଓ ପ୍ରଚାର କ୍ଷେତ୍ରରେ ମୟୂରଭଞ୍ଜ ଛଉନୃତ୍ୟ ପ୍ରତିଷ୍ଠାନ ପ୍ରତିଷ୍ଠିତ ହୋଇଥିଲେ ହେଁ, କୌଣସି ନା କୌଣସି କାରଣରୁ ଅବହେଳିତ ହୋଇ ଏହା ସୁପ୍ତ ହୋଇପଡିଥିବା ଅବସ୍ଥାରେ କିଛି ଛଉପ୍ରେମୀ, କିଛି ଛଉ ସଂଗଠକ ତଥା ଜିଲ୍ଲା ପ୍ରଶାସନର ମିଳିତ ପ୍ରଚେଷ୍ଟାରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ୨୦୨୨ ମସିହାରେ ପୁଣିଥରେ ଛଉକଳାକାର ମାନଙ୍କ ଜିବନ ଜୀବିକା ତଥା ଛଉନୃତ୍ୟର ବିକାଶ ପାଇଁ ଓଡିଶା ସଂଗୀତ ନାଟକ ଏକାଡେମୀ, ଭୁବନେଶ୍ୱରଙ୍କ ଅନୁରୋଧରେ ବାରିପଦା ଠାରେ ଖୋଲା ଯାଇଥିଲା। ଛଉ ତାଲିମ କେନ୍ଦ୍ର ଏବଂ ଏହି କଳାକୁ ଆଗକୁ ନେବା ପାଇଁ ମନୋନ୍ମୀତ ହୋଇଥିଲେ ଛଉର ବିଶେଷଜ୍ଞ ପ୍ରତିନିଧି। ଇତି ଅବସରରେ ୨୦୨୪ ମସିହାରେ ସରକାର ପରିବର୍ତ୍ତନ ହୋଇଯିବା ଫଳରେ ଉକ୍ତ ତାଲିମ କେନ୍ଦ୍ର ସ୍ୱଳ୍ପ ସମୟ ପର୍ଯ୍ୟନ୍ତ ବନ୍ଦ ରହିଥିବା ସ୍ଥଳେ ଏହାକୁ ଖୁବ୍‌ଶୀଘ୍ର କିପରି କାର୍ଯ୍ୟକାରି କରାଯାଇ ପାରିବ ସେନେଇ କାର୍ଯ୍ୟରତ ରହିଛନ୍ତି ଜିଲ୍ଲାକୁ ପ୍ରତିନିଧିତ୍ୱ କରୁଥିବା ବ୍ୟକ୍ତିତ୍ୱ ଲଡୁକେଶ୍ୱର ରଣା। ସନ୍ ୧୯୯୬ ମସିହାରେ ପୁନଃବାର ୨୦୨୫ ମସିହାରେ ଏକକାଳୀନ ୫ଜଣ ଦକ୍ଷ ଶିଳ୍ପୀଙ୍କୁ ଛଉନୃତ୍ୟ ଓ ବାଦ୍ୟ ପାଇଁ ରାଜ୍ୟ ସଂଗୀତ ନାଟକ ଏକାଡେମୀ ପୁରସ୍କାର ପାଇବାର ଶେୟ କେବଳ ଆଉ କେବଳ ଜିଲ୍ଲାର ରାଜ୍ୟ ପ୍ରତିନିଧିଙ୍କ ବ୍ୟକ୍ତିଗତ ପ୍ରଚେଷ୍ଟା ବଳରେ ସମ୍ଭବ ହୋଇପାରିଛି। ଯିଏ କି, ବାରମ୍ବାର ବାରମ୍ବାର ଓଡିଶା ସଂଗୀତ ନାଟକ ଏକାଡେମୀର ସଚିବଙ୍କ ଦୃଷ୍ଟି ଆକର୍ଷଣ କରି ରାଜ୍ୟ ସାଧାରଣ ବୈଠକରେ ବ୍ୟକ୍ତିଗତ ଭାବେ ସ୍ୱର ଉତ୍ତୋଳନ କରି ଏହି ଗୌରବ ଆଣି ପାରିବାରେ ସକ୍ଷମ ହୋଇଛନ୍ତି। ଏନେଇ ସମସ୍ତ ଛଉପ୍ରେମୀ ଏବଂ ଛଉ କଳାକାର ତଥା ସଂଗଠକ ମାନେ ଶ୍ରୀ ରଣାଙ୍କୁ ସାଧୁବାଦ ଜ୍ଞାପନ କରିବା ସଙ୍ଗେ ସଙ୍ଗେ ଓଡିଶା ସଂଗୀତ ନାଟକ ଏକାଡେମୀର ସଚୀବ, ଅଧ୍ୟକ୍ଷ ତଥା ସଂସ୍କୃତିମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଅନେକ ଅନକେ ଧନ୍ୟବାଦ ଜ୍ଞାପନ କରିଛନ୍ତି ଏବଂ ଏହି ପ୍ରକ୍ରିୟା ପ୍ରତିବର୍ଷ ଜାରି ରହୁ, ପ୍ରତିବର୍ଷ କେହି ନା କେହି ଛଉନୃତ୍ୟ ପ୍ରତିଭାଙ୍କୁ ଏହି ସମ୍ମାନ ପ୍ରାପ୍ତ ହେଉ, ଯାହା ଫଳରେ ଅବଲୁପ୍ତପ୍ରାୟ ଏହି କଳା ଉଦ୍‌ଯିବିତ ହୋଇ ବହୁବର୍ଷ ରହୁ ବୋଲି ମତବ୍ୟକ୍ତ କରିଛନ୍ତି। ଚଳିତବର୍ଷ ପୁରସ୍କୃତ ହୋଇଥିବା ବ୍ୟକ୍ତିତ୍ୱ ମାନେ ହେଲେ ଢୋଲ ବାଦ୍ୟ ପାଇଁ ଗୁରୁ ବିଘ୍ନରାଜ ଧଡା, ମହୁରୀ ବାଦ୍ୟ ପାଇଁ ଗୁରୁ ବିରଞ୍ଚି ମହାନ୍ତ, ଛଉ ନୃତ୍ୟଶିଳ୍ପୀ ସୁଶାନ୍ତ ବେହେରା, ସଚିନା ଧଡା, ଶିବ ଚରଣ ମହାନ୍ତ ପ୍ରମୁଖ।

# ବାଇକ୍ ଦୁର୍ଘଟଣାରେ କୁଟୁରା ମୃତ, ଦୁଇ ଗୁରୁତର

ଭଞ୍ଜନଗର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ଉତ୍ତର ଘୁମୁସର ବନଖଣ୍ଡ ମୁଜାଗଡ ବନାଞ୍ଚଳରେ ଥିବା ସୋରଦେବୀ ମନ୍ଦିର ନିକଟରେ ମଙ୍ଗଳବାର ବାଇକ୍ ଧକ୍କାରେ ଏକ କୁଟୁରାର ମୃତ୍ୟୁ ଘଟିଛି । ଖବର ନେବାରେ ଉଦୟଗିରିରୁ ଭଞ୍ଜନଗର ଅଭିମୁଖେ ଦ୍ରୁତଗତିରେ ଆସୁଥିବା ବେଳେ ହଠାତ କୁଟୁରାଟି ରାସ୍ତା ଉପରକୁ ଆସିଯିବାରୁ ବାଇକ୍‌ଟି ଭାରସାମ୍ୟ ହରାଇ କୁଟୁରାଟିକୁ ଧକ୍କା ଦେବା ଫଳରେ ବାଇକ ଚାଳକ ଓ ସହେଯୋଗୀ ସହ କୁଟୁରାଟି ମଧ୍ୟ ଗୁରୁତର ହୋଇ ପଡିଥିଲେ । ଗୁରୁତର ଆହାତ ମାନେ କନ୍ଧମାଳ ଜିଲ୍ଲା ଉଦୟଗିରି ଥାନା ମାଲିକପୁରର ସୁର ପୁରଜ କୁମାର ପ୍ରଧାନ ଓ ଗୋକୁଳାନନ୍ଦ ନାୟକ ।

ଉଭୟ ଭୟଙ୍କୁ ଭଞ୍ଜନଗର ପୁଲିସ ଉଦ୍ଧାର କରି ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରିଥିବାବେଳେ କୁଟୁରାଟି ମଧ୍ୟ ଗୁରୁତର ଅବସ୍ଥାରେ ମୃତ୍ୟୁ ଘଟିଥିଲା । ବନବିଭାଗ କୁଟୁରାର ମୃତ ଦେହ ଜବତ କରି ବ୍ୟବଚ୍ଛେଦ କରି ପୋତି ଦେଇଥିଲେ ।

# ବିଜେପି ପକ୍ଷରୁ 'ଘରେ ଘରେ ସ୍ୱଦେଶୀ ଅଭିଯାନ'



ବାରିପଦା, (ସବ୍ୟୁ) : ବିଜେପି ବାରିପଦା ନଗର ଶାଖା ପକ୍ଷରୁ ଇତି ମଧ୍ୟରେ ଜୋରସୋରରେ "ଘରେ ଘରେ ସ୍ୱଦେଶୀ, ପ୍ରତି ଘରେ ସ୍ୱଦେଶୀ ଅଭିଯାନ ଆରମ୍ଭ କରାଯାଇଛି । ଅଭିଯାନରେ ସାମିଲ ଦଳୀୟ ନେତୃବୃନ୍ଦ ଓ କର୍ମକର୍ତ୍ତା ମାନେ ପ୍ରତି ଘରେ, ପରିବାରରେ, ଅନୁଷ୍ଠାନରେ, ବ୍ୟାବସାୟିକ ପ୍ରତିଷ୍ଠାନରେ ସର୍ବତ୍ର ସ୍ୱଦେଶୀ ସାମଗ୍ରୀଚୟର ବ୍ୟବହାରକୁ ସର୍ବୋଚ୍ଚ ପ୍ରାଥମିକତା ଓ ଅଗ୍ରାଧିକାର ଦେବାକୁ ଘରକୁ ଘରଯାଇ ଲୋକଙ୍କୁ ବୁଝାଉଥିବା ଲକ୍ଷ୍ୟ କରାଯାଉଛି ।

ବିଜେପି ରାଜ୍ୟ ପ୍ରବକ୍ତା କବିବିଷ୍ଣୁ ଶତପଥୀ, ଜିଲ୍ଲା ଉପସଭାନେତ୍ରୀ ଶୋଭାବତୀ ଓତା, ଦୁଇ ନଗର ମଣ୍ଡଳ ସଭାପତି ସୁବ୍ରତ ମୁଖୀ ଓ ଶ୍ରଦ୍ଧାଞ୍ଜଳି ପଣ୍ଡା ତଥା ବରିଷ୍ଠ ନେତା ରସିକାନନ୍ଦ ମିଶ୍ର, ଶମ୍ଭୁନାଥ ସାହୁ, ସୌମ୍ୟ ରଞ୍ଜନ ମିଶ୍ର, ବିକାଶ ରଞ୍ଜନ ବାରିକ, ଇନ୍ଦୁଭୂଷଣ ଜେନା, ସତ୍ୟ ରଞ୍ଜନ ବେହେରା ଓ ପ୍ରଦ୍ୟୁତ ଦାସ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି ନଗର-ବ୍ୟାପୀ ବ୍ୟାପକ ଜନ-ସମ୍ପର୍କ ଅଭିଯାନରେ ବହୁ ଦଳୀୟ କର୍ମୀ ସାମିଲ ହୋଇ ସ୍ୱଦେଶୀ ଜିନିଷ ବ୍ୟବହାର ସମ୍ପର୍କିତ ଏକ ସଂକଳ୍ପ ପତ୍ରରେ ଲୋକଙ୍କୁ ସ୍ୱାକ୍ଷର କରାଉଛନ୍ତି । ବିଜେପି ନେତାମାନେ ଓ୍ୱାର୍ଡ ଓ୍ୱାର୍ଡ ବୁଲି ଉତ୍ସାହର ସହ ଏହି କାର୍ଯ୍ୟକ୍ରମ ଚଳାଉଥିବା ବେଳେ ଏଥିନେଇ ସାଧାରଣରେ ବେଶ ଅନୁକୂଳ ପ୍ରତିକ୍ରିୟା ମିଳୁଥିବା ଦଳୀୟ ସୂତ୍ରରୁ ପ୍ରକାଶ ।

# ଗ୍ରାମକଣ୍ଟକ ପଟ୍ଟା ନିମନ୍ତେ ଆବେଦନ ତାରିଖ ଅବଧି ବୃଦ୍ଧି

ଛତ୍ରପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲାର ଗ୍ରାମ କଣ୍ଟକ ହିତାଧିକାରୀଙ୍କ ନିମନ୍ତେ ଖୁସି ଖବର । ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମ କଣ୍ଟକ ପଟ୍ଟା ନିମନ୍ତେ ଆବେଦନକାରୀଙ୍କ ଅବଧି ତାରିଖ ସମୟ ସୀମାକୁ ବୃଦ୍ଧି କରାଯାଇଛି । ଏହା ଆସନ୍ତା ୨୦୨୭ ମାର୍ଚ୍ଚ ୩୧ କୁ ଅବଧିର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି ବୋଲି ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ( ରାଜସ୍ୱ) ଦେବଦତ୍ତ ପଣ୍ଡା ସୂଚନା ଦେଇଛନ୍ତି ।

ପୂର୍ବରୁ ଗ୍ରାମ କଣ୍ଟକ ପଟ୍ଟା ନିମନ୍ତେ ହିତାଧିକାରୀଙ୍କ ନିମନ୍ତେ ଆବେଦନ ତାରିଖ ୨୦୨୫ ମାର୍ଚ୍ଚ ୩୧କୁ ସମୟ ସୀମା ରହିଥିବା ବେଳେ ଜିଲ୍ଲାର ହିତାଧିକାରୀ ସୁବିଧା ନିମନ୍ତେ ସମୟ ସୀମାକୁ ବୃଦ୍ଧି କରିବା ନିମନ୍ତେ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଥିଲା । ଏନେଇ ହିତାଧିକାରୀଙ୍କ ହିତକୁ ଦୃଷ୍ଟି ରଖି ଆବେଦନ ତାରିଖକୁ ପରିବର୍ତ୍ତନ କରି ଏହାକୁ ୨୦୨୭ ମାର୍ଚ୍ଚ ୩୧ ତାରିଖ ନିମନ୍ତେ ଅବଧିକୁ ବୃଦ୍ଧି କରାଯାଇଛି । ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ପତ୍ର ସଂଖ୍ୟା ୪୩୬୭୧ ତା ୧୯. ୧୧. ୨୦୨୫ ରେ ଆସିଛି । ଗଞ୍ଜାମ ଜିଲ୍ଲାରେ ବର୍ତ୍ତମାନ ୩୦ ହଜାରରୁ ଅଧିକ ଗ୍ରାମ କଣ୍ଟକମାମଲା ଗୁଡିକ ଫଇସଲା ନିମନ୍ତେ ପେଣ୍ଡିଙ୍ଗ ରହିଥିବା ରାଜସ୍ୱ ବିଭାଗ ପକ୍ଷରୁ ସୂଚନା ମିଳିଛି ।

# ୧୩ରୁ ୨ଦିନିଆ ଜାତୀୟସ୍ତରୀୟ ମହାରାଜା ସେଭେନ୍ସ ରଗବୀ ଟୁର୍ଣ୍ଣାମେଣ୍ଟ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଫାଉଣ୍ଡେସନ ଓ ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ମିଳିତ ଆନୁକୂଲ୍ୟରେ ତଥା ମୟୂରଭଞ୍ଜ ଏଥଲେଟିକ ଏସୋସିଏସନର ସହଯୋଗରେ ଜାତୀୟ ସ୍ତରୀୟ ମହାରାଜା ସେଭେନ୍ସ ରଗବୀ ଟୁର୍ଣ୍ଣାମେଣ୍ଟ ଚଳିତ ମାସ ୧୩ ଓ ୧୪ତାରିଖରେ ବାରିପଦା ଷ୍ଟାଡିୟମ ପଡିଆରେ ଅନୁଷ୍ଠିତ ହେବାକୁ ଯାଉଅଛି।

ଏହି ଅବସରରେ ବେଲଗଡ଼ିଆ ରାଜପ୍ରାସାଦରେ ମୟୂରଭଞ୍ଜ ଫାଉଣ୍ଡେସନର ଅଧ୍ୟକ୍ଷା ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଥର ପାଇଁ ମହାରାଜା ଶ୍ରୀରାମ ଚନ୍ଦ୍ର ଭଂଜଦେଓଙ୍କ ସ୍ମୃତିରେ ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ଉପରେ ମହାରାଣୀ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ପୁରୁଷ ବିଭାଗରେ ବାରିପଦା, ଓଡିଶାର ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀ, କଳିଙ୍ଗ ରଗବୀ ଟିମ, କୋଲକାତାର ଫ୍ୟୁଚର ହୋପ ହାର୍ଲିକିନ ଓ ଫ୍ୟୁଚର ହୋପ ଯାକେଲ, କୋଲକାତା ପୋଲିସ, ତାମିଲନାଡୁ ପୋଲିସ, ଝାଡ଼ଖଣ୍ଡ ହାକ୍ସ, ଦିଲ୍ଲୀ ହରିକେନ୍ସ ଓ ମୁମ୍ବାଇ ମାଜିସିଆନ ଏବଂ ମହିଳା ବିଭାଗରେ ଫ୍ୟୁଚର ହୋପ, କୋଲକାତା ପୋଲିସ, କଳିଙ୍ଗ ରଗବୀ, ସରସ୍ୱତୀପୁର ସିଲିଗୁରି, ଆସାମ, ବାରିପଦା, ଓଡିଶାର ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀ ଅଂଶଗ୍ରହଣ କରିବେ ବୋଲି ସହ ଆୟୋଜକ ଦିବ୍ୟ ରଞ୍ଜନ ଦାସ ପ୍ରକାଶ କରିଥିଲେ।

ପ୍ରତ୍ୟେକ ଦିନ ସକାଳ ୯ଟା ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ବିଭିନ୍ନ କ୍ଲବରେ ବହୁ ଅନ୍ତର୍ଜାତୀୟ ଓ ବିଦେଶୀ ଖେଳାଳିଙ୍କ ଖେଳ ଦେଖିବାର ସୁଯୋଗ ମିଳିବ ଓ ମୟୂରଭଞ୍ଜ ଏଥଲେଟିକ ଏସୋସିଏସନର ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଟୁର୍ଣ୍ଣାମେଣ୍ଟର ବହୁଳ ପ୍ରଚାର ଓ ପ୍ରସାର ଉପରେ ଆଲୋକପାତ କରିଥିଲେ। ମୟୂରଭଞ୍ଜ ଫାଉଣ୍ଡେସନର ସଦସ୍ୟ ବିଭୁଦତ୍ତ ଦାସ କାର୍ଯ୍ୟକ୍ରମ ସଂଯୋଜନାରେ ସହଯୋଗ କରିଥିଲେ।

# ମୟୂରଭଞ୍ଜର ସାମଗ୍ରୀକ ବିକାଶ ପାଇଁ ବୁଦ୍ଧିଜୀବୀଙ୍କ ପକ୍ଷରୁ ରାଷ୍ଟ୍ରପତିଙ୍କୁ ଦାବିପତ୍ର

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ତଥା ବାରିପଦାର ବୁଦ୍ଧିଜୀବୀ ମଣ୍ଡଳୀ ମୟୂରଭଞ୍ଜର ସବୁ ଅଞ୍ଚଳକୁ ନେଇ ସାମଗ୍ରୀକ ବିକାଶ ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିବାର ଜଣାଯାଇଛି। ଦାବୀ ମୁତାବକ ଭାରତର ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଚାରି ଗୋଟି ବିଶ୍ୱସ୍ତରୀୟ ଅନୁଷ୍ଠାନ ରାଇରଙ୍ଗପୁର ଠାରେ ଉଦଘାଟନ କରିବାର ସ୍ଥିର କରିଛନ୍ତି ବୋଲି ବିଭିନ୍ନ ଗଣମାଧ୍ୟମରୁ ଜଣାଯାଇଛି । ତେବେ ମୟୂରଭଞ୍ଜ ୪ଟି ସବଡ଼ିଭିଜନ ଥିବା ଓଡ଼ିଶାର ସର୍ବ ବୃହତ୍ତ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ।

ଏହା ପୂର୍ବରୁ ଏକ ଗଡ଼ଜାତ ରାଜ୍ୟ ଥିବାରୁ ବିଭିନ୍ନ ଉପଖଣ୍ଡର ଅଧିବାସୀଙ୍କ ଭିତରେ ବିଭିନ୍ନତା ପରିଲକ୍ଷିତ ହୋଇଥାଏ । ମୟୂରଭଞ୍ଜର ସବୁ ଅଞ୍ଚଳକୁ ନେଇ ଏହାର ସାମଗ୍ରୀକ ବିକାଶ ପାଇଁ ରାଇରଙ୍ଗପୁର ଠାରେ ଭିତ୍ତିପ୍ରସ୍ତର ସ୍ଥାପିତ ହେବାକୁ ଥିବା ୪ଟି ବୃହତ ପ୍ରକଳ୍ପ ମଧ୍ୟରୁ ୨ଟି ପ୍ରକଳ୍ପ ରାଇରଙ୍ଗପୁର ଠାରେ ସ୍ଥାପନ କରାଯାଇ ଅନୁନ୍ୟ ଗୋଟିଏ କରଞ୍ଜିଆ ଏବଂ ଗୋଟିଏ ଉଦଳା ଠାରେ ସ୍ଥାପନ କରାଯିବା ସହ ବାରିପଦା ଉପଖଣ୍ଡର ବିକାଶ ପାଇଁ ମଧ୍ୟ ସ୍ୱତନ୍ତ୍ର ପ୍ରକଳ୍ପ ସ୍ଥାପନ କରାଯିବାକୁ ଦାବୀ କରାଯାଇଛି । ଦାବିପତ୍ର ପ୍ରଦାନ ବେଳେ ଓଡ଼ିଆ ଜାଗରଣ ମଞ୍ଚର ପ୍ରତିଷ୍ଠାତା ସଭାପତି ଶରତ ଚନ୍ଦ୍ର ନାୟକ, ଆଇନଜୀବୀ ଅରବିନ୍ଦ ଦାସ, ମୃତ୍ୟୁଞ୍ଜୟ ଦ୍ୱିବେଦି, ପୂର୍ଣ୍ଣଚନ୍ଦ୍ର ଜେନା, ରାଜେନ୍ଦ୍ର ମହାନ୍ତ, ପିତାମ୍ବର ମଲ୍ଲିକ ଓ ନନ୍ଦଲାଲ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

# ଓକିଲଙ୍କ ଅକାଳ ବିୟୋଗରେ ଶୋକ

ବୁଗୁଡା, (ସବ୍ୟୁ): ସ୍ଥାନୀୟ ଓକିଲ ସଂଘର ସଦସ୍ୟ ପ୍ରକାଶ ଚନ୍ଦ୍ର ଭୂୟାଁ (୫୭)ଙ୍କ ଅକାଳ ବିୟୋଗରେ ଶୋକର ଛାୟା ଖେଳିଯାଇଛି । ମଙ୍ଗଳବାର ଅପରାହ୍ନରେ ସେ କୋର୍ଟ ପରିସରରେ କାର୍ଯ୍ୟରତ ଥିବାବେଳେ ହୃଦ୍‌ଘାତର ଶିକାର ହୋଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ବୁଗୁଡା ମେଡିକାଲକୁ ଅଣାଯାଇଥିଲା । ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କର ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ମା' ରାମାୟଣାମ୍ମା ଠାକୁରାଣୀ ମନ୍ଦିରର ନୂତନ ପରିଚାଳନା କମିଟି

# ସଭାପତି ଏସ. ରାମ ମୋହନ, ସମ୍ପାଦକ ବି. ଶ୍ରୀନିବାସ



ଛତ୍ରପୁର, (ସବ୍ୟୁ): ଛତ୍ରପୁର ସହର ର ଆରାଧ୍ୟଦେବୀ ମା' ରାମାୟଣାମ୍ମା ଠାକୁରାଣୀ ମନ୍ଦିରର ସୁପରିଚାଳନା ନିମନ୍ତେ ମନ୍ଦିର ପରିସରରେ ସମ୍ପାଦକ ବି. ଶ୍ରୀନିବାସଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ବିଭିନ୍ନ ବିଷୟରେ ଆଲୋଚନା ହେବା ସହିତ ଏକ ନୂତନ କମିଟି ଗଠନ କରାଯିବା ସହିତ ନୂତନ କର୍ମକର୍ତ୍ତାଙ୍କୁ ମଧ୍ୟ ଚୟନ କରାଯାଇଥିଲା । ଏଥିରେ ସଭାପତି ଭାବେ ଏସ. ରାମ ମୋହନ ରାଓ, ଉପସଭାପତି ଭାବେ ସିଏଚ. ଦୟାନନ୍ଦ ରେଡ୍ଡୀ, କେ. ଚନ୍ଦ୍ର ଶେଖର ରେଡ୍ଡୀ ଓ ଏମ. ସମରେନ୍ଦ୍ର ସେନାପତି, ସମ୍ପାଦକ ଭାବେ ବି. ଶ୍ରୀନିବାସ, ଯୁଗ୍ମ ସମ୍ପାଦକ ଭାବେ ସିଏଚ. ପୂର୍ଣ୍ଣ କୁମାର, କୋଷାଧ୍ୟକ୍ଷ ଭାବେ ଏନ. ପ୍ରଭାକର ରାଓ ଏବଂ ଉପଦେଷ୍ଟା ଭାବେ ଏ. ରାବଣା ରାଓ ଓ ରବୀନ୍ଦ୍ରନାଥ ସାହୁଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି ।

ଏହି କମିଟି ମନ୍ଦିରର ଉନ୍ନୀତି ଓ ବିକାଶ ଏବଂ ବିଭିନ୍ନ ଆନୁଷ୍ଠାନିକ କାର୍ଯ୍ୟ କରିବା ନିମନ୍ତେ ସହଯୋଗ କରିବ, ଏହି ବୈଠକରେ ଟି. ଚନ୍ଦ୍ର ଶେଖର ରାଓ, ଏସ. ଡାଲେୟା ରେଡ୍ଡୀ, ସୁଧୀର କୁମାର ପଟ୍ଟନାୟକ, ପି. ରାଜୁ ରେଡ୍ଡୀ, ଜି. ଜନାର୍ଦନ ରାଓ, କେ. ରାମବାବୁ, ଦିଲ୍ଲୀପ କୁମାର ପାଳ, ରାଜେନ୍ଦ୍ର କୁମାର ସାହୁ, ବୁଲୁ ଓ ରମେଶଙ୍କ ସମେତ ବହୁ ଅଂଚଳବାସୀ ଓ ଶ୍ରଦ୍ଧାଳୁ ମାନେ ଉପସ୍ଥିତ ଥିଲେ । ଶେଷରେ ନୂତନ କର୍ମକର୍ତ୍ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ନୂତନ ଭାବେ କମିଟି ଗଠନ ହୋଇଥିବା ଆଇନଜୀବୀ ତଥା ସମ୍ପାଦକ ବି. ଶ୍ରୀନିବାସ ସୂଚନା ଦେଇଛନ୍ତି । ଏହା ସବୁଦିନିଆ କମିଟି ଭାବେ ରହିବ ବୋଲି ସେ କହିଛନ୍ତି ।


TPCODL

ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ସୁରକ୍ଷା ଜମା ରାଶିର ସମାୟୋଜନ/ଦାବି ସମ୍ବନ୍ଧୀୟ ବିଜ୍ଞପ୍ତି

ଓଡିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି) ଯୋଗାଣ ସଂହିତା ୨୦୧୯ର ବିନିୟମ ୫୩ ଏବଂ ବିଦ୍ୟୁତ୍ ଅଧିନିୟମ ୨୦୦୩ର ଧାରା ୪୭ର ବ୍ୟବସ୍ଥା ଅନୁଯାୟୀ, ଟିପିସିଓଡିଏଲକୁ ପୂର୍ବ ବର୍ଷ ଅର୍ଥାତ୍ ଆର୍ଥିକ ବର୍ଷ ୨୪-୨୫ର ଏପ୍ରିଲରୁ ମାର୍ଚ୍ଚ ପର୍ଯ୍ୟନ୍ତ ୧୨ (ବାର) ମାସର ହାରାହାରି ବିଦ୍ୟୁତ ବ୍ୟବହାର ଉପରେ ଆଧାର କରି ସୁରକ୍ଷା ଜମା ରାଶିର ସମୀକ୍ଷା କରିବା ଆବଶ୍ୟକ କରୁଛି । ଏହା ଏକ ବାର୍ଷିକ ସମୀକ୍ଷା ପ୍ରକ୍ରିୟା । ଏହି ସମୀକ୍ଷାର ଉଦ୍ଦେଶ୍ୟ ହେଉଛି ଯେ ଟିପିସିଓଡିଏଲ ପାଖରେ ହାରାହାରି ଦୁଇ ମାସର ବିଦ୍ୟୁତ୍ ବ୍ୟବହାର ସହିତ ସମାନ ପର୍ଯ୍ୟାପ୍ତ ସୁରକ୍ଷା ଜମା ଉପଲବ୍ଧ ଅଛି ।

ଯେଉଁ ଉପଭୋକ୍ତାମାନଙ୍କର ବିଦ୍ୟୁତ ବ୍ୟବହାର ଗତ ଆର୍ଥିକ ବର୍ଷରେ କମିଯାଇଛି, ଫଳସ୍ୱରୂପ ଆବଶ୍ୟକ ସୁରକ୍ଷା ଜମାଠାରୁ ୧୦% ରୁ ଅଧିକ ଅତିରିକ୍ତ ସୁରକ୍ଷା ଜମା ଟିପିସିଓଡିଏଲ ପାଖରେ ଜମା ହୋଇଛି, ସେମାନେ ବିଦ୍ୟୁତ ବିଲ୍‌ରେ ସମାୟୋଜନ ମାଧ୍ୟମରେ ଫେରସ୍ତ ପାଇବେ । ସେହିଭଳି, ଯେଉଁ ଗ୍ରାହକମାନଙ୍କର ବିଦ୍ୟୁତ ବ୍ୟବହାର ଗତ ଆର୍ଥିକ ବର୍ଷରେ ବୃଦ୍ଧି ପାଇଛି, ଫଳସ୍ୱରୂପ ଆବଶ୍ୟକ ସୁରକ୍ଷା ଜମା ଠାରୁ ୧୦% ରୁ ଅଧିକ କମ୍ ସୁରକ୍ଷା ଜମା ଟିପିସିଓଡିଏଲ ପାଖରେ ଅଛି, ସେମାନଙ୍କୁ ବାକି ସୁରକ୍ଷା ଜମା ପୈଠ କରିବାକୁ ପଡିବ । ଏହିଭଳି ଉପଭୋକ୍ତାମାନେ ଦାବି ନୋଟିସ୍ ପାଇବେ ଏବଂ ଏହି ଅତିରିକ୍ତ ସୁରକ୍ଷା ଜମା (ASD) ନୋଟିସ୍ ପାଇବାର ୩୦ ଦିନ ମଧ୍ୟରେ ପୈଠ କରିବାକୁ ବାଧ୍ୟ ହେବେ ।

ସମାୟୋଜନ/ଅତିରିକ୍ତ ସୁରକ୍ଷା ଦାବି ସମ୍ବନ୍ଧୀୟ ସୂଚନା ଉପଭୋକ୍ତାଙ୍କୁ ସେମାନଙ୍କ ପଞ୍ଜୀକୃତ ମୋବାଇଲ ନମ୍ବରରେ ଏସ୍‌ଏମ୍‌ଏସ୍/ହ୍ୱାଟ୍‌ସଆପ୍ ମାଧ୍ୟମରେ ନୋଟିସର ଏକ ସଫ୍ଟ କପି ଡାଉନଲୋଡ କରିବା ପାଇଁ ଏକ ଲିଙ୍କ ସହିତ ପଠାଯିବ । ଏହା ବ୍ୟତୀତ, ଉପଭୋକ୍ତାଙ୍କ ପାଖରେ ଟିପିସିଓଡିଏଲ ୱେବସାଇଟ / ମିତ୍ର ଆପ୍‌ରୁ ସିଧାସଳଖ ସମାୟୋଜନ ବିବରଣୀ / ଏଏସ୍‌ଡି ନୋଟିସ୍ ସିଧାସଳଖ ଡାଉନଲୋଡ କରିବାର ବିକଳ୍ପ ଅଛି ।

ଉପଭୋକ୍ତାମାନେ ଆରଟିଜିଏସ୍/ଏନ୍‌ଇଏଫଟି ମାଧ୍ୟମରେ କିମ୍ବା ନିକଟସ୍ଥ ଟିପିସିଓଡିଏଲ କାର୍ଯ୍ୟାଳୟକୁ ଯାଇ ଏଏସ୍‌ଡି ଡିମାଣ୍ଡ ଅନଲାଇନରେ ଦେୟ ପୈଠ କରିପାରିବେ । ଏନ୍‌ଇଏଫଟି/ଆରଟିଜିଏସ୍‌ଦେୟ ପାଇଁ, ଆକାଉଣ୍ଟ ନମ୍ବର TPCODLxxxxxxxxxx (ଯେଉଁଠାରେ xxxxxxxxx ହେଉଛି ଏଏସ୍‌ଡି ରେଫରେନ୍ସ ଡକ୍ୟୁମେଣ୍ଟ ନମ୍ବର) ଏବଂ ଆଇଏଫଏସ୍‌ସି କୋଡ୍ IBKL0000042 ହେବା ଉଚିତ ।

ଦୟାକରି ଧ୍ୟାନ ଦିଅନ୍ତୁ ଯେ ଓଇଆରସି ଯୋଗାଣ ସଂହିତା ୨୦୧୯ ର ଧାରା ୫୫ ଅନୁଯାୟୀ, ଗ୍ରାହକମାନେ ଟିପିସିଓଡିଏଲ ଦ୍ୱାରା ଡିମାଣ୍ଡ ନୋଟିସ୍ ଜାରି ହେବାର ତିରିଶ (୩୦) ଦିନ ମଧ୍ୟରେ ନିଶ୍ଚିତଭାବେ ଏଏସ୍‌ଡି ଦେବାକୁ ପଡିବ । ବିଳମ୍ବଜନିତ ଦେୟ ପାଇଁ ବାର୍ଷିକ ଅତିରିକ୍ତ ୧୫% ଶୁଳ୍କ ପୈଠ କରିବାକୁ ପଡିବ । ଓଇଆରସି ଯୋଗାଣ ସଂହିତା ୨୦୧୯ ର ଧାରା ୫୬ ଅନୁଯାୟୀ, ଯଦି ଏଏସ୍‌ଡି ନିର୍ଦ୍ଧାରିତ ସମୟ ମଧ୍ୟରେ ପୈଠ ନ କରାଯାଏ, ତେବେ ଉପଭୋକ୍ତା ଯୋଗାଣ ବିଚ୍ଛିନ୍ନ ହେବା ପାଇଁ ଦାୟୀ ରହିବେ ।

ଉପଭୋକ୍ତାମାନଙ୍କୁ ଅବଗତ କରାଯାଉଛି ଯେ ସେମାନେ ଟିପିସିଓଡିଏଲ ପାଖରେ ଥିବା ସୁରକ୍ଷା ଜମା ଉପରେ ବାର୍ଷିକ ୬.୫୦% ହାରରେ ସୁଧ ପାଉଛନ୍ତି, ଯାହା ବାର୍ଷିକ ଭାବରେ ସେମାନଙ୍କ ଆକାଉଣ୍ଟରେ ଜମା କରାଯାଉଛି । ଏହା ବ୍ୟତୀତ, ଓଇଆରସିର ନିର୍ଦ୍ଦେଶ ଅନୁଯାୟୀ, ଉପଭୋକ୍ତାଙ୍କ ଠାରୁ ସଂଗ୍ରହ କରାଯାଇଥିବା ସୁରକ୍ଷା ଜମା ଟିପିସିଓଡିଏଲ ଦ୍ୱାରା ବ୍ୟବସାୟିକ କାର୍ଯ୍ୟ ପାଇଁ ବ୍ୟବହାର କରାଯାଏ ନାହିଁ । ବରଂ, ଏହାକୁ ଅଧିସୂଚିତ ବ୍ୟାଙ୍କଗୁଡିକରେ ସ୍ଥାୟୀ ଜମା ଭାବରେ ସୁରକ୍ଷିତ ଭାବରେ ରଖାଯାଏ । ଏହି ଜମା ଉପରେ ଅର୍ଜିତ ସୁଧ ଏଏଆରରେ ଉପଭୋକ୍ତାଙ୍କୁ ପ୍ରଦାନ କରାଯାଏ ।

ଅଧିକ ବିବରଣୀ ପାଇଁ, ଦୟାକରି ଆମର ଉପଭୋକ୍ତା ସେବା କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ, ୧୯୧୨ରେ କଲ୍ କରନ୍ତୁ, କିମ୍ବା ୯୫୫୬୧୭୧୦୦୨ରେ ମିସ୍‌ଡ କଲ କରନ୍ତୁ ଅବା ଟିପିସିଓଡିଏଲ ୱେବସାଇଟ୍/ମିତ୍ର ଆପରେ ଲଗ୍ ଇନ୍ କରନ୍ତୁ ।

୧୦ ଡିସେମ୍ବର ୨୦୨୫ଠାରୁ ମିସ୍‌ଡ କଲ ସେବା ସକ୍ରିୟ ରହିବ ।

# କୁଚିଆ ମଦବିକ୍ରି ବନ୍ଦ ଦାବି ନଚେତ୍ ଆନ୍ଦୋଳନ ଧମକ



ଏସ୍ .ରାମପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ରାମପୁରରେ ଚୋରା ଅପମିଶ୍ରିତ କୁଚିଆ ଦେଶି ମଦ ଆଜି ରାମପୁର ଅଞ୍ଚଳ ପାଇଁ ଏକ ଅଭିଶାପ ପାଲଟିଲାଣି । ଅଳ୍ପ ବୟସରେ ଯୁବକ ମାନେ ମୃତ୍ୟୁମୁଖରେ ପଡି ପରିବାର ସର୍ବସ୍ୱାନ୍ତ ହେଉଥିବା ଦେଖୁବାକୁ ମିଳୁଛି । ରାମପୁର ବସ୍ତି ଏବଂ ରାମପୁରର ବିଭିନ୍ନ ସ୍ଥାନରେ ଚୋରାରେ ବିକ୍ରି ହେଉଥିବା ଅପମିଶ୍ରିତ କୁଚିଆ ଦେଶି ବିଦେଶୀ ମଦ ବିକ୍ରି ବନ୍ଦ କରିବା ଦାବିରେ ରାମପୁର ବରିହା ପଡା, କେନାଲଖଣ୍ଡି ପଡା, ରାମପୁର ବସ୍ତି, ତେଲିଟିକ୍ରାର ଶତାଧିକ ମହିଳା ମଙ୍ଗଳବାରି ବିକ୍ଷୋଭ ପ୍ରଦର୍ଶନ କରିବା ସହ ଏକ ବିଶାଳ ରେଲିରେ ଯାଇ ରାମପୁର ଥାନା ଅଧିକାରୀଙ୍କ ଠାରେ ଦାବୀ ପତ୍ର ପ୍ରଦାନ କରିଥିଲେ । ସ୍ଥାନୀୟ ସମାଜସେବୀ ଉମେଶ ପୂଜାରୀ, ସ୍ଥାନୀୟ ସରପଞ୍ଚ ମନୋଜ ପୁରୋହିତ,ଘଡି ଗୋପାଳ ମିଶ୍ର,ପ୍ରେମରାଜ ରଣା,ସୁରେନ୍ଦ୍ର ସେଠି,ଭାରତ ପୂଜାରୀ,ଲଳିତ ମେହେର,କାର୍ତ୍ତିକ ସାହୁଙ୍କ ସମେତ ଗ୍ରାମର ଶତାଧିକ ମହିଳା, ଯୁବତୀ ଏବଂ ଏସଏଚଜି ମାଁ ମାନେ ସ୍ଥାନୀୟ ବରିହାପଡା କ୍ଲବ ଠାରୁ ଏକ ରେଲିରେ ବାହାରି ଅପମିଶ୍ରିତ କୁଚିଆ ମଦ ବନ୍ଦ ଡାକରା ଦେଇ ବିଭିନ୍ନ ସ୍ଲୋଗାନ ଦେଇ ବସ୍ତି ପରିକ୍ରମା କରିବା ସହ ରାମପୁର ଥାନାକୁ ଯାଇଥିଲେ। ତେବେ ରାମପୁର ଥାନା ଆଇଆଇସି ପଦ୍ମାସିନୀ ମେହେରଙ୍କ ଅନୁପସ୍ଥିତିରେ ରାମପୁର ଥାନା ଏସଆଇଙ୍କୁ ଦାବିପତ୍ର ପ୍ରଦାନ କରି ଆଗାମୀ ୭ ଦିନ ମଧ୍ୟରେ ରାମପୁର ବସ୍ତି ତଥା ରାମପୁର ପଞ୍ଚାୟତ ଅଞ୍ଚଳରେ ଅପମିଶ୍ରିତ କୁଚିଆ ଦେଶି ବିଦେଶୀ ମଦ ବିକ୍ରି ବନ୍ଦ ନହେଲେ ଆନ୍ଦୋଳନ ଉଗ୍ରରୁ ଉଗ୍ରତର ହୋ ସହ ପରିସ୍ଥିତି ଅସମ୍ଭାଳ ହେବ ବୋଲି ପୋଲିସ ପ୍ରଶାସନକୁ ଚେତେଇ ଦେଇଛନ୍ତି ।

# ବିଦ୍ୟାଳୟ ଫାଟକରେ ଧାରଣା ଦେଲେ ଯୁକ୍ତଦୁଇ ଛାତ୍ରଛାତ୍ରୀ



ରାୟଗଡା,(ସବ୍ୟୁ): ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଫାଟକରେ ଧାରଣା ଦେଲେ ଯୁକ୍ତଦୁଇ ଛାତ୍ରଛାତ୍ରୀ। ବିଦ୍ୟାଳୟ କର୍ତ୍ତୃପକ୍ଷ ମନଇଚ୍ଛା ଫି ଆଦାୟ କରୁଥିବା ନେଇ ଯୁକ୍ତ ୨ କଳା ବିଭାଗର ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀଙ୍କ ଅଭିଯୋଗ। ଏହି ଭଳି ଘଟଣା ଦେଖିବାକୁ ମିଳିଛି ରାୟଗଡା ଜିଲ୍ଲା ରାମନାଗୁଡା ବ୍ଲକ ସଦର ମହକୁମା ସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ।

ସୂଚନା ଅନୁଯାୟୀ ରାମନାଗୁଡା ବ୍ଲକ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କର୍ତ୍ତୃପକ୍ଷ ଯୁକ୍ତ ୨ କଳା ବିଭାଗରେ ଜଇନିଂ, ରି -ଆଡମିସନ ଓ ଫର୍ମ ପୂରଣ ସମୟରେ ସରକାରଙ୍କ ନିର୍ଦ୍ଧାରିତ ଫି ଠାରୁ ଅଧିକା ଟଙ୍କା ଆଦାୟ କରୁଥିବା ନେଇ ବାରମ୍ବାର ସ୍ଥାନୀୟବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଜିଲାପାଳଙ୍କ ଅଭିଯୋଗ ଶୁଣାଣୀରେ ମଧ୍ୟ ଅଭିଯୋଗ କରିଥିଲେ । ତେବେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ସୂଚନା ଥାଉକି ଅଧ୍ୟକ୍ଷ ଗୌରୀ ପ୍ରସାଦ ପଣ୍ଡା ଅଧିକାଂଶ ସମୟରେ ବିଦ୍ୟାଳୟରେ ଅନୁପସ୍ଥିତ ରହୁଥିବା କାରଣରୁ ଛାତ୍ରଛାତ୍ରୀ ମାନଙ୍କ ସୁବିଧା ଅସୁବିଧାକୁ ବୁଝନ୍ତି ନାହିଁ । ଏହି ସମସ୍ତ ବିଷୟରେ ବିଦ୍ୟାଳୟର ଅଧ୍ୟକ୍ଷ ପଣ୍ଡା ଏବଂ ସହକାରୀ ଶିକ୍ଷୟିତ୍ରୀ ସ୍ମିତାରାଣୀ ତୁଳଙ୍କୁ ପଚାରିଲେ ଆମକୁ କେହି କିଛି କରି ପାରିବେ ନାହିଁ, ଆମର ଲମ୍ବା ହାତ ଅଛି ଏବଂ ତମକୁ ପରୀକ୍ଷାରେ ଫେଲ କରିଦେବୁ ବୋଲି ମଧ୍ୟ ଉଭୟ ଧମକ ଦେଉଥିବା ଛାତ୍ରଛାତ୍ରୀ ମାନେ କହିଛନ୍ତି। ତେଣୁକରି ଘଟଣା ସମ୍ପର୍କରେ ଆମେ ରାୟଗଡା ଜିଲ୍ଲାପାଳଙ୍କୁ ରାମନାଗୁଡ଼ାରେ ଅକ୍ଟୋବର ମାସ ୨୭ ତାରିଖ ଦିନ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଥିବା ବେଳେ ଡିସେମ୍ବର ମାସ ୧ ତାରିଖ ଦିନ ପୁନର୍ବାର ରାୟଗଡା ଯାଇ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଟରେ ଅଭିଯୋଗ କରିବା ପରେ ଅଧ୍ୟକ୍ଷ ଶ୍ରୀ ପଣ୍ଡା,ସହକାରୀ ଶିକ୍ଷୟିତ୍ରୀ ଶ୍ରୀମତୀ ତୁଳ ବିଦ୍ୟାଳୟରୁ ବାହାର କରିଦେବା ଛାତ୍ର ଛାତ୍ରୀଙ୍କ ମଧ୍ୟରେ ପାତର ଅନ୍ତର ଭଳି ସଂଗୀନ ଅଭିଯୋଗ ନେଇ ଛାତ୍ରଛାତ୍ରୀ ମାନଙ୍କୁ କହିଥିବା ଅଭିଯୋଗ କରିଛନ୍ତି।

ଉଭୟ ଅଧ୍ୟକ୍ଷ ପ୍ରଧାନଶିକ୍ଷକ,ଶ୍ରୀ ପଣ୍ଡା, ସହକାରୀ ଶିକ୍ଷୟିତ୍ରୀ ଶ୍ରୀମତୀ ତୁଳଙ୍କ ବଦଳି ଦାବି କରି ବିଦ୍ୟାଳୟ ଫାଟକ ସମ୍ମୁଖରେ ଅର୍ନିଦ୍ଧିଷ୍ଟ କାଳ ପାଇଁ ଧାରଣା ଦେବେ ବୋଲି ଛାତ୍ର ଛାତ୍ରୀମାନେ ପ୍ରକାଶ କରିଛନ୍ତି । ଯୁକ୍ତ ଦୁଇ ଛାତ୍ର ଛାତ୍ରୀଙ୍କ ଏହି ଆନ୍ଦୋଳନରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ସମର୍ଥନ କରି ସାମିଲ ହେବ ବୋଲି ଜଣାପଡିଛି। ଏହି ତମାମ ଘଟଣା ସମ୍ପର୍କରେ ଅନୁଷ୍ଠାନର ଅଧ୍ୟକ୍ଷ ଗୌରୀ ପ୍ରସାଦ ପଣ୍ଡାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଘଟଣା ଉପରେ ନଜର ରଖିଛନ୍ତି । ଆଉ ଛାତ୍ରଛାତ୍ରୀ ମାନେ ଯେଉଁ ଅଭିଯୋଗ ଆଣିଛନ୍ତି ଏକ ଭିତ୍ତିହୀନ ଭ୍ରାନ୍ତ ଧାରଣାକୁ ନେଇ ଅଡ଼ି ବସିଥିବା ବେଳେ ସତ୍ୟର ଜୟ ହେବ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି ।

# ଶିଶୁ କନ୍ୟାକୁ ଦୁଷ୍କର୍ମ ଉଦ୍ୟମ

ରାଜଗାଙ୍ଗପୁର,(ସବ୍ୟୁ): ରାଜଗାଙ୍ଗପୁର ବ୍ଲକ କେଶରାମାଲ ପଞ୍ଚାୟତର ଗାରିଆମାଲ ଗ୍ରାମରେ ଜଣେ ୬ ବର୍ଷର ଶିଶୁ କନ୍ୟାକୁ ଦୁଷ୍କର୍ମ ଉଦ୍ୟମ କରିଥିବା ଅଭିଯୋଗ ହେବା ଜଣା ଯାଇଛି ।

ସୋମବାର ଅପରାହ୍ନରେ ରାଜଗାଙ୍ଗପୁର ଥାନା ଅନ୍ତର୍ଗତ କେଶରାମାଲ ପଞ୍ଚାୟତ ଗରିଆ ମାଲ ଗ୍ରାମ ଅଞ୍ଚଳର ୬ ବର୍ଷର ଶିଶୁ କନ୍ୟା ସ୍କୁଲରୁ ପାଠ ପଢା ସାରି ଘରକୁ ଫେରୁଥିବା ବେଳେ ସେହି ଗ୍ରାମର ସୁରେଶ ଲାକ୍ରା (୪୫) ନିକଟସ୍ଥ ପାନ ଦୋକାନ ନିକଟରେ ଠିଆ ହୋଇ ଥିଲା । ଉକ୍ତ ଝିଅଟିକୁ ପ୍ରଲୋଭନ ଦେଖାଇ ପାଖରେ ଥିବା ହରଡ଼ କ୍ଷେତ ନିକଟକୁ ନେଇ ଯାଇଥିଲା । କିଛି ସମୟ ପରେ ଝିଅଟି କାନ୍ଦି ପରେ ନିକଟ ରାସ୍ତାରେ ଯାଉଥିବା କିଛି ମହିଳା ମାନେ ଘଟଣା ସ୍ଥଳକୁ ଯାଇ ଦେଖିବା ପରେ ସୁରେଶ ଶିଶୁ କନ୍ୟାକୁ ଛାଡି ଚାଲି ଯାଇଥିଲା । ମହିଳା ମାନେ ଝିଅଟିକୁ ଆଣି ତାଙ୍କ ମାଆ ପାଖରେ ଘଟଣା ବିଷୟରେ କହିଥିଲେ କିନ୍ତୁ ରାତ୍ର ରେ ଝିଅର ତଳି ପେଟରେ ଯନ୍ତ୍ରଣା ହେବାରୁ ତାକୁ ରାଜଗାଙ୍ଗପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଆଣି ଥିଲେ ଝ ଏହି ଘଟଣା ଉପରେ ଥାନା ଅଧିକାରୀ ବିଜୟ ଦାସ, ଏସ.ଆଇ ଝରଣା ରାଣୀ ସ୍ୱାଇଁ, ଏ. ଏସ.ଆଇ ହେମନ୍ତ ଧରୁଆ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ତଦନ୍ତ କରି ଅଭିଯୁକ୍ତକୁ ଧରି ଆଣି ଥି ଜଣା ଯାଇଛି । ସୁନ୍ଦରଗଡ଼ ଏସପି ଅମୃତିପାଲ କୌର ଘଟଣାକୁ ଗୁରୁତ୍ୱ ଦେଇ ରାଜଗାଙ୍ଗପୁର ଥାନା ପରିସରକୁ ଆସି ତଦନ୍ତ କରୁଥିବା ଜଣା ଯାଇଛି ।

# ନଡିଆ ଭଙ୍ଗାରେ ସୀମିତ ମୋଟେର ଧାନ ମଣ୍ଡି ବିନା ଧାନ ଉଠାଣରେ ଉଦ୍‌ଘାଟନ



କୋକସରା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ପ୍ରଶାସନ ପକ୍ଷରୁ ଗତ ନଭେମ୍ବର ୨୯ ରୁ ଧାନ ମଣ୍ଡି ଆରମ୍ଭ ନେଇ ଘୋଷଣା ହୋଇଥିବା ବେଳେ ବାସ୍ତବିକ ଚିତ୍ର କିନ୍ତୁ ଭିନ୍ନ । କୋକସରା ବ୍ଲକର ୬ ପେକ୍ସ ଅଧୀନରେ ଥିବା ବିଭିନ୍ନ ମଣ୍ଡିରୁ ଧାନ କ୍ରୟ ଆରମ୍ଭ ହୋଇନାହିଁ। ତେବେ ଏଭଳି ସ୍ଥିତିରେ ମଙ୍ଗଳବାର ଚାରବାହାଲ ପେକ୍ସ ଅଧୀନରେ ଥିବା ମୋଟେର ମଣ୍ଡିକୁ ଆଜି ଉଦଘାଟନ କରାଯାଇଛି। ଏହି ଅବସରରେ ପେକ୍ସ ସଭାପତି ମହେଶ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ କୃଷକ ପ୍ରତିନିଧି ଦେବେନ୍ଦ୍ର କୁମାର ପାଟ୍ଟଯୋଷୀ, ଫକୀର ମୋହନ ପଟ୍ଟଯୋଷୀ, ତପନ ମୁଣ୍ଡ, ସୁଦର୍ଶନ ବେହେରା, ବିରଞ୍ଚି ନାରାୟଣ ଦାସ, ଦୀନବନ୍ଧୁ ବିହାରୀ, ପିତାମ୍ବର ଦଳପତି, ହେମନ୍ତ ଦାସ, ହର ଜାଲ, ଚରୁ ଜାଲ ପ୍ରମୁଖ ଚାଷି ଉପସ୍ଥିତ ରହି ମଣ୍ଡି ଉଦଘାଟନ କରିଥିଲେ। ଆଜି କେବଳ ନଡିଆ ଭାଙ୍ଗି ମଣ୍ଡି ଉଦଘାଟନ କରିଥିବା ବେଳେ ଜଣେ ଚାଷୀଙ୍କ ଧାନ ମଣ୍ଡିରେ ନାହିଁ । ତେବେ ବିଳମ୍ବିତ ମଣ୍ଡି ଓ ବିନା ଧାନ ଉଠାଣରେ ମଣ୍ଡି ଉଦଘାଟନକୁ ନେଇ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିବା ସହ ଜିଲ୍ଲା ପ୍ରଶାସନ ଓ ଯୋଗାଣ ବିଭାଗ ଅତିଶୀଘ୍ର ମଣ୍ଡି ଖୋଲିବାକୁ ଦାବି କରିଥିଲେ। ପେକ୍ସ କର୍ମଚାରୀ ମୋହିତ କୁମାର ବେହେରା, ଡିଇଓ ବୈଷ୍ଣବ ଗୋପାଳ, ଆରଏମସି କର୍ମଚାରୀ ମାଧବ ଧଙ୍ଗଡାମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ସହିଦ ରେଣ୍ଡୋ ମାଝୀ, ଜଳପୁରୁଷ କାର୍ଜୀ ମାଝୀଙ୍କ ଅବଦାନ ଅବିସ୍ମରଣୀୟ

ଭବାନୀପାଟଣା,(ସବ୍ୟୁ): ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ସହିଦ ରେଣ୍ଡୋ ମାଝୀଙ୍କ ଅତୁଳନୀୟ ଯୋଗଦାନ ରହିଥିଲା। ସାରା ଦେଶରେ ଆଦିବାସୀଙ୍କ ଦ୍ୱାରା ସ୍ୱାଧୀନତା ସଂଗ୍ରାମର ପ୍ରାରମ୍ଭିକ ସମୟରେ ଯେଉଁ ଆଦିବାସୀ ଗୋଷ୍ଠୀ ଇଂରେଜ ଶାସନ ବିରୁଦ୍ଧରେ ବିଦ୍ରୋହର ବିଗୁଲ ବଜାଇଥିଲେ, ସେମାନଙ୍କ ମଧ୍ୟରେ ସହିଦ ରେଣ୍ଡୋ ମାଝୀଙ୍କ ସଶସ୍ତ୍ର ବିପ୍ଳବ ପ୍ରମୁଖ ଥିଲା। ତାଙ୍କ ସମ୍ପର୍କରେ ଯେତିକି ଚର୍ଚ୍ଚା ଓ ଆଲୋଚନା ହେବାର କଥା ସେତିକି ହୋଇପାରିନି। ତାଙ୍କ ବିପ୍ଳବର ରଣହୁଙ୍କାର ବ୍ରିଟିଶ ସରକାରର ମୂଳଦୁଆ ଦୋହଲାଇ ଦେବାକୁ ଯଥେଷ୍ଟ ଥିଲା। ସେଇ ଅଗ୍ନିସ୍ଫୁଲିଙ୍ଗରେ ଝାସ ଦେଇ ରେଣ୍ଡୋଙ୍କ ସହଯୋଗୀ ସହିଦ ଅନ୍ଧାରୁ ଡମ୍ଭ, ପଦି ଡମ୍ଭ, ଟଡ଼ ଡମ୍ଭ, ବସଟା ଡମ୍ଭ, ଡାକି ଡମ୍ଭ, ଲିଆଭାଜୁ ଡମ୍ଭଙ୍କ ସହିତ ମାରନା ମାଝୀ, ଆବନ ମାଝୀ, ବିୟ ମାଝୀ, ପଟା ମାଝୀ ଓ ଆମୋଷ ପାତ୍ର, ବଳରାମ ପାତ୍ର, ଗୁହାଲୁ ପାତ୍ର, ଦୁଃଖିଆ ପାତ୍ର ପ୍ରମୁଖଙ୍କ ଭୂମିକା ରହିଥିଲା। ସେଇ ଇତିହାସକୁ ପୁନର୍ଲିଖନ ସହିତ ସେମାନଙ୍କ ତ୍ୟାଗ ଓ ବଳିଦାନକୁ ମନେ ପକାଇବାର ଆବଶ୍ୟକତା ରହିଛି। ସେହିପରି ପାରମ୍ପରିକ ଜଳସେଚନ ବ୍ୟବସ୍ଥାରେ ନିଜସ୍ୱ ଜ୍ଞାନ କୌଶଳର ଉପଯୋଗ କରି ପାହାଡ଼ ଉପରେ ବହି ଯାଉଥିବା ଝରଣା ପାଣିକୁ କ୍ଷେତକୁ ବାଟ କଢେଇ ନେବାର ଉପାୟ ଜାଣିଥିଲେ ଜଳପୁରୁଷ କାର୍ଜୀ ମାଝୀ । ପାହାଡିଆ ଢିପ ଜମିରେ ବାଉଁଶ ଜରିଆରେ ଜଳସେଚନ ଓ ଏହାର ସନ୍ତୁଳନ ରଖିବାରେ ସେ ସିଦ୍ଧହସ୍ତ ଥିଲେ। ତାଙ୍କର ଜ୍ଞାନ କୌଶଳ ଦ୍ୱାରା କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ମାଲିଯୁବାଙ୍ଗ ପଞ୍ଚାୟତ ତଥା ଆଖପାଖ ଅଞ୍ଚଳରେ ୪୨ଗୋଟି କେନାଲ ଖନନ ଓ ଜଳସେଚନର ସୁବ୍ୟବସ୍ଥା ହୋଇପାରିଥିଲା। ଏଣୁ ଆଜିର ଦିନରେ ଜଳପୁରୁଷ କାର୍ଜୀ ମାଝୀଙ୍କ ସମ୍ପର୍କରେ ଉଚ୍ଚତର ଗବେଷଣା ସହିତ ତାଙ୍କ ନାମରେ କଳାହାଣ୍ଡି କୃଷି ମହାବିଦ୍ୟାଳୟକୁ ନାମିତ କରିବା, ତାଙ୍କ ଦ୍ୱାରା ନିର୍ମିତ କେନାଲ ଗୁଡ଼ିକର ରକ୍ଷଣାବେକ୍ଷଣ, ମରଣୋତ୍ତର ଭାବେ ତାଙ୍କୁ ଭାରତ ରତ୍ନ ପ୍ରଦାନ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଓଡ଼ିଶାର ଅଗ୍ରଣୀ ସାମାଜିକ ଓ ବୁଦ୍ଧିଜୀବୀ ସଂଗଠନ ଦଳିତ ଆଦିବାସୀ ମହାସଂଘ ତରଫରୁ ରେଣ୍ଡୋ ମାଝୀ ସହିଦ ସପ୍ତାହ ଓ କାର୍ଜୀ ମାଝୀ ବର୍ଷ ପାଳନ ଅବସରରେ ରାଜ୍ୟସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ମହାସଂଘର ସଭାପତି ପରମାନନ୍ଦ ମାଝୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଅମଳାଭବନରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ଡ. ଅଜୟ କୁମାର ମିଶ୍ର ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଏସିସିଏସ ଗ୍ରୁପ ଅଫ ଏଜୁକେସନର ପରିଚାଳନା ନିର୍ଦ୍ଦେଶକ ଡ. ସୁରେଶ କୁମାର ପ୍ରଧାନ ଯୋଗ ଦେଇଥିଲେ। ସହିଦ ରେଣ୍ଡୋ ମାଝୀଙ୍କ ସମ୍ପର୍କରେ ଡ. ଭବାନୀଶଙ୍କର ନିଆଲ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିବାବେଳେ ଜଳପୁରୁଷ କାର୍ଜୀ ମାଝୀଙ୍କ ସମ୍ପର୍କରେ ବରିଷ୍ଠ ସାମ୍ବାଦିକ ଓ ଗବେଷକ ଦେବେନ୍ଦ୍ର ବିଶି ତଥ୍ୟପୂର୍ଣ୍ଣ ବକ୍ତବ୍ୟ ରଖିଥିଲେ। ମହାସଂଘର କାର୍ଯ୍ୟକାରୀ ସଭାପତି ଧର୍ମେନ୍ଦ୍ର ନାଏକ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ମହାସଚିବ ଦେବୀ ପ୍ରସାଦ ସିହ୍ନର, ନଗର ସଭାପତି ଚକ୍ରଧର ସେଠୀ ମଞ୍ଚାସୀନ ଥିଲେ। ସାଧାରଣ ସଂପାଦକ ସୁଶୀଲ କୁମାର ବାଗ ସଭା ପରିଚାଳନା କରିଥିବାବେଳେ ମହେନ୍ଦ୍ର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କିସ ଅନୁଷ୍ଠାନର ସହକାରୀ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୁଷ୍ମନ୍ତ ପ୍ରଧାନ, ନଗର କାର୍ଯ୍ୟକାରୀ ସଭାପତି ଅଭୟ ଚରଣ ନାଏକ, ନଗର ଉପଦେଷ୍ଟା ନାଦରାଜ ନାଏକ, ପ୍ରକାଶ ମଙ୍ଗରାଜ, ବରିଷ୍ଠ ସାମ୍ବାଦିକ ରାଜକୁମାର ସିଂଦେଓ, ସମାଜସେବୀ ତ୍ରିଲୋଚନ ପାଣିଗ୍ରାହୀ, ଯତୀନ୍ଦ୍ର କରଙ୍କ ସମେତ ଶତାଧିକ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଡିଏଭିରେ ଯୋଗ ଓ ଧ୍ୟାନ ସମ୍ବଳିତ ସଂସ୍କାରଧର୍ମୀ କାର୍ଯ୍ୟକ୍ରମ

ଝାରସୁଗୁଡ଼ା,(ସବ୍ୟୁ): ଝାରସୁଗୁଡ଼ା ଡିଏଭି ସ୍କୁଲ ପରିସରରେ କିଶୋର ଅବସ୍ଥାରେ ଛାତ୍ରଛାତ୍ରୀଙ୍କ ମାନସପଟରେ ନୈତିକ ମୂଲ୍ୟବୋଧ ଓ ଶୃଙ୍ଖଳାଗତ ସଂସ୍କାରକୁ ଅଧିକ କ୍ରିୟାଶୀଳ ଓ ସଫଳତାମୁଖୀ କରିବା ଉଦ୍ଦେଶ୍ୟରେ କିଶୋର ସଂସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଛାତ୍ରସଭାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଖିଳ ଭାରତୀୟ ଗାୟତ୍ରୀ ପରିବାରର ପ୍ରାନ୍ତ ଯୋଗ ସଂଯୋଜକ ତଥା ଉତ୍କଳ ବିଶ୍ୱ ବିଦ୍ୟାଳୟର ଯୋଗ ପ୍ରଫେସର ଡ. ବିଶ୍ୱରଞ୍ଜନ ରଥ ମୁଖ୍ୟ ଅତିଥି ଭାବେ ଯୋଗଦାନପୂର୍ବକ କିଶୋର ଛାତ୍ରଛାତ୍ରୀମାନଙ୍କୁ ଶାରୀରିକ ଓ ମାନସିକ ସୁସ୍ଥତା, ମନ ଏକାଗ୍ରତା, ଧୀଶକ୍ତି ବୃଦ୍ଧି, ଶୃଙ୍ଖଳିତ ଜୀବନଧାରଣ, ସଂସ୍କାରିତ ଆଚରଣ, ମୂଲ୍ୟବୋଧଭିତ୍ତିକ ଶିକ୍ଷା, ଉତ୍ତମ ଚରିତ୍ର ଗଠନ, ବିଦ୍ୟାର୍ଥୀ ଜୀବନ ଲକ୍ଷଣ, ନୈତିକ ପରମ୍ପରା, ଅନୁଶାସନ, ଧାର୍ମିକ ତଥା ସାଂସ୍କୃତିକ ବିଚାର ସନ୍ଦର୍ଭରେ ଗବେଷଣାମୂଳକ ତଥ୍ୟ ଉପସ୍ଥାପନ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ଯୋଗାସନ ଓ ପ୍ରାଣାୟମ ଅଭ୍ୟାସର ଆବଶ୍ୟକତା ସନ୍ଦର୍ଭରେ ଅବଗତ କରାଇଥିଲେ । ମୋବାଇଲ ଫୋନଠାରୁ ଦୂରେଇ ରହି ନିଜ ସୃଜନୀ ଶକ୍ତିର ବିକାଶ ଘଟାଇବା ସହିତ ନିଜ ଜ୍ଞାନ ଓ ସ୍ମରଣ ଶକ୍ତିର ବୃଦ୍ଧିରେ ସହାୟକ ହେବା ଲାଗି ସେ କିଶୋର ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ଦେବତା ମଞ୍ଚାସୀନ ଅତିଥି ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ ।

ଝାରସୁଗୁଡ଼ା ଗାୟତ୍ରୀ ପରିବାରର ବରିଷ୍ଠ ସଭ୍ୟ ତଥା ସଂଯୋଜକ ରୋହିତେଶ୍ୱର ପ୍ରଧାନ ଓ ଗାୟତ୍ରୀ ପରିବାର ସଭ୍ୟ ତଥା ସେବାନିବୃତ୍ତ ଅଧ୍ୟାପକ ଅଲେଖ ପ୍ରଧାନ ମଞ୍ଚାସୀନ ରହି ଛାତ୍ରଛାତ୍ରୀଙ୍କ ଲାଗି ଆୟୋଜିତ କିଶୋର ସଂସ୍କାର କାର୍ଯ୍ୟକ୍ରମକୁ କ୍ରିୟାଶୀଳ କରିଥିଲେ । ଛାତ୍ରଛାତ୍ରୀମାନଙ୍କ ସର୍ବାଙ୍ଗୀନ ବିକାଶରେ ଯଥେଷ୍ଟ ସହାୟକ ହେଉଥିବା ଏହି ପ୍ରକାର କାର୍ଯ୍ୟକ୍ରମକୁ ଅଭିଭାବକ ମହଲରେ ଉଚ୍ଚ ପ୍ରଶଂସା କରାଯାଇଛି ।

# ବାଇକ ଦୁର୍ଘଟଣାରେ ଆହତଙ୍କୁ ଜୀବନ ରକ୍ଷା କଲେ ହୃଦାନନ୍ଦ

ଅମ୍ବାଭୋନା, (ସବ୍ୟୁ):ବରଗଡ ଜିଲ୍ଲା ଅନ୍ତର୍ଗତ ଅମ୍ବାଭୋନା ବ୍ଲକର କୁମ୍ଭୋ ଗ୍ରାମ ନିକଟରେ ଏକ ଗୁରୁତର ବାଇକ ଦୁର୍ଘଟଣା ଘଟିଥିଲା । ଏହି ଦୁର୍ଘଟଣାରେ ବାଇକ ଆରୋହୀ ଦୁଇ ଜଣ ଗୁରୁତର ଆହତ ହୋଇଥିଲେ। ସୂଚନା ଅନୁସାରେ, କୁମ୍ଭୋ ଗ୍ରାମର ଚୁଡ଼ାମଣି ସାମର୍ଥ (୪୨) ଓ ଯାଜ୍ଞଚରଣ ମଲ୍ଲିକ (୩୦) ପିକ୍ରିଝରଣରୁ ନିଜ ଗାଁ କୁମ୍ଭୋକୁ ଯାଉଥିବା ସମୟରେ ବାଇକ ଦୁର୍ଘଟଣାର ଶିକାର ହୋଇଥିଲେ। ଦୁର୍ଘଟଣା ସମୟରେ ଚିଚୋଲି ଗ୍ରାମର ହୃଦାନନ୍ଦ ସେଠ ସେଇ ରାସ୍ତାରେ ଯାଉଥିବାବେଳେ ଆହତ ଦୁଇ ଜଣଙ୍କୁ ରାସ୍ତା କଡ଼ରେ ପଡ଼ିଥିବା ଦେଖି ସାଙ୍ଗେ ସାଙ୍ଗେ ୧୦୮ ଆମ୍ବୁଲାନ୍ସ ସେବାକୁ ସୂଚନା ଦେଇଥିଲେ। ପରେ ସେମାନଙ୍କୁ ନିକଟସ୍ଥ ଭୁକ୍ତା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ପ୍ରାଥମିକ ଚିକିତ୍ସା କରାଇଥିଲେ। ଆହତ ଦୁଇ ଜଣଙ୍କ ଅବସ୍ଥା ଗୁରୁତର ହୋଇଥିବାରୁ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବରଗଡ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ହୃଦାନନ୍ଦଙ୍କ ମାନବିକତାମୂଳକ କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ସମସ୍ତେ ପ୍ରଶଂସା କରୁଛନ୍ତି।

# ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ୭୦ ପରିବାରକୁ ମାଗଣା କୁକୁଡ଼ା ଚିଆଁ ବଣ୍ଟନ



ଖପ୍ରାଖୋଲ,(ସବ୍ୟୁ): ସ୍ଥାନୀୟ ବ୍ଲକ ପ୍ରାଣୀ ସମ୍ପଦ ଚିକିତ୍ସାଳୟ ପରିସରରେ ପ୍ରାଣୀ ସମ୍ପଦ ବିଭାଗ ତରଫରୁ ୭୦ ପାରିବାରଙ୍କୁ ମଙ୍ଗଳବାର ମାଗଣାରେ କୁକୁଡ଼ା ଚିଆ ବଣ୍ଟନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ପ୍ରାଣୀସମ୍ପଦ ଅଧିକାରୀ ଡ଼ାକ୍ତର ସ୍ୱପ୍ନେଶ୍ୱର୍ ନାଏକ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀ, ସମ୍ମାନୀତ ଅତିଥି ବ୍ଲକ ମତ୍ସ୍ୟ ବିଭାଗ ଅଧିକାରୀ ସୁଭ୍ରଜିତ ମହାନ୍ତି, ବ୍ଲକ ସହ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ାକ୍ତର ଅନନ୍ତ କୁମାର ପାଣିଗ୍ରାହୀ, ରେଙ୍ଗାଲି ପଞ୍ଚାୟତ ସରପଞ୍ଚ ଉମାକାନ୍ତ ମେହେର ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାମାଞ୍ଚଳରେ ଭୂମି ହୀନ ଚାଷୀ ତଥା ଦାଦନ ପରିବାରକୁ ଭିଟା ମାଟିରେ ଆତ୍ମ ନିର୍ଭରଶୀଳ କରିବାକୁ ମାଗଣାରେ ଘର ଅଗଣାରେ ଦେଶୀ କୁକୁଡ଼ା ଚାଷ ପାଇଁ ଚିଆ ବଣ୍ଟନ କରାଯାଉଥିବା କହିଥିଲେ। ଏହି ଅବସରରେ ରେ ୭୦ଟି ପରିବାରକୁ ୪୫ଟି ଲେଖାଏଁ ଚିଆଁ ବଣ୍ଟନ କରିଥିଲେ। ଏହି ଅବସରରେ ପ୍ରାଣୀସମ୍ପଦ ବିଭାଗର ପଶୁଧନ ନୀରିକ୍ଷକ ଓ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ ।

# କଣ୍ଠଶିଳ୍ପୀ ସ୍ୱର୍ଗତ ହ୍ୟୁମେନ ସାଗରଙ୍କୁ ଶ୍ରଦ୍ଧାଞ୍ଜଳି

ବଲାଙ୍ଗିର, (ସବ୍ୟୁ) : ଜିଲ୍ଲା କଳା ଓ ସଂସ୍କୃତି ସଂଘ ପକ୍ଷରୁ ପ୍ରଖ୍ୟାତ କଣ୍ଠଶଳ୍ପୀ ହ୍ୟୁମେନ ସାଗରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଏହା ସହିତ ତାଙ୍କର ସ୍ମୃତି ଚାରଣ କରାଗଲା। ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମି ରଂଜନ ମିଶ୍ର, ଜିଲ୍ଲା କଳା ଓ ସଂସ୍କୃତି ସଂଘର ଉପସଭାପତି ସୁଦାମ ବିଶି ଏବଂ ବିଭିନ୍ନ ବ୍ଲକର ଉପସଭାପତିମାନେ ଯୋଗ ଦେଇଥିଲେ।

# ଓଡ଼ିଶା– ଛତିଶଗଡ଼ ସୀମାନ୍ତ ଚର୍ଦ୍ଧାପାଲି ସ୍କୁଲରେ ଚେସ ପ୍ରତିଯୋଗିତା

ପଦ୍ମପୁର,(ସବ୍ୟୁ): ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ସରକାରୀ ଉଚ୍ଚ ବିଦ୍ୟାଳୟ ଚର୍ଦ୍ଧାପାଲି ଠାରେ ସୋମବାର ଏକ ବିଦ୍ୟାଳୟସ୍ତରୀୟ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଆନ୍ତର୍ଜାତିକ ସ୍ୱିସ ପଦ୍ଧତିରେ ଖେଳାଯାଇଥିବା ୬ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ବିଦ୍ୟାଳୟର ୧୫ ଜଣ ଛାତ୍ରୀ ଏବଂ ୨୬ ଜଣ ଛାତ୍ର ଭାଗ ନେଇଥିଲେ। ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ର କାର୍ତ୍ତିକ ଶିକା ଏ ଟୁର୍ଣ୍ଣାମେଣ୍ଟରେ ଅପରାଜିତ ୫.୫ ପଏଣ୍ଟ ପାଇ ଚମ୍ପିଆନ ହୋଇଥିବା ବେଳେ ଡୋଲାମଣି ଭୋଇ ଓ ଜିତେନ୍ଦ୍ର ବରିହା ୪.୫ ପଏଂଟ ଲେଖାଏଁ ପାଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଲାଭ କରିଥିଲେ। ଚତୁର୍ଥରୁ ଏକାଦଶ ସ୍ଥାନ ପାଇ ପୁରସ୍କାର ନିମନ୍ତେ ଯୋଗ୍ୟ ବିବେଚିତ ହୋଇଥିବା ଖେଳାଳୀ ମାନେ ହେଲେ ମୋହିତ ଭୋଇ, ରାଜେଶ ଭୋଇ, ଫକୀର ବିଶ୍ୱାଳ, ରିତେଶ କୁମାର ସେଠ, ସଂଯୁକ୍ତା ମହାନନ୍ଦ, ଜାନକୀ ପ୍ରସାଦ ସୁନା, ରେଖା ମହାନନ୍ଦ ଓ ପ୍ରୀତିମୟୀ ତାଣ୍ଡି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୈତାରୀ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏ ଟୁର୍ଣ୍ଣାମେଣ୍ଟକୁ ବରିଷ୍ଠ ଜାତୀୟ ଆର୍ବିଟର କେଶରଂଜନ ପ୍ରଧାନ ପରିଚାଳନା କରିଥିଲେ।

# ଜିଲ୍ଲା ସୀମାନ୍ତ ଗ୍ରାମାଞ୍ଚଳରେ ସକାରାତ୍ମକ ପରିବର୍ତ୍ତନ ଆଣିଛି ୟୁଏଆଇଏଲ୍

ରାୟଗଡା,(ସବ୍ୟୁ): ରାୟଗଡ଼ା ଜିଲ୍ଲା ଦୋରାଗୁଡା ସ୍ଥିତ ଉତ୍କଳ ଆଲୁମିନା ସିଏସଆର୍ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ଉଦ୍ୟମି ଗ୍ରାମାଞ୍ଚଳରେ ଅର୍ଥନୈତିକ ଅଭିବୃଦ୍ଧି ଆଣିଛି । ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲାର ସୀମାନ୍ତ ୨ଟି ବ୍ଲକରେ ସୃଷ୍ଟି ହେଲାଣି ୩୦୧ କ୍ଷୁଦ୍ର ଉଦ୍ୟୋଗ । ଏଥିପାଇଁ ସ୍ୱାବଲମ୍ବୀ ହେଉଛନ୍ତି କ୍ଷୁଦ୍ର ଉଦ୍ୟୋଗୀ । ମାସିକ ରୋଜଗାରରେ ୧୨୦ ପ୍ରତିଶତରୁ ଉର୍ଦ୍ଧ୍ୱ ବୃଦ୍ଧି ହୋଇଥିବା ବେଳେ ୟୁଏଆଇଏଲର ଏଭଳି ପଦକ୍ଷେପ ପାଇଁ ସ୍ଥାନୀୟ ଲୋକଙ୍କ ମଧ୍ୟରେ କ୍ଷୁଦ୍ର ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଉତ୍ସାହ ପରିଲକ୍ଷିତ ହୋଇଛି। ଟିକିରି ତଥା ପର୍ଶ୍ୱସ୍ଥ ଗ୍ରାମାଞ୍ଚଳ ଲୋକଙ୍କ ମଧ୍ୟରେ ଆତ୍ମନିର୍ଭରଶୀଳ ଚେତନା ବିକାଶ ତଥା ସେମାନଙ୍କୁ ଅର୍ଥନୈତିକ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟ ନେଇ ଉତ୍କଳ ଆଲୁମିନା ଉଦ୍ୟମି ପ୍ରକଳ୍ପ କାର୍ଯ୍ୟକାରୀ କରିଛି । ପ୍ଲାଣ୍ଟ ପ୍ରଭାବିତ ତଥା ପର୍ଶ୍ୱସ୍ଥ କାଶୀପୁର ଓ ପଡ଼ୋଶୀ କଳାହାଣ୍ଡି ଜିଲ୍ଲାର ଥୁଆମୁଲ ରାମପୁର ବ୍ଲକର ୧୦୫ ଟି ଗ୍ରାମରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି। ସମ୍ପ୍ରତି ଗ୍ରାମରେ କ୍ଷୁଦ୍ର ଉଦ୍ୟୋଗ ସୃଷ୍ଟି କରିବା ତଥା ଏହାର ପରିଚାଳନା ପାଇଁ ଉଦ୍ୟୋଗୀ ମାନଙ୍କୁ ସମ୍ପୂର୍ଣ୍ଣ କୌଶଳ, ପ୍ରାରମ୍ଭିକ ପାଣ୍ଠି, ଆବଶ୍ୟକ ଯାନ୍ତ୍ରିକ ଉପକରଣ, ପ୍ରଶାସନିକ ସହାୟତା ସମେତ କଞ୍ଚାମାଲ୍ ଯୋଗାଇ ବାଜରିକରଣ ପାଇଁ ସହଯୋଗ ପ୍ରଦାନ କରିବା ହେଉଛି ଏହାର ଉଦ୍ଦେଶ୍ୟ। ଗତ ୨୦୨୧ ଜୁଲାଇ ଠାରୁ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ ଜରିଆରେ ଉତ୍କଳ ଆଲୁମିନା ଚତଃପାର୍ଶ୍ୱ ଗ୍ରାମାଞ୍ଚଳରେ ଶତାଧିକ ଉଦ୍ୟମୀ ମାନେ ନିଜର ଇଚ୍ଛାଶକ୍ତି ଏବଂ କମ୍ପାନୀର ପ୍ରତ୍ୟକ୍ଷ ସହଯୋଗରେ କ୍ଷୁଦ୍ର ଉଦ୍ୟୋଗ ପ୍ରତିଷ୍ଠା କରି ନିଜେ ଆତ୍ମନିର୍ଭରଶୀଳ ହୋଇଛନ୍ତି । ବାସୁଦେବ ବିଶୋଇ ଏପରି ଜଣେ ସଫଳ ଉଦ୍ୟମୀ । ଟିକିରି ସହରାଞ୍ଚଳରେ ଛୋଟ ଦୋକାନରୁ ନିଜ ବ୍ୟବସାୟ ଆରମ୍ଭ କରି ପରବର୍ତ୍ତୀ ପର୍ଯ୍ୟାୟରେ ସେ ଫ୍ଲେକ୍ସ ଓ ଷ୍ଟୁଡିଓ ବ୍ୟବସାୟ କରି ଭଲ ଲାଭବାନ ହୋଇଛନ୍ତି । ଏହି ଉଦ୍ୟମୀ ପ୍ରକଳ୍ପ ଦ୍ୱାରା ମୋଟ ୩୦୧ ଟି କ୍ଷୁଦ୍ର ଶିଳ୍ପ ତଥା ଉଦ୍ୟୋଗ ପ୍ରତିଷ୍ଠା ହୋଇଥିବାବେଳେ ପରୋକ୍ଷ ଭାବେ ୨୪୮ଜଣ ବ୍ୟକ୍ତିବିଶଷଙ୍କୁ ରୋଜଗାର ମିଳିଛି। ଏହା ଦ୍ୱାରା ପୂର୍ବରୁ ଦାଦନ ଖଟିବାକୁ ଯାଇଥିବା ୩୭ଜଣ ବ୍ୟକ୍ତିଙ୍କୁ ନିଜ ଗ୍ରାମରେ ରହି ରୋଜଗାର କରିବା ପାଇଁ ସୁଯୋଗ ପ୍ରଦାନ କରିଛି । ଉପରୁକ୍ତ ଉଦ୍ୟୋଗ ମଧ୍ୟରୁ ସେବା କ୍ଷେତ୍ରରେ ୧୩୪ ଗୋଟି ଉଦ୍ୟୋଗ ପ୍ରତିଷ୍ଠା ହୋଇଥିବା ସ୍ଥଳେ ଉତ୍ପାଦନ କ୍ଷେତ୍ରରେ ୭୦ ଟି ଓ ବ୍ୟବସାୟ ଭିତ୍ତିକ ଶିଳ୍ପରେ ୯୭ ଗୋଟି ଉଦ୍ୟୋଗ କାର୍ଯ୍ୟକାରୀ ହୋଇଛି। ଅଞ୍ଚଳରେ ନୂତନ ଉଦ୍ୟୋଗ ପ୍ରତିଷ୍ଠା ହେବା ସହିତ ଅଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧି ତଥା ସାମାଜିକ ଉନ୍ନତୀକରଣ ଘଟିଛି। ପୂର୍ବରୁ ଯେଉଁ ବ୍ୟକ୍ତି ବିଶେଷ ମାନେ ଏହି ଉଦ୍ୟୋଗ ଦ୍ୱାରା ଲାଭବାନ ହୋଇଛନ୍ତି । ସେମାନଙ୍କର ମାସିକ ରୋଜଗାର କ୍ଷମତା ୧୨୦ ପ୍ରତିଶତରୁ ଉର୍ଦ୍ଧ୍ୱ ଅର୍ଥାତ ହାରାହାରି ୬ହଜାର ଟଙ୍କାରୁ ବୃଦ୍ଧି ହୋଇଛି । ସାଂପ୍ରତିକ ସ୍ଥିତିରେ ୧୪ ରୁ ୧୮ ହଜାର ଯାଏଁ ଟଙ୍କା ରୋଜଗାର ସେମାନେ କରିପାରୁଛନ୍ତି । ଏହି ଉଦ୍ୟମି ପ୍ରକଳ୍ପ ଅଞ୍ଚଳରେ ନୂତନ କ୍ଷୁଦ୍ର ଗ୍ରାମୀଣ ଉଦ୍ୟୋଗ ସୃଷ୍ଟି କରିଥିବା ସ୍ଥଳେ ସ୍ଥାନୀୟ ଲୋକଙ୍କ ସାମାଜିକ ତଥା ଅର୍ଥନୈତିକ ଅଭିବୃଦ୍ଧି ଘଟିଛି। ଉକ୍ତ ପ୍ରକଳ୍ପ ସଫଳ ରୂପାୟନ ହେବାରୁ ଏହା ଆହୁରି ୩ବର୍ଷ ଯାଏଁ କାର୍ଯ୍ୟକାରୀ ହେବ।

# ଜିଲ୍ଲାପାଳଙ୍କ ଲଖନପୁର ଆଦର୍ଶ ବିଦ୍ୟାଳୟ ପରିଦର୍ଶନ



ଝାରସୁଗୁଡ଼ା,(ସବ୍ୟୁ) : ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଏକ ମିଳିତ ଅଭିଯୋଗ ଶୁଣାଣି ପରେ ବିଡ଼ିଓଙ୍କ ସହ ଲଖନପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ଅଚାନକ ପରିଦର୍ଶନ କରି ପାଠପଢ଼ାର ସ୍ଥିତି ଏବଂ ବିଦ୍ୟାଳୟର ବିସ୍ତୃତ ଭିତ୍ତିଭୂମି ବ୍ୟବସ୍ଥାକୁ ସମୀକ୍ଷା କରିଥିଲେ । ଏହି ସମୟରେ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଅତ୍ୟନ୍ତ କମ୍ ଥିବା ଦେଖି ଏହାର କାରଣ ପଚାରିବାରୁ ଗୋଟିଏ ଦିନିଆ ଶିକ୍ଷକ ଧର୍ମଘଟ ଯୋଗୁଁ ଉପସ୍ଥାନ ପ୍ରଭାବିତ ହୋଇଥିବାର ପ୍ରଧାନ ଶିକ୍ଷକ କାରଣ ଦର୍ଶାଇଥିଲେ। ଏହି ଗସ୍ତ ସମୟରେ ଜିଲ୍ଲାପାଳ ଶ୍ରେଣୀଗୃହକୁ ଯାଇ ଛାତ୍ରଛାତ୍ରୀଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ ଏବଂ ପାଠପଢା ବିଷୟରେ ପଚାରି ବୁଝିଥିଲେ । ବିଦ୍ୟାଳୟର ସୁପରିଚାଳନା ପାଇଁ ଶିକ୍ଷକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା, ଯଥା: ପର୍ଯ୍ୟାପ୍ତ ଶ୍ରେଣୀଗୃହର ଅଭାବ, ପାଠାଗାରର ଉନ୍ନତିକରଣ ଆବଶ୍ୟକତା ଏବଂ ବିଦ୍ୟାଳୟ ପରିସରରେ ଶୌଚାଳୟ ତଥା ପରିମଳ ଏବଂ ସ୍ୱଚ୍ଛତା ଉପରେ ଆଲୋଚନା କରିଥିଲେ । ମୋବାଇଲ ନେଟୱାର୍କର ଅନୁପଲବ୍ଧତା କାରଣରୁ ସ୍ମାର୍ଟ ବୋର୍ଡ ମାଧ୍ୟମରେ ଅନଲାଇନ୍ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବାର ଜିଲ୍ଲାପାଳଙ୍କୁ ଅବଗତ ପରେ ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ବିଏସଏନଏଲ୍ ଅଧିକାରୀଙ୍କ ସହ ଜିଲ୍ଲାପାଳ ଆଲୋଚନା କରିଥିବା ଜଣାପଡ଼ିଛି ।

# ଯୁବକଙ୍କୁ ନିର୍ମମ ଭାବେ ହତ୍ୟା ଅଭିଯୋଗ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା କ୍ଷେତରାଜପୁର ଥାନା ଅନ୍ତର୍ଗତ ଲକ୍ଷ୍ମୀଡୁଙ୍ଗୁରୀ ପାହାଡ ଉପରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି । ମୃତ ଯୁବକ ଜଣକ ହୀରାକୁଦ ଥାନା ଗୁଜାତଲ ଅଞ୍ଚଳର ଅଭୟ କୁମାର ଦାସ (୨୦) ବୋଲି ଜଣାପଡିଛି । ଏନେଇ ପୋଲିସ ୩୨୨/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ସୂଚନାଯୋଗ୍ୟ, ହୀରାକୁଦ ଥାନା ଅନ୍ତର୍ଗତ ଗୁଜାତଲ ଅଞ୍ଚଳର ଅଭୟ ଗତକାଲି ସଂନ୍ଧ୍ୟା ଠାରୁ ନିଖୋଜ ଥିଲେ । ପରିବାର ବର୍ଗ ଓ ସାଙ୍ଗ ମାନେ ବହୁ ଖୋଜାଖୋଜି କରିଥିଲେ । ମାତ୍ର ତାଙ୍କର କୌଣସି ସନ୍ଧାନ ମିଳିନଥିଲା । ତେବେ ମଙ୍ଗଳବାର ଲକ୍ଷ୍ମୀଡୁଙ୍ଗୁରୀ ପାହାଡ ତଳେ ଅଭୟଙ୍କ ସ୍କୁଟି ଗାଡି ନମ୍ବର( ଓଡି୧୫କ୍ୟୁ-୪୮୯୨) ଦେଖିବାକୁ ମିଳିଥିଲା । ଏହାପରେ ତାଙ୍କ ମୃତଦେହ ପାହାଡ ଉପରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିଲା । ଖବର ପାଇ କ୍ଷେତରାଜପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ ଜରିଆରେ ତଦନ୍ତ ଆରମ୍ଭ କରିଛି । ଏଥିସହ ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ତେବେ ତାଙ୍କୁ କେହି ଗଳାକାଟି ନିର୍ମମ ଭାବେ ହତ୍ୟା କରିଥିବା ଅଭିଯୋଗ ହୋଇଛି । ଅଭୟଙ୍କ ବୁର୍ଲା ଅଞ୍ଚଳର ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ରହିଥିଲା । ଗତକାଲି ସେହି ଯୁବତୀ ଜଣକ ଫୋନ କରି ଅଭୟଙ୍କୁ ଲକ୍ଷ୍ମୀଡୁଙ୍ଗୁରୀ ପାହାଡ ପାଖକୁ ଆସିବାକୁ ଡାକିଥିଲେ । ଏହାପରେ ତାଙ୍କ ମୋବାଇଲ ଫୋନ ଲାଗିନଥିଲା । ସଂପୃକ୍ତ ଯୁବତୀଙ୍କୁ ପଚରାଉଚରା କଲେ ପ୍ରକୃତ ଘଟଣା ଜଣାପଡିବ ବୋଲି ମୃତ ଯୁବକଙ୍କ ସାଙ୍ଗ କରନ କହିଛନ୍ତି । ଏହା ଜଣାପଡିବା ପରେ ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଛି ।

# କୈବଲ୍ୟ ପ୍ରଧାନ ହତ୍ୟା ମାମଲା : ୪ ଗିରଫ



ବୌଦ୍ଧ,(ସବ୍ୟୁ): ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଗୋହିପିଟା ଗ୍ରାମ ବନ୍ଧ ନିକଟରେ ଗତ ୬ ତାରିଖ ଏକ ହତ୍ୟାକାଣ୍ଡ ଘଟିଯାଇଥିଲା । ଦମାମୁଣ୍ଡା ଗ୍ରାମର କୈବଲ୍ୟ ପ୍ରଧାନଙ୍କୁ ହତ୍ୟାକରାଯାଇଥିଲା । ପୁଲିସ ଏହି ହତ୍ୟାମାମଲାରେ ୪ ଜଣଙ୍କୁ ଗିରଫ କରିଛି ବୋଲି ଏସପି ରାହୁଲ ଗୋଏଲ ଏକ ସାମ୍ବାଦିକ ସମ୍ମିଳନିରେ ପ୍ରକାଶ କରିଛନ୍ତି । ଅଭିଯୁକ୍ତମାନେ ହେଲେ ମନମୁଣ୍ଡା ଥାନା ଦମାମୁଣ୍ଡା ଗ୍ରାମର ଉମେଶ ସାମଲ(୨୪),ରାଧାକାନ୍ତ ଭୋଇ (୨୪)ରମାକାନ୍ତ ସାମଲ(୨୪) ଓ କଲାସୁଲିଆ ଗ୍ରାମର ଅଜିତ ବାଘ(୨୧) ବୋଲି ପ୍ରକାଶ କରିଥିଲେ । ଏହି ହତ୍ୟାକାଣ୍ଡରେ ବ୍ୟବହୃତ ଗୋଟିଏ ମେଢା,ଗୋଟିଏ ପଥରକୁ ପୁଲିସ ଜବତ କରିଛି । ଗତ ୬ ତାରିଖ ରାତିରେ ସମସ୍ତେ ମିଶି ରାତି ପ୍ରାୟ ସାଢେ ନଅ ଘଣ୍ଟା ସମୟରେ ଭୋଜିଭାତ କରିଥିଲେ । ସେତିକି ବେଳେ ସେମାନଙ୍କ ମଧ୍ୟରେ ଝଗଡା ହୋଇଥିଲା । ପରେ ଅଭିଯୁକ୍ତମାନେ ପଥରରେ ତାଙ୍କୁ ଆକ୍ରମଣ କରି ହତ୍ୟା କରିଥିଲେ । ଏହି ଘଟଣାର ୧୨ ଘଣ୍ଟା ମଧ୍ୟରେ ମନମୁଣ୍ଡା ପୁଲିସ ଅଭିଯୁକ୍ତମାନଙ୍କୁ ଧରିବାରେ ସଫଳ ହୋଇଛି । କୈବଲ୍ୟ ବ୍ୟବହାର କରିଥିବା ବାଇକକୁ ଏକ ବନ୍ଧ ମଧ୍ୟରୁ ଅଗ୍ନିଶମ ବାହିନୀ ସାହାର୍ଯ୍ୟରେ ପୁଲିସ ଉଦ୍ଧାର କରିଛି । ଏହାସହ ମୋବାଇଲ ଫୋନ, ପୋଷାକ କୁ ମଧ୍ୟ ଉଦ୍ଧାର କରାଯାଇଛି ବୋଲି ଏସପି ପ୍ରକାଶ କରିଥିଲେ । ମନମୁଣ୍ଡା ଥାନା ଗୋହିପିଟା ଗ୍ରାମ ବନ୍ଧ ନିକଟରେ ୭ ତାରିଖରେ ମନମୁଣ୍ଡା ପୁଲିସ ଏକ କ୍ଷତାକ୍ତ ମୃତ ଦେହକୁ ଉଦ୍ଧାର କରିଥିଲା । ମନମୁଣ୍ଡା ପୁଲିସ ଦମାମୁଣ୍ଡା ଗ୍ରାମର କୈବଲ୍ୟ ପ୍ରଧାନ ମୃତ ଦେହ ବୋଲି ଚିହ୍ନଟ କରିଥିଲା । ପୁଲିସ ପ୍ରାଥମିକ ତଦନ୍ତରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଜାଣିବାକୁ ପାଇଥିଲା । କୈବଲ୍ୟକୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ମନମୁଣ୍ଡା ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତିକରି ପୁଲିସ ତଦନ୍ତକୁ ଯୋରଦାର କରିଥିଲା । ସନ୍ଧାନୀ କୁକୁର, ଡିଏଫଏସଏଲ ଟିମର ସାହାର୍ଯ୍ୟରେ ପୁଲିସ ଘଟଣାରେ ଚାରିଜଣ ଅଭିଯୁକ୍ତ ଥିବା ଜାଣି ପାରିଥିଲା । ଏହି ସାମ୍ବାଦିକ ସମ୍ମିଳନିରେ ଏସଡିପିଓ ଲରେନ ରାଉତରାୟ, ମନମୁଣ୍ଡା ଥାନା ଅଧିକାରୀ ସସ୍ମିତା ମଗର ଉପସ୍ଥିତ ଥିଲେ ।

# ୧୨ରୁ ସମ୍ବଲପୁରୀ ବହି ହାଟ



ସମ୍ବଲପୁର,(ସବ୍ୟୁ): ପଶ୍ଚିମ ଓଡିଶାର ବହୁ ଲେଖକଙ୍କ ଅନେକ ବହି ପ୍ରକାଶିତ ହେଉଛି । ବଜାର ବ୍ୟବସ୍ଥା ଅଭାବରୁ ତାହା ଲୋକଲୋଚନକୁ ଆସି ପାରୁନାହିଁ । ଫଳରେ ସମ୍ବଲପୁରୀ ଭାଷା, କଳା, ସଂସ୍କୃତି ଓ ପରମ୍ପରାର ଅନେକ ସୂଚନା ଲୁକାୟିତ ଭାବେ ରହି ଯାଉଛି । ଏହାର ବ୍ୟାପକ ପ୍ରଚାରପ୍ରସାର ପାଇଁ ଉଦ୍ୟମ ଆରମ୍ଭ ହୋଇଛି । ସମ୍ବଲପୁରୀ ଭାଷାର ବ୍ୟାପକ ପ୍ରଚାର ପ୍ରସାର ସହ ପଶ୍ଚିମ ଓଡିଶାର ଲେଖକଙ୍କ ପୁସ୍ତକ ବିକ୍ରୟ ଓ ପାଠକଙ୍କ ମଧ୍ୟରେ ପୁସ୍ତକ ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ଏହି ବହି ହାଟ କରାଯାଉଛି । ଆସନ୍ତା ଡିସେମ୍ବର ୧୨ ଓ ୧୩ରେ ଓଡିଶା ସାଂସ୍କୃତିକ ସମାଜ ଭବନ ଠାରେ ଏହା ଆୟୋଜିତ ହେବ । ଏହି ଅବସରରେ ବିଶିଷ୍ଟ ସାହିତ୍ୟ ସାଧକ ଅମୃତଲାଲ ସାହୁଙ୍କୁ କଲମ ଶ୍ରୀ ସମ୍ମାନରେ ସମ୍ମାନିତ କରାଯିବ । ମଙ୍ଗଳବାର ସାମ୍ବାଦିକ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କଲମ ପରିବାର ଟ୍ରଷ୍ଟ ସଭାପତି ତଫିଜୁଲ ହୁସେନ ଏହା କହିଥିଲେ । ସେ ଆହୁରି କହିଥିଲେ ଯେ, ଚଳିତବର୍ଷ ୩ୟ ସମ୍ବଲପୁରୀ ବହି ହାଟ ହେବାକୁ ଥିବାବେଳେ ପ୍ରଥମ ଥର ପାଇଁ ଓଡିଶା ସାହିତ୍ୟ ଏକାଡେମୀର ସହଯୋଗରେ ଏହା ଆୟୋଜିତ ହେବ । ପ୍ରଥମ ଦିନ ସମ୍ବଲପୁରୀ ସାହିତ୍ୟଥି ଆଲୋଚନା ଆର୍ ସମାଲୋଚନା ଶୀର୍ଷକ ଉପରେ ଆଲୋଚନା ଚକ୍ର ହେବ । ସେହିପରି କବିତା ପାଠ ଓ ସଂନ୍ଧ୍ୟାରେ ସଙ୍ଗୀତ କାର୍ଯ୍ୟକ୍ରମ ରହିଛି । ୨ୟ ଦିନ ସମ୍ବଲପୁର ରାଜ୍ୟର ଭିତିରି କଥା ପୁସ୍ତକ ଉନ୍ମୋଚନ ଓ ସ୍ରଷ୍ଟା ସୃଷ୍ଟି ଆର୍ ସାମାଜିକ ପ୍ରତିବଦ୍ଧତା ଶୀର୍ଷକ ଉପରେ ଆଲୋଚକ ମାନେ ଆଲୋଚନା କରିବେ । ଏଥିସହ ସମ୍ବଲପୁରୀ ସୁରୁ କଥାନୀ ପାଠ, ହାଇସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ପାଇଁ କୁଇଜ୍ ପ୍ରତିଯୋଗିତା ଏବଂ ସ୍ୱତନ୍ତ୍ର ଶ୍ରାବ୍ୟ ନାଟକ ପରିବେଷଣ କରାଯିବ । ଏହି ସାମ୍ବାଦିକ ସମ୍ମିଳନୀରେ ଟ୍ରଷ୍ଟର ସମ୍ପାଦକ କ୍ଷେତ୍ରମଣି ବିଭାର, ଉପସଭାପତି ଜୟକୃଷ୍ଣ ବେହେରା, କୋଷାଧ୍ୟକ୍ଷ ମହମ୍ମଦ ପରବେଜ ଅଲ୍ଲୀ ଖାନ୍ ଓ ତ୍ରିଲୋଚନ ତ୍ରିପାଠୀ ମଞ୍ଚାସୀନ ଥିଲେ ।

# ମହୁମାଛି ଆକ୍ରମଣରେ ଚାଷୀ ମୃତ

ବୌଦ୍ଧ,(ସବ୍ୟୁ): ମହୁମାଛି ଆକ୍ରମଣରେ ଜଣେ ଚାଷୀଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି। ମିଳିଥିବା ସୂଚନା ମୁତାବକ ବୌଦ୍ଧ ବ୍ଲକ୍ ମୁରୁଷୁଣ୍ଡି ପଞ୍ଚାୟତ ଅର୍ନ୍ତଗତ ଭାଲିଆପଦର ଗ୍ରାମର ଚାଷୀ ହୃଷିକେଶ ପ୍ରଧାନ(୭୭) ନିଜ ବାରିପଟେ ଥିବା ବିଲକୁ ଧାନ ଦେଖିବାକୁ ଯାଉଥିବା ସମୟରେ ବାରିପଟ ଆମ୍ବଗଛରେ ବସା ବାନ୍ଧିଥିବା ବାଜପକ୍ଷୀ ଉଡିଯିବାରୁ ଗଛରେ ହୋଇଥିବା ମହୁମାଛି ବସାରୁ ହଠାତ୍ ମହୁମାଛିମାନେ ଉଡି ତାଙ୍କୁ ଆକ୍ରମଣ କରିଥିଲେ। ହୃଷିକେଶ ଚିତ୍କାର କରିବାରୁ ପରିବାରଲୋକ ଓ ଗ୍ରାମବାସୀମାନେ ତାଙ୍କୁ ସାହାଯ୍ୟ କରିବାକୁ ଆସିବାରୁ ସେମାନଙ୍କ ମଧ୍ୟରୁ ପ୍ରାୟ ୧୫ ଜଣ ମହୁମାଛି ଆକ୍ରମଣର ଶୀକାର ହୋଇଥିଲେ। ତେବେ ଅନ୍ୟମାନେ ଭୟରେ ଦୌଡି ଜୀବନ ବଞ୍ଚାଇଥିବାବେଳେ ହୃଷିକେଶଙ୍କୁ ମହୁମାଛିମାନେ ଗୁରୁତର ଭାବରେ ଆକ୍ରମଣ କରିଥିଲେ। ବହୁ କଷ୍ଟରେ ପରିବାରଲୋକ ତାଙ୍କୁ ଉଦ୍ଧାର କରି ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ଜଣାଯାଇଛି। ଏହି ଘଟଣାରେ ଭାଲିଆପଦର ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି। ବୁର୍ଲାରେ ଶବ ବ୍ୟବଚ୍ଛେଦ ପରେ ମହେଶ୍ୱରଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାଯାଇଛି। ତେବେ ହୃଷିକେଶ ଜଣେ ଗରିବ ଚାଷୀ ହୋଇଥିବାରୁ ତାଙ୍କ ପରିବାରକୁ ସରକାରଙ୍କ ପକ୍ଷରୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ପରେ ପ୍ରତାରଣା, ଥାନାରେ ଅଭିଯୋଗ କଲେ ପିଡିତା

ବୌଦ୍ଧ,(ସବ୍ୟୁ): ବିବାହର ପ୍ରତିଶୃତି ଦେଇ ବାରମ୍ବାର ଶାରିରୀକ ସଂପର୍କ ରଖିବା ପରେ ପ୍ରତାରଣାର ଶୀକାର ହୋଇଛନ୍ତି ଜଣେ ଯୁବତୀ। ଗଂଜାମ ଜିଲ୍ଲା ଖୋଲିକୋଟ ଅଞ୍ଚଳର ଏହି ପିଡିତା ଯୁବତୀ ନିଜର ବାନ୍ଧବୀ ମାନଙ୍କ ସହିତ ବୌଦ୍ଧ ବ୍ଲକ ଅନ୍ତର୍ଗତ ମୁଣ୍ଡାପଡା ପଞ୍ଚାୟତର କମିରା ଗ୍ରାମରେ ପ୍ରେମିକର ଘର ଆଗରେ ତୁମୁଳ କାଣ୍ଡ ଭିଆଇବା ସହିତ ବୌଦ୍ଧ ଆଦର୍ଶ ଥାନାରେ ଅଭିଯୁକ୍ତଙ୍କ ନାମରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି। ବୌଦ୍ଧ ପୁଲିସ ସୁତ୍ରରୁ ମିଳିଥିବା ସୂଚନା ମୁତାବକ ଗଂଜାମ ଜିଲ୍ଲା ଖୋଲିକୋଟ ଅଞ୍ଚଳର ଜଣେ ଯୁବତୀ ବୌଦ୍ଧର ପାଞ୍ଚାଳି କେଟେରିଙ୍ଗରେ ବିଭିନ୍ନ ଭୋଜିଘରେ କାମ କରିବାକୁ ନିଜ ବାନ୍ଧବୀମାନଙ୍କ ସହିତ ବୌଦ୍ଧ ଆସୁଥିଲେ। ଏହାରି ମଧ୍ୟରେ କେଟେରିଙ୍ଗ ର ମାଲିକ ମହେଶ୍ୱର ହୋତା ଓରଫ ବାଜି ଙ୍କ ସହିତ ଯୁବତୀଙ୍କ ପ୍ରେମ ସଂପର୍କ ସୃଷ୍ଟି ହୋଇଥିଲା। ଏହି ପ୍ରେମରୁ ଉଭୟଙ୍କ ମଧ୍ୟରେ ଶାରିରୀକ ସଂପର୍କ ମଧ୍ୟ ସୃଷ୍ଟି ହୋଇଥିଲା। ଦୀର୍ଘ ଦୁଇ ବର୍ଷ ଧରି ସେମାନଙ୍କ ମଧ୍ୟରେ ପ୍ରେମ ସଂପର୍କ ଗଢିଉଠିଥିଲା । ଶେଷରେ ମହେଶ୍ୱର ତାଙ୍କୁ ବିବାହ କରିବାକୁ ମନା କରିଦେବାରୁ ଯୁବତୀ ଜଣଙ୍କ ବୌଦ୍ଧ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତିକରି ବୌଦ୍ଧ ପୁଲିସ ଏକ ମାମଲା ରଜୁ କରି ମହେଶ୍ୱରକୁ ଆଣି ପଚରା ଉଚରା ଚଳାଇଛି ବୋଲି ଥାନା ଅଧିକାରୀ ନଳିନୀକାନ୍ତ ଦାଶ ସୂଚନା ଦେଇଛନ୍ତି।

# ୧୦ରୁ ବୌଦ୍ଧରେ ଧନୁଯାତ୍ରା ଆରମ୍ଭ

ବୌଦ୍ଧ,(ସବ୍ୟୁ): ବୌଦ୍ଧ ସହରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମଦନ ମୋହନ ନାଟ୍ୟ କଳାପରିଷଦ ପକ୍ଷରୁ ଆଜିଠୁ ଆରମ୍ଭ ହେବାକୁ ଯାଉଛି ଅଧ୍ୟାତ୍ମିକ ଧନୁଯାତ୍ରା । ଏଥି ପାଇଁ ଅନୁଷ୍ଠାନ ପକ୍ଷରୁ ପ୍ରସ୍ତୁତି ଜୋରଦାର ଆରମ୍ଭ କରାଯାଇଛି । ଏହି ଧନୁଯାତ୍ରା ସହରର ଭୈରବୀ ପଡିଆ ଠାରେ ଅନୁଷ୍ଠିତ ହେବ । ସେଥିପାଇ ପଡିଆରେ ପୁରା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ରହିଥିବା ବେଳେ ନାଟକ ପରିବେଷିତ ପାଇଁ ପୁରା ଷ୍ଟେଜ ପ୍ରସ୍ତୁତ ହୋଇଛି । ଚଳିତ ବର୍ଷ ଧନୁଯାତ୍ରା ୧୯ ବର୍ଷରେ ପହଞ୍ଚିଥିବା ବେଳେ ଅନୁଷ୍ଠାନର କଳାକାର ମାନଙ୍କ ଦ୍ୱାରା ସମସ୍ତ ନାଟକ ପରିବେଷିତ ହେବ । ଦୀର୍ଘ ୮ ଦିନ ଧରି ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳା ଓ ପୌରାଣିକ କଥାବସ୍ତୁକୁ ଯାତ୍ରା ନାଟକ ଶୈଳୀରେ ପ୍ରତିଦିନ ପରିବେଷିତ ହେବ । ଚଳିତ ବର୍ଷ ଯାତ୍ରାକୁ ଅଧିକ ସରସ ସୁନ୍ଦର କରିବାକୁ ମୀନାବଜାର ଓ ସୁସ୍ୱାଦ୍ୟୁ ଖାଦ୍ୟର ଷ୍ଟଲ ମାନ ଖୋଲାଯାଇଛି। ଓ ଏଥିପାଇଁ ଅନୁଷ୍ଠାନର କଳାକାର ମାନେ ପୁରା ମାତ୍ରାରେ ଲାଗିପଡିଛନ୍ତି । । ବୁଧବାର ଦିନ ଉଦଘାଟନ ସମାରୋହ ଥିବା ବେଳେ ସକାଳେ ମହାନଦୀରୁ ଏକ କଳସ ଶୋଭାଯାତ୍ରା ମଦନ ମୋହନ ଜୀଉଙ୍କ ମନ୍ଦିରକୁ ଆସିବା ପରେ ମନ୍ଦିରେ ପୁଜାର୍ଚ୍ଚନା କରାଯାଇ ଶୁଭାରମ୍ଭ କରାଯିବର କାର୍ଯ୍ୟକ୍ରମ ରହିଥିବା ନେଇ ଅନୁଷ୍ଠାନର ସମ୍ପାଦକ ପଙ୍କଜ କୁମାର ମେହେର ସୁଚନା ଦେଇଛନ୍ତି ।

# ରେଢ଼ାଖୋଲ ପ୍ରେସ କ୍ଲବ୍ ପକ୍ଷରୁ ସାମ୍ବାଦିକ ରମାକାନ୍ତଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି



ରେଢ଼ାଖୋଲ,(ସବ୍ୟୁ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ପ୍ରେସ କ୍ଲବ୍ ସଭାପତି ଯୁବ ସାମ୍ବାଦିକ ରମାକାନ୍ତ ମହାନନ୍ଦ ସୋମବାର ଖବର ସଂଗ୍ରହ କରି ଯାଉଥିବା ସମୟରେ ଏକ ସଡ଼କ ଦୁର୍ଘଟଣାରେ ଦେହାନ୍ତ ହୋଇଥିଲା । ମଙ୍ଗଳବାର ରେଢ଼ାଖୋଲ ପ୍ରେସ କ୍ଲବ୍ ଠାରେ ପ୍ରେସ କ୍ଲବ୍ ପକ୍ଷରୁ ସମ୍ପାଦକ ତପନ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏକ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହିତ ଦୀପ ପ୍ରଜ୍ୱଳନ କରାଯାଇଥିଲା। ସଂଘର ସମସ୍ତ ସଦସ୍ୟ ମର୍ମାହତ ଥିବା ବେଳେ କାନ୍ଦି କାନ୍ଦି ନିଜ ନିଜର ଅଭିବ୍ୟକ୍ତ ପ୍ରଦାନ କରିଥିଲେ। ସେ ଜଣେ ସ୍ୱାବଲମ୍ବୀ, ମେଳାପି, କର୍ମଠ, ଦକ୍ଷ ଏବଂ ନିର୍ଭିକ ସାମ୍ବାଦିକ ରହିଥିଲେ। ରେଢ଼ାଖୋଲ ଅଞ୍ଚଳରେ ସାମ୍ବାଦିକତା ଓ କଳା କ୍ଷେତ୍ରରେ ଏବଂ ସାର୍ବଜନୀକ ବିକାଶ କ୍ଷେତ୍ରରେ ସେ ଜଣେ ପ୍ରେରଣା ଦାୟକ ରହିଥିଲେ। ଆଜି ସଂଘ ପକ୍ଷରୁ ତାଙ୍କର ଅମର ଆତ୍ମାର ସତଗତି କାମନା କରିବା ସହିତ ପରିବାର ବର୍ଗକୁ ସମବେଦନା ଜଣାଇ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏଥିରେ ସଂଘର କୋଷାଧ୍ୟକ୍ଷ ଯୋଶବନ୍ତ ନାରାୟଣ ସାହୁ, ବରିଷ୍ଠ ସାମ୍ବାଦିକ ଜୟନ୍ତ ଖାଡ଼ିରତ୍ନ, ରୋହିତ ଭୋଇ, ପ୍ରସନ୍ନ ପ୍ରଧାନ, ଶଙ୍କର ପୃଷ୍ଟି, ସୁଶାନ୍ତ ନାଗ, ରଶ୍ମି ଖଡିରତ୍ନ, ସରୋଜ ସାହୁ, ଅନିଲ ପୃଷ୍ଟି, ମମତା ପାତ୍ର, ସୁଧୀର ସୁନା, ଗଜାନନ ଭେଷରା, ବିଦ୍ୟାଧର ମାଝି, ସରୋଜ ରାଉତ, ରଶ୍ମିତା ରାଉତ, ମଦନ ବେହେରା, ଲିଙ୍ଗରାଜ ପ୍ରଧାନ ପ୍ରମୁଖ ସମେତ ଅନ୍ୟ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ଓଡ଼ିଶା ବନାମ କର୍ଣ୍ଣାଟକ କୁଚ ବେହାର ଟ୍ରଫି ଉଦ୍‌ଘାଟିତ



ବଲାଙ୍ଗିର,(ସବ୍ୟୁ): ଓଡିଶା କ୍ରିକେଟ ଏସୋସିଏସନ ଓ ବଲାଙ୍ଗିର ଜିଲ୍ଲା କ୍ରୀଡା ସଂସଦ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଗାନ୍ଧୀ ଷ୍ଟଡିୟମରେ ଓଡିଶା ବନାମ କର୍ଣ୍ଣାଟକ ୪ ଦିବସୀୟ କୁଚ ବେହାର ଟ୍ରଫି ର ଉଦ୍ଘାଟନି ଉତ୍ସବ ଆୟୋଜିତ ହୋଇଯାଇଛି । ଜିଲ୍ଲାପାଳ ଗୌରବ ଶିବାଜି ଇସଲୱାର ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଉଭୟ ଦଳର ଖେଳାଳିଙ୍କ ଶୁଭେଚ୍ଛା ଜ୍ଞାପନ କରିଥିଲେ । ସମ୍ମାନିତ ଅତିଥି ଭାବେ ତରଣୀସେନ ସୁନା ପ୍ରକଳ୍ପ ନିର୍ଦ୍ଦେଶକ, ଡିଆରଡିଏ ବଲାଙ୍ଗିର, ପୌର କାର୍ଯ୍ୟାଳୟ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ବେହେରା ଯୋଗଦାନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ସଂସଦର ସାଧାରଣ ସଂପାଦକ ହରିନାରାୟଣ ପୁଜାରୀଙ୍କ ଆବାହକତ୍ୱ ଓ କାର୍ଯ୍ୟକାରୀ ସଭାପତି ଶ୍ରୀକର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଆୟୋଜନରେ ଉପ-ସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ପ୍ରହଲ୍ଲାଦ ଶତପଥି, ଯୁଗ୍ମ ସଂପାଦକ ପଦ୍ମ ଚରଣ ଆଚାର୍ଯ୍ୟ, କୋଷାଧକ୍ଷ ହେମନ୍ତ ବେହେରା, ଫୁଟବଲ ସଂପାଦକ ଶରତ ନନ୍ଦ, କ୍ରୀଡା ସଂପାଦକ ବିଭୁତି ପଣ୍ଡା, ବରିଷ୍ଠ ସଭ୍ୟ ରମେଶ ଚନ୍ଦ୍ର ପୁରୋହିତ, ରମାକାନ୍ତ ସେଠ, ସୁଧିର ଚନ୍ଦ୍ର ପଣ୍ଡା, ରାଜେନ୍ଦ୍ର ପୁରୋହିତ, ପ୍ରଭାତ କୁମାର ମିଶ୍ର, ସୂର୍ଯ୍ୟ ମିଶ୍ର, ରୁରାଲ ସ୍ପୋର୍ଟ୍ସ ଓ ଭଲିବଲ ସଂପାଦକ ସଂଗ୍ରାମ ବହିଦାର ଓ ଓଡିଶା ଟିମ୍ ମ୍ୟାନେଜର ପୃଥ୍ୱୀରାଜ ମିଶ୍ର ତଥା ସଭ୍ୟ ଡ. ସିଦ୍ଧେଶ୍ୱର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ଟସ୍ ଜିଣି ଓଡିଶା ଦଳ ପ୍ରଥମେ ବ୍ୟାଟିଂ କରି ସମୁଦାୟ ୧୭୦ ରନ୍ ସଂଗ୍ରହ କରି ସମସ୍ତ ୱିକେଟ ହରାଇଥିଲେ । ଓଡିଶା ଦଳ ତରଫରୁ ସଫଳ ବୋଲର ଭାବେ ଅଭିରୂପ ଦାଶ ସର୍ବାଧିକ ୪୮ ରନ୍ , ଆଦିତ୍ୟ ରଂଜନ ରାଏ ୩୧ ରନ ଓ ସୟଦ ଟଫେଲ ୨୦ ରନ୍ ସଂଗ୍ରହ କରିଥିଲେ । କର୍ଣ୍ଣାଟକର ସଫଳ ବୋଲର ଭାବେ ଅକ୍ସଦ ପ୍ରଭାକର ସର୍ବାଧିକ ୫ ଗୋଟି ୱିକେଟ ଓ ଇସା ପଟେକ୍ ୩ ଗୋଟି ୱିକେଟ ଅକ୍ତିଆର କରିଥିଲେ । କର୍ଣ୍ଣାଟକ ଦଳ ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ୧ ୱିକେଟ ହରାଇ ୪୪ ରନ୍ ସଂଗ୍ରହ କରିଛନ୍ତି । ଓଡିଶା ଦଳ ତରଫରୁ ଶିବୁ ନନ୍ଦ ଗୋଟିଏ ୱିକେଟ ଅକ୍ତିଆର କରିଛନ୍ତି ।

# ଗୋରୁବୋଝେଇ ପିକ୍‌ଅପ୍ ଭ୍ୟାନ ଜବତ
# ଡ୍ରାଇଭର ଫେରାର, ୫ ମହିଁଷି ଉଦ୍ଧାର

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଅଞ୍ଚଳରେ ଦିନକୁ ଦିନ ବେଆଇନ ଗୋରୁଚାଲାଣ ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି। ବେଆଇନ ଗୋରୁ ବେପାରୀମାନେ ଏବେ ଜାତୀୟ ରାଜପଥ ରାସ୍ତା ଛାଡି ଗ୍ରାମାଞ୍ଚଳ ରାସ୍ତାକୁ ମାଧ୍ୟମ କରୁଥିବା ବେଳେ ଗୋରୁଙ୍କ ମାଂସ କାଟି ବିକିବା ଉଦ୍ଦେଶ୍ୟରେ ଏହି ଚୋରା ଗୋଚାଲାଣ କରୁଥିବାର ଜଣାପଡିଛି। ଅଞ୍ଚଳରେ ଗୋଚାଲାଣ ଦିନକୁଦିନ ଅହେତୁକ ବଢ଼ିବାରେ ଲାଗିଥିବା ବେଳେ ସୋମବାର ରାତିରେ ମୁରିବାହାଲ ଥାନା ହଳଦୀ ଗ୍ରାମ ବସ୍ତି ମଝିରେ ଗୋରୁ ବୋଝେଇ ଏକ ପିକଅପ ଭ୍ୟାନ (ଓଡି ୦୩ ଟି ୫୧୪୧)କୁ ମୁରିବାହାଲ ବଜରଙ୍ଗ ଦଳର କର୍ମକର୍ତ୍ତା ଓ ହଳଦୀ ଗ୍ରାମବାସୀ ଜବତ କରିଥିଲେ। ଏହି ପିକଅପ ଗାଡ଼ିର ମାଲିକ କନ୍ଧାଖାଲ ଗ୍ରାମର ସୁଧୀର ମହାନନ୍ଦ ବୋଲି ଜଣାପଡିଛି।

ସୂଚନା ଅନୁସାରେ ଏହି ଗାଡ଼ିଟି ମୁରିବାହାଲ ପଟରୁ ଅତି ଦ୍ରୁତ ଗତିରେ ଆସୁଥିବା ବେଳେ ସନ୍ଦେହ କରି ପିକଅପ ଭ୍ୟାନକୁ ହଳଦୀ ଗ୍ରାମବାସୀ ପ୍ରଥମେ ଅଟକାଇଥିଲେ। ଗାଡ଼ି ଅଟକାଇବା ପରେ ଗାଡ଼ିର ଡ୍ରାଇଭର ଗାଡି ଛାଡି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ପରେ ହଳଦୀ ଗ୍ରାମବାସୀ ଓ କିଛି ଗୋରକ୍ଷକ ପ୍ରେମୀଭାଇମାନେ ବଜରଙ୍ଗ ଦଳ ମୁରିବାହାଲ ବ୍ଲକ ସଂଯୋଜକ ସାନ ସାହୁଙ୍କୁ ଫୋନ୍ କରିଥିଲେ। ତୁରନ୍ତ ବଜରଙ୍ଗ ଦଳର କର୍ମକର୍ତ୍ତା ଘଟଣା ସ୍ଥଳରେ ଉପସ୍ଥିତ ରହି ମୁରିବାହାଲ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ଗାଡ଼ିରେ ଅତି ଅମାନୁଷିକ ଭାବରେ ତଥା ଗୁରୁତର ରକ୍ତାକ୍ତ ହୋଇ ଚାଲାଣ ହେଉଥିବା ୫ଟି ମହିଁଷୀକୁ ଉଦ୍ଧାର କରିଥିଲା । ପୋଲିସ ଅଟକ ପିକଅପ ଭ୍ୟାନକୁ ଜବତ କରି ଥାନାକୁ ନେଇ ଅଧିକ ତଦନ୍ତ କରୁଥିବା ବେଳେ ଉଦ୍ଧାର ସମସ୍ତ ମହିଁଷିକୁ କଣ୍ଟାବାଞ୍ଜି ଗୋଶାଳାକୁ ନେଇ ରଖିଥିଲା। ଉଦ୍ଧାର ବେଳେ ମୁରିବାହାଲ ବଜରଙ୍ଗ ଦଳର ସାନ ସାହୁ,ଗୋବିନ୍ଦ ସେଠ,ରାଜ ନାଗ, ଯଶ ଶର୍ମା, ନିତୁ କର୍ମୀ,ସମ୍ପଦ ଆଚାରି,ଜଗଦୀଶ କମ୍ପଙ୍କ ସହ ହଳଦୀ ଗ୍ରାମବାସୀ ଉପସ୍ଥିତ ଥିଲେ। ମୁରିବାହାଲ ବଜରଙ୍ଗ ଦଳ ତରଫରୁ ବ୍ଲକ ଅଞ୍ଚଳରେ ଚାଲିଥିବା ଶହ ଶହ ବେଆଇନ୍ ଗୋରୁଚାଲାଣକୁ ତୀବ୍ର ବିରୋଧ କରାଯିବା ସହ ପୋଲିସ ପ୍ରଶାସନ ପକ୍ଷରୁ ଏଭଳି ସହଯୋଗ କରିବାକୁ ଅନୁରୋଧ କରାଯାଇଛି।

# ସାମ୍ବାଦିକ ରମାକାନ୍ତଙ୍କ ମୃତ୍ୟୁ ଦୁର୍ଘଟଣାରେ ନୁହ ହତ୍ୟା କରି ଫିଙ୍ଗି ଦେଇଥିବା ଭାଇ କଲେ ଅଭିଯୋଗ

ରେଢ଼ାଖୋଲ,(ସବ୍ୟୁ): ସୋମବାର ପୂର୍ବାହ୍ନରେ ରେଢ଼ାଖୋଲର ଓଟିଭି ର ପ୍ରତିନିଧି ରମାକାନ୍ତ ମହାନନ୍ଦଙ୍କ ନାକଟିଦେଉଳ ନିକଟସ୍ଥ ଚମ୍ପାଳି ନଦୀ ଠାରେ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା କୁହାଯାଉଥିଲା । କିନ୍ତୁ, ଏହାକୁ ଖଣ୍ଡନ କରିଛନ୍ତି ରମାକାନ୍ତ ଙ୍କ ଭାଇ ଉମାକାନ୍ତ । ଏହା ଏକ ସୁପରିକଳ୍ପିତ ହତ୍ୟା କାଣ୍ଡ ବୋଲି ନାକଟିଦେଉଳ ଥାନାରେ ଲିଖିତକାରରେ ଅଭିଯୋଗ କରିଛନ୍ତି । ସୂଚନା ଥାଉକି ସୋମବାର ନାକଟିଦେଉଳ ବ୍ଲକ ପରିସରରେ ସମ୍ବଲପୁର ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀର ଖବର ସଂଗ୍ରହ ପାଇଁ ସକାଳ ୯.୩୦ ମି ରେ ଘରୁ ପାଦ କାଢ଼ିଥିଲେ । ନାକଟିଦେଉଳ ଆଦର୍ଶ ବିଦ୍ୟାଳୟ ନିକଟ ଚମ୍ପାଳି ନଦୀ ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।

# ଟୋକନ ସମସ୍ୟାକୁ ନେଇ ଚାଷୀ ଅସନ୍ତୋଷ, ଆନ୍ଦୋଳନ ଚେତାବନୀ



ସମ୍ବଲପୁର, (ସବ୍ୟୁ): ମଣ୍ଡି ଖୋଲିଲା କିନ୍ତୁ ଧାନ ବିକି ପାରୁନି ଚାଷୀ । ଅମଳ ଧାନ ଖଳା ଓ ମଣ୍ଡିରେ ପଡିଛି । ଶୀତ କାକର ଓ ବର୍ଷା ଖାଉଛି । ଟୋକନ ସମସ୍ୟା ଯୋଗୁଁ ଧାନ କିଣାରେ ଅବ୍ୟବସ୍ଥା ଲାଗି ରହିଛି । ଫଳରେ ଚାଷୀ ଅସନ୍ତୋଷ ଦେଖା ଦେଲାଣି । ଅନ୍ୟପଟେ ମିଲର୍ସଙ୍କ ମନମାନି ଓ କଟନି ଛଟନି ଯୋଗୁଁ ଚାଷୀକୂଳ ଚିନ୍ତାରେ ପଡିଯାଇଛି । ସମ୍ବଲପୁର ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ୫୨ହଜାର୧୨୮ଟି ଟୋକନ ଆସିଥିବା ଜଣାପଡିଛି । ମୋଟ ୨ଲକ୍ଷ୯୪ହଜାର୨୬କ୍ୱିଣ୍ଟାଲ ଧାନ କିଣାଯାଇଛି । ଭୁବନେଶ୍ୱରରୁ ଟୋକନ ପରିଚାଳନା ହେଉଥିବା ବେଳେ ଏପର୍ଯ୍ୟନ୍ତ ୭୦ପ୍ରତିଶତ ଚାଷୀଙ୍କ ପାଖରେ ଟୋକନ ପହଞ୍ଚିନାହିଁ । କିଛି ଚାଷୀଙ୍କ ପାଖରେ ଆବଶ୍ୟକ ଟୋକନ ବଦଳରେ ଗୋଟିଏ କିମ୍ବା ଦୁଇଟି ପହଞ୍ଚିଛି । ଅନେକ ଚାଷୀଙ୍କୁ ଏପର୍ଯ୍ୟନ୍ତ ଟୋକନ ମିଳିନାହିଁ । ଏଥିଯୋଗୁଁ ଧାନ ବିକ୍ରି କରିବାକୁ ନେଇ ଚାଷୀ ମନରେ ଉତ୍ସାହ ଦେଖିବାକୁ ମିଳୁନାହିଁ । ଚାଷୀର ଦୁଃଖ ବଢିବାରେ ଲାଗିଛି । ମଣ୍ଡି ଖୋଲିବା ପୂର୍ବରୁ ସରକାର ଟୋକନ ସମସ୍ୟା ହେବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଟୋକନ ନମିଳିବାରୁ ଧାନ ଗଦା ହୋଇ ରହିଛି । ପୂର୍ବରୁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଥିବା ଚାଷୀ କମିଟି ସେମାନଙ୍କ ଧାନ ବିକ୍ରି କରିବାକୁ ଟୋକନ ଜାରି କରୁଥିଲା । ୨୦୨୨ ମସିହା ପରଠାରୁ ଏହାକୁ ରାଜଧାନୀ ଭୁବନେଶ୍ୱରରେ କେନ୍ଦ୍ରୀଭୂତ କରାଯାଇଛି । ଏହାଦ୍ୱାରା କେଉଁ ଚାଷୀର ଧାନ ଅମଳ ହୋଇଛି ଓ କାହାର ବିଳମ୍ବ ହେବ ତାହା ରାଜ୍ୟରେ ଜାଣିବା କଷ୍ଟକର ଅଟେ । ଚଳିତ ଥର ମଧ୍ୟ ଏହି ସମସ୍ୟା ଉପୁଜିଛି । ବିଶେଷ କରି ଜଳସେଚିତ ଜମିର ଚାଷୀ ଧାନ ବିକ୍ରି କରି ରବି ଫସଲ ପାଇଁ ପ୍ରସ୍ତୁତ ହୋଇଥାଏ । କିନ୍ତୁ ଏକ ମାସ ବିଳମ୍ବରେ ମଣ୍ଡି ଖୋଲିବା ପାଇଁ ଦିନ ଧାର୍ଯ୍ୟ, ଟୋକନ ସମସ୍ୟା ଓ କଟନି ଛଟନି ଯୋଗୁଁ ସମସ୍ୟା ଦେଖାଯାଇଛି ।

ସମ୍ବଲପୁର ଜିଲ୍ଲାରେ ଚଳିତବର୍ଷ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଗତ ୨୮ନଭେମ୍ବର ଠାରୁ ଆରମ୍ଭ ହୋଇଛି । ମିଲର୍ସ ଓ ପ୍ରଶାସନ ମଧ୍ୟରେ ଧାନ ଚୁକ୍ତି ସ୍ୱାକ୍ଷର ନେଇ ପ୍ରଥମରୁ ସମସ୍ୟା ଦେଖାଯାଇଥିଲା । ମଣ୍ଡିରେ ହଜାର ହଜାର କ୍ୱିଣ୍ଟାଲ ଧାନ ଗଦା ହୋଇଥିଲା । ଚାଷୀ ଆନ୍ଦୋଳନ ପରେ ଏହି ସମସ୍ୟା ଦୂର ହୋଇଛି । ତେବେ ଧାନ ସଂଗ୍ରହ ପ୍ରକ୍ରିୟା ୧୨ଦିନରେ ପହଞ୍ଚିଲାଣି । ଏହାସତ୍ତ୍ୱେ ଧାନ କିଣାବିକା ସ୍ୱାଭାବିକ ହୋଇ ପାରିନାହିଁ । ଟୋକନ ସମସ୍ୟା ଯୋଗୁଁ ଚାଷୀଙ୍କ କଷ୍ଟୋପାର୍ଜିତ ଧାନ ଖଳା, କ୍ଷେତ, ରାସ୍ତା ଓ ମଣ୍ଡି ପଡିଛି । କେବେ ମିଲର୍ସ ଧାନ ଉଠାଇବ ସେ ନେଇ ଚାଷୀ ଅନାଇ ବସିଛି । ଜଳସେଚିତ ଜମିରେ ଏକର ପିଛା ୧୯କ୍ୱିଣ୍ଟାଲ ଓ ଅଣ ଜଳସେଚିତ ଜମିରେ ୧୩କ୍ୱିଣ୍ଟାଲ ଧାର୍ଯ୍ୟ ହୋଇଛି । ଧାନ ବିକ୍ରି ହେଲେ ଚାଷୀ ଆଗାମୀ ଡାଲୁଆ ଚାଷ ସହ ଋଣ ପରିଶୋଧ କରିବ । ତେଣୁ କେତେକ ଚାଷୀ ବାଧ୍ୟ ହୋଇ ଅଭାବୀ ବିକ୍ରିର ସମ୍ମୁଖୀନ ହୋଇଛନ୍ତି । ଏଭଳି ସମମ୍ୟା ଲାଗି ରହିଲେ ଚାଷୀର ୮ଶହ ଟଙ୍କା ସବ୍‌ସିଡି ଆଶା ଧୂଳିସାତ୍ ହେବ । ଧାନ ସଂଗ୍ରହ ପାଇଁ ଜିଲ୍ଲା ଯୋଗାଣ ବିଭାଗ, ସମବାୟ ସମିତି, ମିଲର୍ସ ଓ ଚାଷୀ ଥିଲେ ମଧ୍ୟ ସମନ୍ୱୟର ଅଭାବ ଦେଖିବାକୁ ମିଳୁଛି ।

ଆସନ୍ତା ୧୧ତାରିଖ ସୁଦ୍ଧା ଧାନ ଉଠାଣ ଓ ଟୋକନ ପ୍ରଦାନ କରିବାକୁ ଚାଷୀ ମାନେ ଦାବି କରିଛନ୍ତି । ତେବେ ସମସ୍ୟାର ତୁରନ୍ତ ସମାଧାନ ନହେଲେ ଏକ ବଡ ଧରଣର ଆନ୍ଦୋଳନ ହେବ ବୋଲି ପଶ୍ଚିମ ଓଡିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଚେତାବନୀ ଦେଇଛି ।

# ବିଧାୟକଙ୍କୁ ହତ୍ୟା ଧମକକାରୀଙ୍କୁ ଗିରଫ ଦାବିରେ କଂଗ୍ରେସର ପ୍ରତିବାଦ ସଭା




ଭବାନୀପାଟଣା, (ସବ୍ୟୁ): କଳାହାଣ୍ଡି ଜିଲ୍ଲା ସଦର ବିଧାୟକ ସାଗର ଚରଣ ଦାସ ଓ ତାଙ୍କ ସହଯୋଗୀଙ୍କୁ ହତ୍ୟା ଧମକ ଦେଇଥିବା ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଆଜି ସଦର ନିର୍ବାଚନ ମଣ୍ଡଳୀ କଂଗ୍ରେସ ପକ୍ଷରୁ ଏକ ରାଲି ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଏସପି କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ପ୍ରତିବାଦ ସଭାରେ ଜିଲ୍ଲା ସଭାପତି ଜଳନ୍ଧର ନାଏକ, ପୂର୍ବତନ ବିଧାୟକ ଭାରତ ବେମାଲ, ଜିଲ୍ଲା ଯୁବ ସଭାପତି ମହମ୍ମଦ ସାହେବ, ଉତ୍ସବ ସାହୁ, ବରିଷ୍ଠ ନେତା ସନ୍ତୋଷ ମୁଣ୍ଡ, ତୁଲେଶ୍ୱର ନାଏକ, ଧନୁର୍ଯ୍ୟୟ ଗହୀରଙ୍କ ନେତୃତ୍ୱରେ ଶହ ଶହ ନେତା ଓ ଦଳୀୟ କର୍ମୀ ଯୋଗଦେଇ ରାଜ୍ୟ ସରକାରକୁ କଟୁ ସମାଲୋଚନା କରି ତୁରନ୍ତ ଧମକ କାରୀକୁ ଗିରଫ ଦାବିରେ ଏକ ଦାବୀ ପତ୍ର ଏସପିଙ୍କୁ ପ୍ରଦାନ କରିଥିଲେ ।

## ଅର୍ଜୁନ-ବିଷାଦଯୋଗଃ

ଅର୍ଜୁନ ଉବାଚ

**ଯେଷାମର୍ଥେ କାଙ୍କ୍ଷିତଂ ନୋ ରାଜ୍ୟଂ ଭୋଗାଃ ସୁଖାନି ଚ ।**
**ତ ଇମେଽବସ୍ଥିତା ଯୁଦ୍ଧେ ପ୍ରାଣାଂସ୍ତ୍ୟକ୍ତ୍ୱା ଧନାନି ଚ ॥ ୩୩ ॥**

ଯେଷାଂ ଅର୍ଥେ ନଃ ( ଅସ୍ମାକଂ) ରାଜ୍ୟଂ କାଙ୍କ୍ଷିତଂ, ଭୋଗାଃ (କାଙ୍କ୍ଷିତାଃ), ସୁଖାନି ଚ (କାଙ୍କ୍ଷିତାନି), ତେ ଇମେ ପ୍ରାଣାନ୍ ଧନାନି ଚ ତ୍ୟକ୍ତ୍ୱା ( ତ୍ୟାଗମଙ୍ଗୀକୃତ୍ୟ) ଯୁଦ୍ଧେ (ଯୁଦ୍ଧାର୍ଥଂ) ଅବସ୍ଥିତାଃ ॥ ୩୩ ॥

**(ଶ୍ରୀମଦ୍‌ଭଗବଦ୍ ଗୀତା ୧/୩୩)**

# ରାୟପୁର-ବିଶାଖାପାଟଣା ଆର୍ଥିକ ଚଟାଣ

ସଡ଼କ ବିକାଶ ଯୋଜନାରେ ଏବେ ନିର୍ମାଣଧୀନ ରାସ୍ତାର ବିଶାଖାପାଟଣା ଆର୍ଥିକ ଚଟାଣ ଏକ ଅଭିନବ ପ୍ରୟାସ କେନ୍ଦ୍ର ସରକାରଙ୍କର, ଏଥିରେ ସନ୍ଦେହ ନାହିଁ । ଓଡ଼ିଶା ସମେତ ଛତିଶଗଡ଼ ଓ ଆନ୍ଧ୍ର ପ୍ରଦେଶର ବିକାଶ ପ୍ରକ୍ରିୟାକୁ ଏହି ଯୋଜନା ତ୍ୱରାନ୍ୱିତ କରିବ । ସମୁଦାୟ ୧୬,୪୮୨ କୋଟି ଟଙ୍କା ବ୍ୟୟରେ ଏହି ଆର୍ଥିକ ଚଟାଣ ନିର୍ମାଣର ପରିକଳ୍ପନା କରାଯାଇଛି । ଆଉ ବର୍ଷକ ପରେ ଅର୍ଥାତ ଡିସେମ୍ବର ୨୦୨୬ ମଧ୍ୟରେ ଏହି କାର୍ଯ୍ୟ ଶେଷ ହୋଇଯିବ ବୋଲି ଆଶା କରାଯାଉଛି । ଏହା ଫଳରେ ଗୁରୁତ୍ୱପୂର୍ଣ୍ଣ ଜାତୀୟ ରାଜପଥର ଦୂରତା ୫୭୯ କିଲୋମିଟରରୁ ୪୭୫ କିଲୋମିଟରକୁ ଅର୍ଥାତ୍ ୧୦୨ କିଲୋମିଟରକୁ ହ୍ରାସ ପାଇବ । ପ୍ରାୟ ୭ ଘଣ୍ଟା ସମୟ ବ୍ୟର୍ଥ ନ ହୋଇ ଜନସାଧାରଣଙ୍କ ଉପକାରରେ ଲାଗିପାରିବ। ସମୟ ଏବେ ଖୁବ୍ ମୂଲ୍ୟବାନ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ଓ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟର ମନ୍ତ୍ରୀ ନୀତିନ ଗଡ଼କରୀଙ୍କ ନିଷ୍ଠାପର ଉଦ୍ୟମ ଯୋଗୁ ଏହା ସମ୍ଭବ ହେବାକୁ ଯାଉଛି ।

ଅତୀତକୁ ସ୍ମରଣ କଲେ ଜଣାଯାଇଥାଏ ଯେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ୧୯ ମାର୍ଚ୍ଚ ୧୯୯୯ରୁ ୨୨ମେ' ୨୦୦୪ ପର୍ଯ୍ୟନ୍ତ କ୍ଷମତାସୀନ ଥିବା ସମୟରେ ଭାରତର ସମୃଦ୍ଧି ଲାଗି ସୁବର୍ଣ୍ଣ ଚତୁର୍ଭୁଜ ଯୋଜନା ଆରମ୍ଭ କରିଥିଲେ । ଓଡ଼ିଶାରୁ ସ୍ୱର୍ଗୀୟ ଡକ୍ଟର ଦେବେନ୍ଦ୍ର ପ୍ରଧାନ ମଧ୍ୟ କେନ୍ଦ୍ରୀୟ ସଡ଼କ ପରିବହନ ବିଭାଗର ରାଷ୍ଟ୍ରମନ୍ତ୍ରୀ ଥିଲେ । ମୁଖ୍ୟତଃ ଭାରତର ଚାରି ମହାନଗରୀ ନୂଆଦିଲ୍ଲୀ, ମୁମ୍ବାଇ, କୋଲ୍‌କାତା ଓ ମାଡ୍ରାସ ସହିତ ସ୍ଥଳପଥର ଏହା ଥିଲା ଏକ ବିରାଟ ଯୋଜନା । ତଦ୍ୱାରା ଭାରତର ଗୋଟିଏ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତକୁ ସହଜରେ ଓ ଅଳ୍ପ ଖର୍ଚ୍ଚରେ ଯିବାର ସୁବିଧା କେବଳ ହୋଇ ନ ଥିଲା, ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ, ଶିଳ୍ପ କ୍ଷେତ୍ରରେ ଭାରତର ବିକାଶ ପ୍ରକ୍ରିୟାକୁ କେହି ଅଟକାଇ ପାରି ନ ଥାନ୍ତେ । ମାତ୍ର ଭାରତର ଦୁର୍ଭାଗ୍ୟ ଯେ ବର୍ଷକ ଆଗରୁ ୨୦୦୪ରେ ସାଧାରଣ ନିର୍ବାଚନ ହୋଇଗଲା । ଏପରି ମଉକା କଂଗ୍ରେସ ଦଳ ଖୋଜୁଥିଲା । ସେୟା ହିଁ ହେଲା । କଂଗ୍ରେସ ଦଳ ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ସରକାର ଗଢ଼ି ପାରି ନ ଥିଲା । ତେଣୁ ଯଦି କଂଗ୍ରେସ ଓ ତାଙ୍କ ସହଯୋଗୀ ଦଳର ସରକାର କୌଣସି ମତେ ଭାଙ୍ଗିଯାଏ, ତା'ହେଲେ ସୁବର୍ଣ୍ଣ ଚତୁର୍ଭୁଜ ଯୋଜନାରେ ବାଜପେୟୀ ନେଇଥିବା ପଦକ୍ଷେପ ଯୋଗୁ ପୁଣି ଥରେ ଲୋକେ ବିଜେପିକୁ ଭୋଟ ଦେଇଦେବାର ଭୟ ମଧ୍ୟ ଥିଲା । ତେଣୁ ମନମୋହନ ସିଂଙ୍କ ନେତୃତ୍ୱରେ ଗଠିତ କଂଗ୍ରେସ ସରକାର ବାଜପେୟୀଙ୍କ ସୁବର୍ଣ୍ଣ ଚତୁର୍ଭୁଜ ସଡ଼କ ଯୋଜନାକୁ କୁଆଡ଼େ ଜାଣିଶୁଣି ବିଳମ୍ବିତ କରିଥିବା କଥା ଅଭିଯୋଗ ହେଉଥିଲା ।

> **ସେ ଯାହା ହେଉ, ଏହି ନୂତନ ସଡ଼କ ଯୋଜନାରେ ରାୟପୁର-ବିଶାଖାପାଟଣା ସହର ସମେତ ଓଡ଼ିଶାର ଖଣିଜ ସମୃଦ୍ଧ ଅଞ୍ଚଳ ଓ ଆନ୍ଧ୍ରପ୍ରଦେଶ ପାର୍ବତ୍ୟାଞ୍ଚଳ ସହ ବାଣିଜ୍ୟିକ କାରବାର ତ ସହଜରେ ହୋଇପାରିବ, କୋଟି କୋଟି ଜନସାଧାରଣ ମଧ୍ୟ ତ୍ୱରାନ୍ୱିତ ସଡ଼କ ବିକାଶ ପ୍ରକ୍ରିୟାରେ ଉପକୃତ ହୋଇ ପାରିବେ ।**

ସେ ଯାହା ହେଉ, ଏହି ନୂତନ ସଡ଼କ ଯୋଜନାରେ ରାୟପୁର-ବିଶାଖାପାଟଣା ସହର ସମେତ ଓଡ଼ିଶାର ଖଣିଜ ସମୃଦ୍ଧ ଅଞ୍ଚଳ ଓ ଆନ୍ଧ୍ରପ୍ରଦେଶ ପାର୍ବତ୍ୟାଞ୍ଚଳ ସହ ବାଣିଜ୍ୟିକ କାରବାର ତ ସହଜରେ ହୋଇପାରିବ, କୋଟି କୋଟି ଜନସାଧାରଣ ମଧ୍ୟ ତ୍ୱରାନ୍ୱିତ ସଡ଼କ ବିକାଶ ପ୍ରକ୍ରିୟାରେ ଉପକୃତ ହୋଇ ପାରିବେ । ପରିବହନ ଖର୍ଚ୍ଚ ମଧ୍ୟ ହ୍ରାସ ପାଇବ । ପ୍ରଧାନମନ୍ତ୍ରୀ ଗତିଶକ୍ତି ପ୍ରକଳ୍ପର ଦୃଷ୍ଟିକୋଣ ଆଧାରରେ ସୁଗମ ସଂଯୋଗୀକରଣ ପଥ ପରିଷ୍କୃତ ହୋଇପାରିବ । ପୂର୍ବରୁ ୧୨ ଘଣ୍ଟା ସମୟ ଲାଗୁଥିବା ସଡ଼କକୁ ଅତି କମ୍‌ରେ ମାତ୍ର ପାଞ୍ଚ ଘଣ୍ଟାରେ ଅତିକ୍ରମ କରିହେବ । ବିଶାଖାପାଟଣା ବନ୍ଦର ସହର ସହିତ କୋଲ୍‌କାତା ଓ ଚେନ୍ନାଇର ବନ୍ଦର ସହର ସଂଯୋଗୀକରଣ ସ୍ୱଳ୍ପ ସମୟ ମଧ୍ୟରେ ସମ୍ଭବ ହୋଇପାରିବ ।

ଅତି ଅଳ୍ପ ସମୟରେ ପହଞ୍ଚିବା ପାଇଁ ଆକାଶର ସମସ୍ତ ମାର୍ଗ ଏବେ ସଂକୁଚିତ ହୋଇଯାଇଛି। ଇଣ୍ଡିଗୋ ବିମାନ ଯିଏ କି ଭାରତର ସର୍ବାଧିକ ଯାତ୍ରୀଙ୍କୁ ନେଇ ଚଳାଚଳ କରି ସୁନାମ ଅର୍ଜନ କରିଆସୁଥିଲା, ଏ ପର୍ଯ୍ୟନ୍ତ ମିଳିଥିବା ଖବର ଅନୁଯାୟୀ ଭୁବନେଶ୍ୱରରେ ୨୧ ଗୋଟି ଇଣ୍ଡିଗୋ ବିମାନର ଚଳାଚଳକୁ ବାତିଲ କରି ଦିଆଯାଇଛି। କେନ୍ଦ୍ର ସରକାର ଅଧିକ ସ୍ୱତନ୍ତ୍ର ଟ୍ରେନ ମଧ୍ୟ ଏଥିପାଇଁ ଚଳାଚଳ କରିବାକୁ ଆଦେଶ ଦେଇଛନ୍ତି । ମାତ୍ର ଯାତ୍ରୀମାନେ ବିମାନବନ୍ଦର ଭିତରେ ବା ବାହାରେ ଘୋର ଦୁର୍ଦ୍ଦଶା ମଧ୍ୟରେ ଦିନ କାଟୁଛନ୍ତି ।

## ଈଶ୍ୱରଙ୍କ ରୂପକଳ୍ପ


**ଈଶ୍ୱର ବାୟୁ ଭଳି ମୂଳତତ୍ତ୍ୱ, ବାୟୁକୁ ଖାଲି ଆଖିରେ ଦେଖି ହୁଏ ନାହିଁ । କିନ୍ତୁ ବାୟୁରେ ଯେଉଁ ଗନ୍ଧ ମିଶ୍ରଣ କରିବ, ସେ ସେହି ଗନ୍ଧ ବାହକ ହୋଇ ସେହି ଗନ୍ଧରେ ଅନୁଭୂତ ହୁଏ, ଠିକ୍ ସେହିଭଳି ଈଶ୍ୱରଙ୍କୁ ଯେଉଁ ରୂପରେ କଳ୍ପନା କରିବ, ସେହି ରୂପରେ ସେ ପ୍ରତୀୟମାନ ହେବେ ।**

***ଲେଖକ-ଡ. ପ୍ରଦୀପ କୁମାର ଚୌଧୁରୀ***

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ବିରଳ ମୃତ୍ତିକା କ୍ଷେତ୍ରରେ ଚୀନର ପରମାଧିପତ୍ୟ



**ଡ. ଚିତ୍ତରଂଜନ ମିଶ୍ର**

ଆମେରିକାକୁ ଚୀନ ବିରଳ ମୃତ୍ତିକାର ରପ୍ତାନି ପୁଣି ଆରମ୍ଭ କରିବାକୁ ପ୍ରସ୍ତୁତ ହୋଇଗଲାଣି, ଯେହେତୁ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଚୀନର ରାଷ୍ଟ୍ରପତି ଜି.ଜିନପିଙ୍ଗ୍ ସେମାନଙ୍କର ବାଣିଜ୍ୟିକ ଯୁଦ୍ଧକୁ ବର୍ଷକ ପାଇଁ ଶୀତଳ ଭଣ୍ଡାର ମଧ୍ୟକୁ ନିକ୍ଷେପ କରିଦେଇଛନ୍ତି । ଯଦି ଅସ୍ତ୍ର ବିରତି ବଜାୟ ରହେ, ତେବେ ୧୭ଟି ବିରଳ ମୃତ୍ତିକା ମୌଳିକ ପଦାର୍ଥ ଆଉ ସମ୍ବାଦପତ୍ରର ଶିରୋନାମା ମଣ୍ଡନ କରିବେ ନାହିଁ ଯାହାକି ସେମାନେ ୨୦୨୫ ମସିହା ଏପ୍ରିଲ ୪ ତାରିଖରୁ କରିଆସୁଥିଲେ । ଯେତେବେଳେ ଚୀନ ଟ୍ରମ୍ପଙ୍କ ୫୪ ପ୍ରତିଶତ ଶୁଳ୍କକୁ ପ୍ରତିଶୋଧ ପରାୟଣ ଭାବେ ବିବେଚନା କରି ତା'ର ରପ୍ତାନିକୁ ପ୍ରଥମ ଥର ପାଇଁ ନିୟନ୍ତ୍ରଣ ବା ପ୍ରତିଦ୍ୱନ୍ଦିତା କରିଥିଲା । ହେଲେ ଆପଣ ସେଭଳି କୌଣସି ଭୁଲ କରନ୍ତୁ ନାହିଁ, ଏହି ଶାନ୍ତି ଧୋକାଦାୟକ ବା ଠକାଣିଆ ମଧ୍ୟ ହୋଇପାରେ । ଚୀନ ନିଜର ବିରଳ ମୃତ୍ତିକା ଜନିତ କ୍ଷମତା ବା ପ୍ରଭାବକୁ ବାରମ୍ବାର ପ୍ରୟୋଗ କରିଛି । ଚୀନର ପ୍ରତିଦ୍ୱନ୍ଦ୍ୱୀ ବା ବିରୋଧୀମାନେ ସେମାନଙ୍କର ଶିକ୍ଷା ଲାଭ କରି ସାରିଛନ୍ତି ଏବଂ ସେମାନେ ଦିନରାତି ଓଭର ଟାଇମ କାମ କରି ଚୀନର ଏକଚାଟିଆ ବା ଏକାଧିକାରର ପରିସମାପ୍ତି ପାଇଁ କାର୍ଯ୍ୟ କରିବେ ।

ଯେତେବେଳେ କି ଆମେରିକା ନିଜ ବର୍ଦ୍ଧିତ ଶୁଳ୍କର ମାଂସପେଶୀର ବିନିଯୋଗ ମାଧ୍ୟମରେ ଚୀନରୁ ବିରଳ ମୃତ୍ତିକାର ବର୍ଷକ ପାଇଁ ଆମଦାନୀକୁ ସୁରକ୍ଷିତ କରିପାରିଛି ସେତେବେଳେ ଭାରତ ପାଇଁ ଏ ନେଇ ଚିନ୍ତାର ବହୁ କାରଣ ରହିଛି । ଆମେରିକା ନିଜେ ପ୍ରଚୁର ପରିମାଣର ବିରଳ ମୃତ୍ତିକା ମୌଳିକ ପଦାର୍ଥ ଉତ୍ପାଦନ କରୁଥିଲାବେଳେ ଏନେଇ ଦେଶରେ ନୂଆ ନୂଆ କାରଖାନାମାନ ମଧ୍ୟ ସ୍ଥାପନା କରିଚାଲିଛି, ସେତେବେଳେ ଭାରତବର୍ଷରେ ବିରଳ ମୃତ୍ତିକା ମୌଳିକ ପଦାର୍ଥର ଉତ୍ପାଦନ ବର୍ଷକୁ ପ୍ରାୟ ୩ହଜାର ଟନ ମଧ୍ୟରେ ଅଟକି ଯାଇଛି ଏବଂ ଜ୍ଞାନ କୌଶଳ ଓ ଯନ୍ତ୍ରପାତିର ଅଭାବ କାରଣରୁ ଭାରତ ସେଇଠାରେ ହିଁ ବାନ୍ଧିହୋଇ ପଡ଼ିଯାଇଛି । ଯଦିଓ ନିକଟ ଅତୀତରେ ଚୀନରୁ ବିରଳ ମୃତ୍ତିକା ମୌଳିକ ବସ୍ତୁ ଚୁମ୍ବକର ଆମଦାନୀ କରିବାକୁ ଲାଇସେନ୍ସ ଜାରି କରାଯାଇଛି ହେଲେ ଭାରତୀୟ ଅଟୋମୋବାଇଲ ନିର୍ମାତାମାନେ ଗତ ୬ ମାସ ହେଲା ଇଲେକ୍ଟ୍ରିକ୍ ଭେହିକିଲ୍‌ର ମାନୁଫ୍ୟାକଚର ପାଇଁ ଅନବରତ ସଂଗ୍ରାମ କରିଚାଲିଛନ୍ତି ।

ତାହେଲେ, ବିରଳ ମୃତ୍ତିକା ମୌଳିକ ବସ୍ତୁ ସଭ୍ୟତାର ବିକାଶରେ ଅତ୍ୟନ୍ତ ଅପରିହାର୍ଯ୍ୟ ହୋଇପଡ଼ିଛି କାହିଁକି? ଚୀନ କିଭଳି ଭାବେ ପ୍ରତିବର୍ଷ ହଜାର ହଜାର ଟନର ବିରଳ ମୃତ୍ତିକା ପ୍ରସ୍ତୁତ କରିପାରୁଛଛି? ଚୀନରେ ସ୍ୱଳ୍ପ ମୂଲ୍ୟରେ ବିରଳ ମୃତ୍ତିକାର ଉପଲବ୍ଧତା ଆମେରିକା ଓ ଆମେରିକା ବାହାରର କମ୍ପାନୀମାନଙ୍କୁ ବହୁ ଅସୁବିଧାରେ ପକାଇଥିଲା, ଯାହାଫଳରେ ସେମାନେ ନିଜ କାରଖାନାକୁ ବନ୍ଦ କରିଦେବାକୁ ବାଧ୍ୟ ହୋଇଥିଲେ । ତେଣୁ ୨୦୦୨ ମସିହା ବେଳକୁ ବିରଳ ମୃତ୍ତିକା କ୍ଷେତ୍ରରେ ସମଗ୍ର ବିଶ୍ୱରେ ଚୀନର ଆଧିପତ୍ୟ ଓ ଏକଚାଟିଆ କାରବାର ପୂର୍ଣ୍ଣ ସାବ୍ୟସ୍ତ ହୋଇ ସାରିଥିଲା । ଆଜିର ଦିନରେ ଚୀନ ସମଗ୍ର ବିଶ୍ୱରେ ବିରଳ ମୃତ୍ତିକା ମାଇନିଂ କାର୍ଯ୍ୟକଳାପର ୬୧ପ୍ରତିଶତ (ଯାହାକି ଏକ ସହଜସାଧ୍ୟ କାର୍ଯ୍ୟ) ଏବଂ ପ୍ରକ୍ରିୟାକରଣରେ ୯୨ ପ୍ରତିଶତ (ଯାହାକି ପ୍ରକୃତଚ୍ୟାଲେଞ୍ଜ)କୁ ନିୟନ୍ତ୍ରଣ କରୁଅଛି । ବିରଳ ମୃତ୍ତିକା ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଚୀନ ମଧ୍ୟ ଅଗ୍ରଣୀ ଭୂମିକା ସଂପାଦନ କରୁଅଛି ଯାହାକି ବିଭିନ୍ନ ନିଷ୍କର୍ଷଣ ସ୍ତରରେ ବ୍ୟବହୃତ ହେଉଥିବା ଯନ୍ତ୍ରପାତି ଦିଗରେ ସଂପ୍ରସାରିତ ହୋଇଥାଏ । ବିରଳ ମୃତ୍ତିକାରୁ ସୃଷ୍ଟି ହେଉଥିବା ଶେଷ ଉତ୍ପାଦ ଯଥା 'ଉନ୍ନତ ବିରଳ ମୃତ୍ତିକା ମ୍ୟାଗ୍ନେଟ ବା ଚୁମ୍ବକ' ଯାହାକି ବେଳେବେଳେ ପ୍ରଯୁକ୍ତିବିଦ୍ୟାର ଶିଖର ପ୍ରଦେଶକୁ ଛୁଇଁବାର ମଧ୍ୟ ସତ୍‌ସାହସ କରିଥାଏ । ଉଦାହରଣସ୍ୱରୂପ, ଜେନେରାଲ ମୋଟର୍ସ (ଜି.ଏମ) କମ୍ପାନୀର ମ୍ୟାଗ୍ନେକ୍ୱେ ଡିଭିଜନର ଉଚ୍ଚଶକ୍ତିଯୁକ୍ତ ନୂତନ ନିଓଡିମିଅମ୍ ଆଇରନ - ବୋରନ୍ ବିରଳ ମୃତ୍ତିକା ସ୍ଥାୟୀ ମ୍ୟାଗ୍ନେଟ୍ସର ପ୍ରସ୍ତୁତିରେ ବିଶେଷତା ରହିଛି ଯାହାକି ଏୟାରବ୍ୟାଗ୍ସ, ମେକାନିକାଲ ସେନ୍ସର୍ସ, ପ୍ରେସିସନ୍-ଗାଇଡେଡ୍ ମ୍ୟୁନିସନ୍ସ (ପି.ଜି.ଏମ୍ସ) ବା ସ୍ମାର୍ଟ ଉଇପନ୍ସ, ଡାଟା ଷ୍ଟୋରେଜ ଡିଭାଇସେସ୍ ଆଦି କ୍ଷେତ୍ରରେ ବ୍ୟବହୃତ ହୋଇଥାଏ । ଯେତେବେଳେ ୧୯୯୫ ମସିହାରେ ଜେନେରାଲ ମୋଟର୍ସ କମ୍ପାନୀ ତା'ର ମ୍ୟାଗ୍ନେକ୍ୱେ ଡିଭିଜନକୁ ଚୀନର ଏକ ଇନ୍‌ଭେଷ୍ଟମେଣ୍ଟ ବା ପୁଂଜିନିବେଶ ଗ୍ରୁପ 'ସେକ୍ସଟାଣ୍ଟ ଗ୍ରୁପ'କୁ ବିକିଦେଲା ସେତେବେଳେ ସେକ୍ସଟାଣ୍ଟ ଗ୍ରୁପ ଏହି ଡିଭିଜନକୁ ଏବଂ ଏହାର ପ୍ରଯୁକ୍ତିବିଦ୍ୟାକୁ ୭୦ନିୟୁତ ଡଲାରରେ କିଣିନେଲା ଏବଂ କାରଖାନାର ଉତ୍ପାଦନ ଚୀନର ତିଆନଜିନକୁ ସ୍ଥାନାନ୍ତରିତ ହୋଇଗଲା ।

> **ବିରଳ ମୃତ୍ତିକାରୁ ସୃଷ୍ଟି ହେଉଥିବା ଶେଷ ଉତ୍ପାଦ ଯଥା 'ଉନ୍ନତ ବିରଳ ମୃତ୍ତିକା ମ୍ୟାଗ୍ନେଟ ବା ଚୁମ୍ବକ' ଯାହାକି ବେଳେବେଳେ ପ୍ରଯୁକ୍ତିବିଦ୍ୟାର ଶିଖର ପ୍ରଦେଶକୁ ଛୁଇଁବାର ମଧ୍ୟ ସତ୍‌ସାହସ କରିଥାଏ ।**

### ଯନ୍ତ୍ରପାତିକୁ ନେଇ ବାଧା, ଅନ୍ତରାୟ ବା ସମସ୍ୟା

ବିରଳ ମୃତ୍ତିକା ଧାତୁଗୁଡ଼ିକ ପ୍ରାୟତଃ ସମାନ ଭୌତିକ ଓ ରାସାୟନିକ ଗୁଣ ସଂପନ୍ନ ହୋଇଥାଆନ୍ତି ଏବଂ 'ମୋନାଜାଇଟ୍' ନାମକ ଖଣିଜ ପଦାର୍ଥରେ ମିଳିତ ଭାବେ ଉପଲବ୍ଧ ହୋଇଥାନ୍ତି । ଏ ସମସ୍ତ ଧାତୁକୁ ବିଶୋଧନ କରିବାର ଅର୍ଥ ହେଉଛି ଘାସ ଗଦା ଭିତରେ ଛୁଞ୍ଚିଟିଏ ଖୋଜିବା ସହ ସମାନ । ଆପଣଙ୍କୁ ଏଥିପାଇଁ ବହୁ -ଚରଣୀୟ ପ୍ରକ୍ରିୟା ବା ଏକାଧିକ ପର୍ଯ୍ୟାୟ ପ୍ରକ୍ରିୟାର ବ୍ୟବହାର କରିବାକୁ ପଡିବ ଯଥା - ସଲ୍‌ଭେଣ୍ଟ ଏକ୍ସଟ୍ରାକ୍ସନ ଏବଂ ଆୟନ୍ ଏକ୍ସଚେଞ୍ଜ ପ୍ରକ୍ରିୟାର ବ୍ୟବହାର କରି 'ନିଓଡିଅମ୍'ରୁ 'ଲାନ୍ଥାନମ୍'କୁ ପୃଥକୀକରଣ କରିବା । ହେଲେ କ୍ରିଟିକାଲ ମିନେରାଲ ଇନ୍‌ଷ୍ଟିଚ୍ୟୁଟର କୋ-ଚେୟାରମ୍ୟାନ ଜ୍ୟାକ୍ ଲିଫ୍ଟନ୍ କୁହନ୍ତି ଯେ- 'ଏହା ଥିଓରୀରେ ସହଜସାଧ୍ୟ ବୋଲି ମନେହୋଇଥାଏ, ହେଲେ ପ୍ରାକ୍ଟିସ୍‌ରେ ନୁହେଁ' । ସେ ନିଜେ ଦୁଇଟି ସଲ୍‌ଭେଣ୍ଟ ଏକ୍ସଟ୍ରାକସନ୍ ପ୍ଲାଣ୍ଟ ଫେଲ୍ ହେବାର ନିଜ ଆଖିରେ ଦେଖିଛନ୍ତି ଆଉ ତା'ର କାରଣ ହେଲା 'ପାଶ୍ଚାତ୍ୟ ଡିଜାଇନରମାନେ ବିରଳ ମୃତ୍ତିକା କେମିଷ୍ଟ୍ରିର କ୍ଷୟକାରୀ ପ୍ରକୃତିକୁ ଅବମାନିତ କରିଥିଲେ' । ସେମାନଙ୍କ ପାଇପ୍ ଜୀର୍ଣ୍ଣଶୀର୍ଣ୍ଣ ହୋଇଗଲା ଏବଂ ସେଥିରେ ଏକାଧିକ ଛିଦ୍ର ହୋଇଗଲା ଏବଂ ନିୟୁତ ନିୟୁତ ଡଲାରର କ୍ଷତି ସହିବାକୁ ପଡିଲା ଏବଂ ତା'ସହ ବର୍ଷାଧିକ କାଳ ଉତ୍ପାଦନରେ କ୍ଷତି ମଧ୍ୟ ମୁଣ୍ଡ ଉପରେ ନଳିତା ବିଡ଼ା ସଦୃଶ ସ୍ଥିତି ସୃଷ୍ଟି କରିଥିଲା । ଆମେରିକା ଓ ଜାପାନ ବିରଳ ମୃତ୍ତିକା କ୍ଷେତ୍ରରେ ସେମାନଙ୍କର ଟେକ୍ନୋଲୋଜି ନେତୃତ୍ୱକୁ ଚୀନ ହାତକୁ ଟେକିଦେଲେ ଏବଂ ଏବେ ସେମାନଙ୍କ ପାଖରେ କୌଣସି ଇଂଜିନିୟରମାନଙ୍କ ମହତ୍ତ୍ୱ ପୂର୍ଣ୍ଣ ସମୂହ ନାହାଁନ୍ତି ଯେଉଁମାନେ କି ବିରଳ ମୃତ୍ତିକା ପ୍ରୋସେସ୍ ଇକୁଇପ୍‌ମେଣ୍ଟ ବା ଯନ୍ତ୍ରପାତି ନିର୍ମାଣ କରିବାର କଳା କୌଶଳରେ ସିଦ୍ଧହସ୍ତ ଅଟନ୍ତି ।

୧୯୭୦ ଓ ୧୯୮୦ ଦଶକରେ କାମ କରୁଥିବା ଇଂଜିନିୟରମାନେ ଅବସର ଗ୍ରହଣ କରିସାରିଲେଣି। ଜ୍ୟାକ୍ ଲିଫ୍ଟନ କୁହନ୍ତି ଯେ ଜୀର୍ଣ୍ଣ- ପ୍ରତିରୋଧୀ ଧାତୁ ଏବଂ ଏହାର ମିଶ୍ରିତ ଧାତୁ, ଫ୍ଲୋରୋପଲିମର ଲାଇନ୍‌ଡ ମିଶ୍ରିତ ଧାତୁ, ସିରାମିକ୍ କ୍ରୁସିବୁଲ୍‌ସ, ଗ୍ରାଫାଇଟ ରିଆକ୍ସନଚାମ୍ବର୍ସର ପ୍ରସ୍ତୁତି ପାଇଁ ଶିକ୍ଷା ଲାଭ କରିବା ଯାହାକି ନିର୍ଦ୍ଦିଷ୍ଟ ବିରଳ ମୃତ୍ତିକାର ନିଷ୍କାସନ ପାଇଁ ଆବଶ୍ୟକ ପଡିଥାଏ, ଅତି କମ୍‌ରେ ଗୋଟିଏ ଦଶନ୍ଧି ଲାଗିଯିବ । କାରଣ ଚୀନ, ଯେ କି ୧୯୯୦ଦଶକରେ ଏ ସଂକ୍ରାନ୍ତୀୟ ଜ୍ଞାନ କୌଶଳକୁ ୟୁରୋପ ମହାଦେଶରୁ ଧାର ଆଣିଥିଲା ଏବେ ସେ ସମସ୍ତ ପ୍ରଯୁକ୍ତିବିଦ୍ୟାକୁ ଅତି ଯତ୍ନର ସହ ଗୋପନୀୟ ରଖିଛି ।

### ଚୀନର ଆଧିପତ୍ୟ ନେଇ କ'ଣ ସବୁ ସମସ୍ୟା ରହିଛି

କଠିନ ଇସ୍ପାତଠାରୁ ଆରମ୍ଭ କରି ଇଲେକଟ୍ରିକ୍ ଭେହିକିଲ୍ ମୋଟର୍ସ, ଜେଟ ଇଞ୍ଜିନ୍ସ, ଟେଲିଫୋନ, କମ୍ପ୍ୟୁଟର ଚିପ୍ସ ଆଦି ସବୁକିଛିର ପ୍ରସ୍ତୁତି ପାଇଁ ବିରଳ ମୃତ୍ତିକା ମୌଳିକ ବସ୍ତୁର ନିଶ୍ଚିତ ଆବଶ୍ୟକତା ପଡିଥାଏ । ତେଣୁ ଚୀନ ଯେ କୌଣସି ଦେଶରେ ମାନୁଫ୍ୟାକଚରିଂକୁ ପଙ୍ଗୁ କରିଦେଇପାରେ- ଯେଉଁଦେଶ ତା'କଥାରେ ଉଠ ବସ୍ ନହେବ । ଉଦାହରଣସ୍ୱରୂପ, ୨୦୧୦ ମସିହାରେ ଚୀନ ଜାପାନକୁ ବିରଳ ମୃତ୍ତିକାର ଯୋଗାଣ ଓ ଆନୁସଙ୍ଗିକ ପ୍ରଯୁକ୍ତିବିଦ୍ୟାକୁ ନେଇ ନିୟନ୍ତ୍ରଣ ଲାଗୁ କରିଦେଇଥିଲା। ୨୦୧୯ ମସିହାରେ ଚୀନ ମଧ୍ୟ ଆମେରିକାକୁ ଏ ସଂକ୍ରାନ୍ତରେ କଡ଼ା ଧମକ ଦେଇଥିଲା ଏବଂ ଏ ବର୍ଷ ୨୦୨୫ ମସିହାରେ ଚୀନ ବିରଳ ମୃତ୍ତିକାର ଯୋଗାଣ ଓ ତତ୍ ସଂକ୍ରାନ୍ତୀୟ ପ୍ରଯୁକ୍ତିବିଦ୍ୟାକୁ ନେଇ ବୈଶ୍ୱିକ ପ୍ରତିରୋଧ ଜାରି କରିଛି ଏବଂ ଜାତୀୟ ସୁରକ୍ଷା ଓ ସପ୍ଲାଇ ଚେନ ପ୍ରତିବନ୍ଧକକୁ ଏହାର କାରଣ ବୋଲି ଦର୍ଶାଇଛି । ଚୀନ ଏପ୍ରିଲ ୨୦୨୫ରେ ରପ୍ତାନି ନିୟନ୍ତ୍ରଣ, ନଭେମ୍ବର ୨୦୨୫ରେ କଟକଣାର ଦ୍ୱିତୀୟ ତରଙ୍ଗ ଲାଗୁକରିବା ସହ ପ୍ରଯୁକ୍ତିବିଦ୍ୟା ସଂକ୍ରାନ୍ତୀୟ ନିୟନ୍ତ୍ରଣ ମଧ୍ୟ ଲାଗୁ କରିଛି । ଏହାଛଡ଼ା, ବିରଳ ମୃତ୍ତିକା ମୌଳିକ ବସ୍ତୁ କ୍ଷେତ୍ରରେ ଚୀନ 'ବିଶ୍ୱର କାରଖାନା' ହେବା ପାଇଁ ନିଜର ଲକ୍ଷ୍ୟ କେନ୍ଦ୍ରୀଭୂତ କରିଥିଲାବେଳେ ବେଳେବେଳେ ଚୀନ ପାଖରେ ଆବଶ୍ୟକୀୟ ପରିମାଣର ବିରଳ ମୃତ୍ତିକା ମୌଳିକ ବସ୍ତୁର ଯୋଗାଣ କୋଟା ଉପଲବ୍ଧ ହୋଇପାରୁନାହିଁ ।

### ଚୀନର କବ୍‌ଜା ବା ସଂପୂର୍ଣ୍ଣ ନିୟନ୍ତ୍ରଣକୁ ଭାଙ୍ଗି ଚୁରମାର କରିବା

୧୯୯୦ ଦଶକର ମଧ୍ୟଭାଗ ପର୍ଯ୍ୟନ୍ତ ଆମେରିକା ବିରଳ ମୃତ୍ତିକା ମୌଳିକ ବସ୍ତୁର ଉତ୍ପାଦନ କ୍ଷେତ୍ରରେ ବିଶ୍ୱ ନେତୃତ୍ୱ ଆସନର ଅଧିକାରୀ ଥିଲା ଯେତେବେଳେ କି କଡ଼ା ପରିବେଶିକ ନିୟମ କାରଣରୁ ବିରଳ ମୃତ୍ତିକା ମୌଳିକ ବସ୍ତୁର ଉତ୍ପାଦନ ଆର୍ଥିକ ଦୃଷ୍ଟିକୋଣରୁ ଅଣପ୍ରତିଯୋଗିତାମୂଳକ ହୋଇଗଲା । ହେଲେ ଖେଳରେ ପୁଣି ପରିବର୍ତ୍ତନର ଢେଉ ବହିବାକୁ ଲାଗିଲା ଓ ଆମେରିକାରେ ଧୀରେ ଧୀରେ ଚିତ୍ର ମଧ୍ୟ ବଦଳିବାକୁ ଲାଗିଲା । ନୂଆ ଖଣିର ଶୁଭାରମ୍ଭ ସହ ପ୍ରକ୍ରିୟାକରଣ ୟୁନିଟର ସ୍ଥାପନା କରିବା ପାଇଁ ବର୍ଷ ବର୍ଷ ସମୟ ଲାଗିଥାଏ । ହେଲେ ଆମେରିକା ଓ ଏହାର ସହଯୋଗୀମାନେ ଏ ଦିଗରେ କାର୍ଯ୍ୟ କରୁଛନ୍ତି । ଉଦାହରଣସ୍ୱରୂପ, ଅଷ୍ଟ୍ରେଲିଆର ଫାର୍ମ 'ଲାଇନାସ୍ ରେୟାର ଆର୍ଥ ଲିମିଟେଡ' ମ୍ୟାଲେସିଆର ସଂପ୍ରତି ଭାରୀ ବିରଳ ମୃତ୍ତିକାର ପ୍ରକ୍ରିୟାକରଣ କରୁଅଛି ଏବଂ ବେଲଜିଅମ୍‌ର ଫାର୍ମ 'ସୋଲ୍‌ଭେ' ଫ୍ରାନ୍ସରେ ତା'ର ବିରଳ ମୃତ୍ତିକା କାର୍ଯ୍ୟକଳାପକୁ ସଂପ୍ରସାରିତ କରି ଚାଲିଛି । ମାଟିରୁ ବିରଳ ମୃତ୍ତିକା ମୌଳିକ ବସ୍ତୁର ନିଷ୍କାସନ ବ୍ୟତିରେକ ଅନ୍ୟାନ୍ୟ ଦେଶମାନେ ବିକଳ୍ପ କଞ୍ଚାମାଲରୁ ମଧ୍ୟ ବିରଳ ମୃତ୍ତିକା ମୌଳିକ ବସ୍ତୁର ନିଷ୍କାସନ କଥା ଚିନ୍ତା କରୁଛନ୍ତି ଯଥା- 'ଉଡନ୍ତା ପାଉଁଶ' ଯାହାକି କୋଇଲା ଭିତ୍ତିକ ତାପଜ ବିଦ୍ୟୁତ କେନ୍ଦ୍ରରେ ଉପଲବ୍ଧ ହୋଇଥାଏ । କୋଇଲାକୁ ଦହନ କରି ତାପଜ ବିଦ୍ୟୁତ ଉତ୍ପାଦନ ସମୟରେ ଉଡନ୍ତା ପାଉଁଶ ଏକ ବର୍ଜ୍ୟବସ୍ତୁ ଭାବେ ନିର୍ଗତ ହୋଇଥାଏ ଯାହାକୁ ନିକଟସ୍ଥ ଏକ ପୁଷ୍କରିଣୀରେ ସୁରକ୍ଷିତ ଭାବେ ସଂରକ୍ଷଣ କରି ରଖାଯାଇଥାଏ । ପ୍ରାକୃତିକ ଭାବେ କୋଇଲାରେ କିଛି ପରିମାଣର ବିରଳ ମୃତ୍ତିକା ମୌଳିକ ବସ୍ତୁ ରହିଥାଏ ଏବଂ କୋଇଲାର ଦହନ ସମୟରେ ଏହି ବିରଳ ମୃତ୍ତିକା ମୌଳିକ ବସ୍ତୁର ସାନ୍ଦ୍ରତାରେ ୬-୧୦ ଗୁଣ ବୃଦ୍ଧି ଘଟିଥାଏ । ଭାରତରେ କରାଯାଇଥିବା ଅନୁଧ୍ୟାନ ଅନୁଯାୟୀ ଉଡନ୍ତା ପାଉଁଶରେ ବିରଳ ମୃତ୍ତିକା ମୌଳିକ ବସ୍ତୁର ପରିମାଣ ୪୦୦ ପି.ପି.ଏମ ରହିଥାଏ । ଆମେରିକାରେ ୨ ବିଲିୟନ ଟନରୁ ଅଧିକ ପରିମାଣର ଉଡନ୍ତା ପାଉଁଶ ରହିଅଛି, ଯେଉଁଥିରୁ କି ବର୍ଷ ବର୍ଷ ଧରି ବିରଳ ମୃତ୍ତିକା ମୌଳିକ ବସ୍ତୁର ନିଷ୍କାସନ କରାଯାଇପାରିବ । ପୁରୁଣା ଇଲେକ୍ଟ୍ରୋନିକ୍ ବର୍ଜ୍ୟବସ୍ତୁ ଡିଭାଇସମାନଙ୍କରୁ ମଧ୍ୟ ବିରଳ ମୃତ୍ତିକା ମୌଳିକ ବସ୍ତୁମାନଙ୍କର ନିଷ୍କାସନ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି ।

**ଯୁଗ୍ମ ମ୍ୟାନେଜିଂ ଟ୍ରଷ୍ଟି, କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟ, ଭୁବନେଶ୍ୱର, ବି-୩, ଏଚ.ଆଇ.ଜି କଲୋନୀ, ବରମୁଣ୍ଡା ହାଉସିଂ ବୋର୍ଡ, ଭୁବନେଶ୍ୱର**
**ମୋ: ୯୩୩୮୨୦୪୯୯୩**

# ନିଖିଳ ଭାରତ ନାରୀ କବି ସମ୍ମିଳନୀରେ ପାଞ୍ଚଦିନ (୨)



**ବିଜୟଲକ୍ଷ୍ମୀ ପଟ୍ଟନାୟକ**

ଏବଂ ପାକିସ୍ତାନ ପଟୁ ଯବାନମାନେ ମଧ୍ୟ ଗେଟ୍ ଆଡକୁ ଆସୁଥିଲେ । ଏହିପରି କରିବା ସମୟରେ ଦର୍ଶକ ଗ୍ୟାଲେରୀରୁ ଶହ ଶହ ଯୁବକଯୁବତୀ ଓ ଅନ୍ୟମାନେ ତାଙ୍କ ସହିତ ମିଶି ଯାଉଥିଲେ । ଜଣେ ଅଫିସର ସମସ୍ତଙ୍କୁ ତାଳିମାରି ନାଚିବାକୁ ବାରମ୍ବାର ଆହ୍ୱାନ କରୁଥିଲେ ଓ ମିଶିବାକୁ ଡାକୁଥିଲେ । ସେ ଏକ ଅତ୍ୟନ୍ତ ରୋମାଞ୍ଚଭରା ଅନୁଭୂତି । ଆମର ବି ଇଚ୍ଛା ହେଉଥିଲା ଡେଇଁପଡି ସେଇ ବୀର ଜବାନମାନଙ୍କ ସହିତ ନାଚି ଦେଶାତ୍ମବୋଧକ ଗୀତ ବୋଲିବାକୁ । ଲୋମକୂପରେ କିଏ ଯେପରି ଭରିଦେଉଥିଲା ଆନନ୍ଦଭରା ରୋମାଞ୍ଚ । ଲକ୍ଷ ଲକ୍ଷ ଲୋକ ଏ ଦୃଶ୍ୟ ଉପଭୋଗ କରି ନାଚି ଉଠୁଥିଲେ ଗ୍ୟାଲେରୀରେ ଠିଆହେଇ । ଶେଷରେ ସେଇ ପ୍ରତୀକ୍ଷିତ ମୁହୂର୍ତ୍ତ ଆସିଲା ଠିକ୍ ୫ଟା ବାଜିବାକୁ ଯାଉଥିବା ସମୟରେ । ବିରାଟ ଗେଟ୍ ଖୋଲିଗଲା । ଆମପଟରୁ ଜଣେ ଅଫିସର ଏବଂ ସେପାଖରୁ ପାକିସ୍ତାନର ଜଣେ ଅଫିସର ଆସି ଠିକ୍ ମଧ୍ୟ ସ୍ଥଳରେ ହାତ ମିଳାଇ ଅଭିବାଦନ କଲେ ଉଭୟଙ୍କୁ ଏବଂ ପରସ୍ପରକୁ ମିଠା ପ୍ୟାକେଟ ଦେଲେ । ତା'ପରେ ପୁଣି ଗେଟ୍ ବନ୍ଦ ହେଇଗଲା । ଯଦି ସଦଭାବନାର ଏ ଖେଳ ଖେଳାଯାଉଛି ତେବେ ଶତ୍ରୁତା ପୁଣି କାହିଁକି କରୁଛନ୍ତି ବୁଝି ହେଉନି । କେତେ ଭଲ ଲାଗୁଥିଲା ଏସବୁ ଦେଖି ! କିଏ ମଣିଷର ଶତ୍ରୁ ଆଉ କିଏ ତା'ର ମିତ୍ର! ସେଇ ମଣିଷମାନେ ହିଁ ମଣିଷର ଶତ୍ରୁ ଓ ମିତ୍ର ବି ସେଇମାନେ । ସୀମା ଲଂଘନ କରି ଶତ୍ରୁତା କରି ବଞ୍ଚିରହିବାକୁ କେତେକ ନିଜର ବୃତ୍ତି ଓ ପ୍ରବୃତ୍ତି ବୋଲି ଧରି ନେଇଛନ୍ତି । ଶାନ୍ତିରେ ରହିବା ସେମାନଙ୍କର ଇଚ୍ଛା ନୁହେଁ ।

ସନ୍ଧ୍ୟା ଆଗତପ୍ରାୟ, ଆମେ ଫେରି ଆସିଲୁ ଅନେକ ଅଭୁଲା ଅନୁଭୂତି ସାଉଁଟି । ବାଟରେ ପଞ୍ଜାବର ବିଖ୍ୟାତ ଫୁଲକାରି ହାତକାମର ଫ୍ୟାକ୍ଟ୍ରିରୁ ଅଳ୍ପ କିଛି ଫୁଲପକା ସୁନ୍ଦର ହାତକାମର ବସ୍ତ୍ର ସଂଗ୍ରହ କରି ଫେରିଲୁ ଅମୃତସର । ଅମୃତସରର ବଜାରରେ ରାତି ହୁଏନି । ସବୁବେଳେ ସାରାରାତି ସାରାଦିନ ଖୋଲା । ବଜାରର ବିପଣୀ ସବୁ ଶାଲ୍, ସ୍ୱେଟର ଆଦି ଶୀତବସ୍ତ୍ରରେ ଏବଂ ଅନ୍ୟାନ୍ୟ ଫୁଲକାରି ସାମଗ୍ରୀରେ ଭର୍ତ୍ତି । ପରିଷ୍କାର ପରିଚ୍ଛନ୍ନତା ଆଦୌ ନାହିଁ କହିଲେ ଚଳେ । ସହରର ସବୁ ସ୍ଥାନରେ ଅଳିଆ ଗଦା ହୋଇଥିଲା । ରାସ୍ତାଘାଟ କେତେ ଜାଗାରେ କଟକ ପୁରୀ ଗଳି ପରି ଏବଂ କୋଉଠି ଚଉଡା । ବହୁବର୍ଷର ପୁରୁଣା ପରିତ୍ୟକ୍ତ ରଙ୍ଗଛଡା କୋଠାଗୁଡିକ ମଧ୍ୟ ରହିଛି । ରାସ୍ତା ପାଖରେ ଠେଲାଗୁଡିକରେ ଛୋଲେ ବଟୋରେ, ନାନ୍, ଆଲୁ ପରଟା, କୁଲଚା ଆଦି ଦିନରାତି ପସରା ମେଲେଇ ବସିଛନ୍ତି । ଭାତର ପ୍ରଚଳନ ବେଶୀ ନାହିଁ । କ୍ଷୀରରେ କେଶର ଓ ବାଦାମ ପଡି ଠାଆକୁ ଠାଆ ଆଉଟା ଚାଲିଛି ବଡ ବଡ ହାଣ୍ଡିରେ । ମାଟି ଗିଲାସରେ କିଛି କିଣିକରି ପିଇଲୁ । ଶୀତ ବେଶୀ ହୁଏ ବୋଲି ବୋଧହୁଏ ସେଠାରେ କେଶର, ବାଦାମ, ବଟରର ପ୍ରଚଳନ ବେଶୀ । ସବୁ ଖାଦ୍ୟ ସହିତ ବଟରଖଣ୍ଡ ଥାଏ । ଛେନାମିଠା ଆମ ରାଜ୍ୟ ପରି ଏତେ ନାହିଁ ।

### ଲଙ୍ଗର

ଲଙ୍ଗର କ'ଣ କେମିତି ଭୁବନେଶ୍ୱର ଗୁରୁଦ୍ୱାରରେ ବାଳବିକାଶ ପିଲାଙ୍କୁ ଦେଖେଇବାକୁ ନେଇ ଥରେ ଯାଇ ଖାଇଥିଲୁ । ଅମୃତସରରେ ସ୍ୱର୍ଣ୍ଣ ମନ୍ଦିର ଲଙ୍ଗର କେବେ ବନ୍ଦ ହୁଏନି । ସବୁବେଳେ ଦିନରାତି ରନ୍ଧା ଚାଲିଛି, ଖିଆ ଚାଲିଛି । ଏହା ମଧ୍ୟ ଆମ ପାଇଁ ଆଶ୍ଚର୍ଯ୍ୟର କଥା । ଏତେ ଖାଦ୍ୟ ସବୁ ଲୋକଙ୍କ ପାଇଁ ମାଗଣାରେ କେଉଁଠୁ ଆସୁଛି ଓ କିଏ ଦେଉଛି ତାହା ଜାଣିବାକୁ ଚେଷ୍ଟାକଲୁ । ସମସ୍ତେ ଯିଏ ଚାହିଁଲେ ସିଏ ଦେଉଛନ୍ତି ଶୁଣିଲୁ । ସେଠାରେ ତଳେ ବସି ଖାଇବାକୁ ପଡେ । ଖାଦ୍ୟରେ ହଳଦିଆ ଭାତ ସାଙ୍ଗରେ ଦୁଇଟି ରୋଟି, ଚଣା ତରକାରୀ ଏବଂ କ୍ଷିରୀ ଦିଆଯାଏ । ପେଟ ପୂରିଯାଏ । ଷ୍ଟିଲ ଗିନାରେ ଖାଦ୍ୟ ପରସା ଯାଏ । ଯିଏ ଯେତେବେଳେ ରାତି ହେଉ ବା ଦିନ ଗଲେ ମାଗଣା ଖାଇବାକୁ ପଡିବ । ଥରେ ସେଠାରେ ଭୋଜନ କଲୁ । ସେଠାରେ ମଧ୍ୟ ଜୋତା ବାହାରେ ରଖି ମୁଣ୍ଡରେ କିଛି ଘୋଡେଇ ଖାଇବାକୁ ହୁଏ । ଲଙ୍ଗରରେ ସମ୍ପୂର୍ଣ୍ଣ ମାଗଣା ଖାଦ୍ୟ । ସେଠାରେ ବୟସ୍କ ଲୋକମାନେ ଗିନା ପୋଛା, ପତ୍ର ଯୋଗେଇବା କାର୍ଯ୍ୟରେ ଲାଗିଥାନ୍ତି । ଏ ସେବା କାର୍ଯ୍ୟ ସତରେ ପ୍ରଶଂସାର କାର୍ଯ୍ୟ । ପ୍ରାୟ ଏପରି ସେବାକାର୍ଯ୍ୟରେ ଅନେକ ଲୋକ ଲାଗିଥାନ୍ତି । ଅନ୍ନଦାନ ସେବାର ଭଲ ଉଦାହରଣଟିଏ ଲଙ୍ଗର । କୌଣସି ଭେଦଭାବ ସେଠାରେ ନାହିଁ । ହାଲୁଆ ଏବଂ କ୍ଷିରୀ ମଧ୍ୟ ଖାଦ୍ୟରେ ଥାଏ ।

### ଜାଲିଆନାୱାଲା ବାଗ୍

ଆମର କନଫେରେନ୍ସ ବା ସମ୍ମିଳନୀ ଆରମ୍ଭ ହେଲା 'ଖାଲସା ମହିଳା କଲେଜ'ର କନଫେରେନ୍ସ ହଲରେ । ପଞ୍ଜାବୀ ମହିଳା ବେଶୀ ଯୋଗ ଦେଇ ନ ଥିଲେ । ଆରେଞ୍ଜମେଣ୍ଟ ମଧ୍ୟ ସାଧାରଣ ଥିଲା । କେବଳ ସେ କଲେଜର ପିଲାମାନେ ଏବଂ କିଛି ବିଶିଷ୍ଟ ରାଜନେତା, ଏମଏଲଏ ଯୋଗ ଦେଇଥିଲେ । ସେଦିନ ଉପରବେଳା ଆମେ ସ୍ୱର୍ଣ୍ଣମନ୍ଦିର ପାଖରେ ଥିବା ଜାଲିୱାନାୱାଲାବାଗକୁ ଦେଖିବାକୁ ଗଲୁ । ଜେନେରାଲ ଡାୟାରର କ୍ରୁରତାକୁ ସାମ୍ନା କଲୁ ସେହି ସ୍ତୁପ ମଧ୍ୟରେ, ଯେଉଁଠାରୁ ୧୨୦ ଜଣଙ୍କର କଙ୍କାଳ ଉଦ୍ଧାର କରାଯାଇଥିଲା । ଗୁଳିର ଚିହ୍ନକୁ ରେଖାଙ୍କିତ କରି ସଂଗ୍ରହ କରି ରଖାଯାଇଛି ସେଠାକାର କାନ୍ଥରେ । ସେହି କୂପ, ଯେଉଁଠି ଶତାଧିକ ଲୋକ ସମାଧି ଲାଭ କରିଥିଲେ, ତାହା ତାରବାଡ ଓ କାନ୍ଥ ମଧ୍ୟରେ ସଂରକ୍ଷିତ ରହିଛି । ଭଗତ ସିଂଙ୍କର ଗାଥା ସେଠାରେ ଲିଖିତ ଅଛି ଏବଂ ଲିଖିତ ଅଛି ଜେନେରାଲ ଡାୟାରର ପୋକମାଛି ପରି ଲୋକଙ୍କୁ ମାରିବାର କ୍ରୁରତାର ଗାଥା । ଜଳୁଛି ଅହରହ ଅମର ଜ୍ୟୋତି । ପଞ୍ଜାବୀମାନଙ୍କର ଅବିସ୍ମରଣୀୟ ସ୍ୱାଧୀନତା ସଂଗ୍ରାମରେ ବଳିଦାନର କଥା ବାରି ହୋଇପଡୁଥିଲା ସବୁଠି । ସତରେ ସବୁଠାରୁ ବେଶୀ ବଳିଦାନ ଦେଇଛନ୍ତି ସେଇ ବୋର୍ଡର ପାଖରେ ରହୁଥିବା ମା'ମାନେ, ଭଉଣୀମାନେ ଓ ନାରୀମାନେ । ଛାତିରେ ପଥର ରଖି ବିଧବା ହୋଇଥିଲେ, ମାତୃହରା ହୋଇଥିଲେ । ସେଠି ସେଇ ଗୁଳିବିଦ୍ଧ ଆତ୍ମାମାନଙ୍କର ଆର୍ତ୍ତଚିତ୍କାର ମୋ କାନରେ ପ୍ରତିଧ୍ୱନିତ ହେଉଥିଲା ବାରମ୍ବାର । ଛାତିରୁ କୋହ ଉଠୁଥିଲା । ଡିସେମ୍ବର ୬ (୨୦୨୩) ସକାଳ ୧୦ଟାରେ ଆମେ ଅମୃତସରର ଅମୃତମୟ ତ୍ୟାଗ ଓ ବଳିଦାନକୁ ସମ୍ମାନ ଜଣାଇ ସେଠାରୁ ବିଦାୟ ନେଇ ସ୍ୱର୍ଣ୍ଣମନ୍ଦିରର ୱାହେ ଗୁରୁଙ୍କୁ ମଥା ନୁଆଁଇ ଏଆରପୋର୍ଟ ଅଭିମୁଖେ ବାହାରି ଆସିଲୁ । ବାଟରେ ବିଦାୟ ଦେଉଥିଲୁ ହରିତ୍ ଗହମ କ୍ଷେତ, ଶୀତୁଆ ଅପରାହ୍ନର ସୁନ୍ଦର ସୋରିଷ କ୍ଷେତର ମାଇଲମାଇଲ ବ୍ୟାପି ହଳଦୀମଖା ଚାଦରକୁ ଆଉ ପରିଶ୍ରମୀ ପଞ୍ଜାବୀମାନଙ୍କର ଶ୍ରମକୁ । ସୂର୍ଯ୍ୟଙ୍କର ତୀକ୍ଷ୍ଣ କିରଣର ଜ୍ୱାଳା ନ ଥିଲା, ଥିଲା ଆଶ୍ୱାସନାର ମଲମ । ମଣିଷ ଭିତରେ ମାନବତା ସ୍ଥାନରେ ଦାନବତା କିଏ ଭରି ଦେଉଛି ! ସବୁତ ସମସ୍ତଙ୍କୁ ମିଳିଛି ।

ଗୋଟିଏ ମାତ୍ର ଭାଷା ହୃଦୟର ଭାଷା
ଗୋଟିଏ ମାତ୍ର ଧର୍ମ ପ୍ରେମର ଧର୍ମ
ଗୋଟିଏ ମାତ୍ର ଜାତି ମାନବ ଜାତି
ଜଣେ ମାତ୍ର ଈଶ୍ୱର ସେ ସର୍ବଶକ୍ତିମାନ ।

ଆଜିକାଲି ଟ୍ରେନ୍ ଲେଟ୍ ପରି ପ୍ଲେନ୍ ବି ସବୁଠି ଲେଟ୍ ଥିଲା ଗଲାଠାରୁ ଆସିବା ଯାଏ । ସାରାଦିନ ଏଆରପୋର୍ଟରେ କଟିଲା । ଭୁବନେଶ୍ୱର ଏଆରପୋର୍ଟରେ ପହଞ୍ଚି ମୋତେ ଲାଗିଲା ଆମେ ସ୍ୱର୍ଗରେ ପହଞ୍ଚିଲୁ । ଆମଘର, ଆମ ଚଳଣି, ଆମ ମାଟିରେ ଓଡ଼ିଶାର ବାସ୍ନା, ଆମ ପ୍ରାଣକେନ୍ଦ୍ର ଦାରୁଦିଅଁ ଜଗନ୍ନାଥ, ଆମ ଭାଷା, ଆମ ଟଗର, ମନ୍ଦାର, କଇଁ- ନା ଏମିତି କୋଉଠି ତ ନ ଥିଲା ମାଟିର ଆଦର । ତଥାପି ସବୁ ମଣିଷଙ୍କ ଭିତରେ ସେଇ ଗୋଟିଏ ଭାଷା- ହୃଦୟର ଭାଷା ଥିଲା, ଗୋଟିଏ ଜାତି- ମଣିଷ ଜାତି, ଗୋଟିଏ ଧର୍ମ- ପ୍ରେମର ଧର୍ମ ଓ ଗୋଟିଏ ଈଶ୍ୱର- ସେ ସର୍ବ ଶକ୍ତିମାନ, ସର୍ବବ୍ୟାପୀ ଓ ସର୍ବଜ୍ଞାତାର ଭାବ ଥିଲା । ପ୍ରେମଧର୍ମରେ ବିଭେଦ ନ ଥାଏ, ଥାଏ ଗୋଷ୍ଠୀରେ, ବିଭିନ୍ନତାରେ ଏକତା ଆମର ମନ୍ତ୍ର, ବସୁଧାକୁ କୁଟୁମ୍ବ ମଣିବା ଆମ ଚଳଣି । ଧର୍ମ ଏକ ସମୁଦ୍ର ଏବଂ ଗୋଷ୍ଠୀ ଏକ ପୁଷ୍କରିଣୀ । ପ୍ରେମକୁ ଯିଏ ବୁଝିଛି ସେ ସ୍ରଷ୍ଟାଙ୍କର ଅପୂର୍ବ ସରଂଚନାର ଗଛବୃଚ୍ଛ, କୀଟପତଙ୍ଗ, ପଶୁପକ୍ଷୀ, ମନୁଷ୍ୟ-ସମସ୍ତଙ୍କୁ ଭଲପାଇଛି । ସେଠି ସ୍ୱର୍ଣ୍ଣମନ୍ଦିର ଥାଉ ବା ଜଗନ୍ନାଥ ମନ୍ଦିର ହେଉ, ଏସବୁ ମନୁଷ୍ୟକୁ ଶୃଙ୍ଖଳା, ଦୟା, ଧର୍ମ ଆଚରଣ, ସହନଶୀଳତା, କ୍ଷମା, ସହିଷ୍ଣୁତା ଶିଖାଏ । ଭାଗଭାଗ ହେବା, ବିଭେଦ ଶିଖାଏ ନାହିଁ । ସମସ୍ତଙ୍କୁ ନେଇ ଚଳିବା ମାନବଧର୍ମ, ଯିଏ ନ ପାରିଲା ସେ କ'ଣ ଧର୍ମରକ୍ଷା କରିପାରିଲା !

**ଭୁବନେଶ୍ୱର**
**ମୋ: ୮୮୯୫୨୭୪୭୯୪**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିଧାୟକଙ୍କ...

୧ଲକ୍ଷ ଟଙ୍କା ପାଉଥିଲେ। ସଂଶୋଧନ ପରେ ବିଧାୟକଙ୍କ ମୂଳ ଦରମା ୯୦ ହଜାର ଟଙ୍କା କରାଯାଇଛି। ଚିକିତ୍ସା ଭତ୍ତାକୁ ୫୦୦୦ ଟଙ୍କାରୁ ୩୫ହଜାର ଟଙ୍କା, ନିର୍ବାଚନମଣ୍ଡଳୀ ଭତ୍ତା ୨୦ରୁ ୭୫ ହଜାର ଟଙ୍କା, ବ୍ୟକ୍ତିଗତ ଗସ୍ତ ଖର୍ଚ୍ଚ ୧୫ରୁ ୫୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଗାଡ଼ି କିଣିବା ପାଇଁ ଅଗ୍ରିମ ରାଶିକୁ ୫ଲକ୍ଷକୁ ବଢ଼ାଇ ୧୦ଲକ୍ଷ ଟଙ୍କା ହୋଇଛି। ମୁଖ୍ୟମନ୍ତ୍ରୀଙ୍କର ମୂଳ ଦରମା ୪୧ ହଜାରରୁ ବଢ଼ି ୧ଲକ୍ଷ ଟଙ୍କା ହୋଇଛି। କାର୍ ଭତ୍ତା ବାବଦରେ ୯୧ହଜାର ଟଙ୍କା, ସତ୍କାର ଭତ୍ତା ବାବଦରେ ୧.୮୩ ଟଙ୍କା ପାଇବେ। ସିଟିଂ ଆଲାଇନ୍ସ ବାବଦରେ ୨୦୦୦ ଟଙ୍କା ଓ ରହିବା ବାବଦରେ ୨ହଜାର ଟଙ୍କା ପାଇବେ। ସେହିଭଳି କ୍ୟାବିନେଟ ମନ୍ତ୍ରୀ ଭତ୍ତା ଓ ମୂଳ ଦରମାକୁ ମିଶାଇଲେ ୩.୬୨ ଲକ୍ଷ ଓ ରାଷ୍ଟ୍ରମନ୍ତ୍ରୀ ୩.୬୦ ଲକ୍ଷ ଟଙ୍କା ପାଇବେ। ପୂର୍ବତନ ବିଧାୟକଙ୍କ ମୂଳ ପେନ୍‌ସନ୍ ୩୦ହଜାରରୁ ବଢ଼ି ୮୦ ହଜାର ଟଙ୍କା କରାଯାଇଛି। ୫ ବର୍ଷରୁ ଅଧିକ ସମୟ ବିଧାୟକ ଥିଲେ ପ୍ରତି ଅତିରିକ୍ତ ବର୍ଷ ପାଇଁ ବାର୍ଷିକ ୩ହଜାର ଟଙ୍କା ଲେଖାଏଁ ଅତିରିକ୍ତ ପେନ୍‌ସନ୍ ମିଳିବ। ଚିକିତ୍ସା ଭତ୍ତାକୁ ୨ହଜାରରୁ ୨୫ ହଜାରକୁ ବଢ଼ାଇ ଦିଆଯାଇଛି। ପ୍ରଥମ ଥର ପାଇଁ ପୂର୍ବତନ ବିଧାୟକମାନଙ୍କୁ ମାସିକ ଖର୍ଚ୍ଚ ବାବଦରେ ୧୨.୫୦୦ ଟଙ୍କା ମିଳିବ। ସର୍ବାଧିକ ୭୦ ହଜାର ଟଙ୍କାର ପେନ୍‌ସନ୍ କ୍ୟାପିଂକୁ ହଟାଇ ଦିଆଯାଇଛି। ପ୍ରଥମ କାର୍ଯ୍ୟକାଳରେ କୌଣସି ବିଧାୟକଙ୍କର ମୃତ୍ୟୁ ହୁଏ, ତେବେ ତାଙ୍କର ଆଇନଗତ ଉତ୍ତରାଧିକାରୀମାନଙ୍କୁ ୨୫ ଲକ୍ଷ ଟଙ୍କାର ଏକକାଳୀନ ସହାୟତା ରାଶି ପ୍ରଦାନ କରାଯିବ। ସେହିଭଳି ବାଚସ୍ପତିଙ୍କ ଦରମା ଓ ଭତ୍ତାକୁ ମିଶାଇ ୩ ଲକ୍ଷ ୬୮ ହଜାର ଟଙ୍କା ହୋଇଥିବାବେଳେ ଉପମୁଖ୍ୟମନ୍ତ୍ରୀଙ୍କ ଦରମା ଓ ଭତ୍ତା ୩ ଲକ୍ଷ ୬୮ ହଜାର, ଉପବାଚସ୍ପତିଙ୍କ ଦରମା ଓ ଭତ୍ତା ୩ ଲକ୍ଷ ୫୬ ହଜାର, ସରକାରୀ ମୁଖ୍ୟ ସଚେତକଙ୍କ ଦରମା ଓ ଭତ୍ତା ୩ ଲକ୍ଷ ୬୨ ହଜାର, ବିରୋଧୀ ଦଳ ନେତାଙ୍କ ଦରମା ଓ ଭତ୍ତା ୩ ଲକ୍ଷ ୬୨ ହଜାର, ଉପମୁଖ୍ୟ ସଚେତକଙ୍କର ଦରମା ଓ ଭତ୍ତା ୩ ଲକ୍ଷ ୫୦ ହଜାରକୁ ବୃଦ୍ଧି ପାଇଛି।

## ଏସ୍‌ଆଇଆରକୁ...

କମିଶନର ହେବ ତାହା ବାଛୁଛନ୍ତି। ସେ ମଧ୍ୟ ଏହି କମିଟିରେ ବିରୋଧୀ ଦଳ ନେତା ହିସାବରେ ସେ ସଦସ୍ୟ ଅଛନ୍ତି। ମାତ୍ର ତାଙ୍କ ସ୍ୱରର ମୂଲ୍ୟ ନାହିଁ। କେନ୍ଦ୍ର ସରକାର ଡିସେମ୍ବର ୨୦୨୩ ଠାରୁ ନୂଆ ନିୟମ ଆଣିଛନ୍ତି। ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ କ'ଣ ନିର୍ବାଚନ କମିଶନଙ୍କୁ ବଳ ଯୋଗାଉଛନ୍ତି କି ବୋଲି ସେ ପ୍ରଶ୍ନ କରିଥିଲେ। ସିସିଟିଭିକୁ ୪୫ ଦିନ ମଧ୍ୟରେ କାହିଁକି ନଷ୍ଟ କରିଦିଆଯାଉଛି। ଏହାର ଆବଶ୍ୟକତା କ'ଣ ବୋଲି ରାହୁଲ ପ୍ରଶ୍ନ କରିବା ସହ ୪ ଦାବି ଉପସ୍ଥାପନ କରିଥିଲେ। ନିର୍ବାଚନର ମାସକ ପୂର୍ବରୁ ରାଜନୈତିକ ଦଳଗୁଡ଼ିକୁ ମେସିନ୍ ଓ ପଢ଼ି ହେଉଥିବା ଭୋଟର ତାଲିକା ଦିଆଯାଉ। ସିସିଟିଭି ଫୁଟେଜ ନଷ୍ଟ କରିବାକୁ ଥିବା ଆଇନ୍‌କୁ ପ୍ରତ୍ୟାହାର କରାଯାଉ। ଇଭିଏମ୍‌ର ଆର୍କିଟେକ୍ଟ କ'ଣ ତାହା କୁହାଯାଉ। ଆମର ବିଶେଷଜ୍ଞମାନେ ଏହାକୁ ଯାଞ୍ଚ କରିବେ ଓ ଶେଷରେ ନିର୍ବାଚନ କମିଶନ ଚୟନ ପାଇଁ ଥିବା ନିୟମକୁ ପରିବର୍ତ୍ତନ କରାଯାଉ। ଏହାଛଡା ରାହୁଲ କହିଥିଲେ ଯେ ଦେଶର ଅଧିକାଂଶ ସଂସ୍ଥା ଉପରେ ଆର୍‌ଏସ୍‌ଏସ୍ ଲୋକମାନେ କବ୍‌ଜା କରିଛନ୍ତି। ଅଧିକାଂଶ ବିଶ୍ୱବିଦ୍ୟାଳୟର କୁଳପତି ଓ କଲେଜ ଅଧ୍ୟକ୍ଷ ଏହି ସଂଗଠନରୁ ଆସୁଛନ୍ତି। ଆମଦେଶ ଏକ କପଡା ଭଳି। ଯେପରି କପଡା ଅନେକ ସୂତାରୁ ତିଆରି ହୁଏ, ସେହିପରି ଆମ ଦେଶ ମଧ୍ୟ ଅନେକ ଲୋକଙ୍କୁ ନେଇ ଗଠିତ। ଦେଶର ସମସ୍ତ ସୂତା ସମାନ ଓ ଗୁରୁତ୍ୱପୂର୍ଣ୍ଣ। ସମସ୍ତ ଲୋକ ସମାନ। ଆର୍‌ଏସ୍‌ଏସ୍‌କୁ ଆକ୍ଷେପ କଲାପରେ ବାଚସ୍ପତି ତାଙ୍କୁ ବାଧା ଦେଇ କହିଥିଲେ ଯେ ବିରୋଧୀ ଦଳର ନେତା ହେବାର ଅର୍ଥ ନୁହେଁ ଯାହା ଇଚ୍ଛା ତାହା କହିବେ। ଆପଣ ନିର୍ବାଚନୀ ସଂସ୍ଥାର ଉପରେ ଆଲୋଚନା କରିବା ଦରକାର। ଏହାକୁ ନେଇ ସଂସଦରେ ହଙ୍ଗାମା ସୃଷ୍ଟି ହୋଇଥିଲା। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜ୍‌ଜୁ କହିଥିଲେ ଯେ ଆମେ ଶୁଣିବାକୁ ଏଠାକୁ ଆସିଛି। ନିର୍ବାଚନୀ ସଂସ୍କାର ଉପରେ ଚର୍ଚ୍ଚା କରିବେ।

## ୧୮ କାର୍ଯ୍ୟ ଦିବସ...

ଡିସେମ୍ବର ୩୧ ଯାଏଁ ଚାଲିବାର ଥିଲା । ତେବେ ୧୮ଟି କାର୍ଯ୍ୟଦିବସ ପୂର୍ବରୁ ଏହା ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ମୁଲତବୀ କରାଯାଇଛି । ମୋଟ୍ ୧୧ଟି କାର୍ଯ୍ୟଦିବସ ହୋଇଥିବା ବେଳେ ୨୮ଟି ତାରକା ପ୍ରଶ୍ନ ଆଲୋଚନା ହୋଇଥିଲା । ଏହାସହ ୨,୯୯୫ ଅଣତାରକା ପ୍ରଶ୍ନପତ୍ର ଉପସ୍ଥାପିତ ହୋଇଥିବା ବେଳେ ୬ଟି ମୁଲତବୀ ଆଲୋଚନା ହୋଇଥିଲା । ୩୧ଟି କାଗଜ ଉପସ୍ଥାପନ ହୋଇଥିବା ବେଳେ ୪ଟି ବାର୍ଷିକ ରିପୋର୍ଟ ଉପସ୍ଥାପନ ହୋଇଥିଲା । ସେହିପରି ୭ଟି ବିଲ ଉପସ୍ଥାପନ ହୋଇଥିବା ବେଳେ ୭ଟି ବିଲ ପାରିତ ହୋଇଥିଲା । ଅତିରିକ୍ତ ଖର୍ଚ୍ଚ ଦାବି ୫ଟି ଆଲୋଚନା ହୋଇଥିବା ବେଳେ ସିଏଜି ରିପୋର୍ଟ ଏବଂ ସଂକଳ୍ପ ପାରିତ ହୋଇଥିଲା ।

## ରାସ୍ତାରେ...

ଟୋକନ ସମସ୍ୟା, କଟନି ଛଟନି ଓ ମଣ୍ଡି ଅବ୍ୟବସ୍ଥା ଲାଗି ରହିଛି। ଏହାକୁ ନେଇ ଚାଷୀ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି।

ସୋମବାର ବରଗଡ଼ ଜିଲ୍ଲା ଗୋଡ଼ଭଗା ମଣ୍ଡିରେ ଚାଷୀମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇ ରାଜପଥ ଅବରୋଧ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା । ମଙ୍ଗଳବାରି ରାଜପଥ ଅବରୋଧ ପୂର୍ବରୁ ଓଡ଼ିଶା ରାଜ୍ୟ କୃଷକ ସଂଗଠନ ଅତାବିରାର ସଭାପତି ବୀରେନ୍ଦ୍ର କରଙ୍କ ସଭାପତିତ୍ୱରେ ମଣ୍ଡି ସମ୍ମୁଖରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଚାଷୀମାନେ ୫ଦଫା ଦାବି ଯଥା:- ସମସ୍ତ ଚାଷୀଙ୍କ ଟୋକନ ଦିଆଯିବା, ଟୋକନ ଥିଲେ ମଧ୍ୟ ମଣ୍ଡିରୁ ଧାନ ନ ଉଠିବା , ଉଠିଥିବା ଧାନର ପ୍ରାପ୍ୟ ଚାଷୀ ପାଉନଥିବା,ଧାନ ଉଠାଇବା ପାଇଁ ମିଲର୍ସ ମଣ୍ଡିକୁ ଆସୁନଥିବା ତଥା ବର୍ତ୍ତମାନ ସୁଦ୍ଧା କିଣାଯାଇଥିବା ଧାନର କେଉଁ ଚାଷୀର ୫ କେଜି ତ କେଉଁ ଚାଷୀର ୫କେଜିରୁ ଉର୍ଦ୍ଧ୍ୱ କଟଣି ଛଟନୀ ହେଉଥିବା ସମସ୍ୟାକୁ ନେଇ ଚାଷୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଯେତେବେଳେ ଚାଷୀମାନେ ଧାନ ବସ୍ତା ସହ ରାଜରାସ୍ତାକୁ ଓହ୍ଲାଇଥିଲେ ସେ ସମୟରେ ପୋଲିସ ସହ ବଚସା ଓ ଧସ୍ତା ଧସ୍ତି ମଧ୍ୟ ହୋଇଥିଲା । ବରଗଡ ଅତିରିକ୍ତ ଏସପି ଶିବ ପ୍ରସାଦ ବିଶ୍ୱାଳ ,ଏସଡିପିଓ ପଦାରବିନ୍ଦ ତ୍ରିପାଠୀ,ଉପଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେ,ଜିଲ୍ଲା ଅତିରିକ୍ତ ଯୋଗାଣ ଅଧିକାରୀ ବ୍ୟୋମକେଶ ମାଝୀ, ଅତାବିରା ଅତିରିକ୍ତ ତହସିଲଦାର ଅଙ୍କିତ ପଣ୍ଡା ଆନ୍ଦୋଳନ ସ୍ଥଳକୁ ପହଞ୍ଚି ଥିଲେ । ଉପଜିଲ୍ଲାପାଳ କହିଥିଲେ ସମସ୍ତ ଚାଷୀଙ୍କ ଟୋକନ ଡିସେମ୍ବର ୨୦ତାରିଖ ସୁଦ୍ଧା ଦିଆଯିବ ଏବଂ ଜାନୁଆରୀ ୧୫ତାରିଖ ସୁଦ୍ଧା ସମସ୍ତ ଧାନ କିଣାଯିବ ଏବଂ ଯେଉଁ ମାନଙ୍କ ଜମିର ପରିମାଣ କମ ଆସିଛି ସେମାନେ ଲିଖିତ ଆକାରରେ ଜଣାଇଲେ ଉପରକୁ ପଠାଇଦେବେ ବୋଲି କହିଥିଲେ ଧାନ କଳ ମାଲିକ ସଂଘର ସଭାପତି ନୀତେଶ ବଂଶଲ । ସମସ୍ତ ମଣ୍ଡିରେ କ୍ୱିଣ୍ଟାଲ ପ୍ରତି ୧ କେ.ଜି ଧାନ କଟନିରେ ଉଠାଇବେ ବୋଲି କହିଥିଲେ । ଚାଷୀମାନେ ଏହାର ଲିଖିତ ପ୍ରତିଶ୍ରୁତି ଚାହିଁବାରୁ ଉପଜିଲ୍ଲାପାଳ ଲିଖିତ ପ୍ରତିଶ୍ରୁତି ଦେଇଥିଲେ । ଫଳରେ ଅପରାହ୍ନ ୩ଘଣ୍ଟା ସମୟରେ ରାଜପଥ ଅବରୋଧ ପ୍ରତ୍ୟାହୃତ ହୋଇଥିଲା । ୩ଘଣ୍ଟା ପର୍ଯ୍ୟନ୍ତ ରାସ୍ତାରେ ଯାତାୟତ ଠପ ହୋଇ ପଡ଼ିଥିଲା । ରାସ୍ତାର ଉଭୟ ପଟେ ୪କି.ମି ଶହ ଶହ ଗାଡି ଅଟକି ରହିଥିଲା । ଭି.ସଦବାବୁ, ବି.ପାପାରାଓ, ପି.ଜୟକୁମାର, ରମେଶ ମହାପାତ୍ର, ଅମୀୟ ଦାଶ,ଅଚ୍ୟୁତା ମହାପାତ୍ର, ସୁରେଶ କର୍ଣ୍ଣ, ଭୁବନ ପ୍ରଧାନ,ବୁଦ୍ଧଦେବ ନନ୍ଦ,କୃପା ରାଓ,ସଂକ୍ରାନ୍ତି ରେଡ୍ଡୀ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ ।

## ଜାତୀୟ...

ଉପକରଣ ଯୋଗାଇ ଦିଆଯାଇ ନାହିଁ। ୧୩ରୁ ୨୬% ବିଦ୍ୟାଳୟରେ ର‌୍ୟାମ୍ପ ସୁବିଧା ନଥିଲା ବେଳେ ୩୧ରୁ ୪୪ % ବିଦ୍ୟାଳୟ ଅନୁକୂଳ ଶୌଚାଳୟ ବ୍ୟବସ୍ଥା ନଥିଲା। ଆତ୍ମରକ୍ଷା ଶ୍ରେଣୀ ପରିଚାଳନା ପାଇଁ ଯୋଗାଇ ଦିଆଯାଇଥିବା ୧୩ରୁ ୧୯ହଜାର ୨୬୦ ବିଦ୍ୟାଳୟରେ ପାଣି ଯୋଗାଣ ଅଭାବ ଥିଲା। ୨୦୨୩ ସୁଦ୍ଧା ବହୁ ସଂଖ୍ୟକ ବିଦ୍ୟାଳୟ ଭିତ୍ତିଭୂମି ନିୟମକୁ ପାଳନ କରି ନଥିଲେ। ବିଦ୍ୟାଳୟରେ ବସିବା ଆସବାବପତ୍ର ନଥିବାରୁ ଛାତ୍ରଛାତ୍ରୀମାନେ ଚଟାଣରେ ବସିଥିବା ଦେଖିବାକୁ ମିଳିଥିଲା। ରାଜ୍ୟର ୨୧ହଜାର ୯୫୮, ୧୦ହଜାର ୨୨, ୮୯୬, ୫୨୭ ବିଦ୍ୟାଳୟରେ ପ୍ରାଥମିକ, ଉଚ୍ଚ ପ୍ରାଥମିକ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ଶ୍ରେଣୀରେ ଛାତ୍ର ଶିକ୍ଷକ ଅନୁପାତ ପ୍ରତିକୂଳ ଥିଲା। ଧନ୍ଦାମୂଳକ ଶିକ୍ଷା ପରିଚାଳନା କରୁଥିବା ୧୧୩ଟି ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟକ୍ଷମ ପରୀକ୍ଷାଗାର ନଥିଲା। ସେହିଭଳି ମାଗଣା ପୋଷାକକୁ ସୁବିଧାରୁ ୨୦୧୮-୨୩ ମଧ୍ୟରେ ୩.୫୧ ଲକ୍ଷ ଛାତ୍ରଛାତ୍ରୀ ବଞ୍ଚିତ ହୋଇଥିଲେ। ସେହିବର୍ଷ ମଧ୍ୟ ୪୧୭ ଦିନ ବିଳମ୍ବରେ ଛାତ୍ରଛାତ୍ରୀଙ୍କୁ ବହି ବଣ୍ଟାଯାଇଥିଲା। ୧୪ଟି ବିଦ୍ୟାଳୟରେ ପରିଚାଳନା କମିଟିରେ ୧୯ ଜଣ ସଦସ୍ୟଙ୍କ ଆବଶ୍ୟକତା ଥିଲାବେଳେ ୧୦ରୁ ୧୮ ଜଣ ସଦସ୍ୟଙ୍କୁ ନେଇ କାର୍ଯ୍ୟ କରାଯାଉଥିଲା।

## ପାଚିକା ଭୂମିକାରେ ଶିକ୍ଷକ, ଶିକ୍ଷୟିତ୍ରୀ

ଭଣ୍ଡାରିପୋଖରୀ, (ସବ୍ୟ): ଭଣ୍ଡାରିପୋଖରୀ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଅଧିନରେ ଥିବା ୧୪୯ଟି ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା କରାଯାଉଥିବା ଜଣାଯାଇଛି । ଦରମା ବୃଦ୍ଧି ଦାବିରେ ମଧ୍ୟାହ୍ନଭୋଜନ ପାଚିକାମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ମାତ୍ର ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ବନ୍ଦ ନକରିବାକୁ ପ୍ରଶାସନ ପକ୍ଷରୁ ତାଗିଦ କରାଯାଇଛି ।

---

E-Mail I.D.-eepwdcuttack@gmail.com

**OFFICE OF THE SUPERINTENDING ENGINEER : CUTTACK (R&B) DIVISION NO.I : CUTTACK**
**GOVERNMENT OF ODISHA**

B-825

**('e' PROCUREMENT NOTICE)**
**2nd Corrigendum to Bid Identification No. S.E CTC (R&B)-54 of 2025-26**

The Bid availability period and date of opening of the tenders have been modified due to unavoidable clecumstances. The modified dates are as follows :

| Sl. No. | Bid Identification No. | Bid Availability period as per 1st Corrigendum Notice | Revised Bid Availability period as per 2nd Corrigendum Notice | Bid Opening Date as per 1st Corrigendum Notice | Revised Opening Date as per 2nd Corrigendum Notice |
|---|---|---|---|---|---|
| 1 | S.E. CTC (R&B) - 54 of 2025-26 | 09.12.2025 to 5.00 P.M. of 18.12.2025 | 17.12.2025 to 5.00 P.M. of 26.12.2025 | 19.12.2025 at 11.00 A.M. | 29.12.2025 at 11.00 A.M. |

All other terms and conditions remain unchanged. Further details can be seen from the website http://www.tendersodisha.gov.in.

Sd/- Superintending Engineer
Cuttack (R&B) Division, No.I., Cuttack

OIPR : 34091/11/0112/2526

---

C-1756

**ଓଡ଼ିଶା ସରକାର**
**ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଜନସ୍ୱାସ୍ଥ୍ୟ ଖଣ୍ଡ ବାଲେଶ୍ୱର**

**OFFICE OF THE EXECUTIVE ENGINEER, PUBLIC HEALTH DIVISION, B ALASORE.**
**AT-SAMALPUR, P.O-BALIA, DIST-BALASORE, PIN-756056**
**(e-mail: eephbls(a)gmail.com, Phone-9438660004)**
**NO 6626 / DATE 04/12/25**
**2nd CORRIGENDUM**
**Tender for the work**

**"Supply, Installation, Testing & Commissioning of DG Sets (CPCB IV + GEN Set with AMF Pannel) with Movable Trolley including shed for Jaleswar Town.**

In continuation to this office Bib-Identification **No.SEPHBLS-27 of 2025-26 dt. 12.11.2025**. The following amendments have been made to Critical Dates.

| 1 | Item/Clause | Description | Existing Critical Dates | 1st time corrigendum of Critical dates | 2nd corrigendum of Revised / Amended Critical Dates |
|---|---|---|---|---|---|
| | Critical Dates in NIT, Section-1 of DTCN | Last date and time of seeking clarification | 17.00 Hrs. of dt. 28.11.2025 | 17.00 Hr. of dt. 05.12.2025 | 17.00 Hr. of dt. 10.12.2025 |
| | | Last date and time of bidding on-line | 17.00 Hrs. of dt. 03.12.2025 | 17.00 Hr. of dt. 10.12.2025 | 17.00 Hr. of dt. 15.12.2025 |
| | | Date and time of opening Bid | 12.00 Hrs. of dt. 04.12.2025 | 12.00 Hr. of dt. 11.12.2025 | 12.00 Hr. of dt. 16.12.2025 |

All other terms and conditions Un-Altered.

Sd/- Superintending Engineer,
P.H. Division, Balasore

OIPR : 13053/11/0037/2526

---

Email- rd_nuapada@rediffmail. com

O-1684

**GOVT. OF ODISHA : OFFICE OF THE SUPERINTENDING ENGINEER**
**RURAL WORKS DIVISION, NUAPADA**
**BID IDENTIFICATION NO. RWNPD - 05 (Online) of 2025-26**
**"e" PROCUREMENT NOTICE**

Bid documents consisting of Work, Estimate Cost, Cost of tender Paper, EMD / BID security, Time of Completion, Class of Contractor and the set of terms and conditions of contract and other necessary documents can be seen in Govt, website i.e. **www.tendersorissa.gov.in**

1. Name of the Work : Building works in the District of Nuapada as mentioned in DTCN
2. Total No of Works : 22 Nos.
3. Estimated Cost : Rs.1.68 to 4.20 Lakhs (Building)
4. Period of Completion : 01 (one), Calendar Month
5. Other Details :

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| Superintending Engineer, Rural Works Division, Nuapada | RWNPD-05/ 2025-26 (Online) | 10.12.2025 at 10.00 AM | 20.12.2025 upto 5.00 PM | 19.12.2025 upto 05.00 PM | 21.12.2025 at 11.00 AM |

Further details can be seen from the website **www.tendersodisha.gov.in**

Sd/- Executive Engineer
Rural Works Division, Nuapada

OIPR : 25050/11/0009/2526

---

C-1749

**ROURKELA SMART CITY LIMITED, Rourkela**
**2nd & 3rd Floor, ICCC Building, rOURkela One, Pnposh-769004, Email: rourkelascl@gmail.com**

BID ID: - RSCL/1747/2025 DATE: 06/12/2025

**NOTICE INVITING TENDER NATIONAL COMPETITIVE BIDDING**

The Chief Executive Officer, RSCL, invites bids from eligible contractors for the following project:

| SL. No. | Name of the Projects | Estimated Cost of the Project Rs. |
|---|---|---|
| 1 | Construction of roofing work in Panposh Market on Percentage Rate Basis. | 59.98 Lakhs. |

The Tender Fees of Rs.11,800/- to be deposited with the bid which is Non-refundable. The complete BID documents can be viewed / downloaded from official portal of Rourkela Municipal Corporation (https://www.rmc.nic.in or e-procurement portal of Odisha https://tendersodisha.gov.in from 09.12.2025 to 24.12.2025 (up to 17:00 Hrs. IST). Pre- Bid Meeting will be held on 13.10.2025 at 12.30 P.M. in the Conference Hall of RSCL. For queries, intending bidder may contact Ar.Sarthak Sourav Rath, Architect, RSCL Vide Phone No.8984353513, Email Id:rourkelascl@gmail.com.

Sd/- Chief Executive Officer
Rourkela Smart City Limited

OIPR : 13080/11/0046/2526

---

**GOVERNMENT OF ODISHA**
**OFFICE OF NOTIFIED AREA COUNCIL,ASKA,DIST-GANJAM**
**(H & U D Department)**

C-1719

**E-procurement Notice**
**BID IDENTIFICATION No: ASKANAC-03/2025-26**
**E-mail-askanac@gmail.com**

Letter. No. 4381 Date : 06/12/25

1. The Executive Officer, Notified Area Council, Aska, Dist-Ganjam invites Percentage Rate bids in Two Cover System in Online Mode for" Construction of drain with precast cover, Building and vending zone as specified in the Invitation for Bid & Detailed Tender Call Notice (DTCN) from the eligible class of Contractors which is available at the odisha Govt, e-procurement Portal: **www.tendersodisha.gov.in.**
2. Name/Nature of the work: : Construction of drain with precast cover, Building and vending zone.
3. No. of work : 9
4. Estimate Cost Range of Work : Rs. 6,78,258/- to Rs. 15,94,209/-
5. Eligible Class Range of Work : "C" & "D" Class Contractor
6. Date and time of Availability in portal & Receipt of Bids : From 11.00 A.M. of dt. 08.12.2025 to 5.00 P.M. of dt. 19.12.2025 .
7. Last date & time of submission of bids in the portal : 5.00 P.M. of dt. 19.12.2025.
8. Date of Opening of Tender : 20.12.2025 at 11.00 A.M.
9. The Bidders have to participate in Online bidding only and further details can be seen from the Govt.portal.
10. Any Corrigendum / Addendum will be displayed in the website www.tendersodisha.gov.in only.
11. Name & address of the Officer inviting tender: **Executive Officer, Office of the Notified Area Council, Aska,Khambeswari Patna,Aska,Dist- Ganjam, Pin-761110**

Sd/- Executive Officer
NAC, Aska

OIPR : 13181/11/0022/2526

---

E-mail ID: eepwd765017@gmail.com
Phone-(06856)233066

B-803

**Government of Odisha**
**"E" Procurement Notice**
**OFFICE OF THE SUPERINTENDING ENGINEER,**
**RAYAGADA (R&B) DIVISION NO -II**
**Short Bid Identification No: RC (RANDB) RGD**
**No-II 12/2025-26 (Online tender)**
**No. 6229 Dated 02.12.2025**

1. Total No. of the works : 6 (Six) No's Building & Road work (Single cover System)
2. Approximate estimated Cost : Rs 08.74 to 28.24 Lakhs
3. Period of completion : 01 (One) to 03 (Three) Calendar months
4. Date & Time of availability of bid document in the portal : **11.00 Hrs. of dated 10.12.2025 to 17.00 Hrs. of dated 17.12.2025 for online bidding.**
5. Last date/Time for receipt of bids in the portal : Up to 17.00 Hrs. of **dated 18.12.2025**
6. Name and address of the officer inviting BID : **Superintending Engineer, Rayagada (R&B) Division No-II**
7. **Date of opening of Bid at 11.00 Hours on dated 18.12.2025**
8. Further details can be seen from the e-Procurement portal: **www.tendersodisha.gov.in.**
9. Further Addendum/Corrigendum if any will be hosted in the above website only.

Sd/- Superintending Engineer
Rayagada (R&B) Division No-II

OIPR : 34139/11/0027/2526

---

CAD-2637

**CHILIKA DEVELOPMENT AUTHORITY**
**PLOT NO.493(P), PALASPALLI, POKHARIPUT ROAD,**
**BHUBANESWAR-751020,ODISHA**
**Phone: 91-674-2591544, Fax: 91-674-2590485 Email: - chilika@chilika.com**

**e-PROCUREMENT**
**Re-Tender Call Notice No. 1805 / CDA/2025 Dtd. 08.12.2025**

| | | | |
|---|---|---|---|
| 01 | Name of the Work | : | Repairing of Self Propelled Barge (M.V. Kalijugeswar) |
| 02 | Estimated Cost | : | Rs.24.89 Lakhs (Excluding GST) |
| 03 | Period of completion | : | 3 (Three) Calendar Months. |
| 04 | Date & Time of availability of Bid Document in the portal | : | 11.12.2025 at 11.00 A.M. to 26.12.2025 upto 5 P.M. |
| 05 | Last Date/Time for submission of Bids in the portal | : | 26.12.2025 upto 5.00 P.M |
| 06 | Date & Time of opening of Bids | : | On 29.12.2025 at 11.30AM in the O/o the Chief Executive, Chilika Development Authority, Plot No.493(P), Palaspalli, Bhubaneswar-751020. |
| 07 | Name and Address of the Officer Inviting Tender (O.I.T) | : | Addl. Chief Executive Chilika Development Authority, Odisha, Bhubaneswar Plot No.493(P), Pallaspalli, Pokhariput Road, Bhubaneswar-751020 |

Further information and other details are available for downloading from the e-procurement portal "https://tendersodisha.gov.in" .Addendum/Corrigendum if required will be available only in the Website e-procurement portal "https://tendersodisha.gov.in"

Sd/- Addl. Chief Executive
Chilika Development Authority

OIPR : 08138/11/0014/2526

---

**AFFIDAVIT**

By virtue of an affidavit sworn before The Executive Magistrate BHUBANESWAR dated. 08.12.25. I MAMALI MISHRA, W/o- Surya Mishra, Vill/PO- Dandipur, P.S- Nimapada, Dist- Puri, Pin-752105, Odisha declare that I have changed my name from MAMALI SWAIN to MAMALI MISHRA. Henceforth I shall be known as MAMALI MISHRA for all purposes.

MAMALI MISHRA

---

**SALE**

**LITIGATION Free Gharabari Plot with boundary of 2150 SQFT. at Prime Location in Uttara Square, Near Ram Mandir, Bhubaneswar for SALE,**

**Mobile : 9937252773**

---

**AFFIDAVIT**

By virtue of an affidavit sworn before Executive Magistrate Gop, dated. 8th Dec. 2025 I, Mangaraj Mohanty, Address : Vill-Redhua, PO-Bhairipur, PS- Gop, Dist-Puri, PIN-752110, Odisha declare that I have changed the name of my son from SATYA MOHANTY to SUBHAM MOHANTY. Henceforth, he shall be known as SUBHAM MOHANTY for all purposes.

**(MANGARAJ MOHANTY)**

---

**AFFIDAVIT**

By virtue of an affidavit sworn before the Executive Magistrate Nayagarh on Dated : 01/12/2025, I Nakul Parida, S/O-Adhikari Parida, Permanent Resident of At-Haripur, Po-Gadadhar Prasad, Ps-Nayagarh, Dist-Nayagarh, PIN-752068 declares that in My Aadhar Card No. 966085530211 my name is mentioned Gokul Parida. Then Gokul Parida & Nakul Parida is one & same. Henceforth, I will be known as Nakul Parida (New Name) for all purposes.

Sd/- Nakul Parida

---

**AFFIDAVIT**

By virtue of an affidavit sworn before Executive Magistrate,Nayagarh Odisha on dated 02.12.2025 I,Kusha Sahoo S/o -Hadubandhu Sahoo Resident Of Village-Machhipada P.O- Machhipada P.S- Nayagarh Dist-Nayagarh,PIN-752070 declare that I have changed my name from Kush Sahoo to Kusha Sahoo Henceforth, I shall be known as Kusha Sahoo for all purposes.

Sd/- Kusha Sahoo

---

**ପୂର୍ବ ତଟ ରେଳପଥ**

**'ଇ' କ୍ରୟ ପ୍ରଣାଳୀ**

ଟେଣ୍ଡର ବିଜ୍ଞପ୍ତି ସଂ. SDMM/KUR/EP/2025-26/ E-procurement Tender Notice/14, ତା.05.12.2025ରିଖ

ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ : www.ireps.gov.in ରେ ଅପ୍‌ଲୋଡ କରାଯାଇଛି।

କ୍ରମ ସଂ. 01 : ଟେଣ୍ଡର ସଂ. 81256552, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : CCTV କ୍ୟାମେରା ର ଯୋଗାଣ ଓ ସଂସ୍ଥାପନ, ପରିମାଣ : 261 ସଂଖ୍ୟକ।

କ୍ରମ ସଂ. 02 : ଟେଣ୍ଡର ସଂ. 81256563, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ବ୍ୟାଟେରୀ ଚାଳିତ ଡେଲ ହୋଲ ଡ୍ରିଲିଂ ମେସିନ୍‌ର ଯୋଗାଣ, ପରିମାଣ : 80 ସଂଖ୍ୟକ।

କ୍ରମ ସଂ. 03 : ଟେଣ୍ଡର ସଂ. 81256543A, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : RDSO ବିନିର୍ଦ୍ଦେଶ ସଂ.-TM-58 ଅନୁଯାୟୀ ଡିଜିଟାଲ ଗେଜ୍ କମ୍ ଲେଭେଲର ଯୋଗାଣ, ପରିମାଣ : 72 ସଂଖ୍ୟକ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 29.12.2025, 1500 ଘଣ୍ଟାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍

PR-886/Q/25-26

---

MM-357

**OFFICE OF THE DIVISIONAL FOREST OFFICER**
**PHULBANI (KENDULEAVES) DIVISION**
**AT/P.O/P.S: PHULBANI, DIST- KANDHAMAL, PIN-762001**
**Phone-0642-253673, Mob-918280342725, Email id-dfoklplb@gmail.com**
**Office Order No. 130 /1F(KL)**
**Dated, Phulbani the 6th December-2025**
**1ST CORRIGENDUM TO e-TENDER CALL NOTICE NO. 01/2025-26**
**BID Identification No. F.E.& C.C./PLB/01 (online)/2025-26**

The following modification has been made to the BID Identification No. F.E.& C.C./PLB/01 (online)/2025-26 as follows.

| Sl. No. | Description |
|---|---|
| 1 | Due to some unavoidable circumstances BID Identification No. F.E. & C.C./PLB/ 01 (online) / 2025-26 of Sl. No. 1 is hereby cancelled. |

Further details will be intimated soon.

Sd/- Divisional Forest Officer
Phulbani K.L. Division

OIPR : 08069/11/0007/2526

---

**WORKS DEPARTMENT**
**OFFICE OF THE SUPERINTENDING ENGINEER,**
**RAIRANGPUR (R&B), DIVISION**

B-809

**e-mail: - eerbrairangpur@yahoo.co.in**

**Government of Odisha "e" Procurement Notice**
**Bid Identification No.SE 39 OF 2025-26**

1. Nature of work : **Building Work**
2. Number of works : **01 (One) Nos.**
3. Amount put to Tender : Rs. 57,62,334.00
4. Class of Contractor : B Class
5. Date & Time of availability of bid document in the portal : **Dt. 10.12.2025 at 10:00 AM**
6. Last Date / Time of receipt of bid in the portal : Dt. 16.12.2025 up to 04:00 PM
7. Date of opening of bid : Dt. 17.12.2025 at 11:00 AM
8. Name & address of the Office inviting bid : Superintending Engineer, Rairangpur (R&B) Division
9. The bidders have to participate in ONLINE bidding only. Further details can be seen from the e-procurement portal "http/tendersodisha.gov.in." All future corrigendum will be available on ONLINE mode only.

Sd/- 05.12.2025
Superintending Engineer
Rairangpur (R&B) Division

OIPR : 34041/11/0018/2526

---

A-1087 (e-Mail ID- midbhanjanagar@gmail.com)

**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, BHANJANAGAR.**
**Email- midbhanjanagar@gmail.com**
**Letter No. 1908 WE) / MIDBNJ., Date: 06.12.2025.**
**GOVERNMENT OF ODISHA e-Procurement Notice Online Tender**
**BID Identification No. SEMIDBNJ-06/2025-26**

Name of work : Civil Construction Works.
No of work : 1 Nos.
Estimated cost : Rs 94.70 Lakh
Period of Completion : 03 (Three) Calendar Months
Date & Time of availability of Bid Documents in the portal : From: 11.12.2025 to 20.12.2025 up to 17.30 Hours
Date for opening of Technical Bid : 22.12.2025 at 11.00 A.M.
Name & Address of the OIT : Superintending Engineer Minor Irrigation Division, Bhanjanagar

Further Details & Corrigendum if any can be seen from the web site : www.tendersodisha.gov.in

Sd/- Superintending Engineer
M.I. Division, Bhanjanagar

OIPR : 32287/11/0020/2526

---

MM-354

**OFFICE OF THE CHIEF EXECUTIVE, RPRC, BHUBANESWAR**
**(e-mail id: rprcbbsr@gmail.com)**
**Tel-(0674)-2557925**
**No-T/41/2019/RPRC Date : 08.12.2025**
**REQUEST FOR PROPOSAL**
**Bid Identification No. RPRC/ 43 / 2025-26**

The Chief Executive, RPRC, Bhubaneswar on behalf of Forest, Environment & Climate Change Department, Govt, of Odisha invites RFP for "Design, fabrication, supply, installation and commissioning of GFRP based Office Cabin, rest rooms in RPRC, Bhubaneswar" from eligible bidders though e-tendering process though two bid system. The bidders fulfilling the eligibility criteria of the RFP document can access and download the complete RFP and other details from RPRC website www.rprcbbsr.in / e-portal https://rprc.ewizard.in. The bid calendar under the end-to-end process are -

| EMD in Rs. | Cost of Bid Document in Rs. | Availability of RFP document (online) | | Date of Opening of (Technical Bid) |
|---|---|---|---|---|
| | | From | To | |
| 1,20,000/- (Online) | 10,000.00 (Online) | 09.12.2025 / 10.00 A.M. | 24.12.2025 / 10.00 A.M. | 24.12.2025 / 03.30 P.M. |

Addendum/ Corrigendum/ Cancellation, if any, will be published in RPRC website and e-portal. Bidder needs to register on the portal after successful Registration and send a mail to eprochelpdesk.101@gmail.com with details (For New Bidders). For any other queries regarding registration & online tender submission contact to: Mr. Shivendra Kumar, Mobile- **9355030613** and Jitesh Kumar, Mobile- **9355030604**, e-mail: eprochelpdesk.101@gmail.com

CHIEF EXECUTIVE
RPRC, BHUBANESWAR

OIPR : 08004/11/0050/2526

---

N-226

**Directorate of Higher Secondary Education, Odisha**

**Phase IV: Admission of Out-of-School Children (OoSC) to Higher Secondary Schools for the 2025-26**

The Phase-IV e-Admission process for Class-XI admissions of **Out-of-School Children (OoSC)** in the Arts, Science, Commerce, Upashastri, and Vocational streams of Higher Secondary Schools (HSSs) under the Council of Higher Secondary Education (CHSE), Odisha, and Shree Jagannath Sanskrit University, Puri, will commence on **10th December 2025**. The admission process for the Academic Year 2025-26 will be conducted online through the official portal **www.samsodisha.gov.in.**

**Eligibility Criteria :**

1. Applicants must have passed the HSC Examination of BSE, Odisha, or an equivalent Board.
2. No reservation or weightage benefits will be applicable for vacant seat admissions.

**Instructions :**

1. Applicants and their parents/guardians should carefully go through the **"Common Prospectus"** available on the SAMS portal before filling and submitting the online Common Application Form (CAF).
2. The CAF fee is to be paid exclusively through online mode (refer to the Common Prospectus for details).
3. **Candidates who had applied in Phase-I, Phase-II, or Phase-III of the 2025 admission process but were not allotted any Higher Secondary School may re-apply using their existing login credentials, without paying the CAF fee.**
4. **Applicants will be allowed to edit their Common Application Form (CAF) up to four times.**
5. Apply personally and choose the Higher Secondary School of your preference. Do not permit anyone else to apply on your behalf.
6. Applicants should fill out the online CAF carefully, as mistakes may result in rejection.
7. The list of Higher Secondary Schools with vacant seats will be provided only for preference and selection purposes.
8. Before adding a Higher Secondary School to your preference list, verify its **fee structure** in the **"Individual HSS Profile"** available on the SAMS website.
9. All required documents must be verified at the allotted Higher Secondary School during admission.
10. **Following Categories of applicants are eligible to apply :**
    a. **Applicants who could not apply during Phase-I, Phase-II, or Phase-III admissions for any reason.**
    b. **Applicants who were allotted seats but did not take admission, as well as those who were not allotted any seats in Phase-I, Phase-II, or Phase-III admissions.**
11. A single selection admission will be conducted, and both the merit list and a waiting list (in 1:10 ratio) will be published for each HSS. Vacant seats, if any, after admission of the selected candidates in Phase-IV, will be filled from the waiting list as per the admission schedule.

**Procedures :**

1. Fresh applicants must register on **www.samsodisha.gov.in** with their mobile number and email, while previously registered applicants should use their existing login to re-apply.
2. All other processes, including application submission, will follow the guidelines in the **"Common Prospectus"** available on www.samsodisha.gov.in.
3. Applicants will be informed of selection and reporting time via SMS/WhatsApp, SAMS login, HSS merit list, and notice board. The intimation letter will be shared through login and WhatsApp for **Phase-IV 1st Selection**.

**SAMS e-Admission Schedule for Out-of-School Children (OoSC), 2025-26 (Phase-IV)**

| Sl.# | Activities | Timeline |
|---|---|---|
| 1 | Online CAF available at www.samsodisha.gov.in for vacant seat admission. | 10.12.2025 (03.00 PM) |
| 2 | Last date of applying on-line CAF through www.samsodisha.gov.in | 14.12.2025 (11:45 PM) |
| 3 | Publication of Phase-IV merit list including the waiting list (10 times of the total vacant seat) | 17.12.2025 (03:30 PM) |
| 4 | Admission of the selected applicants and admission updation in the e-Space. | 18.12.2025 (11:00 AM) to 19.12.2025 (06:00 PM) |
| 5 | Registration of the waiting applicants | 20.12.2025 (10:00 AM) to 22.12.2025 (03:00 PM) |
| 6 | Final list of waiting list applicants published at respective HSSs. | 22.12.2025 (04:30 PM) |
| 7 | Admission and data updation of applicants selected from the waiting list in the e-Space. | 23.12.2025 (10:00 AM) to 24.12.2025 (04:00 PM) |
| 8 | Last date for HSSs to update admitted students' data in e-Space. | 24.12.2025 (09:00 PM) |

**For more details, please contact Sanjog Helpline (Toll Free) Number 155335, 1800-345-6770**

Sd/-
Director, Higher Secondary Education

OIPR : 11033/11/0026/2526

---

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# କାନ୍ତକବି ଜୟନ୍ତୀରେ ପଥରଗଡ଼ିଆ ଜରାଶ୍ରମରେ ସେବା କାର୍ଯ୍ୟ



ଭୁବନେଶ୍ୱର,(ସବ୍ୟୁ): କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୩୮ତମ ଜୟନ୍ତୀ ଉପଲକ୍ଷେ ଭାରତସେବା ଶ୍ରମ ସଂଘ ଓ ସରଳା ଦେବୀ ସ୍ମାରକୀ କ୍ଲବ ପକ୍ଷରୁ ମଙ୍ଗଳବାର ପଥର ଗଡିଆ ସ୍ଥିତ ଖୁସି ଓଁ କୀ ଘର ଜରାଶ୍ରମରେ ବୃଦ୍ଧବୃଦ୍ଧାମାନଙ୍କୁ ତଥା କିଛି ରୋଗୀଙ୍କୁ ଶୀତବସ୍ତ୍ର କମ୍ବଳ ଓ ଫଳମୂଳ ବିତରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଭାରତସେବା ସଂଘ ଭୁବନେଶ୍ୱର ଶାଖାର ମୁଖ୍ୟ ସ୍ୱାମୀ ଜଗାନ୍ନାଥା ନନ୍ଦ ବିଜେପି ସଂସ୍କୃତିକ ସେଲର ମୁଖ୍ୟ ପ୍ରଫେସର ପୂର୍ଣ୍ଣ ଚନ୍ଦ୍ର ମଲ୍ଲିକ, କିଟ୍ ଓ କିସ୍‌ର ସମ୍ପାଦକ ଆରଏନ ଦାଶ, ସରଳାଦେବୀ ଟ୍ରଷ୍ଟର ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର କେନ୍ଦ୍ରୀୟ ମହିଳା କମିଶନର ପୂର୍ବତନ ଅଧ୍ୟକ୍ଷା ମାନସୀ ପ୍ରଧାନ, ଭାରତ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟର ସାଧାରଣ ସମ୍ପାଦକ ଡକ୍ଟର ଆରଏନ ପ୍ରହରାଜ, ସରଳାଦେବୀ ଟ୍ରଷ୍ଟର ଟ୍ରଷ୍ଟି ନିବେଦିତା ମହାନ୍ତି, ମୟୁରାକ୍ଷୀ ବହିଦାର, ପୂର୍ବତନ ବ୍ୟାଙ୍କ ଅଫିସର ପଶୁରାମ ପଣ୍ଡା, ଭାରତସେବା ଶ୍ରୀ ସଂଘର ସଦସ୍ୟ ବିଚିତ୍ର ସାହୁ, ଉପାଧ୍ୟକ୍ଷ ରାଜେନ୍ଦ୍ର ରାଜୁ ଓ ଖୁସି ଓଁ କାଁ ଘର ର ପ୍ରତିଷ୍ଠାତା ଜିତୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଡମଣଭୂମି ମାଙ୍କଡା ଖଣିରେ ପୋଲିସର ଚଢାଉ

ନିରାକାରପୁର, (ସବ୍ୟୁ):ବେଆଇନ ଲଘୁଖଣିଜ ପଦାର୍ଥ ଚୋରାଚାଲଣ ରୋକିବା ନିମନ୍ତେ ରାଜ୍ୟ ସରକାରଙ୍କ କଡା ନିର୍ଦ୍ଦେଶ ଦେବା ପରେ ଜିଲ୍ଲା ପ୍ରଶାସନର ତତ୍ପରତା ପ୍ରକାଶ ପାଇଛି ଖୋର୍ଦ୍ଧା ଜିଲ୍ଲାରେ ଚାଲିଥିବା ବେଆଇନ ମାଙ୍କଡା ଖଣିରେ ଲଗାତର ଚଢାଉ ଚାଲିଥିବା ବେଳେ ମାଫିଆମାନେ ଚଢାଉକୁ ଖାତିରି ନକରି ଖଣି ଖୋଳି ଲୁଟି ଚାଲିଛନ୍ତି ମାଫିଆ ମାନେ ଲଘୁଖଣିଜ ପଦାର୍ଥ ଗୁଡିକୁ ଲୁଟ କରି ଜିଲ୍ଲା ତଥା ଜିଲ୍ଲା ବାହାରକୁ ଚାଲଣ କରି ଲକ୍ଷଲକ୍ଷ ଟଙ୍କା ରୋଜଗାର କରୁଥିବା ବେଳେ ସରକାରଙ୍କ ଲକ୍ଷଲକ୍ଷ ଟଙ୍କାର ରାଜସ୍ୱ ହରାଉଛନ୍ତି ଖଣି ଖୋଳିବା ଯୋଗୁଁ ପ୍ରକୃତିକ ପରିବେଶ ସହିତ ଜୈବବିବିଧତା ନଷ୍ଟ ହେବା ସହିତ ଜଙ୍ଗଲରେ ବସବାସ କରୁଥିବା ଜୀବଜନ୍ତୁ ମାନଙ୍କ ଉପରେ ତାର ପ୍ରଭାବ ପଡୁଛି । ଫଳରେ ଜୀବଜନ୍ତୁ ମାନେ ନିଜକୁ ସୁରକ୍ଷିତ ନଭାବି ଜନବସତି ଆଡକୁ ପଳାଇଆସୁଛନ୍ତି ।ଏ ସଂପର୍କରେ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇବା ପରେ ଜଙ୍କିଆ ପୋଲିସ ପକ୍ଷରୁ ଡମଣଭୂମିରେ ଥିବା ବେଆଇନ ଖଣି ଉପରେ ଚଢାଉ କରାଯାଇ ୧ଟି ଜେସିବି, ୪ଟି ପାଓ୍ୱାର ଟିଲର ବତ କରାଯାଇଛି ପୋଲିସର ଆତର୍କିତ ଚଢାଉ ଦେଖି ମାଫିଆମାନେ ଗାଡି ଛାଡି ଫେରାର ହୋଇଯାଇଛନ୍ତି ଜବତ ଜେସିବି ପାଓ୍ୱାର ଟିଲର ଜଙ୍କିଆ ଥାନାରେ ଅଟକ ରହିଥିବା ବେଳେ ବେଆଇନ ଖଣିରୁ ଜବତ ଜେସିବି ପାଓ୍ୱାର ମାଲିକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଙ୍କିଆ ଥାନା ଅଧିକାରୀ ସୁଚନା ଦେଇଛନ୍ତି ।ଆଗାମୀ ଦିନରେ ଲଘୁ ଖଣିଜ ପଦାର୍ଥ ଖଣିରେ ଚଢାଉକୁ ଜୋରଦାର କରାଯିବ ।

# କିଟ୍ ଅନ୍ତର୍ଜାତୀୟ ଛାୟା ଜାତିସଂଘ (ମୁନ୍) ଉଦ୍‌ଯାପିତ

ଭୁବନେଶ୍ୱର, (ସବ୍ୟୁ) : ତିନି ଧରି ଚାଲିଥିବା ବହୁ ପ୍ରତୀକ୍ଷିତ କିଟ ଅନ୍ତର୍ଜାତୀୟ ଛାୟା ଜାତିସଂଘ (ମୁନ୍) ର ୧୩ତମ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ତିନି ଜଣ ଅନ୍ତର୍ଜାତୀୟ କାର୍ଯ୍ୟନିର୍ବାହୀ ବୋର୍ଡ ସଦସ୍ୟ, ୨୦ ରୁ ଅଧିକ କର୍ପୋରେଟ୍ ବ୍ୟକ୍ତିତ୍ୱଙ୍କ ଉପସ୍ଥିତି ଓ ବଲିଉଡ୍ ପ୍ଲେବ୍ୟାକ୍ ଗାୟକ ଆଶ୍ କିଙ୍ଗଙ୍କ ଷ୍ଟାର ନାଇଟ୍ ପ୍ରମୁଖ ମୁଖ୍ୟ ଆକର୍ଷଣ ଥିଲା । ଏଥିରେ ଭାରତ ଓ ବିଦେଶରୁ ଯୁବ ପ୍ରତିନିଧି ଓ ୩୦ରୁ ଅଧିକ ଅନ୍ତର୍ଜାତୀୟ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ ଛାୟା ଜାତିସଂଘର ପ୍ରତିନିଧିମାନଙ୍କୁ ଉଦ୍‌ବୋଧନ ଦେଇ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ କହିଲେ ଛାତ୍ରଛାତ୍ରୀମାନେ କୂଟନୀତିକୁ ଠିକ୍ ଭାବେ ବୁଝିବା ଆବଶ୍ୟକ । କାରଣ ଛାତ୍ରଛାତ୍ରୀମାନେ ବିଶ୍ୱର ଭବିଷ୍ୟତ । ଏହା ସହ ସେ ପ୍ରତିନିଧିମାନଙ୍କୁ ବିତର୍କ ଓ ଆଲୋଚନାରେ ଅର୍ଥପୂର୍ଣ୍ଣ ଭାବରେ ସାମିଲ ହେବାକୁ ଉତ୍ସାହିତ କରିଥିଲେ । ଉପକୁଳପତି ପ୍ରଫେସର ରାଜୁ କେ. ଡି. ସମସାମୟିକ ବିଶ୍ୱରେ କୂଟନୀତିର ପ୍ରାସଙ୍ଗିକତା ଉପରେ ଗୁରୁତ୍ୱାରୋପ କରିଥିଲେ । "ଡିଜିଟାଲ ଯୁଗରେ, କୂଟନୀତି କଳାର ଗୁରୁତ୍ୱ ଉପରେ ସେ




ଆଲୋକପାତ କରିଥିଲେ । ସେ କହିଲେ, ମୁନ୍ ଭଳି କାର୍ଯ୍ୟକ୍ରମ ବିଶ୍ୱ ଜଟିଳତାକୁ ବୁଝିବାର ଏକ ସୁଯୋଗ । ବ୍ରିଗେଡିୟର ଜୀବନ ରାଜପୁରୋହିତ ମଧ୍ୟ ଛାତ୍ରଛାତ୍ରୀଙ୍କୁ ପ୍ରେରଣାଦାୟୀ ଉଦ୍‌ବୋଧନ ଦେଇଥିଲେ ।

କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ମୁନ୍ ପ୍ରତି ବର୍ଦ୍ଧିତ ଅନ୍ତର୍ଜାତୀୟ ଆଗ୍ରହ ଉପରେ ଆଲୋକପାତ କରିବା ସହ ବିଦେଶରୁ ୩୩ଜଣ ସଦସ୍ୟ ଏହି ବିଶ୍ୱ ଯୁବ ମଞ୍ଚରେ ଅଂଶଗ୍ରହଣ କରିଥିବାରୁ ଖୁସି ବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମ ସମୟରେ, ପ୍ରତିନିଧିମାନେ ସମସାମୟିକ ଓ ଐତିହାସିକ ଭୂ-ରାଜନୈତିକ ସଙ୍କଟକୁ ଅନୁକରଣ କରି ଏକାଧିକ ଜାତିସଂଘ କମିଟିରେ ତୀବ୍ର ବିତର୍କ, ଆଲୋଚନା ଓ ନୀତି ପ୍ରସ୍ତୁତରେ ନିୟୋଜିତ ହୋଇଥିଲେ । କମିଟି ଅଧିବେଶନ ବ୍ୟତୀତ, ସମ୍ମିଳନୀରେ କର୍ମଶାଳା, ଶୈକ୍ଷିକ ମାଷ୍ଟରକ୍ଲାସ୍, ସାଂସ୍କୃତିକ ପ୍ରଦର୍ଶନ ଏବଂ ସ୍ପନ୍ଦନଶୀଳ କ୍ୟାମ୍ପସ୍ ସଂଯୋଗ କାର୍ଯ୍ୟକଳାପ ପ୍ରଦର୍ଶିତ ହୋଇଥିଲା ।

## ଖାନ୍ ଏକାଡେମୀ ଓଡ଼ିଶାର ଶିକ୍ଷକମାନଙ୍କ ପାଇଁ

# ଓଡ଼ିଆରେ ଦେୟମୁକ୍ତ ଏଆଇ ଶିକ୍ଷଣ ସହାୟକ 'ଖାନ୍ମିଗୋ' ଆରମ୍ଭ କରିଛି

ଭୁବନେଶ୍ୱର, (ସବ୍ୟୁ): ଖାନ୍ ଏକାଡେମୀ ଇଣ୍ଡିଆ ଆଜି ଘୋଷଣା କରିଛି ଯେ ଶିକ୍ଷକମାନଙ୍କ ପାଇଁ ଏହାର (ଇଓ) ଏଆଇ-ଚାଳିତ ଶିକ୍ଷଣ ସହାୟକ, ଖାନ୍ମିଗୋ ଏବେ ଓଡ଼ିଆରେ ଉପଲବ୍ଧ । ଏହି ଉପଲବ୍ଧତା ସହିତ, ଏବେ ଇଂରାଜୀ, ହିନ୍ଦୀ ଏବଂ ମରାଠୀ ବ୍ୟତୀତ ଓଡ଼ିଶାର ଶିକ୍ଷକମାନେ ଓଡ଼ିଆରେ ଖାନ୍ମିଗୋ ବ୍ୟବହାର କରିପାରିବେ- ବିନା କୌଣସି ମୂଲ୍ୟରେ । ନଭେମ୍ବର ୨୦୨୪ରେ ଜାତୀୟ ସ୍ତରରେ ଆରମ୍ଭ ହୋଇଥିବା ଖାନ୍ମିଗୋ, ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ଡିଜାଇନ୍ କରାଯାଇଥିବା (ଇଓ) ଏଆଇ ଉପକରଣ ପ୍ରଦାନ କରୁଛି- ଅଧ୍ୟାୟ ସାରାଂଶ ଓ ଲେସନ୍ ପ୍ଲାନ ପ୍ରସ୍ତୁତ କରିବା ଠାରୁ ମୂଲ୍ୟାଙ୍କନ ପ୍ରସ୍ତୁତ କରିବା ପର୍ଯ୍ୟନ୍ତ । ଏହା ପୂର୍ବରୁ ଶିକ୍ଷକମାନଙ୍କୁ ସେମାନଙ୍କର ଶିକ୍ଷାଦାନକୁ ସୁଗମ କରିବାରେ ଏବଂ ଛାତ୍ରଛାତ୍ରୀମାନଙ୍କୁ ନିୟୋଜିତ କରିବାରେ ଅଧିକ ସମୟ ବିତାଇବାରେ ସାହାଯ୍ୟ କରୁଛି ଖାନ୍ ଏକାଡେମୀ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶିକା ସ୍ୱାତୀ ବାସୁଦେବନ୍ କହିଛନ୍ତି: "ଆମେ ସମଗ୍ର ଭାରତରେ ଶିକ୍ଷକମାନଙ୍କ ଠାରୁ- ବିଶେଷକରି ସରକାରୀ ସ୍କୁଲଗୁଡିକରେ- ଦୃଢ ପ୍ରତିକ୍ରିୟା ପାଇଛୁ ଯେ ଖାନ୍ମିଗୋ ଭଳି ଉପକରଣଗୁଡିକ ସେମାନଙ୍କର ଦୈନନ୍ଦିନ ଶ୍ରେଣୀଗୃହର କାର୍ଯ୍ୟକୁ ଅଧିକ ପରିଚାଳନାଯୋଗ୍ୟ କରିଥାଏ । ଖାନ୍ମିଗୋକୁ ଓଡ଼ିଆରେ ଉପଲବ୍ଧ କରାଇ ଆମେ ଅନ୍ତର୍ଭୁକ୍ତ ଆକ୍ସେସ୍ ପ୍ରତି ଆମର ପ୍ରତିବଦ୍ଧତା ପାଳନ କରୁଛୁ ଏବଂ ଅଧିକ ଆଞ୍ଚଳିକ ଭାଷାରେ ବିସ୍ତାର ଜାରି ରଖିବାର ଯୋଜନା କରୁଛୁ ।" ଏସ୍‌ଟିଇଏମ୍ ସମୃଦ୍ଧି ପଦକ୍ଷେପ ମାଧ୍ୟମରେ ଓଡ଼ିଶା ଖାନ୍ ଏକାଡେମୀଠାରୁ ଓଡ଼ିଆରେ ଉଚ୍ଚମାନର, ରାଜ୍ୟ ବୋର୍ଡ-ସମର୍ଥିତ ଗଣିତ ଏବଂ ବିଜ୍ଞାନ ଶୈକ୍ଷିକ ସମ୍ବଳକୁ ପ୍ରତିଦିନ ଶ୍ରେଣୀଗୃହ ଅଭ୍ୟାସରେ ଅନ୍ତର୍ଭୁକ୍ତ କରିଛି ।

# ଡ୍ରେନରେ ପଡି ଯୁବକଙ୍କ ମୃତ୍ୟୁ

ଦଶପଲ୍ଲା ,(ସବ୍ୟୁ): ସୋମବାର ବିଳମ୍ବିତ ରାତିରେ ଡ୍ରେନରେ ପଡି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତ ଯୁବକଙ୍କ ନାଁ ଲଣ୍ଡା ଓରଫ ରବି ନାହାକ ଓ ତାଙ୍କ ଘର ଦଶପଲ୍ଲା ଏନ ଏ ସି ସ୍ଥିତ ୧୨ ନଂ ଓ୍ୱାର୍ଡ଼ କୃଷ୍ଣ ଚନ୍ଦ୍ରପୁର ପାଟଣା ବୋଲି ପୋଲିସ ସୂତ୍ରରୁ ଜଣାପଡିଛି । ରବିବାର ସକାଳେ ଗ୍ରାମବାସୀ ନିକଟସ୍ଥ ପିଠାଖାଇ ପୋଖରୀକୁ ସ୍ନାନ କରିବାକୁ ଯାଉଥିବା ବେଳେ ରବି କୁ ଦେଖିବାକୁ ପାଇଥିଲେ । ଏହି ଫାହଟଣା ରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବ କୁ ଜବତ କରି ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏହି ଘଟଣାରେ ପୋଲିସ ଅଧିକ ତଦନ୍ତ ଜାରି ରଖିଛି । ମାତ୍ର ଏନ ଏ ସି ମଧ୍ୟରେ ମୁକୁଳା ଡ୍ରେନ ର ସମସ୍ୟା କେବେ ଦୂର ହେବ ବୋଲି ପ୍ରଶ୍ନ ଉଠିଛି । ଏଥିପ୍ରତି ଏନ ଏ ସି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ସାଇବର ସୁରକ୍ଷା ସଚେତନତା କର୍ମଶାଳା

# ବର୍ଷକୁ ୨୫,୦୦୦ ଯୁବବର୍ଗଙ୍କୁ ଡିଜିଟାଲ ସାକ୍ଷରତା ଲକ୍ଷ୍ୟ

ପୁରୀ, (ସବ୍ୟୁ): ସଂପର୍କ ସାମାଜିକ ଅନୁଷ୍ଠାନ ତରଫରୁ ପୁରୀ ଆଇଟିଆଇରେ ସାଇବର ସୁରକ୍ଷା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଡିଜିଟାଲ ଭାରତ ଗଠନ ଗତି ସହିତ ସାଇବର ଅପରାଧ, ଠକେଇ, ତଥ୍ୟ ଚୋରି, ଅନଲାଇନ ଶୋଷଣ ଘଟଣା ଦିନକୁ ଦିନ ବଢୁଛି ।ଏହି ସମୟରେ ଡିଜିଟାଲ ସୁରକ୍ଷା ଓ ସାଇବର ସଚେତନତା ଆଜିର ସମୟର ଆବଶ୍ୟକତା ।ଏହି ପରିପ୍ରେକ୍ଷରେ ସ୍ୱେଚ୍ଛାସେବୀ ସଂଗଠନ ସଂପର୍କ ଓ ନିଟ୍ ଫାଉଣ୍ଡେସନର ସହଯୋଗରେ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ, ପୁରୀରେ ସାଇବର ସୁରକ୍ଷା ସଚେତନତା କର୍ମଶାଳା ଆୟୋଜିତ ହୋଇଛି ।ଏହି କର୍ମଶାଳାରେ ଶିକ୍ଷାର୍ଥୀ, ଶିକ୍ଷକ ଓ ଯୁବପିଢ଼ୀଙ୍କ ଉପସ୍ଥିତି ଥିଲା । ସଂପର୍କର ସଚିବ ସୌମେନ୍ଦ୍ର ଦାସ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଆଇ.ଟିଆଇ ପୁରୀର ଅଧ୍ୟକ୍ଷ ଇଂଜିନିୟର ପ୍ରମୋଦ କୁମାର ସାମଲ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଯୁବ ବର୍ଗ କିପରି




ସାଇବର ଶୋଷଣ ଓ ଅନଲାଇନ ଅପରାଧରୁ ସୁରକ୍ଷା ପାଇ ପାରିବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ ସଚେତନ ଓ ସତର୍କତା ଉପରେ ଗୁରୁତ୍ୱ ଦେଇଥିଲେ । ସାଇବର ସୁରକ୍ଷା ବିଶେଷଜ୍ଞ ଲିଙ୍ଗରାଜ ସେଠୀ ଓଟିପି ଠକେଇରୁ ଆରମ୍ଭ କରି ଡାଟା ପ୍ରାଇଭେସି, ପ୍ରବେଶପତ୍ର ସୁରକ୍ଷା, ଭୁଲ ଲିଙ୍କ, ଫିଶିଂ, ଅନଲାଇନ ଗେମିଂ ଆସକ୍ତି, ନକଲି ଆପ୍ ଓ ସୋସିଆଲ ମିଡିଆ ନୈତିକତା ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ ।

ଭୁଲ ଲିଙ୍କ୍, ଲୋଭ ଓ ଫେକ୍ ଆଇଡି ଦ୍ୱାରା ଲୋକଙ୍କୁ ଠକାଯାଉଛି । ଏଥିରୁ ନିଜକୁ, ପରିବାରକୁ ଓ ଦେଶର ଡିଜିଟାଲ ପ୍ରଗତିକୁ ସୁରକ୍ଷିତ ରଖିବା ପାଇଁ ସଚେତନତା ହେଉଛି ଏକମାତ୍ର ଅସ୍ତ୍ର । ପ୍ରତ୍ୟେକ ଶକ୍ତିଶାଳୀ ପାସୱାର୍ଡ ବ୍ୟବହାର କରିବା, ଅଜଣା ଲିଙ୍କ୍ କ୍ଲିକ୍ ନକରିବା ଓ ସୋସିଆଲ ମିଡିଆରେ ଅବାଞ୍ଛିତ ସୂଚନା ଶେୟାର ନକରିବାକୁ ଶିଖିବା ଦରକାର ।ସଚେତନ ହୁଅନ୍ତୁ, ସୁରକ୍ଷିତ ରୁହନ୍ତୁ, ଡିଜିଟାଲ ଭାବେ ଶକ୍ତିଶାଳୀ ହୁଅନ୍ତୁ ବୋଲି ସେ ଆହ୍ୱାନ ଦେଇଥିଲେ । ପରେ ପିଲାମାନେ ସାଇବର ସୁରକ୍ଷା କୁ ନେଇ ଭିଡିଓ କନଫରେସିଙ୍ଗ ରେ ଯୋଗ ଦେଇ ସାଇବର ସୁରକ୍ଷାକୁ ନେଇ ବିଭିନ୍ନ ବିଷୟ ଜାଣିବାକୁ ପାଇଥିଲେ । ଆସନ୍ତା ୧ ବର୍ଷ ମଧ୍ୟରେ ଓଡ଼ିଶାରେ ଅନ୍ତତଃ ୨୫,୦୦୦ ଯୁବ ବର୍ଗଙ୍କୁ ଡିଜିଟାଲ ଲିଟରେସି ଜରିଆରେ ସାଇବର ସୁରକ୍ଷା ଓ ସୋସିଆଲ ମିଡିଆ ସମ୍ବନ୍ଧରେ ଶିକ୍ଷା ଦିଆଯିବ ବୋଲି ସଂପର୍କ ଅନୁଷ୍ଠାନ ଲକ୍ଷ୍ୟ ରଖିଛି । ଦେବେନ୍ଦ୍ର ରଥ ମଞ୍ଚ ସଂଯୋଜନା କରିଥିଲେ । ସମାପନୀ ଅନୁଷ୍ଠାନରେ ଅନିତା ଜଗଦେବ ଧନ୍ୟବାଦ ଜଣାଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନର ମୁଖ୍ୟ ପ୍ରଶିକ୍ଷକ ଶ୍ରୀକାନ୍ତ ସାର, ସଂପର୍କର ସ୍ୱେଚ୍ଛାସେବୀ ଅଶ୍ରୁଜିତ ମହାପାତ୍ର, ରାକେଶ ସେଠି ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ବନ୍ଦେ ମାତରଂ ପରିବେଷଣ କରାଯାଇଥିଲା ।

# ପିଏନଏମ ସହମତି ଉପରେ ପ୍ରଶାସନ ସହିତ ବିଭିନ୍ନ ଷ୍ଟେସନ ସର୍ଭେ କଲା ଶ୍ରମିକ କଂଗ୍ରେସ

ଜଟଣୀ, (ସବ୍ୟୁ): ଖୋର୍ଦ୍ଧାରୋଡ ରେଳମଣ୍ଡଳ ଅଧୀନରେ ଥିବା ବିଭିନ୍ନ ଛୋଟ ଛୋଟ ଷ୍ଟେସନ ମାନଙ୍କରେ



ଷ୍ଟେସନ ମାଷ୍ଟର ଅଫିସ ସହିତ ଟିକେଟ ବୁକିଙ୍ଗ କାଉଣ୍ଟର ଥାଏ, ଯାହା ବ୍ରିଟିଶ ଅମଳରୁ ଚାଲିଆସିଛି । ପରବର୍ତୀ ସମୟରେ ଷ୍ଟେସନ ମାଷ୍ଟର ଅଫିସକୁ ଅତ୍ୟାଧୁନିକ ସ୍ୱୟଂଚାଳିତ କରିବାଦ୍ୱାରା ଅନେକ ଗୁଡିଏ ପାନେଲ ବୋର୍ଡ ସହିତ ବିଭିର୍ନ ଯନ୍ତାଂଶ ଖଞ୍ଜା ଯିବାରୁ ସେହି ଠାରେ ଯାତ୍ରୀ ମାନଙ୍କ ପାଇଁ ଯାତ୍ରା ଟିକେଟ ଓ ସଂରକ୍ଷଣ ଟିକେଟ ବିକ୍ରି ଦ୍ୱାରା ଅଫିସ ରୁମଟି ଏକଦମ ସଂକୁଚିତ ହୋଇଯାଉଛି । ଫଳରେ ଷ୍ଟେସନ ମାଷ୍ଟର ମାନେ ନାହିଁ ନଥିବା ଅସୁବିଧା ସମ୍ମୁଖୀନ ହେଉଛନ୍ତି କ୍ଷ ଟିକେଟ ବିକ୍ରି କାଉଣ୍ଟର ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଦୀର୍ଘଦିନରୁ ଦାବି ହୋଇଆସୁଥିଲା କ୍ଷ ଗତ ଅକ୍ଟୋବର ମାସରେ ଏହି ସମ୍ପର୍କରେ ଶ୍ରମିକ କଂଗ୍ରେସ ତାର ସ୍ଥାୟୀ ବୁଝାମଣା ସଭା (ପିଏନଏମ ) ରେ ଡେଲାଙ୍ଗ, କାଇପଦର ରୋଡ଼,. ତାପଙ୍ଗ , ନିରାକାର ପୁର ଓ ଭୂଷଣ୍ଡପୁର ଟିକେଟ କାଉଣ୍ଟରକୁ ଅଲଗା କରିବା ପାଇଁ ଦାବି ଉପସ୍ଥାପନା କରାଯାଇଥିଲା । ବରିଷ୍ଠ ବାଣିଜ୍ୟ ପ୍ରଭନ୍ଧକ ଅନିଲ କୁମାର ଏସ ଏଥିରେ ସହମତି ପ୍ରକାଶ କରିବା ସହିତ ୯ ଡିସେମ୍ବର ରେ ପ୍ରଶାସନ ସହିତ ଶ୍ରମିକ କଂଗ୍ରେସ ପ୍ରତିନିଧି ଦଳ କାର୍ଯ୍ୟସ୍ଥଳ ସର୍ଭେ ନିମନ୍ତେ ଦିନ ଧାର୍ଯ୍ୟ କରାଯାଇଥିଲା । ସେହି କ୍ରମରେ ପ୍ରଶାସନ ତରଫରୁ ସହାୟକ ବାଣିଜ୍ୟ ପ୍ରବନ୍ଧକ ସନ୍ତୋଷ କୁମାର,ବାଣିଜ୍ୟ ଅଧିକାରୀ ବି ଏନ ପରିଡା , ଅଫିସ ସୁପେରିଟେଣ୍ଡେଣ୍ଟ ନରହରି ବେହେରା ଶ୍ରମିକ କଂଗ୍ରେସ ତରଫରୁ ଶାଖା ସମ୍ପାଦକ ଏଲ ଡି ମହାନ୍ତି , ମନୋରଞ୍ଜନ ମହାପାତ୍ର , ସଭାପତି ହାଜି ମହମଦ ମୁସ୍ତାକ ଅଲ୍ଲୀ, ସହସମ୍ପାଦକ ରାକେଶ ଘଡେଇ ଯୋଗ ଦେଇଥିଲେ । ଡେଲାଙ୍ଗ ରେ ମୁଖ୍ୟ ରାସ୍ତାକୁ ମୁହଁ କରି ଆରକ୍ଷଣ କାଉଣ୍ଟର ଅବସ୍ଥାପିତ କରିବା ପାଇଁ ସହମତି ପ୍ରକାଶ ପାଇଥିବା ବେଳେ କାଇପଦର ରୋଡ଼, ତାପଙ୍ଗ , ନିରାକାର ପୁର ଓ ଭୂଷଣ୍ଡପୁରରେ ଉପଯୁକ୍ତ ଜାଗା ଚିହ୍ନଟ କରାଯାଇଥିଲା ।

# ଅଶ୍ଳୀଳ ଭିଡ଼ିଓ ଦେଖି ଯୁବକ ଗିରଫ

କଣ୍ଟାପଡ଼ା, (ସବ୍ୟୁ): ଛୋଟଛୋଟ ପିଲାମାନଙ୍କର ଅଶ୍ଳୀଳ ଭିଡ଼ିଓ ଡାଉନଲୋଡ଼ କରି ଦେଖିବା ଓ ସେଗୁଡ଼ିକୁ ଅନ୍ୟମାନଙ୍କ ନିକଟକୁ ପଠାଇବା ସହି ବିଭିନ୍ନ ସାମାଜିକ ଗଣମାଧମରେ ଏହାକୁ ଛାଡ଼ିବା ଘଟଣା ଜଣେ ଯୁବକକୁ ପୋଲିସ ଗିରଫ କରିଛି । ଗିରଫ ଯୁବକ ଜଣକ ଗୋବିନ୍ଦପୁର ଥାନା ଅନ୍ତର୍ଗତ ଉରାଡ଼ ଗ୍ରାମର ଲକ୍ଷ୍ମୀଧର ସ୍ୱାଇଁ (୨୨) । ଲକ୍ଷ୍ମୀଧର ନିଜ ମୋବାଇଲ ଫୋନରେ ଛୋଟଛୋଟ ପିଲାଙ୍କ ଅଶ୍ଳୀଳ ଭିଡ଼ିଓ ଦେଖିବା ସହିତ ସେସବୁକୁ ଅନମାନଙ୍କ ପାଖକୁ ପଠାଉଥିଲା ଏବଂ ସୋସିଆଲ ମିଡ଼ିଆରେ ମଧ ଛାଡୁଥିଲା ଏହା ବାରମ୍ବାର ହେବାଦ୍ୱାରା ଥାନାକୁ ଏକ ଅଭିଯୋଗ ଆସିଲା ତଦନୁଯାୟୀ ଗୋବିନ୍ଦପୁର ଥାନା ଆଇଆଇସି ସୋନିଲା ଆନନ୍ଦ ଏକ ମାମଲା ରୁଜୁ କରି ଉରାଡ଼ ଗ୍ରାମରେ ଚଢ଼ଉ କରିଥିଲେ । ଚଢ଼ଉ ସମୟରେ ଲକ୍ଷ୍ମୀଧର ବବହାର କରୁଥିବା ଭିଭୋ ମୋବାଇଲ ଫୋନଟି ଜବତ ହୋଇଥିଲା । ଉକ୍ତ ଫୋନରେ ପିଲାମାନଙ୍କର ୬୨ଟି ଅଶ୍ଳୀଳ ଭିଡ଼ିଓ ଏବଂ ୩୦ଟି ଅଶ୍ଳୀଳ ଫଟୋ ରହିଥିଲା । ଏତଦ ସହିତ ତା'ଠାରୁ ତିନୋଟି ଡିଭିଡ଼ି ମଧ ଜବତ ହୋଇଛି । ଲକ୍ଷ୍ମୀଧରକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବାବେଳେ ଏପରି ମାମଲା ସମଗ୍ର ରାଜରେ ପ୍ରଥମ ବୋଲି ଆଇଆଇସି ସୂଚନା ଦେଇଛନ୍ତି ।

## ସିମୁଲେଟର-ଆଧାରିତ ଡ୍ରାଇଭର ତାଲିମରେ

# ପ୍ରମୁଖ ମାଇଲଖୁଣ୍ଟ ହାସଲ କରିଛି ବେଦାନ୍ତ ଝାରସୁଗୁଡା

ଭୁବନେଶ୍ୱର (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଭାରୀ ମୋଟର ଯାନ (ଏଚଏମଭି) ଏବଂ ହାଲୁକା ମୋଟର ଯାନ (ଏଲଏମଭି) ଡ୍ରାଇଭରମାନଙ୍କ ପାଇଁ ୫,୦୦୦ ରୁ ଅଧିକ ସିମୁଲେଟର-ଆଧାରିତ



ତାଲିମ ଅଧିବେଶନର ସଫଳତାର ସହିତ ଏକ ଗୁରୁତ୍ୱପୂର୍ଣ୍ଣ ସଡ଼କ-ସୁରକ୍ଷା ମାଇଲଖୁଣ୍ଟ ହାସଲ କରିଛି । ଏହି ପଦକ୍ଷେପ କମ୍ପାନୀର କାର୍ଯ୍ୟକ୍ଷମ ଇକୋସିଷ୍ଟମରେ ଘଟଣା-ମୁକ୍ତ ପରିବହନ ଏବଂ ଏକ ଶୂନ୍ୟ-କ୍ଷତି ସଂସ୍କୃତି ପ୍ରତି ପ୍ରତିବଦ୍ଧତାକୁ ଗୁରୁତ୍ୱ ଦେଇଛି । ଏଚଏମଭି ଏବଂ ଏଲଏମଭି ସିମୁଲେଟର ତାଲିମ କେନ୍ଦ୍ର ଡ୍ରାଇଭରମାନଙ୍କୁ ପ୍ଲାଂଟ ମଧ୍ୟରେ କିମ୍ବା ଆଖପାଖରେ କାର୍ଯ୍ୟ କରିବା ପୂର୍ବରୁ ବାସ୍ତବ-ସଡ଼କ ବିଚାର ଏବଂ ପ୍ରତିରକ୍ଷା ଡ୍ରାଇଭିଂ ଦକ୍ଷତା ସହିତ ସଜ୍ଜିତ କରିଥାଏ । ଭର୍ଚୁଆଲ୍ ରିଆଲିଟି (ଭିଆର) ଏବଂ ଅଗମେଂଟେଡ୍ ରିଆଲିଟି (ଏଆର) ବ୍ୟବହାର କରି, ଏହି କାର୍ଯ୍ୟକ୍ରମ ଏକ ସଂରଚିତ, ପ୍ରଯୁକ୍ତିବିଦ୍ୟା-ଚାଳିତ ଅଭିଜ୍ଞତା ପ୍ରଦାନ କରେ ଯାହା ଅଂଶଗ୍ରହଣକାରୀମାନଙ୍କୁ ପ୍ରତିକ୍ରିୟା ସମୟ, ପ୍ରତୀକ୍ଷା, ପରିଧିୟ ଦୃଷ୍ଟି ଏବଂ ବିଚାର ଭଳି ଗୁରୁତ୍ୱପୂର୍ଣ୍ଣ ଦକ୍ଷତା ଉପରେ ମୂଲ୍ୟାଙ୍କନ କରେ । ଡ୍ରାଇଭରମାନେ ସଠିକ୍ ଡ୍ରାଇଭିଂ ଜୋନରେ ରିଭର୍ସ କରିବା, ଚିତ୍ର-୮ ଟ୍ରାକରେ ନାଭିଗେସନ୍, ସମାନ୍ତରାଳ ଏବଂ ରିଭର୍ସ ପାର୍କିଂ, ଟ୍ରାଫିକରେ ସୁରକ୍ଷିତ ମିଶ୍ରଣ ଏବଂ ବିଭିନ୍ନ ଭୂଖଣ୍ଡ ଏବଂ ପାଣିପାଗ ପରିସ୍ଥିତିରେ ପ୍ରତିରକ୍ଷାମୂଳକ ଡ୍ରାଇଭିଂ ଭଳି ଉନ୍ନତ କୌଶଳ ଅଭ୍ୟାସ କରନ୍ତି । ଏହି ପଦ୍ଧତି ବ୍ୟବହାରିକ ଶିକ୍ଷା ଏବଂ ଆଚରଣଗତ ସୁରକ୍ଷାକୁ ପ୍ରାଥମିକତା ଦିଏ, ଯାହା ନିଶ୍ଚିତ କରେ ଯେ ଡ୍ରାଇଭରମାନେ କେବଳ ଯୋଗ୍ୟତା ପାଇବା ପରିବର୍ତ୍ତେ ସୁରକ୍ଷିତ-ଡ୍ରାଇଭିଂ ଶୃଙ୍ଖଳାକୁ ଆନ୍ତରିକ କରନ୍ତି । ଏହି ମାଇଲଖୁଂଟକୁ ପ୍ରଶଂସା କରି, ବେଦାନ୍ତ ଝାରସୁଗୁଡାର ସିଇଓ ସି. ଚନ୍ଦ୍ରୁ କହିଛନ୍ତି, "ସଡକ ସୁରକ୍ଷା କେବଳ ଏକ କାର୍ଯ୍ୟକ୍ଷମ ଆବଶ୍ୟକତା ନୁହେଁ, ବରଂ ଦାୟିତ୍ୱର ଏକ ସଂସ୍କୃତି । ଆମେ ନିଶ୍ଚିତ କରୁଛୁ ଯେ ଆମର ଇକୋସିଷ୍ଟମରେ ପ୍ରବେଶ କରୁଥିବା ପ୍ରତ୍ୟେକ ଡ୍ରାଇଭର ସଚେତନତା, ସଠିକତା ଏବଂ ଶୃଙ୍ଖଳା ସହିତ ସଜ୍ଜିତ । ପ୍ରଯୁକ୍ତିବିଦ୍ୟା-ସକ୍ଷମ ଶିକ୍ଷା ଏକ ପରିବହନ ପରିବେଶ ନିର୍ମାଣ କରୁଛି ଯେଉଁଠାରେ ସୁରକ୍ଷିତ ଡ୍ରାଇଭିଂ ସହଜାତ ଏବଂ ଦୀର୍ଘକାଳୀନ ହୋଇଯାଏ ।

# ଡ୍ରିମ୍‌ସରେ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଝାଁଦେ

କଟକ, (ସ୍ୱପ୍ର) : ଡ୍ରିମ୍‌ସ ସ୍କୁଲ ଅଫ ଆଲାଏଡ୍ ଓ ହେଲଥ୍ କେୟାର ସାଇନ୍ସର ବିପିଟି ଓ ବିଓଟି ୩ୟ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବିଦାୟ ସମ୍ବର୍ଦ୍ଧନ ଉତ୍ସବ ଝାଁଦେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଜୟଶ୍ରୀ ଅଡିଟୋରିୟମ୍‌ରେ ଆୟୋଜିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ କର୍ମଯୋଗୀ ଧନେଶ୍ୱର ରଥଙ୍କ ପ୍ରତିକୃତି ନିକଟରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଡ୍ରିମ୍‌ସ ବିଶ୍ୱବିଦ୍ୟାଳର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ଶୁଭେଚ୍ଛା ଜଣାଇ ଛାତ୍ରଛାତ୍ରୀମାନେ ବୃତ୍ତି ଗତ କ୍ଷେତ୍ରରେ ଉତ୍କର୍ଷ ପ୍ରଦର୍ଶନ କରି ଶିକ୍ଷାନୁଷ୍ଠାନର ଗୌରବ ବୃଦ୍ଧି କରିବେ ବୋଲି ଆଶା ପ୍ରକାଶ କରିଥିଲେ । ମୁଖ୍ୟଅତିଥି କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା କୃତିତ୍ୱର ସହ ଶିକ୍ଷା ସମାପ୍ତ କରିଥିବା ଛାତ୍ରଛାତ୍ରୀ ବିଶ୍ୱବିଦ୍ୟାଳୟର ଆଗାମୀ ସମାବର୍ତ୍ତନ ଉତ୍ସବରେ ଡିଗ୍ରୀ ସାର୍ଟିଫିକେଟ୍ ହାସଲ କରି ସେବା କ୍ଷେତ୍ରରେ ନିଜର ଦକ୍ଷତା ପ୍ରଦର୍ଶନ କରିବାକୁ ଦଗଦର୍ଶନ ଦେଇଥିଲେ । ସମ୍ମାନିତ ଅତିଥି ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ଉପଦେଷ୍ଟା ପ୍ରଫେସର ସୁଶାନ୍ତ କୁମାର ଦାସ, ନିର୍ଦ୍ଦେଶକ ( ଛାତ୍ର ସଂପର୍କ) ଲୋକନାଥ ବେହେରା, ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ ଛାତ୍ରଛାତ୍ରୀମାନେ ଚାକିରୀ କ୍ଷେତ୍ରରେ ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କଲେ ସାମାଜିକ ପ୍ରତିଷ୍ଠା ସହ ଈଶ୍ୱରଙ୍କ ଆଶୀର୍ବାଦ ମିଳିବ ବୋଲି କହିଥିଲେ । ଶିକ୍ଷାନୁଷ୍ଠାନର ଡିନ୍ ଡା. ଦୁର୍ଗା ପ୍ରସାଦ ମିଶ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ସହକାରୀ ପ୍ରାଧ୍ୟାପିକା ଶ୍ରୁତି ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ–ଡିଜିଏସ୍ ମଧ୍ୟରେ ଚୁକ୍ତିନାମା

# ଭାରତର ପ୍ରଥମ ଏଡଭାନ୍ସ ମ୍ୟାନ ମୋଡେଲ୍ ସିପ୍ ହାଣ୍ଡଲିଙ୍ଗ ସେଣ୍ଟର୍ ସ୍ଥାପିତ ହେବ

ଜଟଣୀ, (ସବ୍ୟୁ) : ଇଣ୍ଡିଆ ମାରିଟାଇମ୍ ଉଇକ୍ ୨୦୨୫ ଅବସରରେ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ ଓ ଡାଏରେକ୍ଟୋରେଟ୍ ଜେନେରାଲ୍ ଅଫ୍ ସିପିଙ୍ଗ ମଧ୍ୟରେ ଏକ ମହତ୍ୱପୂର୍ଣ୍ଣ ଅନୁବନ୍ଧ ସହିତ ଦେଶର ପ୍ରଥମ 'ଏଡଭାନ୍ସ ମ୍ୟାନ ମୋଡେଲ୍ ସିପ୍ ହାଣ୍ଡଲିଙ୍ଗ ସେଣ୍ଟର୍' ସ୍ଥାପନ ପାଇଁ ପଥ ପ୍ରସ୍ତୁତ ହୋଇଛି । ଏହି ପ୍ରକଳ୍ପ ସେଞ୍ଚୁରିଅନ୍ ର ଇନ୍‌କ୍ୟୁବେଟେଡ୍ କେନ୍ଦ୍ର ସିବୋର୍ନ ସିପ୍ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ପରିଚାଳିତ ହେବ । ଏହି କେନ୍ଦ୍ର ସ୍ଥାପନ ଦ୍ୱାରା ଭାରତର ସମୁଦ୍ର ଶିକ୍ଷା ଓ ପୋର୍ଟ ଅପରେସନ୍‌ରେ ଗୁରୁତ୍ୱପୂର୍ଣ୍ଣ ଉନ୍ନତି ଆସିବ ସିମ୍ୟୁଲେସନ୍-ଆଧାରିତ ଶିପ୍ ହାଣ୍ଡଲିଙ୍ଗ, ଏଆଇ ଆଧାରିତ ନାଭିଗେସନ୍, କୋଷ୍ଟାଲ୍ ଓ ରିଭରାଇନ୍ ଅପରେସନ୍ ଟ୍ରେନିଙ୍ଗ, ଏବଂ ଡୁଆଲ୍-ଫୁଏଲ୍ (ଏଲଏନଜି ଓ ପାରମ୍ପରିକ) ସିମ୍ୟୁଲେଟର୍ ସହିତ ଏହାକୁ ବିଶ୍ୱସ୍ତରୀୟ ମାନକରେ ଗଢ଼ା ଯିବ । ଏହି ପ୍ରୟାସ ଦେଶର ପାଇଲଟେଜ୍ କ୍ଷମତା, ନାଭିଗେସନ୍ କାର୍ଯ୍ୟକୁଶଳତା, ଆପତ୍‌କାଳୀନ ପ୍ରତିକ୍ରିୟା ଓ ପୋର୍ଟ ପ୍ରଣାଳୀ ଆଧୁନିକୀକରଣକୁ ଉନ୍ନତ କରିବାକୁ ଆଶା କରାଯାଉଛି । ଏହି ଅନୁବନ୍ଧିତଟିରେ ସହଯୋଗ କରିଥିଲେ ସିବୋର୍ନ ସିପ୍ ମ୍ୟାନେଜମେଣ୍ଟର ଗ୍ରୁପ୍ ମ୍ୟାନେଜିଙ୍ଗ ଡାଇରେକ୍ଟର ଓ ସିୟୁଟିଏମ ର ମାରିଟାଇମ୍ ଷ୍ଟଡିଜ୍ ଡାଇରେକ୍ଟର କ୍ୟାପ୍ଟେନ୍ ବିକାଶ ପାତ୍ର ଏବଂ ଡିଜିପିଙ୍ଗର ଡାଇରେକ୍ଟର ଜେନେରାଲ୍ ଶ୍ୟାମ ଜଗନ୍ନାଥନ । ଡିଜିଏସ୍ ପକ୍ଷରୁ କେନ୍ଦ୍ର ପାଇଁ ନୀତିଗତ ଓ ପ୍ରାସଙ୍ଗିକ ପ୍ରାବଲ୍ୟ ଯୋଗାଇ ଦିଆଯିବ । ଏହି ସହଯୋଗର ଅଂଶରୂପେ, ପୋର୍ଟସ୍ ଏବଂ ଶିପିଙ୍ଗ ରାଜ୍ୟମନ୍ତ୍ରୀ ଶନ୍ତନୁ ଠାକୁର ଓ କ୍ୟାପ୍ଟେନ୍ ପାତ୍ର ୟୁକେ ର ଶୋଲେଣ୍ଟ ୟୁନିଭର୍ସିଟୀ ଅଧୀନର ୱାର୍ସଷ ମାରିଟାଇମ୍ ସ୍କୁଲ ଗସ୍ତ କରିଥିଲେ । ସେଠାରେ ସିମ୍ୟୁଲେସନ୍ ସୁବିଧା, ଆକାଦେମିକ୍ ସହଯୋଗ ଓ ମାରିଟାଇମ୍ ପ୍ରଯୁକ୍ତି-ଭିତ୍ତିକ ଗବେଷଣା ସହଯୋଗ ଉପରେ ଆଲୋଚନା ହୋଇଥିଲା । ଭାରତର ମାରିଟାଇମ



ଭିସନ ୨୦୩୦, ସାଗରମଳା ପ୍ରକଳ୍ପ ଓ ସ୍କିଲ ଇଣ୍ଡିଆ ମିଶନ ସହିତ ସମନ୍ୱୟ ରଖି ଏହି ନୂତନ କେନ୍ଦ୍ର ଭାରତକୁ ଗ୍ରୀନ୍ ସିପିଙ୍ଗ, ସ୍ମାର୍ଟ ପୋର୍ଟ ଅପରେସନ୍ ଓ ଉନ୍ନତ ମାରିଟାଇମ୍ ଟ୍ରେନିଙ୍ଗରେ ଗ୍ଲୋବାଲ୍ ସ୍ତରରେ ଶକ୍ତିଶାଳୀ ସ୍ଥାନ ଦେବାକୁ ଆଶା କରାଯାଉଛି ।

# ୮୫ ହଜାର ଭିସା ରଦ୍ଦ କଲେ ଟ୍ରମ୍ପ

## ଅଧିକ ପ୍ରଭାବିତ ହେବେ ଭାରତୀୟ

ୱାଶିଂଟନ : ଆମେରିକାର ରାଜଧାନୀ ୱାଶିଂଟନ ଡିସିରେ ଗୁଳିକାଣ୍ଡ ପରେ, ଜାତୀୟ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଚଳିତ ବର୍ଷ ପ୍ରାୟ ୮୫,୦୦୦ ଭିସା ରଦ୍ଦ କରିଛନ୍ତି। ଷ୍ଟେଟ୍ ଡିପାର୍ଟମେଣ୍ଟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଭିସା ରଦ୍ଦ କରିବାର ଉଦ୍ଦେଶ୍ୟ ହେଉଛି ଆମେରିକାର ସାଧାରଣ ଜନତାଙ୍କୁ ସୁରକ୍ଷା ଦେବା। ଏହି ପଦକ୍ଷେପ ଭାରତୀୟ ବୃତ୍ତିଗତ ଏବଂ ଛାତ୍ରଙ୍କ ଉପରେ ସର୍ବାଧିକ ପ୍ରଭାବ ପକାଇଛି।

ପ୍ରତ୍ୟାହାର କରାଯାଇଥିବା ଭିସା ମଧ୍ୟରେ ୮,୦୦୦ ରୁ ଅଧିକ ଛାତ୍ର ଅଛି। ଯାହା ଗତ ବର୍ଷ ତୁଳନାରେ ଦୁଇଗୁଣ ଅଧିକ। ଜଣେ ଅଧିକାରୀ କହିଛନ୍ତି ଯେ, ଏହି ଭିସା ଚୋରି, ଆକ୍ରମଣ କିମ୍ବା ଅନ୍ୟାନ୍ୟ ଅପରାଧରେ ଦୋଷୀ ସାବ୍ୟସ୍ତ ହୋଇଥିବା ବିଦେଶୀମାନଙ୍କର। ଏହି




ବ୍ୟକ୍ତିମାନଙ୍କୁ ଆମେରିକୀୟ ସୁରକ୍ଷା ପାଇଁ ବିପଦ ବୋଲି ବିବେଚନା କରାଯାଉଛି। ତେଣୁ ସେମାନଙ୍କର ଭିସା ପ୍ରତ୍ୟାହାର କରାଯାଇଛି। ଟ୍ରମ୍ପ ପ୍ରଶାସନ ବିଶେଷକରି ଉଚ୍ଚ ବିପଦପୂର୍ଣ୍ଣ ଅଞ୍ଚଳରୁ ଆସୁଥିବା ଲୋକଙ୍କ ପାଇଁ ଭିସା ଯାଞ୍ଚକୁ କଡ଼ାକଡ଼ି କରିଛନ୍ତି। ଆଫଗାନିସ୍ତାନ ସମ୍ପର୍କରେ ଅଧିକାରୀ କହିଛନ୍ତି ଯେ, ଆଫଗାନିସ୍ତାନରୁ ଆମେରିକାର ସୈନ୍ୟ ପ୍ରତ୍ୟାହାର ପରେ ସୁରକ୍ଷା ଚିନ୍ତା ବୃଦ୍ଧି ପାଇଛି। ତେଣୁ, ଭିସା ଆବେଦନକାରୀମାନେ ଯେପରି ଜାତୀୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି ନ କରନ୍ତି ତାହା ନିଶ୍ଚିତ କରିବା ଗୁରୁତ୍ୱପୂର୍ଣ୍ଣ। ଅଧିକାରୀ କହିଛନ୍ତି, ଭିସା ଯାଞ୍ଚ ଶୀଘ୍ର କରାଯାଉ ନାହିଁ। ଏହା ଯେତେ ଅଧିକ ସମୟ ନେବ, ଯାଞ୍ଚ ସେତେ ଅଧିକ ପୁଙ୍ଖାନୁପୁଙ୍ଖ ହେବ। ଜଣେ ଆବେଦନକାରୀ ଆମେରିକା ପାଇଁ ବିପଦ ନୁହଁନ୍ତି ବୋଲି ସମ୍ପୂର୍ଣ୍ଣ ନିଶ୍ଚିତ ନହେଲେ ଭିସା ଜାରି କରାଯିବ ନାହିଁ। ଭିସା ପ୍ରତ୍ୟାଖ୍ୟାନର କାରଣ ବିଷୟରେ ପଚରାଯିବାରୁ, ଅଧିକାରୀ ସୂଚନା ପ୍ରଦାନ କରିଛନ୍ତି, ଟ୍ରମ୍ପ ପ୍ରଶାସନଙ୍କର ନୂତନ ନୀତି ଅନୁଯାୟୀ ଭିସା ପ୍ରତ୍ୟାଖ୍ୟାନ ହୋଇପାରେ। ଏପରି ନିଷ୍ପତ୍ତି ଗୋଟିଏ କାରଣ ନୁହେଁ, ବହୁବିଧ କାରଣ ଉପରେ ଆଧାରିତ। ଆମେରିକାରେ ମତବ୍ୟକ୍ତର ସ୍ୱାଧୀନତାକୁ ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ। କିନ୍ତୁ ପ୍ରଶାସନ ଆମେରିକୀୟମାନଙ୍କୁ କ୍ଷତି ପହଞ୍ଚାଇବାକୁ ଚାହୁଁଥିବା ବିଦେଶୀମାନଙ୍କ ବିରୁଦ୍ଧରେ ସୁରକ୍ଷା ଦେବାକୁ ଚାହୁଁଛି। ତେଣୁ, ଭିସା ଆବେଦନକାରୀଙ୍କୁ ସମ୍ପୂର୍ଣ୍ଣ ଯାଞ୍ଚ କରାଯାଏ ଏବଂ କେବଳ ସେତେବେଳେ ଅନୁମତି ଦିଆଯାଏ ଯଦି ସେମାନେ ସମ୍ପୂର୍ଣ୍ଣ ସ୍ୱଚ୍ଛ ଏବଂ ସୁରକ୍ଷିତ ବୋଲି ଜଣାପଡ଼େ। ଏହି ଭିସା ଯାଞ୍ଚ ପ୍ରକ୍ରିୟା ଏପରି ଆସିଛି ଯେତେବେଳେ ୨୦୨୧ ମସିହାରେ ଆଫଗାନିସ୍ତାନରୁ ସୈନ୍ୟ ପ୍ରତ୍ୟାହାର କରିବା ପରେ ଆମେରିକା ଏହାର ପ୍ରବାସ ଏବଂ ଯାଞ୍ଚ ପ୍ରକ୍ରିୟାକୁ ସୁଦୃଢ଼ କରୁଛି।

### ଷ୍ଟକ୍ ବଜାର ତଳମୁହାଁ

## ରପ୍ତାନିକାରୀଙ୍କ ସେୟାର ହ୍ରାସ

ମୁମ୍ବାଇ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚାଉଳ ରପ୍ତାନିକାରୀ ଦେଶମାନଙ୍କ ଉପରେ ନୂତନ ଶୁଳ୍କ ଲଗାଇବାର ସଙ୍କେତ ପୁଣି ଥରେ ଭାରତୀୟ ସେୟାର ବଜାରକୁ ଦୋହଲାଇ ଦେଇଛି। ଏହି ସଙ୍କେତ ପରେ, ବଜାର ଖୋଲିବା ମାତ୍ରେ ସେନସେକ୍ସ ଏବଂ ନିଫଟିରେ ଏକ ବଡ଼ ହ୍ରାସ ରେକର୍ଡ କରାଯାଇଛି। ଯାହା ନିବେଶକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଛି। ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ବୋମା ପକାଇବା ପ୍ରସ୍ତୁତି ପୁଣି ଥରେ ସେୟାର ବଜାରକୁ ଭୟଭୀତ କରିଛି। ଏଥର, ଲକ୍ଷ୍ୟ ହେଉଛି ଭାରତ ସମେତ ଅନେକ ଦେଶରୁ ଆମେରିକାକୁ ଆମଦାନୀ ହେଉଥିବା କୃଷିଜାତ ସାମଗ୍ରୀ। ରିପୋର୍ଟ ଅନୁଯାୟୀ ଟ୍ରମ୍ପ ଆମେରିକାକୁ ଚାଉଳ ରପ୍ତାନି କରୁଥିବା ଦେଶଗୁଡ଼ିକ ଉପରେ ନୂତନ ଟାରିଫ୍ (ଟ୍ରମ୍ପ ଚାଉଳ ଶୁଳ୍କ) ଲାଗୁ କରିପାରନ୍ତି। ଏହି ଧମକର ସିଧାସଳଖ ପ୍ରଭାବରେ ଭାରତୀୟ ସେୟାର ବଜାର ଖୋଲିବା ମାତ୍ରେ ଭୁଶୁଡ଼ି ପଡ଼ିଥିଲା। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସଇ)ରେ ୩୦ ସେୟାର ବିଶିଷ୍ଟ ସେନସେକ୍ସ ୬୦୦ ପଏଣ୍ଟରୁ ଅଧିକ ହ୍ରାସ ପାଇ ୮୪,୪୯୨ରେ କାରବାର କରିଛି। ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜର ନିଫଟି ମଧ୍ୟ ୨୦୦ ପଏଣ୍ଟରୁ ଅଧିକ ହ୍ରାସ ପାଇ ୨୫,୭୫୮ରେ ପହଞ୍ଚିଛି। ଟ୍ରମ୍ପଙ୍କ ନୂତନ ଶୁଳ୍କ ପ୍ରତି ଭୟ ସ୍ପଷ୍ଟ ଭାବରେ ବଜାରରେ ଦେଖିବାକୁ ମିଳିଥିଲା। ସେନସେକ୍ସ ୮୪,୭୪୨.୮୭ରେ ଖୋଲିଥିଲା। ଯାହା ଏହାର ପୂର୍ବ ବନ୍ଦ ହୋଇଥିବା ଅଙ୍କ ୮୫,୧୦୨.୬୯ ଠାରୁ ହ୍ରାସ ପାଇଥିଲା ଏବଂ କିଛି ମିନିଟ୍ ମଧ୍ୟରେ ଏହା ଦ୍ରୁତ ଗତିରେ ୮୫,୦୦୦ସ୍ତର ତଳକୁ ଖସିଯାଇଥିଲା। ସେହିପରି, ନିଫ୍ଟି ୨୫,୯୬୦.୫୫ରୁ ହ୍ରାସ ପାଇ ୨୫,୮୬୭.୧୦ ରେ ଖୋଲିଥିଲା ଏବଂ ୨୦୦ ପଏଣ୍ଟରୁ ଅଧିକ ହ୍ରାସ ପାଇଥିଲା। ଏହି ହ୍ରାସ ସୂଚାଇ ଦେଇଛି ଯେ, ଟ୍ରମ୍ପଙ୍କ ଶୁଳ୍କ ସଙ୍କେତ ଦ୍ୱାରା ବଜାର ପ୍ରତି ନିବେଶକଙ୍କ ବିଶ୍ୱାସ ଦୋହଲି ଯାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ, ଚାଉଳ ଡମ୍ପିଂ ଆମେରିକୀୟ ଚାଷୀମାନଙ୍କୁ କ୍ଷତି ପହଞ୍ଚାଉଛି।



କ୍ଷତିପୂରଣ ପାଇଁ ଶୁଳ୍କ ଲାଗୁ କରାଯାଇପାରେ। ଏହି ଖବର ଚାଉଳ ରପ୍ତାନିରେ ଜଡିତ କମ୍ପାନିଗୁଡ଼ିକର ଷ୍ଟକ୍ ଉପରେ ସବୁଠାରୁ ସିଧାସଳଖ ନକାରାତ୍ମକ ପ୍ରଭାବ ପଡ଼ିଛି। କ୍ରାସ୍ ହୋଇଥିବା ପ୍ରମୁଖ ଷ୍ଟକ୍ ମଧ୍ୟରୁ, ଏଲ୍‌ଟି ଫୁଡ୍ସର ସେୟାର ହଠାତ୍ ୭.୮୦% ହ୍ରାସ ପାଇ ୩୭୨ ଟଙ୍କାରେ ପହଞ୍ଚିଛି। କେଆର୍‌ବିଏଲ୍ ଏଲଟିଡି. ସେୟାର ମଧ୍ୟ ପ୍ରାୟ ୨% ହ୍ରାସ ପାଇଛି। ଏହି ହ୍ରାସ ବଜାର ଚିନ୍ତାକୁ ସୂଚାଇ ଦେଉଛି ଯେ, ଏହି ଶୁଳ୍କ ଲାଗୁ ହେଲେ, ଏହି କମ୍ପାନିଗୁଡ଼ିକର ଲାଭ ଏବଂ ରପ୍ତାନି ଉପରେ ଗୁରୁତର ପ୍ରଭାବ ପକାଇବ।

## ଜାକର୍ତ୍ତା ଆପାର୍ଟମେଣ୍ଟରେ ନିଆଁ : ୨୦ ମୃତ

ଜାକର୍ତା : ଗୋଆ ପରେ ଏବେ ଜାକର୍ତ୍ତାରେ ଘଟିଲା ବଡ଼ ଦୁର୍ଘଟଣା। ମଙ୍ଗଳବାର ଦିନ ଇଣ୍ଡୋନେସିଆର ରାଜଧାନୀ ଜାକର୍ତାରେ ଏକ ସାତ ମହଲା କୋଠାରେ ଅଗ୍ନିକାଣ୍ଡ ଘଟି ଅତି କମରେ ୨୦ଜଣଙ୍କର ମୃତ୍ୟୁ ହୋଇଥିବା ରଏଟର୍ସ ରିପୋର୍ଟ କରିଛି।



ସୂଚନା ଅନୁଯାୟୀ, ଅଗ୍ନିଶମ କର୍ମଚାରୀମାନେ କିଛି ଘଣ୍ଟାର ଅପରେସନ ପରେ ନିଆଁକୁ ନିୟନ୍ତ୍ରଣ କରିବାରେ ସଫଳ ହୋଇଛନ୍ତି। ଘଟଣାର କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନଥିବାରୁ କାରଣ ଖୋଜିବାରେ ଲାଗିପଡ଼ିଛନ୍ତି କର୍ତ୍ତୃପକ୍ଷ। ସେଣ୍ଟ୍ରାଲ୍ ଜାକର୍ତା ପୁଲିସର ମୁଖ୍ୟ ସୁସାତ୍ୟୋ ପୂର୍ନୋମୋ କଣ୍ଡ୍ରୋ କହିଛନ୍ତି ଯେ, ନିଆଁ ଲାଗିଛି ବୋଲି ଖବର ମିଳିବା ପରେ ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା। ଏବେ ଅନେକ ଉଦ୍ୟମ ପରେ ନିଆଁ ଲିଭାଇ ଦିଆଯାଇଛି ଏବଂ କୋଠା ଭିତରେ ଫସି ରହିଥିବା ପୀଡିତଙ୍କୁ ଖୋଜିବା ପାଇଁ ପ୍ରୟାସ ଜାରି ରହିଛି। ମଧ୍ୟାହ୍ନ ସମୟରେ କୋଠାର ପ୍ରଥମ ମହଲାରେ ନିଆଁ ଲାଗିଥିଲା ଏବଂ ତା'ପରେ ଉପର ମହଲାକୁ ନିଆଁ ବ୍ୟାପି ଯାଇଥିଲା। ସେହି ସମୟରେ କିଛି କର୍ମଚାରୀ କୋଠା ଭିତରେ ମଧ୍ୟାହ୍ନ ଭୋଜନ କରୁଥିଲେ ଏବଂ ଅନ୍ୟମାନେ ଅଫିସ୍ ଛାଡି ଚାଲିଯାଇଥିଲେ। ଏବେ, ଆମେ ପୀଡିତମାନଙ୍କୁ ସୁରକ୍ଷିତ ବାହାରକୁ ଆଣିବା ଏବଂ ଅଗ୍ନି ଶୀତଳୀକରଣ କରିବା ଉପରେ ଧ୍ୟାନ ଦେଉଛୁ।

ଏହି କୋଠାଟି ଟେରା ଡ୍ରୋନ୍ ଇଣ୍ଡୋନେସିଆର କାର୍ଯ୍ୟାଳୟ, ଯାହା ଖଣି କ୍ଷେତ୍ରରୁ କୃଷି କ୍ଷେତ୍ର ପର୍ଯ୍ୟନ୍ତ ଗ୍ରାହକମାନଙ୍କ ସହିତ ଆକାଶ ମାର୍ଗର ସର୍ଭେ କାର୍ଯ୍ୟକଳାପ ପାଇଁ ଡ୍ରୋନ୍ ଯୋଗାଇଥାଏ। କମ୍ପାନିର ୱେବସାଇଟ୍ ଅନୁଯାୟୀ, ଏହି କମ୍ପାନି ଜାପାନୀ ଡ୍ରୋନ୍ ଫାର୍ମ ଟେରା ଡ୍ରୋନ୍ କର୍ପୋରେସନର ଇଣ୍ଡୋନେସିଆନ୍ ୟୁନିଟ୍ ଥିଲା। ଗତ ମାସରେ, ହଂକଂର ସାତଟି ଉଚ୍ଚ କୋଠାରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ୧୬୦ଜଣଙ୍କର ମୃତ୍ୟୁ ହୋଇଥିଲା।

### ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

## ମା'ଙ୍କର ଜାତି ଆଧାରରେ ସନ୍ତାନଙ୍କୁ ମିଳିବ ଜାତି ପ୍ରମାଣପତ୍ର

ନୂଆଦିଲ୍ଲୀ : ଜାତି ପ୍ରମାଣପତ୍ର ସମ୍ପର୍କରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଶୀର୍ଷକୋର୍ଟ ଜଣେ ଝିଅକୁ ତାଙ୍କ ମା'ଙ୍କ ଜାତି ଆଧାରରେ ଅନୁସୂଚିତ ଜାତି(ଏସସି) ପ୍ରମାଣପତ୍ର ପ୍ରଦାନ କରିବାକୁ ଅନୁମତି ଦେଇଛନ୍ତି। ଏହି ରାୟ ଅନନ୍ୟ କାରଣ ଜଣେ ପିଲାର ଜାତି ସାଧାରଣତଃ ପିତାଙ୍କ ଜାତି ଦ୍ୱାରା ନିର୍ଣ୍ଣୟ କରାଯାଇଥାଏ। ଏହି ମାମଲାଟି ପୁଡୁଚେରୀର ଜଣେ ଝିଅ ପାଇଁ ଏକ ଜାତି ପ୍ରମାଣପତ୍ର ସହିତ ଜଡିତ। ଭାରତର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ପୁଡୁଚେରୀର ଝିଅକୁ ଅନୁସୂଚିତ ଜାତି ପ୍ରମାଣପତ୍ର ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କାରଣ ପ୍ରମାଣପତ୍ର ବିନା ତାଙ୍କ ଶିକ୍ଷାଗତ କ୍ୟାରିୟର କ୍ଷତିଗ୍ରସ୍ତ ହେବ। ଖଣ୍ଡପୀଠ କହିଛନ୍ତି, ଆମେ ଆଇନର ପ୍ରଶ୍ନକୁ ଖୋଲା ରଖୁଛୁ।

ଏହି ଗୁରୁତ୍ୱପୂର୍ଣ୍ଣ ରାୟରେ ସିଜେଆଇ ସୂର୍ଯ୍ୟକାନ୍ତ ଉଲ୍ଲେଖ କରିଛନ୍ତି, ଏହା ଏକ ବଡ଼ ବିତର୍କ ସୃଷ୍ଟି କରିପାରେ। ସେ କହିଛନ୍ତି ପରିବର୍ତ୍ତିତ ସମୟ ସହିତ, ମା'ଙ୍କ ଜାତି ଆଧାରରେ ସନ୍ତାନଙ୍କୁ କାହିଁକି ଜାତି ପ୍ରମାଣପତ୍ର ପ୍ରଦାନ କରାଯିବ ନାହିଁ? ଏହି ଝାରାୟର ଅର୍ଥ ହେବ ଯେ, ଉଚ୍ଚ ଜାତିର ପୁରୁଷଙ୍କ ସହିତ ବିବାହରୁ ଅନୁସୂଚିତ ଜାତିର ମହିଳାଙ୍କଠାରୁ ଜନ୍ମିତ ଏବଂ ଉଚ୍ଚ ଜାତିର ପରିବାରରେ ପାଳିତ ସନ୍ତାନମାନେ ମଧ୍ୟ ଗଇ ପ୍ରମାଣପତ୍ର ପାଇବାର ହକଦାର ହେବେ।

ରିପୋର୍ଟ ଅନୁଯାୟୀ, ମା' ତାଙ୍କ ତିନି ପିଲା (ଦୁଇ ଝିଅ ଏବଂ ଗୋଟିଏ ପୁଅ)ଙ୍କୁ ତାଙ୍କ ଜାତି ପ୍ରମାଣପତ୍ର ଆଧାରରେ ଅନୁସୂଚିତ ଜାତି ପ୍ରମାଣପତ୍ର ପ୍ରଦାନ କରିବାକୁ ତହସିଲଦାରଙ୍କୁ ଅନୁରୋଧ କରିଥିଲେ, କାରଣ ତାଙ୍କ ସ୍ୱାମୀ ବିବାହ ପରଠାରୁ ତାଙ୍କ ନିଜ ଘରେ ବାପା ମା'ଙ୍କ ରହୁଥିଲେ। ତାଙ୍କ ଆବେଦନରେ ମହିଳା ଯୁକ୍ତି



ଦର୍ଶାଇଥିଲେ ଯେ, ତାଙ୍କ ପିତାମାତା ଏବଂ ଜେଜେମାଆ ହିନ୍ଦୁ ଦ୍ରାବିଡ଼ ସମ୍ପ୍ରଦାୟର ଥିଲେ।

କେନ୍ଦ୍ର ଗୃହ ମନ୍ତ୍ରଣାଳୟର ନିର୍ଦ୍ଦେଶାବଳୀ ସହିତ ପଢ଼ାଯାଇଥିବା ରାଷ୍ଟ୍ରପତିଙ୍କ ବିଜ୍ଞପ୍ତି ଅନୁଯାୟୀ, ୫ ମାର୍ଚ୍ଚ, ୧୯୬୪ ଏବଂ ୧୭ ଫେବୃଆରୀ, ୨୦୦୨ ରେ କୁହାଯାଇଛି ଯେ, ଜଣେ ବ୍ୟକ୍ତିଙ୍କ ଜାତି ପ୍ରମାଣପତ୍ର ପାଇବାର ଯୋଗ୍ୟତା ମୁଖ୍ୟତଃ ତାଙ୍କ ପିତାଙ୍କ ଜାତି ଏବଂ ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳର କ୍ଷେତ୍ରାଧିକାର ମଧ୍ୟରେ ତାଙ୍କ ଆବାସିକ ସ୍ଥିତି ଉପରେ ଆଧାରିତ। ପୁନିତ ରାୟ ବନାମ ଦିନେଶ ଚୌଧୁରୀ (୨୦୦୩) ୮ ଗଇଇ ୨୦୪ ଏକ ସଂରକ୍ଷଣ ମାମଲାରେ, ସୁପ୍ରିମକୋର୍ଟ କହିଥିଲେ ଯେ, ପାରମ୍ପରିକ ହିନ୍ଦୁ ଆଇନ ଅନୁଯାୟୀ ଜଣେ ବ୍ୟକ୍ତିଙ୍କ ଜାତି ନିର୍ଣ୍ଣୟ ପାଇଁ ନିର୍ଣ୍ଣାୟକ କାରକ ହେବ ପିତାଙ୍କ ଜାତି ଏବଂ ବୈଧାନିକ ଆଇନର ଅନୁପସ୍ଥିତିରେ, ସେମାନେ ମାତାଙ୍କଠାରୁ ନୁହେଁ ବରଂ ପିତାଙ୍କଠାରୁ ସେମାନଙ୍କର ଜାତି ଉତ୍ତରାଧିକାରୀ ଭାବରେ ପାଇବେ। ପରେ, ୨୦୧୨ ମସିହାରେ ରମେଶଭାଇ ଦାଭାଇ ନାଇକା ବନାମ ଗୁଜରାଟ ରାୟରେ, ସୁପ୍ରିମକୋର୍ଟର ଦୁଇ ଜଣିଆ ଖଣ୍ଡପୀଠ ରାୟ ଦେଇଥିଲେ, ଆନ୍ତଃଜାତି ବିବାହ କିମ୍ବା ଆଦିବାସୀ ଏବଂ ଅଣ-ଜାତି ମଧ୍ୟରେ ବିବାହରୁ ଜନ୍ମିତ ବ୍ୟକ୍ତିଙ୍କ ଜାତି ନିର୍ଣ୍ଣୟ କରିବାରେ, ପ୍ରାସଙ୍ଗିକ ତଥ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇପାରିବ ନାହିଁ।

ଖଣ୍ଡପୀଠ କହିଛନ୍ତି, ଆନ୍ତଃଜାତି ବିବାହ କିମ୍ବା ଆଦିବାସୀ ଏବଂ ଅଣ-ଜାତି ମଧ୍ୟରେ ବିବାହରେ, ଏହା ଅନୁମାନ କରାଯାଇପାରେ ଯେ, ପିଲାର ଜାତି ପିତାଙ୍କ ଜାତି ସହିତ ଜଡିତ ହେବ। ଏହି ଧାରଣା ଏପରି କ୍ଷେତ୍ରରେ ଅଧିକ ଦୃଢ଼ ହୋଇପାରେ ଯେଉଁଠାରେ, ଆନ୍ତଃଜାତି ବିବାହ କିମ୍ବା ଆଦିବାସୀ ଏବଂ ଅଣ-ଜାତି ମଧ୍ୟରେ ବିବାହରେ, ସ୍ୱାମୀ ଉଚ୍ଚ ଜାତିର ହୋଇଥାନ୍ତି। କୋର୍ଟ କହିଛନ୍ତି, ଏହି ମାମଲାରେ ଏପରି ବିବାହରୁ ଜନ୍ମିତ ପିଲାମାନେ ପ୍ରମାଣ ଦେଇପାରିବେ ଯେ, ସେମାନଙ୍କୁ ଏସ୍‌ସି/ଏସ୍‌ଟି ସମ୍ପ୍ରଦାୟର ଜଣେ ମା'ଙ୍କ ଦ୍ୱାରା ପାଳିତ କରାଯାଇଥିଲା। ଉଚ୍ଚ ଜାତିର ପିତାଙ୍କ ପୁଅ ହେବା ଦ୍ୱାରା ସେମାନଙ୍କୁ ସେମାନଙ୍କ ପ୍ରାରମ୍ଭିକ ଜୀବନରେ କୌଣସି ସୁବିଧା ମିଳି ନାହିଁ। ବରଂ, ସେମାନେ ସେମାନଙ୍କ ମା' ଯେଉଁ ସମ୍ପ୍ରଦାୟର ଥିଲେ ସେହି ସମ୍ପ୍ରଦାୟର ଅନ୍ୟ ସଦସ୍ୟଙ୍କ ପରି ବଞ୍ଚିତ, ଅପମାନ, ଅବମାନନା ଏବଂ ପ୍ରତିବନ୍ଧକର ସମ୍ମୁଖୀନ ହୋଇଥିଲେ।

### ସଂସଦରେ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ଉତ୍ତର

## ଶୂନ୍ୟ ସହନଶୀଳତା ନୀତି ଆପଣାଇଛନ୍ତି ସରକାର

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ଦକ୍ଷ ମାର୍ଗ ଦର୍ଶନରେ ମାର୍ଚ୍ଚ ୨୦୨୬ ସୁଦ୍ଧା ଦେଶକୁ ସମ୍ପୂର୍ଣ୍ଣ ଭାବେ ମାଓ ମୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଥିବା କହିଛନ୍ତି କେନ୍ଦ୍ର ଗୃହ ରାଷ୍ଟ୍ର ମନ୍ତ୍ରୀ ନିତ୍ୟାନନ୍ଦ ରାୟ। ଆଜି ଲୋକସଭାରେ ବାମପନ୍ଥୀ ଉଗ୍ରବାଦ ବିରୋଧରେ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ଏବଂ ମାଓ ପ୍ରଭାବିତ ଅଞ୍ଚଳ ପାଇଁ କାର୍ଯ୍ୟକାରୀ ହୋଇଥିବା ଯୋଜନା ସଂକ୍ରାନ୍ତ ପ୍ରଶ୍ନର ଉତ୍ତର ରଖି କେନ୍ଦ୍ର ଗୃହ ରାଷ୍ଟ୍ର ମନ୍ତ୍ରୀ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ମୋଦୀ ସରକାର ହିଂସାତ୍ମକ ଉଗ୍ରବାଦ ବିରୋଧରେ ଶୂନ୍ୟ ଶହନଶୀଳତା ନୀତି ଆପଣାଇଛନ୍ତି। ସାମଗ୍ରିକ ବିକାଶ ସୁନିଶ୍ଚିତ କରିବା ଲାଗି ସମ୍ପୂର୍ଣ୍ଣ ସରକାରୀ ଆଭିମୁଖ୍ୟ ନେଇ ନୀତି ଏବଂ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯାଉଛି। ମାଓ ପ୍ରଭାବିତ ଅଞ୍ଚଳରେ ବିଭିନ୍ନ ସୁରକ୍ଷା ପଦକ୍ଷେପ ଗ୍ରହଣ କରାଯାଉଛି। କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ କହିଛନ୍ତି, ସରକାରଙ୍କ ଏସବୁ ପଦକ୍ଷେପ କାରଣରୁ ବାମପନ୍ଥୀ ଉଗ୍ରବାଦ ଘଟଣାରେ ୨୦୧୦ ତୁଳନାରେ ୨୦୨୪ରେ ୮୧% ହ୍ରାସ ଦେଖା ଦେଇଛି। ସେହିପରି ୨୦୦୪ରୁ ୨୦୧୪ ମଧ୍ୟରେ ୧୬,୧୩୫ଟି ହିଂସା ଘଟଣା ଘଟିଥିବା ବେଳେ ଜୁନ୍ ୨୦୧୫ରୁ ମଇ ୨୦୨୫ ମଧ୍ୟରେ ୭,୧୩୪ଟି ହିଂସା ଘଟଣା ଘଟିଛି। ହିଂସାରେ ୫୬% ହ୍ରାସ ଦେଖା ଦେଇଛି। ୧ ଜୁନରୁ ୩୦ ନଭେମ୍ବର ୨୦୨୫ ମଧ୍ୟରେ ୧୧୦ଟି ହିଂସା ଘଟଣା ଘଟିଛି। ସେହିପରି ନାଗରିକଙ୍କ ମୃତ୍ୟୁ ସଂଖ୍ୟା ପୂର୍ବ ଅବଧିରେ ୪,୭୮୪ ଥିବା ବେଳେ ବିଗତ ୧୦ବର୍ଷ ମଧ୍ୟରେ ଏହା ୭୦% ହ୍ରାସ ପାଇ ୧୪୦୪ରେ ପହଞ୍ଚିଛି। ୧ ଜୁନରୁ ୩୦ ନଭେମ୍ବର ୨୦୨୫ ମଧ୍ୟରେ ଏହା ୩୫କୁ ହ୍ରାସ ପାଇଛି। ୨୦୦୪ରୁ ୨୦୧୪ ମଧ୍ୟରେ ୧,୮୨୪ ଜଣ ସୁରକ୍ଷାବାହିନୀ ମୃତ୍ୟୁବରଣ କରିଥିବା ବେଳେ ୨୦୧୫ରୁ ୨୦୨୫ ମଧ୍ୟରେ ଏହା ୭୫% ହ୍ରାସ ପାଇ ୪୬୪ରେ ପହଞ୍ଚିଛି। ସେହିପରି ମୋଟ୍ ମୃତ୍ୟୁ ସଂଖ୍ୟା ୭୧% ହ୍ରାସ ପାଇଛି। ୨୦୧୪ରେ ୧୦ଟି ରାଜ୍ୟ, ୧୨୬ଟି ଜିଲ୍ଲା ଏବଂ ୪୬୫ଟି ଥାନାଞ୍ଚଳ ମାଓବାଦ ଦ୍ୱାରା ପ୍ରଭାବିତ ହୋଇଥିଲା। ଏଥିରେ ଯଥାକ୍ରମେ ୫୦%, ୯୧% ଏବଂ ୭୭% ହ୍ରାସ ଦେଖା ଦେଇଛି। ୨୦୨୫ରେ ମାତ୍ର ୫ଟି ରାଜ୍ୟର ୧୧ଟି ଜିଲ୍ଲା ଏବଂ ୧୦୬ଟି ଥାନା କ୍ଷେତ୍ର ମାଓ ପ୍ରଭାବିତ କ୍ଷେତ୍ର ରୂପେ ଚିହ୍ନଟ କରାଯାଇଛି। କେନ୍ଦ୍ର ମନ୍ତ୍ରୀ ରାୟ କହିଛନ୍ତି, ୨୦୧୪ରୁ ବର୍ତ୍ତମାନ ସୁଦ୍ଧା ୯,୫୮୮ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। କେବଳ ଚଳିତ ବର୍ଷ ୨,୧୬୭ ଜଣ ମାଓବାଦୀ ଆତ୍ମସମର୍ପଣ କରିବା ମାଓବିରୋଧୀ ଅଭିଯୋଗରେ ଏକ ଉଲ୍ଲେଖନୀୟ ସଫଳତା। ଜୁନ୍ ୨୦୧୯ ରୁ ବର୍ତ୍ତମାନ ସୁଦ୍ଧା ୨୯ ଜଣ ଶୀର୍ଷ ମାଓନେତା ନିହତ ହୋଇଥିବା ବେଳେ ଚଳିତ ବର୍ଷ ୧୪ ଜଣ ନିହତ ହୋଇଛି। ୨୦୧୯ ରୁ ବର୍ତ୍ତମାନ ସୁଦ୍ଧା ୧୧୦୬ ଜଣ ନକ୍ସଲ ନିହତ ହୋଇଥିବା ବେଳେ ୭,୩୧୧ ଜଣ ଗିରଫ ହୋଇଛନ୍ତି ଏବଂ ୫,୫୭୧ ଜଣ ଆତ୍ମସର୍ପଣ କରିଛନ୍ତି। ଆତ୍ମସମର୍ପଣ କରୁଥିବା ମାଓବାଦୀଙ୍କ ପାଇଁ ସରକାର ଆର୍ଥିକ ସହାୟତା ବ୍ୟବସ୍ଥା କରିଛନ୍ତି।

## ଇଣ୍ଡିଗୋ ବିମାନ ସେବା ସ୍ୱାଭାବିକ : ସିଇଓ

ନୂଆଦିଲ୍ଲୀ : ଇଣ୍ଡିଗୋ ସଙ୍କଟରେ ଆସୁଛି ସୁଧାର। ଧିରେଧିରେ ସୁଧୁରୁଛି ଇଣ୍ଡିଗୋ ବିମାନ ସେବାର ସ୍ଥିତି। ବିମାନ ଚଳାଚଳ ଏବଂ ତାକୁ ନେଇ ଉପୁଜିଥିବା ସ୍ଥିତି ଏବେ ସ୍ଥିର ଥିବା ନେଇ କହିଛନ୍ତି ଇଣ୍ଡିଗୋର ସିଇଓ ପିଟର ଏଲବର୍ସ। ଇଣ୍ଡିଗୋର ଅଫିସିଆଲ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଏକ ଭିଡିଓ ପୋଷ୍ଟ କରି ପିଟର କହିଛନ୍ତି, "ଇଣ୍ଡିଗୋ ପୁଣି ଥରେ ନିଜ ଗୋଡ଼ରେ ଠିଆ ହୋଇଛି। ଉଡାଣକୁ ନେଇ ଆମର ସମସ୍ତ ଅପରେସନ ସ୍ଥିର ଅଛି। ଲକ୍ଷ ଲକ୍ଷ ଗ୍ରାହକ ସେମାନଙ୍କର ସମ୍ପୂର୍ଣ୍ଣ ଟଙ୍କା ଫେରସ୍ତ ପାଇ ସାରିଛନ୍ତି। ଏଥିସହ ଏହି ଟଙ୍କା ଫେରସ୍ତ କାମ ଆମେ ପ୍ରତିଦିନ କରୁଛୁ। ବିମାନବନ୍ଦରରେ ଫସି ରହିଥିବା ଅଧିକାଂଶ ବ୍ୟାଗ ସବୁକୁ ଗ୍ରାହକଙ୍କ ଘରେ ପହଞ୍ଚାଇ ଦିଆଯାଇଛି। ଆମେ ଗ୍ରାହକଙ୍କ ସମସ୍ତ ଆବଶ୍ୟକତାକୁ ପୂରଣ କରିବାକୁ ଚେଷ୍ଟା ଚଳାଇଛୁ। ଗତକାଲି ଠାରୁ ଆମେ ଆମର ୧୩୮ଟି ଗନ୍ତବ୍ୟସ୍ଥଳକୁ ଉଡ଼ାଣ ଆରମ୍ଭ କରିଛୁ। ସରକାରଙ୍କ ସହିତ ପୂର୍ଣ୍ଣ ସହଯୋଗରେ କାମ କରୁଛୁ। .ସେପଟେ ଇଣ୍ଡିଗୋର ଫ୍ଲାଇଟ୍




ଅଚଳାବସ୍ଥା ମଧ୍ୟରେ ଏହି କମ୍ପାନି ବିରୋଧରେ କଠୋର ପଦକ୍ଷେପ ଗ୍ରହଣ କରିଛନ୍ତି ସରକାରଛ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ କଠୋର ଆଭିମୁଖ୍ୟ ଗ୍ରହଣ କରି ଇଣ୍ଡିଗୋକୁ ଏହାର ଉଡ଼ାଣ ସୂଚୀ ୫% ହ୍ରାସ କରିବାକୁ ନିର୍ଦ୍ଦେଶ ଦେଇଛି। ଏହାର ଅର୍ଥ ହେଉଛି ଇଣ୍ଡିଗୋର ଦୈନିକ ମୋଟ ଉଡ଼ାଣର ୫% ଅନ୍ୟ ବିମାନ କମ୍ପାନୀଗୁଡ଼ିକୁ ଆବଣ୍ଟିତ କରାଯାଇପାରିବ। ସରକାରଙ୍କ ଏହି ନିଷ୍ପତ୍ତି ଦ୍ୱାରା ଯାତ୍ରୀମାନେ ଆଶ୍ୱସ୍ତ ହେବାର ସମ୍ଭାବନା ରହିଛି। ଇଣ୍ଡିଗୋ ଦୈନିକ ପ୍ରାୟ ୨୩୦୦ ଟି ଫ୍ଲାଇଟ (ଉଡ଼ାଣ ସଂଖ୍ୟା) ଚଳାଚଳ କରେ। ଏହାର ୫% ହିସାବର ପ୍ରାୟ ୧୧୦ରୁ ୧୧୫ଟି ଫ୍ଲାଇଟ୍ ଅନ୍ୟ ବିମାନସେବା କମ୍ପାନିମାନେ ପାଇବେ। ଏହା ଦ୍ୱାରା ଅନ୍ୟ କମ୍ପାନିମାନେ ଉପକୃତ ହେବା ସହ ଇଣ୍ଡିଗୋ ଉପରୁ ବୋଝ ହ୍ରାସ ହେବ। ସରକାରଙ୍କ ଏହି ନିଷ୍ପତ୍ତି ଆସିବା ପରେ ଇଣ୍ଡିଗୋର ସେୟାର ମୂଲ୍ୟ ହ୍ରାସ ପାଇଥିବାବେଳେ ସ୍ପାଇସଜେଟର ମୂଲ୍ୟ ବୃଦ୍ଧି ପାଇଛି।

### ବନତାରାକୁ ଅନ୍ତର୍ଜାତୀୟ ସ୍ୱୀକୃତି

## ଅନନ୍ତ ଅମ୍ବାନୀଙ୍କୁ ଗ୍ଲୋବାଲ୍ ହ୍ୟୁମାନିଟାରିଆନ୍ ପୁରସ୍କାର

ନୂଆଦିଲ୍ଲୀ/ୱାଶିଂଟନ: ବନ୍ୟପ୍ରାଣୀ ସଂରକ୍ଷଣ ଏବଂ ପଶୁ କଲ୍ୟାଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଯୁକ୍ତରାଷ୍ଟ୍ର ଆମେରିକାରେ ଅନୁଷ୍ଠିତ ଏକ ଅନ୍ତର୍ଜାତୀୟ ପୁରସ୍କାର ସମାରୋହରେ ଅନନ୍ତ ଅମ୍ବାନୀଙ୍କୁ 'ଗ୍ଲୋବାଲ୍ ହ୍ୟୁମାନିଟାରିଆନ୍ ପୁରସ୍କାରରେ ସମ୍ମାନିତ କରାଯାଇଛି। ବନତାରା ମାଧ୍ୟମରେ ପ୍ରାଣୀମାନଙ୍କର ଉଦ୍ଧାର, ଚିକିତ୍ସା, ପୁନର୍ବାସ ଏବଂ ସଂରକ୍ଷଣରେ ତାଙ୍କର ନେତୃତ୍ୱ ପାଇଁ ଅନନ୍ତ ଅମ୍ବାନୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ସଫଳତା ସହିତ, ଅନନ୍ତ ଅମ୍ବାନୀ ଏକ ବିଶେଷ ରେକର୍ଡ ମଧ୍ୟ ସ୍ଥାପନ କରିଛନ୍ତି। ସେ ଏହି ସମ୍ମାନ ପାଇବାରେ ସବୁଠାରୁ କମ୍ ବୟସର ଏବଂ ପ୍ରଥମ ଏସୀୟ ହୋଇଛନ୍ତି। ପୂର୍ବରୁ, ଏହି ପୁରସ୍କାର ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜନ୍ ଏଫ୍ କେନେଡି ଏବଂ ବିଲ୍ କ୍ଲିଣ୍ଟନଙ୍କ ସମେତ ଅନେକ ହଲିଉଡ୍ ସେଲିବ୍ରିଟି ଓ ବିଶ୍ୱ ନେତାଙ୍କୁ ପ୍ରଦାନ କରାଯାଇଛି। ଏହି ସମ୍ମାନ ସହିତ, ବନତାରାର ଉଲ୍ଲେଖନୀୟ କାର୍ଯ୍ୟ ପୁଣି ଥରେ ବିଶ୍ୱସ୍ତରରେ ଚର୍ଚ୍ଚାରେ ଆସିଛି। ବନତାରା ଆଜି ବିଶ୍ୱର ସବୁଠାରୁ ଅନନ୍ୟ ଏବଂ ବୃହି ବନ୍ୟପ୍ରାଣୀ ସଂରକ୍ଷଣ ପ୍ରକଳ୍ପ ମଧ୍ୟରୁ ଅନ୍ୟତମ। ଏହା ଆହତ, ଅସୁସ୍ଥ ଏବଂ ସଂକଟରେ ପଡିଥିବା ପ୍ରାଣୀମାନଙ୍କୁ ନୂତନ ଜୀବନ ଦେବା ସହିତ ବିଲୁପ୍ତ ହେଉଥିବା ପ୍ରଜାତିଗୁଡ଼ିକୁ ବଞ୍ଚାଇବା ଏବଂ ସେମାନଙ୍କୁ ସୁରକ୍ଷିତ ପରିବେଶରେ ଫେରାଇ ଆଣିବା ପାଇଁ ନିରନ୍ତର କାର୍ଯ୍ୟ କରୁଛି। ପୁରସ୍କାର ଗ୍ରହଣ କରି ଅନନ୍ତ ଅମ୍ବାନୀ କହିଛନ୍ତି, ଏହି ସମ୍ମାନ ମୋତେ 'ସର୍ବଭୂତ ହିତ' ଅର୍ଥାତ୍ ସମସ୍ତ ଜୀବଜନ୍ତୁଙ୍କ ମଙ୍ଗଳ ପଥରେ ଆହୁରି ଦୃଢ଼ ଭାବରେ ଆଗକୁ ବଢ଼ିବାକୁ ପ୍ରେରଣା ଦେଉଛି। ପ୍ରାଣୀମାନେ ଆମକୁ ଜୀବନରେ ସନ୍ତୁଳନ ଏବଂ ସମ୍ବେଦନଶୀଳତା ଶିଖାଇଥାନ୍ତି। ବନତାରା ମାଧ୍ୟମରେ, ଆମର ଲକ୍ଷ୍ୟ ହେଉଛି ପ୍ରତ୍ୟେକ ଜୀବଜନ୍ତୁଙ୍କୁ ସମ୍ମାନ, ଯନି ଏବଂ ଏକ ଉତ୍ତମ ଜୀବନ ପ୍ରଦାନ କରିବା। ଆମ ପାଇଁ, ସଂରକ୍ଷଣ ଭବିଷ୍ୟତର ବିଷୟ ନୁହେଁ, ବରଂ ଆଜିର ଏକ ଦାୟିତ୍ୱ।



## ପ୍ରଭୁ ଶ୍ରୀକୃଷ୍ଣଙ୍କୁ ବିବାହ କଲେ ୟୁପି ଯୁବତୀ

ବଦାୟୁ : ମୀରା ଏବଂ ଭଗବାନ କୃଷ୍ଣଙ୍କ ଭକ୍ତିର କଥା ତ ଆପଣମାନେ ନିହାତି ଶୁଣିଥିବେ। କୃଷ୍ଣଙ୍କୁ ପାଇବା ପାଇଁ ମୀରା ଅବିରତ ଭକ୍ତିରେ ଲୀନ ହୋଇ ରହୁଥିଲେ। ସେହିପରି କଳିଯୁଗରେ ଆଉ ଗୋଟିଏ ମୀରାଙ୍କୁ ଦେଖିବାକୁ ମିଳିଛି। ଯିଏ କୃଷ୍ଣ ଭକ୍ତିରେ ନିଜକୁ ଲୀନ କରି ତାଙ୍କୁ ହିଁ ନିଜର ସ୍ୱାମୀ ଭାବରେ ଗ୍ରହଣ କରିଛନ୍ତି। ଏପରି ଚର୍ଚ୍ଚିତ ଘଟଣା ଉତ୍ତରପ୍ରଦେଶର ବଦାୟୁରେ ଘଟିଥିବାର ଦେଖିବାକୁ ମିଳିଛି। ଏଠାରେ ରହୁଥିବା ୨୮ ବର୍ଷୀୟା ପିଙ୍କି ଶର୍ମା ଭଗବାନ କୃଷ୍ଣଙ୍କୁ ବିବାହ କରିଛନ୍ତି।

ସୂଚନା ମୁତାବକ, ପିଙ୍କି ଶର୍ମାଙ୍କ ବିବାହ ଡିସେମ୍ବର ୬ ତାରିଖରେ ସଂପନ୍ନ ହୋଇଥିଲା। ଏହି ବିବାହରେ



ପିଙ୍କି କନ୍ୟା ରୂପରେ ସଜ ହୋଇଥିବା ବେଳେ ବର ରୂପରେ ଭଗବାନ କୃଷ୍ଣଙ୍କ ପ୍ରତିମାକୁ ସଜାଯାଇଥିଲା। ଏହି ବିବାହରେ ପିଙ୍କିଙ୍କ ଭିଣେଇଙ୍କ ପରିବାରର ଲୋକମାନେ ବରଯାତ୍ରୀ ଭାବେ ଆସିଥିଲେ। ବରଯାତ୍ରୀ ବିବାହ ଶୋଭାଯାତ୍ରାରେ କନ୍ୟାଙ୍କ ଘରେ ପହଞ୍ଚିବ। ପରେ ପ୍ରଥମେ ଦ୍ୱାର ପୂଜା କରାଯାଇଥିଲା। ପରେ ବର ପରି ସଜା ହୋଇଥିବା କୃଷ୍ଣଙ୍କ ପ୍ରତିମାକୁ କୋଳରେ ଧରି ପିଙ୍କି ଫୁଲମାଳ ଅଦଳବଦଳ କରିଥିଲେ। ଏହି ଅନନ୍ୟ ବିବାହ ସମାରୋହରେ ବୃନ୍ଦାବନର କଳାକାରମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ ବୋଲି ଜଣାଯାଇଛି।

ପିଙ୍କିଙ୍କ ବାପା ସୁରେଶ ଚନ୍ଦ୍ର ଶର୍ମା କହିଛନ୍ତି ଯେ, ସେ ପିଲାଦିନରୁ ଧାର୍ମିକ ଥିଲେ। ସେ ପ୍ରାୟତଃ ତାଙ୍କ ପରିବାର ସହିତ ବୃନ୍ଦାବନ ଯାଉଥିଲେ। ପରେ ଧୀରେ ଧୀରେ ସେ କୃଷ୍ଣଙ୍କୁ ତାଙ୍କର ସବୁକିଛି ବୋଲି ଭାବିବାକୁ ଲାଗିଲେ। ପ୍ରାୟ ଚାରି ମାସ ପୂର୍ବରୁ ପିଙ୍କିଙ୍କ ସହ ଏକ ଅଲୌକିକ ଘଟଣା ଘଟିଥିଲା। ପ୍ରସାଦ ଗ୍ରହଣ କରିବା ସମୟରେ ତାଙ୍କ କୋଳରେ ଏକ ସୁନା ମୁଦି ପଡିଥିବାର ଦେଖାଯାଇଥିଲା। ପିଙ୍କି ଏହାକୁ ଭଗବାନ କୃଷ୍ଣଙ୍କ ଆଶୀର୍ବାଦ ବୋଲି ଭାବିଥିଲେ ଏବଂ ସେହି ଦିନଠାରୁ ସେ କେବଳ କୃଷ୍ଣଙ୍କୁ ବିବାହ କରିବେ ବୋଲି ନିଷ୍ପତ୍ତି ନେଇଥିଲେ।

ବିବାହ ପାଇଁ ରାଜି ନଥିଲେ ମା'

ପିଙ୍କି ଛୋଟବେଳୁ ଭଗବାନ କୃଷ୍ଣଙ୍କର ଭକ୍ତ ଥିଲେ। ଯେତେବେଳେ ତାଙ୍କର ବିବାହ ବୟସ ହେଲା ସେତେବେଳେ ପିଙ୍କି ଭଗବାନ କୃଷ୍ଣଙ୍କୁ ବିବାହ କରିବା କଥା ପରିବାର ଲୋକଙ୍କୁ କହିଥିଲେ। ହେଲେ ତାଙ୍କ ମା' ଏହି ବିବାହ ପାଇଁ ରାଜି ହୋଇନଥିଲେ। କିନ୍ତୁ ପରେ ଝିଅର ପ୍ରଭୁ ଶ୍ରୀକୃଷ୍ଣଙ୍କ ପ୍ରତି ଥିବା ଭଲପାଇବା ଦେଖି ତାଙ୍କ ମା' ବାହାଘର ପାଇଁ ରାଜି ହୋଇଯାଇଥିଲେ। ଏହି ଅନନ୍ୟ ବିବାହକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଆରମ୍ଭ ହୋଇଛି। ସମସ୍ତେ ପିଙ୍କିଙ୍କୁ ଦ୍ୱିତୀୟ ମୀରା ବୋଲି କହୁଛନ୍ତି।

# ବାରବାଟୀରେ ପାଣ୍ଡ୍ୟା ପରାକ୍ରମ

କଟକ, ୯।୧୨(ଶକ୍ତି ପ୍ରକାଶ ନନ୍ଦ): ବାରବାଟୀର ଇତିହାସ ବଦଳାଇ ଦେଇଛି ଭାରତ। ଆଦୌ ହାରିନଥିବା ଦ.ଆଫ୍ରିକାକୁ ପାନେ ଦେବାକୁ ସକ୍ଷମ ହୋଇଛି ସୂର୍ଯ୍ୟ ସେନା। ସୂର୍ଯ୍ୟନ୍ତ ତେଜରେ ଦ.ଆଫ୍ରିକା ଶହେ ରନ୍‌ର ଅଙ୍କ ମଧ୍ୟ ଛୁଇଁବାକୁ ସକ୍ଷମ ହୋଇନାହିଁ। ଭାରତ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇ ୨୦ ଓଭରରେ ୧୭୫/୬ରନ୍ କରିଥିଲା। ଜବାବରେ ଦ.ଆଫ୍ରିକା ୧୨.୩ ଓଭରରେ ୭୪ରନ୍ କରି ଅଲଆଉଟ୍ ହୋଇଥିଲା। ହାର୍ଦ୍ଦିକ ପାଣ୍ଡ୍ୟା ବିସ୍ଫୋରକ ୫୯ରନ୍ ସାଙ୍ଗକୁ ବହୁମୂଲ୍ୟ ଗୋଟିଏ ୱିକେଟ ଅକ୍ତିଆର କରି ଦଳ ବିଜୟରେ ପୁରୋଧା ସାଜିଥିଲେ। ଏହି ଶୃଙ୍ଖଳାର ପରବର୍ତ୍ତୀ ମ୍ୟାଚ୍ ୧୧ ତାରିଖରେ ଚଣ୍ଡିଗଡରେ ଖେଳାଯିବ । ଏଥିସହ ଭାରତୀୟ ଦଳ ୨୦୧୫ ଓ ୨୦୨୨ ପରାଜୟର ମଧୁର ପ୍ରତିଶୋଧ ନେଇଛି। ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ପ୍ଲେୟାର ଅଫ ଦ ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

ବାରବାଟୀରେ ସମ୍ମାନ ରଖିଛନ୍ତି ହାର୍ଦ୍ଦିକ ପାଣ୍ଡ୍ୟା। ୨୮ ବଲରୁ ବିସ୍ଫୋରକ ୫୯ରନ୍ କରି ଦଳୀୟ ସ୍କୋରକୁ ୨୦ ଓଭରରେ ୧୭୫ରନରେ ପହଞ୍ଚାଇଥିଲେ। ଏହି ବିସ୍ଫୋରକ ଇନିଂସ୍‌ରେ ରହିଛି ୬ଟି ଚୌକା ଓ ୪ଟି ଛକା । ଟସ୍ ହାରିବା ପରେ ଭାରତକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା ଦ.ଆଫ୍ରିକା । ପୂର୍ବରୁ ପ୍ୟାଡଅପ ହୋଇ ରହିଥିଲେ ଉପଅଧିନାୟକ ଶୁଭମନ ଗିଲ ଓ ଅଭିଶେକ ଶର୍ମା। ଦୁହେଁ ପଡିଆକୁ ଆସିବା କ୍ଷଣୀ ଗିଲ ଗିଲ ଧ୍ୱନୀରେ ସମ୍ପୂର୍ଣ୍ଣ ଷ୍ଟାଡିୟମ ଗୁଞ୍ଜରିତ ହୋଇଉଠିଥିଲା। କିନ୍ତୁ ଗିଲ ବେଶି ସମୟ ରହିପାରି ନଥିଲେ। ଲୁଙ୍ଗି ଏନଗିଡିଙ୍କ ଦ୍ୱିତୀୟ ଓଭରରେ ଗିଲ ଚୌକା ମାରି ଅଭିଯାନ ଆରମ୍ଭ କରିଥିବା ବେଳେ ପରବର୍ତ୍ତୀ ବଲରେ ମିଡ୍‌ଅଫ୍ ଅଞ୍ଚଳରେ କ୍ୟାଚ୍ ହୋଇ ପାଭିଲିୟନ ଫେରିଥିଲେ। ବାରବାଟୀରେ ଗିଲ ମାତ୍ର ୨ଟି ବଲ ଖେଳିବାକୁ ସମର୍ଥ ହୋଇଥିଲେ। ଅନ୍ୟତମ ଓପନର ଅଭିଶେକ ଶର୍ମା ୧୨ ବଲରୁ ୨ଟି ଚୌକା ଓ ଗୋଟିଏ ଛକା ମାରି ୧୭ରନ୍ତ କରିଥିବା ବେଳେ ସିପମଲାଙ୍କ ବଲରେ ଜନସେନ୍‌ଙ୍କ ହାତରେ ଧରାପଡିଥିଲେ। ସମସ୍ତଙ୍କ ନଜରରେ ଥିଲେ ଅଧିନାୟକ ତଥା ମିଷ୍ଟର ୩୬୦ ଭାବେ ପରିଚିତ ସୂର୍ଯ୍ୟକୁମାର ଯାଦବ। ଆସୁଆସୁ ଛକା ଓ ଚୌକା ମାରି ଭଲ ଲୟରେ ଥିବା ଦର୍ଶାଇଥିଲେ। ହେଲେ ସେ ମଧ୍ୟ ବେଶି ସମୟ ତିଷ୍ଠି ପାରି ନଥିଲେ। ୧୧ବଲରୁ ୧୨ରନ୍ କରି ଏନଗିଡିଙ୍କ ଦ୍ୱାରା ଆଉଟ ହୋଇଥିଲେ। ୪ ନମ୍ବରରେ ଆସିଥିଲେ ତିଳକ ବର୍ମା। ବଡ ସର୍ଟ ଖେଳିବାର ଦକ୍ଷତା ରଖିଥିବା ତୀଳକ ମଧ୍ୟ ନିଜ ଦକ୍ଷତା ମୁତାବକ ଖେଳିଥିଲେ। ସେ ୩୨ଟି ବଲର ସମ୍ମୁଖୀନ ହୋଇ କେବଳ ୨୬ରନ୍ କରିଥିଲେ। ୨ଟି ଚୌକା ଓ ଗୋଟିଏ ଛକା ତାଙ୍କ ବ୍ୟାଟରୁ ଦେଖିବାକୁ ମିଳିଥିଲା। ସ୍ପିନ୍ ଅଲରାଉଣ୍ଡର ଅକ୍ଷର ପଟେଲ ଭଲ ଖେଳିଥିଲେ। ୨୧ଟି ବଲର ସମ୍ମୁଖୀନ ହୋଇଥିବା ଅକ୍ଷର ଗୋଟିଏ ଛକା ସହ ୨୩ରନ୍ କରିଥିଲେ । ତାଙ୍କୁ ଆଉଟ କରି ସିପମଲା ଯୋଡି ଭାଙ୍ଗିବାକୁ ସମର୍ଥ ହୋଇଥିଲେ। ଏହାପରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଏଣ୍ଟ୍ରି ସହ ସାରା ଷ୍ଟାଡିୟମ ଗୁଞ୍ଜରୀତ ହୋଇ ଉଠିଥିଲା। ପାଣ୍ଡ୍ୟା ଆସୁ ଆସୁ କେଶବ ମହାରାଜଙ୍କ ଓଭରରେ କ୍ରମାଗତ ୨ଟି ଛକା ମାରି ମାହୋଲ



ସରଗରମ କରିଦେଇଥିଲେ। ଗ୍ୟାଲେରୀ ଠାରୁ ମଞ୍ଚ ଯାଏ, ସବୁଠି ହାର୍ଦ୍ଦିକ ହାର୍ଦ୍ଦିକ ଡାକ ପକାଇଥିଲେ। ୪୦ ହଜାରରୁ ଉର୍ଦ୍ଧ୍ୱ ଦର୍ଶକଙ୍କ ଉପସ୍ଥିତିରେ ହାର୍ଦ୍ଦିକ ପଡିଆର ଚତୁର ଦିଗକୁ ଚୌକା, ଛକା ମରି ଅର୍ଦ୍ଧଶତକ ପୂରଣ କରିଥିଲେ। ହାର୍ଦ୍ଦିକଙ୍କ ଇନିଂସରେ ୨୮ ବଲରୁ ୫୯ରନ୍ ମଧ୍ୟରେ ୬ଟି ଚୌକା ଓ ୪ଟି ଦର୍ଶନୀୟ ଛକା ରହିଛି। ସେ ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ଦଳୀୟ ସ୍କୋରକୁ ୨୦ ଓଭରରେ ୧୭୫/୬ରନ୍‌ରେ ପହଞ୍ଚାଇଥିଲେ। ହାର୍ଦ୍ଦିକଙ୍କ ବ୍ୟତୀତ ଶିବମ ଦୁବେ ୯ ବଲରୁ ୧୧ରନ୍ ଓ ଜିତେଶ ଶର୍ମା ଅପରାଜିତ ୧୦ରନ୍ କରିଥିଲେ।

ନାଲି ମାଟିର ପିଚର ଚମତ୍କାର ବୋଲି କରିଥିଲେ ଦ.ଆଫ୍ରିକା ବୋଲର। ଲୁଙ୍ଗି ଏନଗିଡି ସର୍ବାଧିକ ୪ଓଭର ଫିଙ୍ଗି ୩୧ରନ୍ ବ୍ୟୟରେ ୩ ୱିକେଟ୍ ତଥା ଲୁଥୋ ସିପାମଲା ୨ଟି ଏବଂ ଡୋନୋଭାନ୍ ଫେରେଇରା ଗୋଟିଏ ୱିକେଟ୍ ଅକ୍ତିଆର କରିଥିଲେ। ଯାହା ପୂର୍ବରୁ ଆକଳନ କରାଯାଉଥିଲା କି ୨୦୦ରୁ ଉର୍ଦ୍ଧ୍ୱ ରନ୍ ହେବ, ତାହା ଦ.ଆଫ୍ରିକାର ଶୃଙ୍ଖଳିତ ବୋଲି ଯୋଗୁଁ ସମ୍ଭବ ହୋଇପାରି ନଥିଲା।

## ଦ.ଆଫ୍ରିକା ଇନିଂସ୍

୧୭୬ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରିଥିଲା ଦ.ଆଫ୍ରିକା। ବାରବାଟୀର ଲକ୍କି ପିଚରେ ଦ.ଆଫ୍ରିକା ଲଢୁଆ ବିଜୟ ଆଡେ ଅଗ୍ରସହ ହୋଇଥିଲା। ହେଲେ ଏହା କରାଇଦେଇନଥିଲେ ଭାରତୀୟ ବୋଲର। ପ୍ରଥମ ଓଭରରେ ଦ୍ୱିତୀୟ ବଲରେ ଦ୍ରୁତ ବୋଲର ଅର୍ଶଦୀପ ସିଂ ଭଲ ଲୟରେ ଥିବା କ୍ୱିଣ୍ଟନ ଡି କକଙ୍କୁ ଅଭିଶେକ ଶର୍ମାଙ୍କ ହାତରେ କ୍ୟାଚ୍ କରାଇ ପାଭିଲିୟନ ଫେରାଇ ଥିଲେ। ପ୍ରଥମ ଓଭରରୁ ୱିକେଟ ସଫଳତା ଭାରତୀୟ ଖେଳାଳିଙ୍କ ମନୋବଳ ବଢ଼ାଇଥିଲା। ଅଧିନାୟକ ଆଦିନ ମାକ୍ରାମ ମଧ୍ୟ ଦଳ ପାଇଁ ରକ୍ଷା କବଚ ହୋଇପାରି ନଥିଲେ। ସେ ୧୪ଟି ବଲର ସମ୍ମୁଖୀନ ହୋଇ ୧୪ରନ କରିବାକୁ ସମର୍ଥ ହୋଇଥିଲେ। ଦେୱାଲଡ୍ ବ୍ରେଭିସ୍ ଅପରାଜିତ ରହି ସ୍କୋରକୁ ଆଗେଇ ନେଇଥିଲେ। ବିସ୍ଫୋରକ ବ୍ୟାଟର ଡେଭିଡ୍ ମିଲର ୧ରନ୍ କରି ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବଲରେ ଆଉଟ୍ ହୋଇଥିଲେ। ତାଙ୍କ ପରେ ଡୋନୋଭାନ୍ ଫେରେଇରା ୫ରନ୍ କରି ଆଉଟ୍ ହୋଇଥିଲେ। ସେତେବେଳକୁ ଦ.ଆଫ୍ରିକା ୯ ଓଭରରେ ୫ ୱିକେଟ ହରାଇ ୬୧ରନ୍ ସଂଗ୍ରହ କରିଥିଲା। ମ୍ୟାଚ୍ ଜିତିବାକୁ ଦ.ଆଫ୍ରିକା ପାଇଁ ୧୧ ଓଭରରେ ୧୧୫ରନ୍‌ର ଆବଶ୍ୟତକା ଥିଲା। ମାର୍କୋ ଜନସେନ୍ ୧୨ରନ୍, ଅନରିଚ୍ ନୋର୍ଟୋଜ୍ ୧, ଲୁଥୋ ସିପଲା ୨ରନ୍ ତଥା ଲୁଙ୍ଗି ଏନଗିଡି ଅପରାଜିତ ୨ରନ କରିଥିଲେ। ତେଣୁ ଦ.ଆଫ୍ରିକା ୧୨.୩ ଓଭରରେ ୭୪ରନ କରି ଅଲଆଉଟ୍ ହୋଇଥିଲା। ଭାରତର ଅର୍ଶଦୀପ ସିଂ, ଯଶପ୍ରୀତ ବୁମରା , ବରୁଣ ଚକ୍ରବର୍ତ୍ତୀ ଓ ଅକ୍ଷର ପଟେଲ ୨ଟି କରି ତଥା ହାର୍ଦ୍ଦିକ ପାଣ୍ଡ୍ୟା ଓ ଶିବମ ଦୁବେ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

# ବାରବାଟୀ ବାଇସ୍କୋପ

## ଘଣ୍ଟି ବଜାଇ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭାରତ-ଦ.ଆଫ୍ରିକା ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ ଓଲ୍ଡ ପାଭିଲିୟରେ ଥିବା ଘଣ୍ଟି ବାଜିଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମଝି ଘଣ୍ଟି ବଜାଇ ମ୍ୟାଚର ଶୁଭାରମ୍ଭ କରିଥିଲେ। ତାଙ୍କ ସହ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସୁରେଶ ପୁଜାରୀ, ଓସିଏ ସଭାପତି ପଙ୍କଜ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା, ଓସିଏର କର୍ମକର୍ତ୍ତା, ବହୁମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ୨୦୨୨ରେ ବାରବାଟୀରେ ବିଧିବଦ୍ଧ ଭାବେ ଘଣ୍ଟି ଲଗାଯାଇ ବଜାଇବାର ପ୍ରଥା ଆରମ୍ଭ ହୋଇଥିଲା। ସୌରଭ ଗାଙ୍ଗୁଲୀ ବାରବାଟୀରେ ପ୍ରଥମ ଘଣ୍ଟି ବଜାଇଥିଲେ।



## ଅଧଘଣ୍ଟା ଆଗରୁ ଖୋଲିଲା ଗ୍ୟାଲେରୀ ଗେଟ୍

ବାରବାଟୀ ଟି-୨୦ ମ୍ୟାଚ ନିମନ୍ତେ ଦର୍ଶକ ଅପରାହ୍ନ ୧ଟାରୁ ଲାଇନ୍ ଲଗାଇଥିଲେ। ହଜାର ହଜାର ଦର୍ଶକଙ୍କ ସମାଗମ, ସହ ଭିଡକୁ ନିୟନ୍ତ୍ରଣ କରିବା ପାଇଁ ଓଡ଼ିଶା ଆସୋସିଏସନ୍ କର୍ତ୍ତୁପକ୍ଷ ଅଧଘଣ୍ଟା ଆଗରୁ ଗେଟ ଖୋଲିବା ପାଇଁ ନିଷ୍ପତ୍ତି ନେଇଥିଲେ। ପୂର୍ବ ଘୋଷଣା ମୁକାତବ ଭାରତ-ଦ.ଆଫ୍ରିକା ଟି-୨୦ ମ୍ୟାଚ୍ ନିମନ୍ତେ ଟିକେଟଧାରୀ ଦର୍ଶକ ଷ୍ଟାଡିୟମକୁ ପ୍ରବେଶ କରିବା ପାଇଁ ଗେଟ୍ ୪ଟା ବେଳେ ଖୋଲିବ ବୋଲି ଘୋଷଣା କରାଯାଇଥିଲା। କିନ୍ତୁ ଭିଡକୁ ଦେଖି ଅଧଘଣ୍ଟା ଆଗରୁ ଅର୍ଥାତ୍ ୩.୩୦ରେ ମିନିଟରେ ଦର୍ଶକ ଷ୍ଟାଡିୟମରେ ପ୍ରବେଶ କରିବା ଆରମ୍ଭ କରିଥିଲେ। ଦର୍ଶକଙ୍କ ଆସିବା ଧାରା ମ୍ୟାଚ୍ ଆରମ୍ଭ ହେବା ପର୍ଯ୍ୟନ୍ତ ଜାରି ରହିଥିଲା। ପ୍ରଥମେ ୧,୩, ୨, ୪, ୫,୬ ଓ ୭ ନମ୍ବର ଗ୍ୟାଲେରୀକୁ ଦର୍ଶକ ପ୍ରବେଶ କରିଥିଲେ। ଏତଦବ୍ୟତୀତ ସ୍ପେଶାଲ ଏନକ୍ଲୋଜର, କର୍ପୋରେଟ୍ ବକ୍ସ, ଓଲ୍ଡ ପାଭିଲିୟନ ଆଦିରେ ଦର୍ଶକ ଭରି ଯାଇଥିଲେ।

## ଭିତରେ ଓ ବାହାରେ ପୋଲିସ ଛାଉଣି

ବାରବାଟୀ ଟି-୨୦ ମ୍ୟାଚକୁ ସୂଚାରୁ ରୂପେ ସମ୍ପନ୍ନ କରିବା ପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ସମ୍ପୂର୍ଣ୍ଣ ଷ୍ଟାଡିୟମର ଭିତର ଓ ବାହାରେ ପୋଲିସ୍ ଛାଉଣୀ ହୋଇଛି। ପାଖାପାଖି ୭୦ ପ୍ଲାଟୁନ୍ ସୁରକ୍ଷାକର୍ମୀ ବାରବାଟୀକୁ ଜଗିରହିଥିଲେ। ସିସିଟିଭି ସୁରକ୍ଷା ବଳୟ ମଧ୍ୟରେ ଷ୍ଟାଡିୟମ ରହିଥିଲା। କ୍ଲକ୍ ଟାୱାରରେ ପୋଲିସ୍ କଣ୍ଟ୍ରୋଲ ରୁମ ଖୋଲାଯାଇଥିଲା। ବରିଷ୍ଠ ଅଧିକାରୀ ମାନେ ସୁରକ୍ଷା ବ୍ୟବସ୍ଥାର ତନ୍ନ ତନ୍ନ କରି ଯାଞ୍ଚ କରିଥିଲେ।

## ରିଷ୍ଟ ଖଣ୍ଡନ ପାଇଁ ପତିତପାବନ ବାନା

ଭାରତ-ଦ.ଆଫ୍ରିକା ଟି-୨୦ ମ୍ୟାଚ୍ ଯେଭଳି ସୁରୁଖୁରୁରେ ସମ୍ପନ୍ନ ହେବ, ସେନେଇ ଓଡ଼ିଶା କ୍ରିକେଟ ଆସୋସିଏସନ୍ ପ୍ରଭୁ ଜଗନ୍ନାଥଙ୍କ ଶରଣ ପଶିଛି । ଟିକେଟ୍ ବିକ୍ରି ଆରମ୍ଭ ହେବା କ୍ଷଣୀ ଓସିଏ ପକ୍ଷରୁ ପ୍ରଥମ ଟିକେଟ ପ୍ରଭୁ ଜଗନ୍ନାଥଙ୍କୁ ଦିଆଯାଇ ନିମନ୍ତ୍ରଣ କରାଯାଇଥିଲା। ରିଷ୍ଟ ଖଣ୍ଡନ ପାଇଁ ଶ୍ରୀଜିଉଙ୍କ ନେତ ବାରବାଟୀ ଅଣାଯାଇଥିଲା। ପତିତପାବନ ବାନାକୁ ବାରବାଟୀ ଷ୍ଟାଡିୟମରେ ଥିବା ଘଣ୍ଟା ଘର ବା କ୍ଲକ ହାଉସ୍ ଉପରେ ଲଗା ଯାଇଛି। ଜଗତର ନାଥ ଜଗନ୍ନାଥଙ୍କ କରୁଣା ବାରବାଟୀ ମ୍ୟାଚ ଉପରେ ରହିଥାଉ । ସେହି ଆଶା ଓ ବିଶ୍ୱାସରେ ଓସିଏ ଶ୍ରୀମନ୍ଦିରର ନେତକୁ ବାରବାଟୀରେ ଉଡାଇଛି ।

## ସୂର୍ଯ୍ୟ, ଅଭିଶେକଙ୍କ ଜର୍ସି କ୍ରେଜ୍

ଭାରତ-ଦ.ଆଫ୍ରିକା ବାରବାଟୀ ଟି-୨୦ ମ୍ୟାଚ୍ ପାଇଁ ୨/୩ ଦିନ ହେବ ବାରବାଟୀ ଷ୍ଟାଡିୟମ ଆଖପାଖରେ ଜର୍ସିର ପସରା ମେଲିଥିଲା। ଦୂରଦୁରାନ୍ତରୁ ବହୁ ବ୍ୟବସାୟୀ କଟକ ଆସିଥିଲେ । ଟିମ୍ ଇଣ୍ଡିଆର ସବୁ ଖେଳାଳିଙ୍କ ନମ୍ବର ଥିବା ଜର୍ସି ସହ କ୍ୟାପ୍ ଓ ବ୍ୟାଣ୍ଡ, କାର୍ଡବୋର୍ଡ, ମାଲିଙ୍ଗା ଚୂଳ, ପେଁ କାଳି ଆଦି ବିକ୍ରି ହେଉଥିଲା। ଖାସ୍ କରି ଭାରତୀୟ ଟି-୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ଓପନର ଅଭିଶେକ ଶର୍ମାଙ୍କ ଜର୍ସିର ଡିମାଣ୍ଡ ଦେଖିବାକୁ ମିଳିଥିଲା। ଦର୍ଶକ ୧୫୦ରୁ ୨୦୦ ଟଙ୍କା ଦେଇ ଖଣ୍ଡେ ଜର୍ସି ସାଥିରେ ନେଇ ଯାଉଥିଲେ। ସୂର୍ଯ୍ୟ ଓ ଅଭିଶେକଙ୍କ ବ୍ୟତୀତ ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଜର୍ସି ନେବା ପାଇଁ ଦର୍ଶକଙ୍କ ଭିତରେ ପ୍ରବଳ ଉତ୍କଣ୍ଠା ଦେଖିବାକୁ ମିଳିଥିଲା। ବାହାରୁ ଆସିଥିବା ଜର୍ସି ବ୍ୟବସାୟୀ ମଧ୍ୟ ଭଲ ବ୍ୟବସାୟ କରିଛନ୍ତି।

## ସାଢ଼େ ୫ଟାରେ ଖେଳାଳି କଲେ ଅଭ୍ୟାସ, ଟ୍ରଫି ଅନାବରଣ

ମ୍ୟାଚ୍ ପାଇଁ ଉଭୟ ଦଳର ଖେଳାଳି ୫ଟା ବେଳେ ବାରବାଟୀ ଷ୍ଟାଡିୟମ ପହଞ୍ଚି ଥିଲେ। ସାଢ଼େ ୫ଟା ବେଳେ ଭାରତ ଓ ଦ.ଆଫ୍ରିକା ଖେଳାଳି ଗ୍ରାଉଣ୍ଡରେ ଅଭ୍ୟାସ କରିଥିଲେ। ପାଖାପାଖି ୪୫ ମିନିଟ୍ ଅଭ୍ୟାସ କରିଥିଲେ। ଏହାପରେ ଉଭୟ ଦଳର ଅଧିନାୟକଙ୍କ ଉପସ୍ଥିତିରେ ୫ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାର ଟ୍ରଫି ଅନାବରଣ ହୋଇଥିଲା।

## କାକର ପାଇଁ ୮ ଯୋଡା ଦୌଡି

ଭାରତୀୟ ଇନିଂସର ୧୦ମ ଓଭରରେ ଡ୍ରିଙ୍କସ୍ ବ୍ରେକ୍ ହୋଇଥିଲା। କାକର ପଡିଆ ଆରମ୍ଭ ହୋଇସାରିଥିବାରୁ ବିରତୀ ସମୟରେ ୮ଯୋଡା ଦୌଡି ପଡିଆରେ ବୁଲିଥିଲା। ଘାସ ଉପରେ କେମିକାଲ ସ୍ପ୍ରେ କରାଯାଇଥିଲା।

## ଚୌକାରୁ ଆରମ୍ଭ, ପରବର୍ତ୍ତୀ ବଲରେ ଆଉଟ୍

ବାରବାଟୀ ଟି-୨୦ ଜାରିଆରେ ଓପନର ତଥା ଉପଅଧିନାୟକ ଶୁଭମନ ଗିଲ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। କିନ୍ତୁ ତାଙ୍କ ପ୍ରତ୍ୟାବର୍ତ୍ତନ ଆଦୌ ପ୍ରଭାବଶାଳୀ ହୋଇପାରି ନାହିଁ। କାରଣ ବାରବାଟୀରେ ଗିଲ କେବଳ ୨ଟି ବଲ ଖେଳିବାକୁ ସକ୍ଷମ ହୋଇଥିଲେ। ଲୁଙ୍ଗି ଏନଗିଡିଙ୍କ ବଲରେ ୪ ଚୌକା ମାରି ଆରମ୍ଭ କରିଥିଲେ। କିନ୍ତୁ ଏହାର ଠିକ ପରବର୍ତ୍ତୀ ବଲରେ ମିଡ ଅଫ ଅଞ୍ଚଳରେ କ୍ୟାଚ୍ ଆଉଟ୍ ହୋଇ ପାଭିଲିୟନ ଫେରିଥିଲେ। ଗତ ଦ.ଆଫ୍ରିକା ବିପକ୍ଷ କୋଲକାତା ପ୍ରଥମ ଟେଷ୍ଟରେ ଗିଲଙ୍କ ବେକରେ ଆଘାତ ଲାଗିଥିଲା । ତେଣୁ ତାଙ୍କୁ ଟେଷ୍ଟ ଓ ଦିନିକିଆରୁ ବିଶ୍ରାମ ଦିଆଯାଇଥିଲା।

## ସୂର୍ଯ୍ୟଙ୍କ ତେଜ ଫିକା

ବାରବାଟୀରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ତେଜ ଫିକା ପଡିଯାଇଛି। ମିଷ୍ଟର ୩୬୦ ଭାବେ ପରିଚିତ ସୂର୍ଯ୍ୟକୁମାର ମାତ୍ର ୧୧ଟି ବଲ ଖେଳି ଗୋଟିଏ ଲେଖାଏଁ ଚୌକା ଓ ଛକା ମାରି ୧୨ରନ୍ କରିବା ସହ ଲୁଙ୍ଗି ଏନଗିଡିଙ୍କ ଶିକାର ହୋଇଥିଲେ। ସୂର୍ଯ୍ୟ ଆଉଟ୍ ହେବା ବେଳକୁ ଭାରତର ସ୍କୋର ୨.୪ ଓଭରରେ ୧୭ ରନ୍ ଥିଲା।





## ତୃତୀୟ ଥର ଟସ୍ ଜିତିଲା ଦ.ଆଫ୍ରିକା

ବାରବାଟୀକୁ ନିଜର ହୋମ ଭେନ୍ୟୁ ଭାବେ ପାଇଛି ଦ.ଆଫ୍ରିକା। ଏଠାରେ ଦ.ଆଫ୍ରିକା ଖେଳିଥିବା ୩ଟି ଯାକ ଟି-୨୦ରେ ଟସ୍ ଜିତିବାର ରେକର୍ଡ କରିଛି। ୨୦୧୫ରେ ଭାରତୀୟ ଦଳର ଅଧିନାୟକ ଥିଲେ ଧୋନି। ସେସମୟରେ ଦ.ଆଫ୍ରିକା ଟସ୍ ଜିତିବା ସହ ମ୍ୟାଚ୍ ମଧ୍ୟ ଜିତିଥିଲା। ଦର୍ଶକଙ୍କ ବୋତଲମାଡ ଯୋଗୁ ମ୍ୟାଚ୍ କିଛି ସମୟ ସ୍ଥଗିତ ରହିଥିଲା। ପୁଣି ୨୦୨୨ରେ ଲୋକେଶ ରାହୁଲଙ୍କ ଅଧିନାୟକତ୍ୱରେ ଭାରତ ବାରବାଟୀରେ ଦ.ଆଫ୍ରିକାକୁ ଭେଟିଥିଲା । ଏହି ମ୍ୟଚରେ ଦ.ଆଫ୍ରିକା ଟସ୍ ଜିତିବା ସହ ମ୍ୟାଚ୍ ବି ଜିତିଥିଲା। ଏହି ଧାରାର ପୁନରାବୃତ୍ତି ପୁଣି ହୋଇଛି। ଦ.ଆଫ୍ରିକା ତୃତୀୟ ଥର ପାଇଁ ବାରବାଟୀରେ ଟସ୍ ଜିତିଛି।

## ୪.୩୦ରେ ଫ୍ଲଡ ଲାଇଟ୍ ଜଳିଲା

ସଞ୍ଜ ନଇବା ପୂର୍ବରୁ ବାରବାଟୀର ୮ଟି ଯାକ ଫ୍ଲଡ ଲାଇଟ୍ ଜଳି ଉଠିଥିଲା । ଅପରାହ୍ଣ ୪.୩୦ରେ ଲାଇଟ୍ ଜଳିବା ସହ ସମ୍ପୂର୍ଣ୍ଣ ଷ୍ଟାଡିୟମରେ ଆଲୋକିତ୍ ହୋଇଯାଇଥିଲା। ଏଥର ଯେଭଳି ଫ୍ଲଡ ଲାଇଟ୍ ଅସୁବିଧା ନହୁଏ ସେଥିପ୍ରତି ଓସିଏ ଯତ୍ନବାନ ଅଛି। ପ୍ରତି ଲାଇଟ୍ ଖମ୍ବ ପାଖରେ ୨ଟି ଲେଖାଏଁ ଜେନେରେଟର ରଖାଯାଇଛି। ଗତ ଇଣ୍ଡିଆ ଇଂଲଣ୍ଡ ମ୍ୟାଚ୍ ସମୟରେ ଲାଇଟ୍ ବିଭ୍ରାଟ ହୋଇଥିଲା। ଏହାର ପୁନରାବୃତ୍ତି ହେବା ପାଇଁ ଓସିଏ ଯୋଜନା କରିଛି।



ବାରବାଟୀରେ ଭାରତ ଓ ଦ.ଆଫ୍ରିକା ଖେଳାଳିଙ୍କ ଫଟୋ ସେସନ୍

## ଓସିଏ ସଭାପତିଙ୍କ ଫଟୋ ପୋଜ୍

ମ୍ୟାଚ୍ ଆରମ୍ଭ ହେବାର ୨ ଘଣ୍ଟା ପୂର୍ବରୁ ଓସିଏ ସଭାପତି ପଡିଆକୁ ଯାଇଥିଲେ। ବେଶ କିଛି ସମୟ ବୁଲାବୁଲି କରିବା ପରେ ଫଟୋ ଉଠାଇଥିଲେ। ଓସିଏର ମୁଖ୍ୟ କ୍ୟୁରେଟର ଅଞ୍ଜନ ଖୁଣ୍ଟିଆଙ୍କ ସହ କଥା ହୋଇଥିଲେ। ପୂର୍ବତନ କ୍ୟୁରେଟର ପଙ୍କଜ ପଟ୍ଟନାୟକଙ୍କୁ ମଧ୍ୟ ପିଚ ପାଖରେ ଦେଖିବାକୁ ମିଳିଥିଲା ।

## ଛକାରୁ ପାଣ୍ଡ୍ୟାଙ୍କ ଆରମ୍ଭ

ବାରବାଟୀରେ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଛକାରୁ ଆରମ୍ଭ କରିଛନ୍ତି। ଦିନକ ଆଗରୁ ତାଙ୍କୁ ଚୂଡାନ୍ତ ଏକାଦଶରେ ସ୍ଥାନ ମିଳିବ କି ନାହିଁ ତାହା ଅସ୍ପଷ୍ଟ ଥିଲା। କିନ୍ତୁ ସେ ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି। କେଶବ ମହାରାଜଙ୍କ ଓଭରରେ ପାଣ୍ଡ୍ୟା ପଛକୁ ପଛ ୨ଟି ଛକା ମାରି ଦଳ ଉପରୁ କିଛି ମାତ୍ରାରେ ଚାପ କମାଇବାକୁ ସକ୍ଷମ ହୋଇଥିଲେ। ସେ ଗତ ସେପ୍ଟେମ୍ବର ୨୬ରେ ଏସିଆ କପରେ ଶ୍ରୀଲଙ୍କା ବିପକ୍ଷରେ ଶେଷ ମ୍ୟାଚ୍ ଖେଳିଥିଲେ।

## ଦର୍ଶକଙ୍କ ଗାଲରେ ବଲ ବାଜିଲା

ମ୍ୟାଚ ପୂର୍ବରୁ ଭାରତୀୟ ଦଳ କିଛି ସମୟ ଅଭ୍ୟାସ କରିଥିଲା। ମିଡିଆ ଗ୍ୟାଲେରୀ ସମ୍ମୁଖରେ ଥିବା ବିସିସିଆଇ ବକ୍ସରେ ବସିଥିବା ଜଣେ ଦର୍ଶକଙ୍କ ଗାଲରେ ବଲ ବାଜିଥିଲା । ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଜୋରଦାର ସଟ ଦର୍ଶକଙ୍କୁ ଆଘାତ ଦେଇଥିଲା ତେବେ ଏଥିରେ କେହି ଆହତ ହୋଇନାହାନ୍ତି।

## ୨ ଘଣ୍ଟା ଗଡିଲା ରୋଲର

ମ୍ୟାଚକୁ ହାଇସ୍କୋରିଂ ତଥା ଦ୍ରୁତ ବୋଲରଙ୍କୁ ସୁହାଇବା ଭଳି ପିଚ୍ ପ୍ରସ୍ତୁତ କରିଛି ଓସିଏ। ମ୍ୟାଚ୍ ପୂର୍ବରୁ କ୍ୟୁରେଟର ଗ୍ରାଉଣ୍ଡ ଷ୍ଟାଫଙ୍କ ସହାୟତାରେ ପିଚକୁ ୨ ଘଣ୍ଟା ଧରି ରୋଲିଂ କରିଥିଲେ। ତେଣୁ ମ୍ୟାଚ୍ ପୂର୍ବରୁ ଉଭୟ ଦଳ ଏକ ଫାଷ୍ଟ ୱିକେଟ୍ ଟ୍ରାକ୍ ପାଇଥିଲେ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଡିସପ୍ଲେ ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି